

ୟୁଏସ୍ ଓପନରେ ଶୀର୍ଷ ସିଡ୍ ସାବାଲେଙ୍କା

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-67 ♦MONDAY ♦31 AUGUST 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୬୭ ♦ସୋମବାର ♦୩୧ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଆମ୍ବୁଲାନ୍ସ ଡ୍ରାଇଭରରୁ ଇସ୍ରୋ ବୈଜ୍ଞାନିକ



■ ନଦିଆ, ୩୦।୮ (ଏଜେନ୍ସି): ପଶ୍ଚିମବଙ୍ଗର ନାଦିଆ ଜିଲ୍ଲାରୁ ଏକ ପ୍ରେରଣାଦାୟକ କାହାଣୀ ସାମ୍ନାକୁ ଆସିଛି। ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ଚଳାଇବା ସହ କଠିନ ପରିଶ୍ରମ କରି ଦେବଜିତ୍ ଭଦ୍ରା ନାମକ ଜଣେ ଯୁବକ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ରେ ଚାକିରି ହାସଲ କରିଛନ୍ତି। ବାରମ୍ବାର ବିଫଳତା ସା।ତ୍ତ୍ୱେ ତାଙ୍କର ଅଦମ୍ୟ ଜିଦ୍ ଏବଂ କଠିନ ପରିଶ୍ରମ ତାଙ୍କୁ ଏହି ସଫଳତା ଦେଇଛି। ଘଟଣା ଅନୁଯାୟୀ, ନାଦିଆର ଗଙ୍ଗାନାପୁରର ବାସିନ୍ଦା ଦେବଜିତ୍ ଶକ୍ତିନଗର ଜିଲ୍ଲା ହସ୍ପିଟାଲରେ ସରକାରୀ ଆମ୍ବୁଲାନ୍ସ ଡ୍ରାଇଭର ଭାବେ କାମ କରୁଥିଲେ। ଦିନକୁ ପ୍ରାୟ ୧୨ ଘଣ୍ଟା କାମ କରିବା ପରେ ସେ ନିଜର ଅବଶିଷ୍ଟ ସମୟକୁ ପାଠପଢ଼ା ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତିରେ ଲଗାଉଥିଲେ। ଚନ୍ଦ୍ରଯାନର ସଫଳତା ପରେ ତାଙ୍କର ଇସ୍ରୋରେ କାମ କରିବାର ସ୍ୱପ୍ନ ଆହୁରି ଦୃଢ଼ ହୋଇଥିଲା। ତେବେ ଏହି ଯାତ୍ରା ସହଜ ନଥିଲା ଏବଂ ସେ ପ୍ରାୟ ପାଞ୍ଚରୁ ଛଅ ଥର ପରୀକ୍ଷାରେ ବିଫଳ ହୋଇଥିଲେ ମଧ୍ୟ ହାର ମାନି ନଥିଲେ। ୟୁଟ୍ୟୁବ୍ ଏବଂ କୋଚିଂ ସହାୟତାରେ ସେ ପ୍ରସ୍ତୁତି ଜାରି ରଖିଥିଲେ ଏବଂ ଶେଷରେ ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରେ 'ଟେକ୍ନିସିଆନ୍-ବି' ପଦବୀ ପାଇଁ ମନୋନୀତ ହୋଇଛନ୍ତି। ତାଙ୍କର ଏହି କାହାଣୀ ପ୍ରମାଣ କରୁଛି ଯେ ଦୃଢ଼ ଇଚ୍ଛାଶକ୍ତି ଏବଂ କଠିନ ପରିଶ୍ରମ ବଳରେ ଯେକୌଣସି ବାଧାବିଘ୍ନକୁ ଅତିକ୍ରମ କରି ଲକ୍ଷ୍ୟ ହାସଲ କରାଯାଇପାରିବ।

## ବ୍ୟାଙ୍କ, ନାଇଟ୍ କ୍ଲବ୍‌ରେ ବିବାହ ପଞ୍ଜୀକରଣ



■ ବେଜିଂ, ୩୦।୮ (ଏଜେନ୍ସି): ଚୀନ୍‌ରେ କମୁଥିବା ବିବାହ ଏବଂ ଜନ୍ମହାରକୁ ବୃଦ୍ଧି କରିବା ପାଇଁ ସ୍ଥାନୀୟ ପ୍ରଶାସନ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛି। ଦେଶରେ ଯୁବପିଢ଼ିଙ୍କୁ ବିବାହ ପ୍ରତି ଆକର୍ଷିତ କରିବା ଏବଂ ପ୍ରକ୍ରିୟାକୁ ସହଜ କରିବା ପାଇଁ ବ୍ୟାଙ୍କ, ମେଟ୍ରୋ ଷ୍ଟେସନ୍, ପ୍ରସୂତି ହସ୍ପିଟାଲ ଏବଂ ଏପରିକି ନାଇଟ୍‌କ୍ଲବ୍‌ରେ ମଧ୍ୟ ବିବାହ ପଞ୍ଜୀକରଣ କାଉଣ୍ଟର ଖୋଲାଯାଇଛି। ଶାଣ୍ଡୋଗ ପ୍ରଦେଶର ଏକ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ହସ୍ପିଟାଲରେ ଏଭଳି କାଉଣ୍ଟର ଆରମ୍ଭ କରାଯାଇଛି, ଯେଉଁଠାରେ ଦମ୍ପତିମାନେ ବିବାହ ପଞ୍ଜୀକରଣ କରିବା ସହ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପରାମର୍ଶ ମଧ୍ୟ ପାଇପାରିବେ। ସେହିପରି ତିଆଞ୍ଜିନ୍ ସହରର ଏକ ବ୍ୟାଙ୍କ ଶାଖାରେ ମଧ୍ୟ ଦେଶର ପ୍ରଥମ ଥର ପାଇଁ ବିବାହ ପଞ୍ଜୀକରଣ ସେବା ଯୋଗାଇ ଦିଆଯାଇଛି। ଏହା ବ୍ୟତୀତ ବିମାନବନ୍ଦର, ପାର୍କ, ଏବଂ ଶାଘାଇର ଏକ ନାଇଟ୍‌କ୍ଲବ୍‌ରେ ମଧ୍ୟ ବିବାହ ପ୍ରମାଣପତ୍ର ପ୍ରଦାନ କରାଯାଉଛି। ବିବାହ ଏବଂ ଜନ୍ମହାର ହ୍ରାସ ପାଉଥିବାରୁ ଚୀନ୍ ସରକାର ଏହି ବ୍ୟବସ୍ଥା ଆଣିଛନ୍ତି। ତେବେ ସୋସିଆଲ ମିଡ଼ିଆରେ ଲୋକମାନେ ଏହାକୁ ନେଇ ଭିନ୍ନ ମତ ଦେଇଛନ୍ତି। କିଛି ଲୋକଙ୍କ ମତରେ କେବଳ ପଞ୍ଜୀକରଣ ସ୍ଥାନ ବଢ଼ାଇବା ଦ୍ୱାରା ବିବାହ ବଢ଼ିବ ନାହିଁ, ବରଂ ଆର୍ଥିକ ସୁରକ୍ଷା ଏବଂ ଭବିଷ୍ୟତର ଆହ୍ୱାନକୁ ନେଇ ଯୁବପିଢ଼ିଙ୍କ ମନରେ ଥିବା ଦ୍ୱନ୍ଦ୍ୱ ଦୂର କରିବା ଜରୁରୀ।

**ନେପାଳ ବନ୍ୟା ପ୍ରଳୟ**

# ସୁଡ଼ଙ୍ଗରେ ଫସିଛନ୍ତି ୯୦୦ ଶ୍ରମିକ

■ କାଠମାଣ୍ଡୁ, ୩୦।୮ (ଏଜେନ୍ସି): ନେପାଳରେ ଆସିଥିବା ଭୟଙ୍କର ବନ୍ୟା ପରେ ଜଳବିଦ୍ୟୁତ୍ ପ୍ରକଳ୍ପଗୁଡିକର ସୁଡଙ୍ଗ ଭିତରେ ଫସି ରହିଛନ୍ତି ୯୦୦ରୁ ଅଧିକ ଶ୍ରମିକ। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଜୋରଦାର କରାଯାଇଛି। ନେପାଳର ଭୋଟେକୋଶୀ ଏବଂ ତ୍ରିଶୂଳୀ ନଦୀରେ ଆସିଥିବା ହଠାତ୍ ବନ୍ୟା ଯୋଗୁଁ ବ୍ୟାପକ ବିଧ୍ୱଂସ ଘଟିଛି। ଏହି ପ୍ରଳୟଙ୍କରୀ ବନ୍ୟା କାରଣରୁ ବିଭିନ୍ନ ଜଳବିଦ୍ୟୁତ୍ ପ୍ରକଳ୍ପର ସୁଡଙ୍ଗ ମଧ୍ୟରେ ଶ୍ରମିକମାନେ ଫସି ରହିଛନ୍ତି। ପ୍ରାୟ ୮୯୮ ଜଣ ଶ୍ରମିକ ସୁଡଙ୍ଗ ଭିତରେ ବନ୍ଦୀ ହୋଇ ରହିଥିବା ବେଳେ ପ୍ରାୟ ୩୬୧ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ତ୍ରିଶୂଳୀ-୩ ଏ ଜଳବିଦ୍ୟୁତ୍ ପ୍ରକଳ୍ପରେ ଚାଲିଥିବା ଉଦ୍ଧାର କାର୍ଯ୍ୟରେ କିଛିଟା ସଫଳତା ମିଳିଛି। ସୁଡଙ୍ଗ ଭିତରୁ ପଙ୍କ ଓ କାଦୁଅ ହଟାଇବା ପାଇଁ ଉଦ୍ଧାରକାରୀ ଦଳ ପକ୍ଷରୁ ଭାରୀ ଯନ୍ତ୍ରପାତି ବ୍ୟବହାର କରାଯାଉଛି। ଏହା ବ୍ୟତୀତ ସୁଡଙ୍ଗରେ ଏକ ଛଅ ଇଞ୍ଚର କଣା କରାଯାଇ ଏକ ପାଇପ୍ ଜରିଆରେ ଭିତରେ ଥିବା ଶ୍ରମିକମାନଙ୍କ ପାଇଁ ବାୟୁ ଯୋଗାଣ କରାଯାଉଛି। ନେପାଳ ସରକାର ଏହି ଜଟିଳ ସୁଡ଼ଙ୍ଗ ଉଦ୍ଧାର କାର୍ଯ୍ୟ ପାଇଁ ଭାରତ ଓ ଚୀନର ବିଶେଷଜ୍ଞ ଦଳର ସହାୟତା ଲୋଡ଼ିଛନ୍ତି।

ଏହି ପ୍ରାକୃତିକ ଦୁର୍ବିପାକରେ ନେପାଳରେ ୭୯୪ ଜଣ ଏବଂ ପଡ଼ୋଶୀ ତିବ୍ବତରେ ୧୬ ଜଣଙ୍କ ସମେତ ମୋଟ ୮୧୦ ଜଣଙ୍କର ପ୍ରାଣହାନି

**ତ୍ୱରାନ୍ୱିତ ହେଲା ଉଦ୍ଧାର ଅଭିଯାନ**

**ପାଇପ୍ ଯୋଗେ ଅମ୍ଳଜାନ ଯୋଗାଣ**

**ମୃତ୍ୟୁସଂଖ୍ୟା ୮୦୦ ଟପିଲା**

**୩ ହଜାର ଏବେ ବି ନିଖୋଜ**

ଘଟିଛି। ବର୍ତ୍ତମାନ ସୁଦ୍ଧା ନେପାଳରେ ପ୍ରାୟ ୨,୫୦୨ ଜଣ ଏବଂ ତିବ୍ବତ ସୀମାରେ ୫୪୦ ରୁ ଅଧିକ ଲୋକ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ବନ୍ୟା ଓ ଭୂସ୍ଖଳନ ଯୋଗୁଁ ପାସାଙ୍ଗ ଲାମୁ ଜାତୀୟ ରାଜପଥର ପ୍ରାୟ ୪୦ କିଲୋମିଟର ରାସ୍ତା ପୋତି ହୋଇ ରହିଛି। ଏହାଛଡ଼ା ନେପାଳର ଅନେକ ସୌର ଏବଂ ଜଳବିଦ୍ୟୁତ ପ୍ରକଳ୍ପର ଗୁରୁତର କ୍ଷତିଗ୍ରସ୍ତ ହୋଇଛି। ଏହି ବନ୍ୟାରେ ନେପାଳ ଓ ତିବ୍ବତରେ ଥିବା ଶତାଧିକ ବିଦେଶୀ ପର୍ଯ୍ୟଟକ ଏବଂ କୈଳାସ ମାନସରୋବର ତୀର୍ଥଯାତ୍ରୀ ବିଶେଷ ପ୍ରଭାବିତ ହୋଇଛନ୍ତି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୧୪୯ ଜଣ ଭାରତୀୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ବେଳେ ପ୍ରାୟ ୨୭୦ରୁ ଅଧିକ ଭାରତୀୟ ନାଗରିକ ଏବେ ମଧ୍ୟ ନିଖୋଜ ଅଛନ୍ତି। ନିଖୋଜ ଭାରତୀୟଙ୍କ ମଧ୍ୟରେ ଓଡ଼ିଶାର ୪ ଜଣ ନାଗରିକ ମଧ୍ୟ ସାମିଲ ଅଛନ୍ତି। ସେମାନଙ୍କ ମଧ୍ୟରୁ ଖୋର୍ଦ୍ଧାର ୨ ଜଣ ଏବଂ ବରଗଡ଼ର ଜଣେ ମା'-ଝିଅ ଅଛନ୍ତି। ଅନ୍ୟପଟେ ଓଡ଼ିଶାର ଅନ୍ୟ ଦୁଇ ଜଣ ନାଗରିକ ଏବଂ ନେପାଳର ପୋଖରାରେ ଥିବା ଓଡ଼ିଶାର ଜଣେ ଫୁଟବଲ୍ କୋଚ୍ ଏବଂ ୬ ଜଣ ଖେଳାଳି ସୁରକ୍ଷିତ ଥିବା ଜଣାପଡ଼ିଛି। ଭାରତୀୟ ଦୂତାବାସ ଏବଂ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀ ଏବଂ କାଠମାଣ୍ଡୁରେ ୨୪-ଘଣ୍ଟିଆ ଜରୁରୀକାଳୀନ କଣ୍ଟ୍ରୋଲ୍ ରୁମ୍ ଓ ହେଲ୍ପଲାଇନ୍ ଜାରି କରାଯାଇଛି। ▶ପୃଷ୍ଠା-୭



## ଲଘୁଚାପ ସକ୍ରିୟ; ଆହୁରି ବର୍ଷିବ

**ବରଗଡ଼କୁ ରେଡ୍, ୧୦ ଜିଲ୍ଲାକୁ ଅରେଞ୍ଜ୍ ୱାର୍ଣ୍ଣିଂ**

■ ଭୁବନେଶ୍ୱର, ୩୦।୮ (ସମିସ): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ-ଉତ୍ତର ଓଡ଼ିଶା ଉପକୂଳରେ ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷାର ପ୍ରକୋପ ଜାରି ରହିଛି। ରବିବାର ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଥିବାବେଳେ ଆସନ୍ତା ସୋମବାର ମଧ୍ୟ ଅନେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ସମ୍ଭାବ୍ୟ ପରିସ୍ଥିତିକୁ ନଜରରେ ରଖି ପାଣିପାଗ ବିଭାଗ ପକ୍ଷରୁ ଜିଲ୍ଲାଗୁଡ଼ିକ ପାଇଁ ସତର୍କତା ଜାରି କରାଯାଇଛି।



ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ବରଗଡ଼ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ଏଠାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଅତ୍ୟଧିକ ବର୍ଷା ଯୋଗୁଁ ତଳିଆ ଅଞ୍ଚଳରେ ପାଣି ଜମିବା, ରାସ୍ତାଘାଟରେ ଜଳବନ୍ଦୀ ସୃଷ୍ଟି ହେବା ଏବଂ ଯାତାୟାତ ପ୍ରଭାବିତ ହେବାର ସମ୍ଭାବନା ରହିଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ସୋନପୁର, ନୂଆପଡ଼ା, ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲା ପାଇଁ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି ହୋଇଛି। ଏହି ଜିଲ୍ଲାଗୁଡ଼ିକରେ ମଧ୍ୟ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଲଘୁଚାପର ପ୍ରଭାବରେ ଅନ୍ୟ କେତେକ ଅଞ୍ଚଳରେ ମଧ୍ୟ ମଧ୍ୟମରୁ ଭାରି ବର୍ଷା ହେବା ସହ ବଜ୍ରପାତ ଓ ଝଟକା ପବନର ସମ୍ଭାବନା ରହିଛି। ଅପରପକ୍ଷରେ ସେପ୍ଟେମ୍ବର ୧ ତାରିଖରେ ମଧ୍ୟ ବର୍ଷାର ପ୍ରଭାବ ଜାରି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ରେ ପ୍ରବଳରୁ ଅତିପ୍ରବଳ ବର୍ଷା ଆଶଙ୍କା ଥିବାରୁ ଏହି ତିନି ଜିଲ୍ଲାକୁ ଅରେଞ୍ଜ୍ ୱାର୍ଣ୍ଣିଂ ଦିଆଯାଇଛି। ପ୍ରବଳ ବର୍ଷା ଯୋଗୁଁ ନଦୀନାଳରେ ଜଳସ୍ତର ବୃଦ୍ଧି, ତଳିଆ ଅଞ୍ଚଳରେ ଜଳବନ୍ଦୀ ଏବଂ କେତେକ ସ୍ଥାନରେ ଅସ୍ଥାୟୀ ରାସ୍ତା ବିଚ୍ଛିନ୍ନ ହେବାର ଆଶଙ୍କା ରହିଛି। ତେଣୁ ଜିଲ୍ଲା ପ୍ରଶାସନକୁ ସଜାଗ ରହିବା ସହ ସାଧାରଣ ଲୋକଙ୍କୁ ଆବଶ୍ୟକ ସତର୍କତା ଅବଲମ୍ବନ ପାଇଁ ପରାମର୍ଶ ଦିଆଯାଇଛି।

**ଚାପରେ ନଇଁଲେ ସରକାର**

## ୭ ଦିନ ବଢ଼ିଲା ଖରିଫ ପଞ୍ଜୀକରଣ

■ ଭୁବନେଶ୍ୱର, ୩୦।୮ (ସମିସ): ଲଗାତାର ଲଘୁଚାପ ସହ ବାରମ୍ବାର ବନ୍ୟା ଯୋଗୁଁ ଚାଷୀ ନୟାନ୍ତ। ସମାନ ସମୟରେ ରାଜ୍ୟ ସରକାରଙ୍କ ଜଟିଳ ନିୟମାବଳୀ ପାଇଁ ଚଳିତ ଖରିଫ ଋତୁରେ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିବାକୁ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆସନ୍ତାକାଲି ଧାନ ପଞ୍ଜୀକରଣର ଶେଷ ଦିନ ଥିବାବେଳେ ଏହାକୁ ଅତିକମରେ ୨୦ ଦିନ ବୃଦ୍ଧି କରିବାକୁ ବିରୋଧୀ ବିଜେଡି ଓ କଂଗ୍ରେସ ପକ୍ଷରୁ ଦାବି ହେଉଥିଲା। ଚାଷୀ ସଂଗଠନ ମଧ୍ୟ ପଞ୍ଜୀକରଣ ଅବଧି ବୃଦ୍ଧି ଏବଂ ନିୟମାବଳୀରେ ସରଳୀକରଣ କରିବାକୁ ଲଗାତାର ଦାବି କରି ଆସୁଥିଲେ। ବିଭିନ୍ନ ମହଲରୁ ଏ ନେଇ ପ୍ରବଳ ଚାପ ପଡ଼ିବା ପରେ ଶେଷରେ ରାଜ୍ୟ ସରକାର ଚାଷୀ ପଞ୍ଜୀକରଣ ଅବଧିକୁ ୭ ଦିନ ବୃଦ୍ଧି କରିଛନ୍ତି। ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଅବଧି ବୃଦ୍ଧି ସଂକ୍ରାନ୍ତରେ ସୂଚନା ଦେଇଛନ୍ତି।

ଖରିଫ ଋତୁରେ ଧାନ ବିକ୍ରି ନିମନ୍ତେ ଗତ ଅଗଷ୍ଟ ୬ ତାରିଖରୁ ପଞ୍ଜୀକରଣ ଆରମ୍ଭ ହୋଇଥିବା ବେଳେ ଆସନ୍ତାକାଲି ଏହାର ଶେଷ ଦିନ ଥିଲା। ତେବେ ବର୍ଷା, ବନ୍ୟା ତଥା କେତେକ କାରଣ ପାଇଁ ଅନେକ ଚାଷୀ ପଞ୍ଜୀକରଣ କରିପାରୁ ନ ଥିଲେ। ଅନ୍ୟପକ୍ଷରେ ନେଟୱାର୍କ ସମସ୍ୟା ଯୋଗୁଁ ଚାଷୀ ରାତିରାତି ପଞ୍ଜୀକରଣ ପାଇଁ ଅପେକ୍ଷା କରୁଥିଲେ। ଯାହାକୁ ନେଇ ଯାବତୀୟ ସମସ୍ୟା ସୃଷ୍ଟି ହୋଇଥିଲା। ଏହାକୁ ନେଇ ବିରୋଧୀ ସରକାରଙ୍କୁ ଘେରିଥିଲେ ଓ ଏହାପରେ ସରକାର ଅବଧି ୭ ଦିନ ବଢ଼ାଇଛନ୍ତି। ଅପରପକ୍ଷେ ପଞ୍ଜୀକରଣ ବେଳେ ଯେଉଁଠି ନେଟୱାର୍କ ସମସ୍ୟା ରହିଛି, ବୈଷୟିକ ଟିମ୍ ଏହାକୁ ଦୂର କରିବେ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନା ଅନୁଯାୟୀ ଆଜି ସୁଦ୍ଧା ୧୭ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିଛନ୍ତି। ଗତବର୍ଷ ଖରିଫରେ ମୋଟ ୧୯ ଲକ୍ଷ ୬୭ ହଜାର ଚାଷୀ ପଞ୍ଜିକରଣ କରିଥିଲେ।

## ବଢ଼ିବ ବିଧାୟକଙ୍କ ଦରମା ଓ ଭତ୍ତା!

**ବାଚସ୍ପତି ଓ ମନ୍ତ୍ରୀଙ୍କ ସହ ଆଲୋଚନା କଲା ପାର୍ଲାମେଣ୍ଟ ଯୁଗ୍ମ କମିଟି**

**ଦରମା ଓ ଭତ୍ତା ବୃଦ୍ଧି ଦାବି କଲେ ଶାସକ, ବିରୋଧୀ ବିଧାୟକ**



■ ଭୁବନେଶ୍ୱର, ୩୦।୮ (ସମିସ): ଆଜି ଭୁବନେଶ୍ୱର ଗସ୍ତରେ ଆସିଥିବା ଦରମା ଓ ଭତ୍ତା ସମ୍ପର୍କିତ ପାର୍ଲାମେଣ୍ଟ ଯୁଗ୍ମ କମିଟି ରାଜ୍ୟର ବିଧାୟକ ଓ ପୂର୍ବତନ ବିଧାୟକମାନଙ୍କର ଭତ୍ତା ଓ ଦରମା ବୃଦ୍ଧି ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ବାଚସ୍ପତିଙ୍କ ସମେତ ମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ଅଧିକାରୀମାନେ ଉପସ୍ଥିତ ଥିଲେ। ଫଳରେ ପୁଣିଥରେ ବିଧାୟକଙ୍କ ଦରମା ଓ ଅନ୍ୟାନ୍ୟ ଭତ୍ତା ସମେତ ପୂର୍ବତନ ବିଧାୟକଙ୍କ ପେନ୍‌ସନ୍ ଓ ଭତ୍ତା ବଢ଼ିବା ନେଇ ସମ୍ଭାବନା ସୃଷ୍ଟି ହୋଇଛି। ସାଂସଦ ବୀରେନ୍ଦ୍ର ପ୍ରସାଦ ବୈଶ୍ୟଙ୍କ ଅଧ୍ୟକ୍ଷତାରେ ଏହି କମିଟି କମିଟି ପ୍ରଥମେ ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଓ ଅଧିକାରୀଙ୍କ ସହ ପୃଥକ ପୃଥକ ଭାବେ ଆଲୋଚନା କରିଛନ୍ତି। ଓଡ଼ିଶା ବିଧାନସଭା ସଦସ୍ୟଙ୍କ ଦରମା ଓ ଅନ୍ୟାନ୍ୟ ଭତ୍ତା ସହ ପୂର୍ବତନ ବିଧାୟକଙ୍କ ପେନ୍‌ସନ୍ ଓ ଭତ୍ତା ସମ୍ପର୍କରେ ପଚାରି ବୁଝିଛନ୍ତି। ଅନ୍ୟ ରାଜ୍ୟର ବିଧାୟକ ଓ ପୂର୍ବତନ ବିଧାୟକଙ୍କୁ ମିଳୁଥିବା ଦରମା, ଭତ୍ତା ଓ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ତୁଳନା କରିଛନ୍ତି। ଏହାପରେ ଓଡ଼ିଶାର ବିଧାୟକ ଓ ପୂର୍ବତନ ▶ପୃଷ୍ଠା-୭

**'ମନ୍ କି ବାତ୍'ରେ ଡେବ୍ରିଗଡ଼ର ମୈଥିଳୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା**

## ଜଙ୍ଗଲ ସଂରକ୍ଷଣ ଓ ମହିଳା ସଶକ୍ତୀକରଣର ସାଜିଛନ୍ତି ପ୍ରେରଣା

■ ସମ୍ବଲପୁର, ୩୦।୮ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରେଡିଓ କାର୍ଯ୍ୟକ୍ରମ "ମନ୍ କି ବାତ୍'ରେ ଡେବ୍ରୀଗଡ଼ର ଆଦିବାସୀ ମହିଳା ତଥା ପରିବେଶ ସଂରକ୍ଷଣକାରୀ ମୈଥିଳୀ ଭୁଏଙ୍କ ସାହସ ଓ ପ୍ରେରଣାଦାୟୀ କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଡେବ୍ରୀଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ସଂଲଗ୍ନ ଧୋଡ଼୍ରୋକୁସୁମ ଗ୍ରାମର ୪୦ ବର୍ଷୀୟା ମୈଥିଳୀ କିଭଳି ଜଙ୍ଗଲ ସୁରକ୍ଷା ସହିତ ସ୍ଥାନୀୟ ମହିଳାମାନଙ୍କୁ ସ୍ୱାବଲମ୍ବୀ କରି ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିଛନ୍ତି, ତାହାକୁ ପ୍ରଧାନମନ୍ତ୍ରୀ ସମଗ୍ର ଦେଶ ଆଗରେ ଉପସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, କିଛିବର୍ଷ ପୂର୍ବେ ମୈଥିଳୀ ପରିବାର ପ୍ରତିପୋଷଣ ପାଇଁ ପ୍ରତିଦିନ ଜଙ୍ଗଲରୁ ଜାଳେଣି କାଠ,




ମହୁଲ ଫୁଲ, କେନ୍ଦୁପତ୍ର ଓ କରଡ଼ି ସଂଗ୍ରହ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଥିଲେ। କିନ୍ତୁ ଡେବ୍ରୀଗଡ଼ ଇକୋ-ଟୁରିଜିମ ସହ ଯୋଡ଼ି ହେବାପରେ ତାଙ୍କ ଜୀବନ ଓ ଜଙ୍ଗଲ ସହିତ ସମ୍ପର୍କରେ ଏକ ବଡ଼ ପରିବର୍ତ୍ତନ ଆସିଛି। ଜଙ୍ଗଲ ସଂରକ୍ଷଣ ହିଁ ତାଙ୍କ ପାଇଁ ଜୀବିକାର ନୂଆ ମାଧ୍ୟମ ପାଲଟିଛି। ମୈଥିଳୀଙ୍କ ପ୍ରେରଣାରେ ଆଜି ସ୍ଥାନୀୟ ଅଞ୍ଚଳର ବହୁ ମହିଳା ଜଙ୍ଗଲ ସଂରକ୍ଷଣ, ଘାସଭୂମି ବିକାଶ, ବନ୍ୟପ୍ରାଣୀ ସୁରକ୍ଷା ସ୍କ୍ୱାଡ୍ ଏବଂ ଇକୋ-ଟୁରିଜିମ କାର୍ଯ୍ୟରେ ସାମିଲ ହୋଇ ସ୍ୱାବଲମ୍ବୀ ହୋଇପାରିଛନ୍ତି। ପ୍ରକୃତି ସୁରକ୍ଷା ସହ ଆର୍ଥିକ ଉନ୍ନତି ଯେ ଏକାଠି ସମ୍ଭବ, ତାହା ମୈଥିଳୀ ଓ ତାଙ୍କ ସହଯୋଗୀ ମହିଳାମାନେ ପ୍ରମାଣ କରି ▶ପୃଷ୍ଠା-୭

**ସରକାରୀ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆହ୍ୱାନ**

# ପରିବାର ନ ପୋଷିଲେ କଟିବ ଦରମା

■ ଭୁବନେଶ୍ୱର, ୩୦।୮ (ସମିସ): କୋର୍ଟର ନିର୍ଦ୍ଦେଶ ସତ୍ତ୍ୱେ ସ୍ୱାମୀଙ୍କଠାରୁ ଭରଣପୋଷଣ ପାଉ ନଥିବା ମହିଳା ଏବଂ ସନ୍ତାନସନ୍ତତିଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛନ୍ତି ରାଜ୍ୟ ସରକାର। ଏଭଳି ପୁରୁଷ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସମ୍ପୃକ୍ତ କର୍ମଚାରୀଙ୍କ ଦରମାରୁ ସିଧାସଳଖ କାଟି ପତ୍ନୀ ବା ସନ୍ତାନସନ୍ତତିଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପୋଷଣ ଖର୍ଚ୍ଚ ପଠେଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ଅନେକ ପୁରୁଷ କର୍ମଚାରୀ ସେମାନଙ୍କର ସ୍ତ୍ରୀ ବା ସନ୍ତାନସନ୍ତତିଙ୍କୁ ଭରଷପୋଷଣ ସହାୟତା ଦେଉନାହାନ୍ତି। ଛାଡ଼ପତ୍ର ସମ୍ପର୍କିତ ପୋଷଣ ଖର୍ଚ୍ଚ (ଆଲିମୋନି) ମଧ୍ୟ ଦେଉନାହାନ୍ତି। ଏଥିପାଇଁ ବିଭିନ୍ନ କୋର୍ଟରେ ବିଚାର ହୋଇ, କୋର୍ଟ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ପୁରୁଷ କର୍ମଚାରୀ ଏହି ଭରଣପୋଷଣ ଦେବାରେ ଅବହେଳା କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟେକ ଅଭିଯୋଗ ଶୁଣାଣି ସମୟରେ ହାରାହାରି

**ଅବହେଳିତ ପତ୍ନୀ ବା ସନ୍ତାନସନ୍ତତିଙ୍କ ଆକାଉଣ୍ଟକୁ ଯିବ ଦରମା ଟଙ୍କା**

୨-୩ଟି ମାମଲା ଅଭିଯୋଗ ପ୍ରକୋଷ୍ଠକୁ ଆସୁଅଛି। ତେଣୁ ମୁଖ୍ୟମନ୍ତ୍ରୀ ଏହା ଉପରେ କଡ଼ା ଆଭିମୁଖ୍ୟ ନେଇ ଏହି ଅର୍ଥକୁ ସମ୍ପୃକ୍ତ କର୍ମଚାରୀଙ୍କ ଦରମାରୁ କାଟି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ସରକାରୀ କର୍ମଚାରୀ ହୋଇ ଅଦାଲତର ଅବମାନନା କରିବା ଏବଂ ତା'ସହିତ ପତ୍ନୀ ଓ ପିଲାମାନଙ୍କ ପ୍ରତି ଏଭଳି ଅବିଚାର କରିବା ରାଜ୍ୟ ସରକାରଙ୍କ ପକ୍ଷେ ଆଦୌ ଗ୍ରହଣୀୟ ନୁହେଁ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର ସମ୍ପୃକ୍ତ ମହିଳା ଓ ସନ୍ତାନସନ୍ତତିଙ୍କ ଭରଣପୋଷଣ ପାଇଁ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ ଭରଣପୋଷଣ ପ୍ରଦାନ ପାଇଁ ଅଦାଲତଙ୍କ ନିର୍ଦ୍ଦେଶନାମା ପାଇବା ପରେ ବିଭାଗୀୟ ଡିଡିଓ ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କ ମାସିକ ଦରମା ବିଲ୍ ପ୍ରସ୍ତୁତ କରିବା ସମୟରେ ଭରଣପୋଷଣ ପାଇଁ ଅଦାଲତ ଯେଉଁ ପରିମାଣର ଅର୍ଥ ନିର୍ଦ୍ଧାରିତ କରିଛନ୍ତି, ସେହି ପରିମାଣର ଅର୍ଥକୁ ଦରମାରୁ କାଟି ସମ୍ପୃକ୍ତ କର୍ମଚାରୀଙ୍କ ପତ୍ନୀ ବା ସନ୍ତାନସନ୍ତତିଙ୍କ ବ୍ୟାଙ୍କ ▶ପୃଷ୍ଠା-୭

## ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

■ ତୁରୁମୁଙ୍ଗା, ୩୦।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଖିରେଇଟାଙ୍ଗିରୀ ସେକ୍ସନ ଅନ୍ତର୍ଗତ ଦୁଧିଆଚୁଆ ନିକଟରେ ଶନିବାର ବିଳମ୍ବିତ ରାତିରେ ହାତୀ ଘଉଡ଼ାଇବାକୁ ଯାଇ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କେନ୍ଦୁଝର ସଦର ଥାନା କେରୀ ଗ୍ରାମର ବଡ଼ପଶି ସାହିର ସ୍ୱର୍ଗତ ନୃସିଂହ ନାଏକଙ୍କ ପୁଅ ନବଘନ। ବିଳମ୍ବିତ ରାତିରେ ୨୦ ଟିକିଆ ହାତୀପଲଙ୍କୁ ଘଉଡ଼ାଇବା ସମୟରେ ସେ ତଳେ ପଡିଯିବାରୁ ଆକ୍ରମଣ କରିଥିଲା ହାତୀ। ଗୁରୁତର ଅବସ୍ଥାରେ ବନ ବିଭାଗ କର୍ମଚାରୀ ଯୁବକଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତୁରୁମୁଙ୍ଗା ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ବନ ବିଭାଗ ଅନୁକମ୍ପା ସହାୟତା ଯୋଗାଇବାକୁ ପ୍ରକ୍ରିୟା ଆରମ୍ଭ କରିଛି। ହାତୀପଲ ଚଳପ୍ରଚଳ ଅଞ୍ଚଳକୁ କେହି ନଯିବା ସହ ହାତୀପଲଙ୍କ ନିକଟତର ନହେବାକୁ ପାଟଣା ରେଞ୍ଜର ଆର୍ତ୍ତତ୍ରାଣ ମିର୍ଦ୍ଧା ସୂଚନା ଦେଇଛନ୍ତି।

**ଅଶୋଧିତ ତୈଳ ମୂଲ୍ୟ କମିଲା, ପେଟ୍ରୋଲରେ ଇଥାନଲ୍ ମିଶିଲା**

# ଖସୁନି ପେଟ୍ରୋଲ, ଡିଜେଲ ଦର

■ ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ପଶ୍ଚିମ ଏସିଆରେ ଜାରି ଉତ୍ତେଜନା ମଧ୍ୟରେ ରୁଷ-ୟୁକ୍ରେନ ଯୁଦ୍ଧ ପୁଣି ଥରେ ଚର୍ଚ୍ଚାକୁ ଆସିଛି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପୁଣି ଥରେ କହିଛନ୍ତି ଯେ ୟୁକ୍ରେନ ସହିତ ଆଲୋଚନାର କୌଣସି ଫଳାଫଳ ମିଳୁନାହିଁ ଏବଂ ରୁଷ ଯୁଦ୍ଧକୁ ଆହୁରି ତୀବ୍ର କରିବାକୁ ପ୍ରସ୍ତୁତ ହେଉଛି। ଏହା ସତ୍ତ୍ୱେ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇବାରେ ଲାଗିଛି। ହର୍ମୁଜ୍ ପ୍ରଣାଳୀରେ ଯୋଗାଣ ପୁନର୍ବାର ଆରମ୍ଭ ଆଶା ଏବଂ ଏହି ଜଳ ମାର୍ଗ ଦେଇ ଜାହାଜ ଚଳାଚଳ ନେଇ ଇରାନ-ଓମାନ ଚୁକ୍ତି ଏହାର ମୁଖ୍ୟ କାରଣ। ବର୍ତ୍ତମାନ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ପ୍ରାୟ ୮୩ ଡଲାର ଯାଏ ହ୍ରାସ ଘଟିଛି। ତଥାପି, ଭାରତରେ




**ରୁଷକୁ ୨ ମାସରେ ଯାଇଛି ୧୦ ଲକ୍ଷ ବ୍ୟାରେଲ୍ ତୈଳ**

**କମ୍ପାନୀ ମାଲେମାଲ; ଖାଉଟି ହତାଶ**

ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ଅର୍ଥାତ୍ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ଏବଂ ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ସତ୍ତ୍ୱେ ଘରୋଇ ବଜାରରେ ତେଲ ଦର ଖସୁନାହିଁ। ଅପରପକ୍ଷେ ଭାରତ ରୁଷକୁ ତୈଳ ରପ୍ତାନି କରିବାରେ ବ୍ୟସ୍ତ। ପୂର୍ବରୁ ରୁଷରୁ ଭାରତ ଶସ୍ତା ତେଲ ଆମଦାନୀ ମଧ୍ୟ କରିଥିଲା। ଉଭୟରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ହ୍ରାସ ଘଟି ନ ଥିବାବେଳେ ଖାଉଟିଙ୍କୁ ବି ଏହାର କୌଣସି ଲାଭ ମିଳିନାହିଁ। ଏଥିରେ କେବଳ ଶସ୍ତା ତେଲ ଆମଦାନୀ ଏବଂ ରପ୍ତାନି କରି କର୍ପୋରେଟ୍ ସଂସ୍ଥା ମାଲେମାଲ ହୋଇଛନ୍ତି। ସେହିପରି ଇଥାନଲ୍ ବ୍ଲେଣ୍ଡିଂ ଯୋଜନାରେ କେନ୍ଦ୍ର ସରକାର ପେଟ୍ରୋଲରେ ୨୦% ପେଟ୍ରୋଲ ମିଶ୍ରଣ କରିଥିଲେ। ହେଲେ ଏହା ପରେ ମଧ୍ୟ ପେଟ୍ରୋଲ ଏବଂ ଡିଜେଲର ଖୁଚୁରା ମୂଲ୍ୟ ବଦଳିନାହିଁ। ▶ପୃଷ୍ଠା-୭

# ନେପାଳ ବନ୍ୟା ପରେ ଉତ୍ତରାଖଣ୍ଡରେ ଗ୍ଲେସିୟର୍ ଉପରେ କଡ଼ା ନଜର

ଡେରାଡୁନ୍, ୩୦।୮ (ଏଜେନ୍ସି): ନେପାଳରେ ଘଟିଥିବା ପ୍ରଳୟଙ୍କରୀ ବନ୍ୟା ଏବଂ ଏହାର କାରଣ ସ୍ୱରୂପ ଗ୍ଲେସିୟର୍ ଭୁଶୁଡ଼ିବା ଘଟଣା ପରେ ଭାରତର ପଡ଼ୋଶୀ ରାଜ୍ୟ ଉତ୍ତରାଖଣ୍ଡରେ ସତର୍କତା ଜାରି କରାଯାଇଛି। ଚୀନ୍ ଏବଂ ନେପାଳ ସୀମାକୁ ଲାଗି ରହିଥିବା ହିମାଳୟ ଅଞ୍ଚଳଗୁଡ଼ିକରେ ଗ୍ଲେସିୟର୍ ଏବଂ ଗ୍ଲେସିୟର ଜନିତ ହ୍ରଦଗୁଡ଼ିକ ଉପରେ ନଜର ରଖିବା ପାଇଁ ରାଜ୍ୟ ସରକାର କଡ଼ାକଡ଼ି ନିର୍ଦ୍ଦେଶ ଦେଇଛନ୍ତି। ନେପାଳ-ତିବ୍ବତ ସୀମାରେ ଘଟିଥିବା ଏହି ଭୟଙ୍କର ବିପର୍ଯ୍ୟୟ ଏକ ଗ୍ଲେସିୟର୍ ଭୁଶୁଡ଼ିବା କାରଣରୁ ଘଟିଥିବା ଆମେରିକୀୟ ଭୂତତ୍ତ୍ୱ ସର୍ବେକ୍ଷଣ (ୟୁଏସ୍ ଜିଓଲୋଜିକାଲ୍ ସର୍ଭେ) ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ଦୁର୍ଘଟଣାରେ ୬୨୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁଇ ହଜାରରୁ ଅଧିକ ଲୋକ ନିଖୋଜ ଅଛନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ବିପଦସଙ୍କୁଳ ଗ୍ଲେସିୟର୍ ହ୍ରଦଗୁଡ଼ିକ ନିକଟରେ ଅତ୍ୟାଧୁନିକ ସେନ୍ସର୍ ଏବଂ ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା ନିୟୋଜିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଉତ୍ତରାଖଣ୍ଡରେ ମୋଟ ୧୩ଟି ଗ୍ଲେସିୟର୍ ହ୍ରଦକୁ ଅତି ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ୪ଟି ହ୍ରଦର ସର୍ବେକ୍ଷଣ କାର୍ଯ୍ୟ ଶେଷ

### ସମ୍ବେଦନଶୀଳ ହ୍ରଦଗୁଡ଼ିକର ଯାଞ୍ଚ ଆରମ୍ଭ

ହୋଇଥିବା ବେଳେ ବାକି ହ୍ରଦଗୁଡ଼ିକର ବୈଜ୍ଞାନିକ ଆକଳନ ପର୍ଯ୍ୟାୟକ୍ରମେ କରାଯିବ। ଚମୋଲି ଜିଲ୍ଲାର ସରସ୍ୱତୀ ତାଳ ଏବଂ ଉତ୍ତରକାଶୀ ଜିଲ୍ଲାର କେଦାରତାଳର ସ୍ଥିତି ଅନୁଧ୍ୟାନ ପାଇଁ ଏକ ବିଶେଷଜ୍ଞ ଦଳ ପଠାଯାଉଛି। ଜଳସ୍ତର, ଆକାରରେ ପରିବର୍ତ୍ତନ ଏବଂ ତଳ ଅଞ୍ଚଳ ଉପରେ ଏହାର ପ୍ରଭାବ ଆକଳନ କରିବା ସହ ନିରାପଦ ସ୍ଥାନାନ୍ତର ପାଇଁ ମଧ୍ୟ ପ୍ରସ୍ତୁତି କରାଯାଉଛି।



## ପରୀକ୍ଷା ଦୁର୍ନୀତି: କର୍ଣ୍ଣାଟକ ଆଇଏଏସ୍ ଅଧିକାରୀ ଗିରଫ

ବେଙ୍ଗାଲୁରୁ,୩୦।୮ (ଏଜେନ୍ସି): କର୍ଣ୍ଣାଟକ ଲୋକସେବା ଆୟୋଗ (କେପିଏସ୍‌ସି) ପରୀକ୍ଷା ଦୁର୍ନୀତି ମାମଲାରେ ଆଇଏଏସ୍ ଅଧିକାରୀ ଜ୍ଞାନେନ୍ଦ୍ର କୁମାର ଗାଙ୍ଗୱାରଙ୍କୁ ହେପାଜତକୁ ନିଆଯାଇଛି। ପଶୁ ଚିକିତ୍ସା ଅଧିକାରୀ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗରେ ୨୦୧୬ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଗାଙ୍ଗୱାରଙ୍କୁ ସିଆଇଡି ଅଟକ ରଖି ପଚରାଉଚରା କରିବା ପରେ ଗିରଫ କରିଛି। ତଦନ୍ତକାରୀ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଦୁର୍ନୀତି ସମୟରେ ଗାଙ୍ଗୱାର କେପିଏସ୍‌ସିର ପରୀକ୍ଷା ନିୟନ୍ତ୍ରକ ଭାବେ କାର୍ଯ୍ୟ କରୁଥିଲେ। କ୍ରମାଗତ ଦୁଇ ଦିନ ଧରି ଜେରା କରାଯିବା ସତ୍ତ୍ୱେ ସେ ତଦନ୍ତରେ ସହଯୋଗ କରି ନଥିଲେ, ଯାହାଫଳରେ ପୁଲିସ ତାଙ୍କୁ ହେପାଜତକୁ ନେଇଥିଲା। ଏହି ମାମଲାରେ ପୂର୍ବରୁ ଗତ ଅଗଷ୍ଟ ୨୩ ତାରିଖରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ୍ୟ ବେଙ୍ଗାଲୁରୁ ଏବଂ ବରେଲିସ୍ଥିତ ତାଙ୍କ ବାସଭବନରେ ଚଢ଼ଉ କରିଥିଲା। ବିଧାନସୌଧ ପୁଲିସ ଷ୍ଟେସନରେ ରୁଜୁ ହୋଇଥିବା ଏହି ମାମଲାକୁ ଗତ ଜୁଲାଇ ୨୮ ତାରିଖରେ ସିଆଇଡିକୁ ହସ୍ତାନ୍ତର କରାଯାଇଥିଲା।

## ପଞ୍ଜାବରେ ଆପ୍ ନେତା ଗୁରପ୍ରୀତଙ୍କୁ ଗୁଳି କରି ହତ୍ୟା

ଫିରୋଜପୁର,୩୦।୮ (ଏଜେନ୍ସି): ପଞ୍ଜାବର ଫିରୋଜପୁର ଅନ୍ତର୍ଗତ ମାମଡୋଟ୍ ଅଞ୍ଚଳରେ ଜଣେ ଆମ୍ ଆଦମୀ ପାର୍ଟି (ଆପ୍) ନେତାଙ୍କୁ ଗୁଳି କରି ହତ୍ୟା କରାଯାଇଛି। ମୃତ ନେତାଜଣଙ୍କ ହେଲେ ଗୁରପ୍ରୀତ ସିଂହ ଗୋପୀ। ପୁରୁଣା ଶତ୍ରୁତା ଏବଂ ନିର୍ବାଚନୀ ବିବାଦକୁ କେନ୍ଦ୍ର କରି ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିବା ପୁଲିସ ସୂଚନା ଦେଇଛି। ଘଟଣା ଅନୁଯାୟୀ, ଗୁରପ୍ରୀତ ସିଂହ ଗୋପୀ ଏବଂ ହରପ୍ରୀତ ନାମକ ଅନ୍ୟ ଜଣେ ବ୍ୟକ୍ତି ମୋଟରସାଇକେଲରେ ଯାଉଥିବା ସମୟରେ ଏକ କାର୍‌ରେ ଆସିଥିବା କିଛି ଦୁର୍ବୃତ୍ତ ସେମାନଙ୍କ ଗାଡ଼ିକୁ ଗୋଡ଼ାଇଥିଲେ ଏବଂ ଅତର୍କିତ ଗୁଳିଚାଳନା କରିଥିଲେ। ଏହି ଗୁଳିମାଡ଼ରେ ଗୋପୀଙ୍କର ମୃତ୍ୟୁ ଘଟିଛି। ଆକ୍ରମଣକାରୀମାନେ ତାଙ୍କ ସାଙ୍ଗରେ ଅନ୍ୟ ଏକ କାର୍‌ରେ ଆସୁଥିବା ସାଙ୍ଗମାନଙ୍କ ଗାଡ଼ି ଉପରେ ମଧ୍ୟ ଗୁଳି ଚଳାଇଥିଲେ। ଏସଏସପି ଭୁପିନ୍ଦର ସିଂହ ସିଦ୍ଧୁଙ୍କ କହିବାନୁଯାୟୀ, ଉଭୟ ପକ୍ଷଙ୍କ ମଧ୍ୟରେ ଏକ ପୁରୁଣା ବିବାଦ ଥିଲା। ଆକ୍ରମଣକାରୀଙ୍କୁ ଚିହ୍ନଟ କରାଯାଇଛି ଏବଂ ମୁଖ୍ୟ ଅଭିଯୁକ୍ତଙ୍କର ଅପରାଧିକ ପୃଷ୍ଠଭୂମି ରହିଛି। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି ଏବଂ ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଦୁର୍ଘଟଣା: ରକ୍ଷାବନ୍ଧନ ପାଇଁ ଆସିଥିବା ତିନି ଭାଇଭଉଣୀଙ୍କ ମୃତ୍ୟୁ

ଫରିଦାବାଦ,୩୦।୮ (ଏଜେନ୍ସି): ରାଖି ପୂର୍ଣ୍ଣିମାରେ ହରିୟାଣାର ଫରିଦାବାଦରେ ଏକ ଦ୍ରୁତଗାମୀ ଗାଡ଼ି ମାଡ଼ିଯିବାରୁ ତିନି ଜଣ ସମ୍ପର୍କୀୟ ଭାଇଭଉଣୀଙ୍କ ମୃତ୍ୟୁ ହୋଇଛି। ଚାରି ଜଣ ଭାଇଭଉଣୀ ଏକାଠି ହୋଇ ରାଖି ପୂର୍ଣ୍ଣିମା ପାଳିବା ପରେ ଘରକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଛି। ଏଥିରେ ଜଣେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଘଟଣା ଅନୁଯାୟୀ, ମୃତ ଅଖିଳେଶଙ୍କ ଘରେ ଚାରି ଭାଇଭଉଣୀ ଏକାଠି ହୋଇ ରାଖି ପୂର୍ଣ୍ଣିମା ପାଳିଥିଲେ। ପରଦିନ ସକାଳେ ଭଉଣୀମାନେ ନିଜ ଘରକୁ ଫେରିବା ପାଇଁ ବାହାରିବାରୁ ଅଖିଳେଶ ସେମାନଙ୍କୁ ବସଷ୍ଟାଣ୍ଡରେ ଛାଡ଼ିବାକୁ ଯାଇଥିଲେ। ବସଷ୍ଟାଣ୍ଡରେ ଅପେକ୍ଷା କରିଥିବା ସମୟରେ ଏକ ଅଜଣା ଦ୍ରୁତଗାମୀ ଫର୍ଚୁନରର ଗାଡ଼ି ସେମାନଙ୍କ ଉପରେ ମାଡ଼ି ଯାଇଥିଲା। ଏହି ଭୟଙ୍କର ଦୁର୍ଘଟଣାରେ ଅଖିଳେଶ ଏବଂ ଅବଧେଶଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ସେହିପରି ଦୁଇ ଭଉଣୀ ସରୋଜ ଏବଂ ରାଜକୁମାରୀ ଗୁରୁତର ଭାବେ ଆହତ ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସରୋଜଙ୍କର ମଧ୍ୟ ମୃତ୍ୟୁ ଘଟିଥିବା ବେଳେ ରାଜକୁମାରୀ ବର୍ତ୍ତମାନ ହସ୍ପିଟାଲରେ ଜୀବନ ସହ ସଂଘର୍ଷ କରୁଛନ୍ତି। ଦୁର୍ଘଟଣା ପରେ ଗାଡ଼ିଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ପୁଲିସ ମାମଲା ରୁଜୁ କରି ଅଜଣା ଡ୍ରାଇଭର ଏବଂ ଗାଡ଼ିର ତଦନ୍ତ ଜାରି ରଖିଛି।

## ୨୭୦ ଯାତ୍ରୀଙ୍କୁ ନେଇ ଯାଉଥିବା ଫେରି ବୋଟ୍ ବୁଡ଼ିଗଲା

ଉତ୍ତର ସାଇପ୍ରସ୍,୩୦।୮ (ଏଜେନ୍ସି): ଉତ୍ତର ସାଇପ୍ରସ୍‌ର କିରେନିଆ (ଗିରନେ) ଉପକୂଳରେ ରବିବାର ଅପରାହ୍ଣରେ ପ୍ରାୟ ୨୭୦ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଯାତ୍ରୀବାହୀ ଫେରି ବୋଟ୍ ଓଲଟି ପଡ଼ିଛି। ରିପୋର୍ଟ ଅନୁଯାୟୀ, ଡଙ୍ଗାଟି କିରେନିଆ ବନ୍ଦରରୁ ବାହାରି ତୁର୍କୀର ମର୍ସିନ ପ୍ରଦେଶର ତାସୁଚୁ ଅଭିମୁଖେ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଛି। ତୁଲସୀ ଉପକୂଳଠାରୁ ପ୍ରାୟ ଦୁଇ କିଲୋମିଟର ଦୂରରେ ଏହା ଓଲଟି ପଡ଼ିଥିବା ବେଳେ ବୋଟ୍‌ଟିରେ ପାଣି ପଶିଯାଇଥିଲା। ଘଟଣା ସମ୍ପର୍କରେ ଜାଣିବା ପରେ ସ୍ଥାନୀୟ ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ତୁରନ୍ତ ଉଦ୍ଧାର ଓ ସ୍ୱାସ୍ଥ୍ୟ ସେବା ପ୍ରସ୍ତୁତି କରାଯାଇଛି। ଉତ୍ତର ସାଇପ୍ରସ୍ ପରିବହନ ମନ୍ତ୍ରୀ ଏାନ ଆରିକ୍‌ଲିଙ୍କ ସୂଚନା ମୁତାବକ, ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୦୦ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ କିରେନିଆ ଅଣାଯାଇଛି ଏବଂ ଅନ୍ୟମାନଙ୍କୁ ଖୋଜିବା ପାଇଁ ଜୋରଦାର ଉଦ୍ଧାର ଅଭିଯାନ ଜାରି ରହିଛି।

# ବଢୁଛି ଉତ୍ତରାଖଣ୍ଡ ଶୁଦ୍ଧୀକରଣ ବିବାଦ

## ବିଜେପି, ଆର୍‌ଏସ୍‌ଏସ୍ କର୍ମକର୍ତ୍ତାଙ୍କ ବିରୋଧରେ ଏଫଆଇଆର ଦାବି କଲେ ରାହୁଲ

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ଉତ୍ତରାଖଣ୍ଡର ହଲଦୱାନୀରେ ଗତ ଅଗଷ୍ଟ ୮ ତାରିଖରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ରାଲି ପରେ କେତେକ ଦକ୍ଷିଣପନ୍ଥୀ ସଂଗଠନ ଦ୍ୱାରା ଶୁଦ୍ଧୀକରଣକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ବିଜେପି ସରକାର ଏଭଳି ଶୁଦ୍ଧୀକରଣ ହୋଇଥିବା ସ୍ୱୀକାର କରୁଥିଲେ ମଧ୍ୟ ଆ।।ୟୋଜକମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏହାକୁ ନେଇ କେନ୍ଦ୍ର ଓ ଉତ୍ତରାଖଣ୍ଡ ସରକାର ସମେତ ବିଜେପି ଉପରେ ବର୍ଷିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ଏସ୍‌ସି/ଏସ୍‌ଟି ଆଇନ ଅନୁଯାୟୀ ଆୟୋଜକଙ୍କ ବିରୋଧରେ ଏଫଆଇଆର ରୁଜୁ କରିବା ଲାଗି ଦାବି କରିବା ସହିତ ସେ କହିଛନ୍ତି ଯେ ଏଭଳି ଶୁଦ୍ଧୀକରଣ କାର୍ଯ୍ୟକ୍ରମ ବିଜେପି ଓ ଆରଏସଏସର ଦଳିତ-ବିରୋଧୀ ମାନସିକତାକୁ ପ୍ରଦର୍ଶନ କରୁଛି।

ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ କହିଛନ୍ତି ଯେ ଘଟଣାର ୨୦ ଦିନ ପରେ ମଧ୍ୟ ଆୟୋଜକମାନଙ୍କ ବିରୋଧରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ବିଜେପି ସରକାରର ଦଳିତ ବିରୋଧୀ ମାନସିକତାକୁ ଦର୍ଶାଉଛି। ସେ କହିଲେ ଯେ ବିଜେପି-ଆରଏସଏସ ଏବେ ବି ଅସ୍ପୃଶ୍ୟତା ପରମ୍ପରା ଅନୁସରଣ କରୁଛନ୍ତି। ଦଳିତମାନଙ୍କର ଉନ୍ନତି ହେଉ ଏବଂ ସେମାନେ ସମ୍ମାନର ସହ ଜୀବନ ଯାପନ କରନ୍ତୁ , ଏହା ବିଜେପି-ଆରଏସଏସ ଭଳି ସଂଗଠନ ଚାହାନ୍ତି ନାହିଁ। ଶୁଦ୍ଧୀକରଣ ସପକ୍ଷରେ ଉତ୍ତରାଖଣ୍ଡ ବିଜେପି ସଭାପତି ମହେନ୍ଦ୍ର ଭଟ୍ଟ ଯୁକ୍ତି କରୁଛନ୍ତି ଏବଂ ଏହାକୁ ନେଇ ପ୍ରଧାନମନ୍ତ୍ରୀ ମୋଦୀ କାହିଁକି ନିରବ ରହିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଭଳି ନେତାମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବା ପର୍ଯ୍ୟନ୍ତ କେନ୍ଦ୍ର ଏବଂ ଉତ୍ତରାଖଣ୍ଡରେ ବିଜେପି ସରକାର ବିରୋଧରେ କଂଗ୍ରେସ



ସଂଗ୍ରାମ ଜାରି ରଖିବ ବୋଲି ରାହୁଲ କହିଛନ୍ତି। ସେହିଭଳି କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଶୁଦ୍ଧିକରଣ ଆୟୋଜକମାନଙ୍କ ବିରୋଧରେ ଏସସି/ଏସଟି ଆଇନ ଅନୁଯାୟୀ ଏଫଆଇଆର ଦାଖଲ କରିବା ଲାଗି ପ୍ରଧାନମନ୍ତ୍ରୀ ମୋଦୀ ସୁନିଶ୍ଚିତ କରନ୍ତୁ। ସେ କହିଲେ ଯେ ଘଟଣାର ୨୦ ଦିନ ପରେ ମଧ୍ୟ ପ୍ରଶାସନ ନିରବ ରହିବା ଦୁର୍ଭାଗ୍ୟଜନକ। ସମ୍ବିଧାନ ପ୍ରତି ଯଦି ପ୍ରଧାନମନ୍ତ୍ରୀଙ୍କର ସମ୍ମାନ ରହିଛି, ତାହାହେଲେ ସେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଅନ୍ୟତମ କଂଗ୍ରେସ ନେତା ଜୟରାମ ରମେଶ ଏବଂ ଶୀ ଥରୁର ମଧ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ରମେଶ ଅଭିଯୋଗ କରିଛନ୍ତି ପ୍ରାୟ ସବୁ ବିଜେପି ଶାସିତ ରାଜ୍ୟରେ ଦଳିତଙ୍କ ପ୍ରତି ଏପରି ବ୍ୟବହାର କରାଯାଉଛି।

ସୂଚନାଯୋଗ୍ୟ ଯେ ନିଜେ ଖଡ଼ଗେ ଏହି ପ୍ରସଙ୍ଗ ରାଜ୍ୟସଭାରେ ଉଠାଇଥିଲେ। ଏପରି ଆପତ୍ତିଜନକ ଶୁଦ୍ଧୀକରଣ କାର୍ଯ୍ୟକ୍ରମ ହୋଇଥିବା

> "ସରକାର ମାନୁଛନ୍ତି, କିନ୍ତୁ କାର୍ଯ୍ୟାନୁଷ୍ଠାନ କାହିଁକି ହେଉନାହିଁ? ବିଜେପି-ଆର୍‌ଏସ୍‌ଏସ୍‌ର ଯାଉନି ଦଳିତ-ବିରୋଧୀ ମାନସିକତା"

କେନ୍ଦ୍ର ମନ୍ତ୍ରୀ ନଡ୍ଡା ସ୍ୱୀକାର କରିଥିଲେ। ତେବେ ସେ କହିଥିଲେ ଯେ ଏହା ପଛରେ ବିଜେପିର କୌଣସି ହାତ ନାହିଁ। ଯେଉଁମାନେ ଏଭଳି କାଣ୍ଡ ଘଟାଇଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ପୁଣି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ମଧ୍ୟ ଏଭଳି ଶୁଦ୍ଧୀକରଣ କଥା ସ୍ୱୀକାର କରିଛନ୍ତି। କିନ୍ତୁ ଏହା ଖଡ଼ଗେଙ୍କ ପାଇଁ ନୁହେଁ ବୋଲି ସେ ଅଜବ ଯୁକ୍ତି କରିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସ ରାଲିରେ ଆପତ୍ତିଜନକ ସ୍ଲୋଗାନ ଦିଆଯାଇଥିଲା। ସେଥିପାଇଁ କିଛି ଲୋକ ଶୁଦ୍ଧୀକରଣ କରିଥିଲେ। କିନ୍ତୁ ଏହାର ନିନ୍ଦା କରି ନଥିଲେ।

## ତୁକାରାମ ମୁଣ୍ଡେଙ୍କୁ ବମ୍ବେ ହାଇକୋର୍ଟଙ୍କ କଡ଼ା ତାଗିଦ୍

ମୁମ୍ବଇ, ୩୦।୮ (ଏଜେନ୍ସି): ମହାରାଷ୍ଟ୍ର ଖାଦ୍ୟ ଏବଂ ଔଷଧ ପ୍ରଶାସନ (ଏଫ୍‌ଡିଏ)ର କାର୍ଯ୍ୟଶୈଳୀକୁ ନେଇ ବମ୍ବେ ହାଇକୋର୍ଟ କଡ଼ା ଅସନ୍ତୋଷ ପ୍ରକାଶ କରିଛନ୍ତି। ମୁମ୍ବଇ କ୍ରିକେଟ୍ ଆସୋସିଏସନ୍ (ଏମସିଏ) ପରିସରର ଭୋଜନାଳୟ ଏବଂ ସିପ୍ଲା ଫାର୍ମା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସମୟରେ ବିନା ଆଇନଗତ ବିଶ୍ଳେଷଣରେ 'ଅତ୍ୟଧିକ ତରବରିଆ' ନିଷ୍ପତ୍ତି ନେଇଥିବାରୁ କୋର୍ଟ ଏଫ୍‌ଡିଏକୁ ଟାଣୁଆ ସମାଲୋଚନା କରିଛନ୍ତି। କାର୍ଯ୍ୟାଳୟର ମୁଖ୍ୟ ବିଚାରପତି ରବୀନ୍ଦ୍ର ଘୁଗେ ଏବଂ ଜଷ୍ଟିସ ଗୌତମ ଅଙ୍କାଡ଼ଙ୍କ ବେଞ୍ଚ ଏଫ୍‌ଡିଏର କାର୍ଯ୍ୟଧାରାକୁ ନାପସନ୍ଦ କରିଛନ୍ତି। କୋର୍ଟ କହିଛନ୍ତି, "ଆପଣମାନେ କ'ଣ ନିଜକୁ କୌଣସି ପ୍ରଭୁ ବା ଭଗବାନ ଭାବୁଛନ୍ତି କି ଏବଂ ଯାହା ଇଚ୍ଛା ତା କରିପାରିବେ କି'। ୫ଟି ରେଷ୍ଟୁରାଣ୍ଟର ପଞ୍ଜୀକରଣ ନବୀକରଣ ଏବଂ ସିପ୍ଲା କମ୍ପାନୀର ଔଷଧ ବିକ୍ରୟ ଲାଇସେନ୍ସ ରଦ୍ଦ ପ୍ରସଙ୍ଗରେ କୋର୍ଟ ଏହି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ପରେ ଏଫ୍‌ଡିଏ ପକ୍ଷରୁ କୋର୍ଟଙ୍କୁ ଅବଗତ କରାଯାଇଥିଲା ଯେ ସେମାନେ ରେଷ୍ଟୁରାଣ୍ଟଗୁଡ଼ିକର କାର୍ଯ୍ୟକଳାପ ସ୍ଥଗିତ ଆଦେଶ ପ୍ରତ୍ୟାହାର କରିନେବେ।

## ନିଟ୍-ପିଜି ପରୀକ୍ଷାରେ ବି ବିଭ୍ରାଟ



- ଜୟପୁର କେନ୍ଦ୍ରରେ ପ୍ରତି ୧୦ ମିନିଟରେ ବିଦ୍ୟୁତ୍ ବିଭ୍ରାଟ
- ୨୪୪୫ ପରୀକ୍ଷାର୍ଥୀଙ୍କ ପାଇଁ ସେପ୍ଟେମ୍ବର ୫ରେ ପୁନଃପରୀକ୍ଷା

ନୂଆଦିଲ୍ଲୀ/ଜୟପୁର,୩୦।୮ (ଏଜେନ୍ସି): ଜାତୀୟ ଆୟୁଷ ଓ ମେଡିକାଲ ପରୀକ୍ଷା ବୋର୍ଡ ପକ୍ଷରୁ ନିଟ୍ ପିଜି ପରୀକ୍ଷା ପୁନଃ ଅନୁଷ୍ଠିତ ହେବ ବୋଲି ଘୋଷଣା କରାହୋଇଛି। ପରୀକ୍ଷା କେନ୍ଦ୍ରରେ ବିଦ୍ୟୁତ୍ ସରବାରାହ ବାଧାପ୍ରାପ୍ତ ହେବା ଏବଂ ବୈଷୟିକ ତ୍ରୁଟି ଯୋଗୁଁ ଅନେକ ପରୀକ୍ଷାର୍ଥୀ ପରୀକ୍ଷା ଦେଇପାରି ନଥିଲେ। ବୋର୍ଡର ସୂଚନା ଅନୁଯାୟୀ, ଦେଶବ୍ୟାପୀ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ସମଗ୍ର ଦେଶରେ ଅନେକ ସହରର ହଜାର ହଜାର କେନ୍ଦ୍ରରେ ପରୀକ୍ଷା ସଫଳତାର ସହ ଶେଷ ହୋଇଥିଲା। ତେବେ ରାଜସ୍ଥାନର ଜୟପୁର ସ୍ଥିତ ନିର୍ଦ୍ଦିଷ୍ଟ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଆଭ୍ୟନ୍ତରୀଣ ବିଦ୍ୟୁତ୍ ସରବାରାହରେ ଅସୁବିଧା ଏବଂ ବୈଷୟିକ ତ୍ରୁଟି କାରଣରୁ ମୋଟ ୨,୪୪୫ ଜଣ ପରୀକ୍ଷାର୍ଥୀ ସେମାନଙ୍କର ପରୀକ୍ଷା ସମ୍ପୂର୍ଣ୍ଣ କରିପାରି ନଥିଲେ। ଏହି କେନ୍ଦ୍ରରେ ପ୍ରତି ୧୦ ମିନିଟରେ ବିଦ୍ୟୁତ ବିଭ୍ରାଟ ଦେଖାଯାଇଥିଲା। ଏହାସହିତ ଯାନ୍ତ୍ରିକ ତ୍ରୁଟି ମଧ୍ୟ ପରିଲକ୍ଷିତ ହୋଇଥିଲା। ପରୀକ୍ଷା ପରିଚାଳନା କରୁଥିବା ଏଜେନ୍ସିର ଏହି ଆଭ୍ୟନ୍ତରୀଣ ତ୍ରୁଟି ଯୋଗୁଁ ପରୀକ୍ଷାର୍ଥୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପ୍ରଭାବିତ ହୋଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ସେମାନଙ୍କୁ ପରୀକ୍ଷା ଦେବାର ସମାନ ସୁଯୋଗ ଦେବା ପାଇଁ ବୋର୍ଡ ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୫ରେ ଜୟପୁରରେ ପୁନଃ ପରୀକ୍ଷା କରାଯିବ ବୋଲି ସ୍ଥିର କରାଯାଇଛି। ସମ୍ପୃକ୍ତ ପରୀକ୍ଷାର୍ଥୀମାନଙ୍କୁ ସ୍ୱତନ୍ତ୍ର ଭାବେ ପରୀକ୍ଷା କେନ୍ଦ୍ର ଏବଂ ଅନ୍ୟାନ୍ୟ ଜରୁରୀ ନିର୍ଦ୍ଦେଶାବଳୀ ସମ୍ପର୍କରେ ଜଣାଇ ଦିଆଯିବ।

## ତାମିଲନାଡୁ ଏକ୍ସପ୍ରେସ୍‌ରେ ଓଡ଼ିଶା ମହିଳାଙ୍କ ମୃତଦେହ ମିଳିବା ଘଟଣାରେ ଦମ୍ପତି ଗିରଫ

ଚେନ୍ନାଇ,୩୦।୮ (ଏଜେନ୍ସି): ଚେନ୍ନାଇରୁ ତାମିଲନାଡୁ ଏକ୍ସପ୍ରେସରେ ଏକ ସୁଟକେସ୍ ଭିତରୁ ଜଣେ ଓଡ଼ିଶା ମହିଳାଙ୍କ ଅଙ୍ଗବିଚ୍ଛିନ୍ନ ମୃତଦେହ ମିଳିବା ଘଟଣାରେ ପୁଲିସ ବଡ଼ ସଫଳତା ପାଇଛି। ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କୁ ମଣିପୁରରୁ ଗିରଫ କରାଯାଇଛି। ଗତ ୫ ତାରିଖରେ ତାମିଲନାଡୁ ଏକ୍ସପ୍ରେସ ଆଗ୍ରା ଷ୍ଟେସନରେ ପହଞ୍ଚିବା ପରେ ଏକ ବଗିରୁ ଏକାନ୍ତରେ ପଡ଼ିଥିବା ଏକ ଲାଲ ରଙ୍ଗର ସୁଟକେସରୁ ଦୁର୍ଗନ୍ଧ ବାହାରିବାରୁ ଏହି ଭୟଙ୍କର ଅପରାଧ ସାମ୍ନାକୁ ଆସିଥିଲା। ପୁଲିସ ତଦନ୍ତରୁ ମୃତକ ଜଣକ ଓଡ଼ିଶାର ହାୟାଥୁନ୍ ନିଶା ବୋଲି ଜଣାପଡ଼ିଥିଲା। ସିସିଟିଭି ଏବଂ ଅନ୍ୟାନ୍ୟ ପ୍ରମାଣ ଆଧାରରେ ପୁଲିସ ଚେନ୍ନାଇର ଗୁଡୁଭାଞ୍ଚେରୀସ୍ଥିତ ଏକ ଭଡ଼ାଘରେ ଚଢ଼ଉ କରିଥିଲା, ଯେଉଁଠାରୁ ଏକ ବଡ଼ ରନ୍ଧାପାତ୍ର ଭିତରୁ ଆଉ କିଛି ଅଙ୍ଗବିଚ୍ଛିନ୍ନ ଅଂଶ ଜବତ କରାଯାଇଥିଲା। ଆସାମର ମାଣିକ୍ ଉଦ୍ଦିନ୍ ଲସ୍କର ଏବଂ ଓଡ଼ିଶାର କେନ୍ଦୁଝର ଜିଲ୍ଲାର ଭାଗବତୀ ମାଝୀ ନାମକ ଦମ୍ପତି ଏହି ହତ୍ୟାକାଣ୍ଡରେ ସଂପୃକ୍ତ ଥିବା ଜଣାପଡ଼ିଥିଲା। ଘଟଣା ପରେ ସେମାନେ ଫେରାର ହୋଇଯାଇଥିବା ବେଳେ ତାମିଲନାଡୁ ଏବଂ ମଣିପୁର ପୁଲିସର ମିଳିତ ଟିମ୍ ଅଗଷ୍ଟ ୨୯ ତାରିଖରେ ମଣିପୁରର ଜିରିବାମ୍ ଜିଲ୍ଲାରୁ ସେମାନଙ୍କୁ କାବୁ କରିଛି।

### ନେପାଳରେ ବନ୍ୟା ପ୍ରଳୟ

## ଶିକ୍ଷକଙ୍କ ଯୋଗୁଁ ବର୍ତ୍ତିଗଲେ ୧୬୪୩ ଶିଶୁ



କାଠମାଣ୍ଡୁ,୩୦।୮ (ଏଜେନ୍ସି): ନେପାଳର ତ୍ରିଶୂଳୀ ଉପତ୍ୟକାରେ ଘଟିଥିବା ଏକ ଭୟଙ୍କର ବନ୍ୟା ସମୟରେ ପ୍ରଧାନଶିକ୍ଷକ ରାଜେନ୍ଦ୍ର ଦାୱାଦୀଙ୍କ ତ୍ୱରିତ ପଦକ୍ଷେପ ଯୋଗୁଁ ଏକ ବିଦ୍ୟାଳୟର ୧୬୪୩ ଜଣ ପିଲାଙ୍କ ଜୀବନ ରକ୍ଷା ପାଇଯାଇଛି। ଗ୍ଲେସିୟର୍ ଭୁଶୁଡ଼ିବା କାରଣରୁ ସୃଷ୍ଟି ହୋଇଥିବା ଏହି ଜଳପ୍ରଳୟରେ ଶହ ଶହ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ହଜାର ହଜାର ଲୋକ ନିଖୋଜ ଅଛନ୍ତି। ଘଟଣା ଅନୁଯାୟୀ, ଗତ ବୁଧବାର ସକାଳେ ଏକ ବନ୍ଧୁଙ୍କଠାରୁ ଫୋନ୍ ପାଇବା ପରେ ପ୍ରଧାନଶିକ୍ଷକ ରାଜେନ୍ଦ୍ର ଦାୱାଦୀ ଜାଣିବାକୁ ପାଇଥିଲେ ଯେ ବନ୍ୟାଜଳ ଦ୍ରୁତ ଗତିରେ ବିଦ୍ୟାଳୟ ଆଡ଼କୁ ମାଡ଼ିଆସୁଛି। ସେ ମାତ୍ର କିଛି ମିନିଟ୍ ମଧ୍ୟରେ ବିଦ୍ୟାଳୟର ଘଣ୍ଟ ବଜାଇ ସମସ୍ତ ଶିକ୍ଷକ ଏବଂ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବେ ଉପରକୁ ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପିଲାମାନେ ଦୌଡ଼ି ପଳାଇ ଏକ ବୋଧି ଗଛତଳେ ଆଶ୍ରୟ ନେଇଥିଲେ, ଯାହାଫଳରେ ସେମାନଙ୍କ ଜୀବନ ବଞ୍ଚିଯାଇଥିଲା। ତେବେ ଏହି ପ୍ରାକୃତିକ ବିପର୍ଯ୍ୟୟରେ ସ୍କୁଲର ଜଣେ ସାମାଜିକ ବିଜ୍ଞାନ ଶିକ୍ଷକ ଏବଂ ଜଣେ ପରିଚାଳକ ପ୍ରାଣ ହରାଇଥିବା ବେଳେ ସମଗ୍ର ଅଞ୍ଚଳରେ ବ୍ୟାପକକ୍ଷତି ହୋଇଛି। ପ୍ରଧାନଶିକ୍ଷକଙ୍କ ଏହି ସାହସିକତା ଓ ବୁଦ୍ଧିମତ୍ତାକୁ ସର୍ବତ୍ର ପ୍ରଶଂସା କରାଯାଉଛି।

## ୧୮,୬୦୦ ଫୁଟ୍ ଉଚ୍ଚତାରେ ଭାରତୀୟ ସେନାର ଉଦ୍ଧାର କାର୍ଯ୍ୟ

ଲଦାଖ,୩୦।୮ (ଏଜେନ୍ସି): ଲଦାଖର କାର୍ଗିଲ ଅଞ୍ଚଳରେ ଅବସ୍ଥିତ ନ୍ୟୁନ୍-କୁନ୍ ପର୍ବତରେ ଭାରତୀୟ ସେନାର ବୀର ପାଇଲଟମାନେ ଏକ ଅତ୍ୟନ୍ତ ଜଟିଳ ଏବଂ ସାହସିକ ଉଦ୍ଧାର ଅଭିଯାନ ସଫଳତାର ସହ ସମ୍ପାଦନ କରିଛନ୍ତି। ପ୍ରାୟ ୧୮,୬୦୦ ଫୁଟ୍ ଅଧିକ ଉଚ୍ଚତାରେ, ପ୍ରବଳ ପବନ ଏବଂ କଠିନ ପାହାଡ଼ିଆ ଅଞ୍ଚଳ ମଧ୍ୟରେ ଜଣେ ରୋଗୀଙ୍କୁ ସୁରକ୍ଷିତ ଭାବେ ଏୟାରଲିଫ୍ଟ କରାଯାଇଛି। ଘଟଣା ଅନୁଯାୟୀ, ସେହି ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ହେଲିକାପ୍ଟର ଅବତରଣ କରିବା ପାଇଁ କୌଣସି ସମତଳ ସ୍ଥାନ ନଥିଲା। ଏପରି ସ୍ଥିତିରେ ପାଇଲଟମାନେ ଅତ୍ୟନ୍ତ ଦକ୍ଷତା ପ୍ରଦର୍ଶନ କରି ହେଲିକାପ୍ଟରର ଗୋଟିଏ ମାତ୍ର ସ୍କିଡ୍ ବା ଧାରକୁ ପାହାଡ଼ର ଢାଲୁ ଅଞ୍ଚଳରେ ଟେକି ରଖିଥିଲେ ଏବଂ ଅତ୍ୟନ୍ତ ସନ୍ତୁଳନ ରକ୍ଷା କରି ରୋଗୀଙ୍କୁ ଉଦ୍ଧାର କରିଥିଲେ। ଅତ୍ୟଧିକ ଉଚ୍ଚତା ଏବଂ କମ ବାୟୁ ଚାପ ଯୋଗୁଁ ହେଲିକାପ୍ଟରର ଓଜନ ହ୍ରାସ କରିବା ପାଇଁ ସମସ୍ତ ଅଦରକାରୀ ସରଞ୍ଜାମ ହଟାଇ ଦିଆଯାଇଥିଲା ଏବଂ କେବଳ ଆବଶ୍ୟକୀୟ ଇନ୍ଧନ ରଖାଯାଇଥିଲା। ସେନାର ଏହି ସାହସିକତା ଏବଂ ତ୍ୱରିତ ପଦକ୍ଷେପ ଯୋଗୁଁ ରୋଗୀଙ୍କୁ ସଠିକ୍ ସମୟରେ ଉଦ୍ଧାର କରାଯାଇପାରିଛି। ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଏଭଳି ଏକତରଫା ବା 'ୱାନ୍-ସ୍କିଡ୍' ଅବତରଣ କୌଶଳ ଆପଣାଇ ଭାରତୀୟ ସେନା ପୁଣିଥରେ ପ୍ରମାଣ କରିଛି ଯେ ସେମାନେ ଦେଶବାସୀଙ୍କ ଜୀବନ ରକ୍ଷା ପାଇଁ ସର୍ବଦା ପ୍ରସ୍ତୁତ ରହିଛନ୍ତି।

> ପ୍ରବଳ ପବନ ଓ ଦୁର୍ଗମ ପାହାଡ଼ରୁ ରୋଗୀଙ୍କୁ ଏୟାରଲିଫ୍ଟ


# ଆମେରିକାରେ 'ବିବିଧତା ଭିତରେ ଏକତା' ପାଠ ପଢ଼ାଇଲେ ଭାଗବତ



- ଯେଉଁମାନେ ମୁସଲମାନଙ୍କୁ ବିରୋଧ କରନ୍ତି ସେମାନେ ହିନ୍ଦୁ ନୁହନ୍ତି
- ବିଦେଶରେ ଜ୍ଞାନବାଣୀ, ଦେଶରେ ନୀରବତା କାହିଁକି: କପିଳ ସିବଲ

ନ୍ୟୁୟର୍କ,୩୦।୮ (ଏଜେନ୍ସି): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ଆମେରିକା ଗସ୍ତ କରିଛନ୍ତି। ଭାଗବତ ଆମେରିକାରେ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବାରୁ କାର୍ଯ୍ୟକ୍ରମ ରହିଛି। ତେବେ ଏହି ସମୟରେ ତାଙ୍କର ଏକ ବୟାନକୁ ନେଇ ଭାରତରେ ରାଜନୈତିକ ବାଦବିବାଦ ଆରମ୍ଭ ହୋଇଯାଇଛି। ନ୍ୟୁୟର୍କରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାଗବତ କହିଥିଲେ ଯେ ବିବିଧତା ମଧ୍ୟରେ ଏକତା ଭାରତର ଡିଏନଏରେ ରହିଛି ଏବଂ ଏହାକୁ ସୁରକ୍ଷିତ ରଖିବା ଆବଶ୍ୟକ। ଏହି ଅବସରରେ ସେ କହିଥିଲେ ଯେ ଯଦି କୌଣସି ହିନ୍ଦୁ ଭାବନ୍ତି ଯେ ଭାରତରେ କୌଣସି ମୁସଲମାନ ରହିବା ଉଚିତ ନୁହେଁ, ତେବେ ସେ ପ୍ରକୃତ ହିନ୍ଦୁ ନୁହଁନ୍ତି। ଏହାସହ ମୁସଲମାନମାନଙ୍କୁ ଦେଶରୁ ବାହାର କରିବା ଚିନ୍ତା କରିବା ବାସ୍ତବ ହିନ୍ଦୁତ୍ୱ ନୁହେଁ ବୋଲି ସେ ଦର୍ଶାଇଥିଲେ। ସେ ୧୯୯୬ ମସିହାରେ ହରିୟାଣାରେ ଘଟିଥିବା ବିମାନ ଦୁର୍ଘଟଣା ସମୟରେ ଆରଏସଏସ ସ୍ୱୟଂସେବକଙ୍କ ଦ୍ୱାରା ଜାତି-ଧର୍ମ ନିର୍ବିଶେଷରେ କରାଯାଇଥିବା ସେବା କାର୍ଯ୍ୟର ଉଦାହରଣ ଦେଇଥିଲେ। ଉକ୍ତ ବିମାନର ଅଧିକାଂଶ ଯାତ୍ରୀ ମୁସଲମାନ ହୋଇଥିବା ସତ୍ତ୍ୱେ ଆର୍‌ଏସ୍‌ଏସ୍ ସେମାନଙ୍କ ସହ ଭେଦଭାବ ନକରି ସେବା ଯୋଗାଇଥିଲା ବୋଲି ସେ ମନେ ପକାଇ ଦେଇଥିଲେ। ତେବେ ଆମେରିକାରେ ଭାଗବତଙ୍କ ଏହି ବୟାନ ଉପରେ ବରିଷ୍ଠ ଆଇନଜୀବୀ ତଥା ରାଜ୍ୟସଭା ସାଂସଦ କପିଳ ସିବଲ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ରବିବାର ସେ ସମାଜିକ ଗଣମାଧ୍ୟମ ଏକ୍ସ'ରେ ଆରଏସଏସ ମୁଖ୍ୟଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସିବଲ କହିଛନ୍ତି ଯେ କେବଳ ଆଦର୍ଶର କଥା କହିଲେ କିଛି ହେବ ନାହିଁ, କାର୍ଯ୍ୟରେ ତାହା ପ୍ରତିଫଳିତ ହେବା ଉଚିତ। ଭାଗବତଙ୍କ ଏହି ମନ୍ତବ୍ୟକୁ ସେ "ବିଦେଶରେ ଜ୍ଞାନବାଣୀ ଏବଂ ନିଜ ଦେଶରେ ନୀରବତା' ବୋଲି ଆଖ୍ୟା ଦେଇଛନ୍ତି। ସେ ଆକ୍ଷେପ କରି କହିଛନ୍ତି ଯେ ବିଦେଶରେ ସଦ୍‌ଭାବନାର ବଡ଼ ବଡ଼ କଥା କହୁଥିବା ସଂଗଠନ ନିଜ ଦେଶରେ ଘଟୁଥିବା ଘଟଣାଗୁଡ଼ିକ ଉପରେ ଚୁପ ରହୁଛି। ପୂର୍ବରୁ ମଧ୍ୟ ଭାଗବତଙ୍କ ଆମେରିକା ଗସ୍ତ ନେଇ ଅନେକ ବିବାଦ ଉଠିଥିଲା। ନ୍ୟୁୟର୍କର ପ୍ରଥମ ଭାରତୀୟ-ଆମେରିକୀୟ ଏବଂ ମୁସଲିମ ମେୟର ଜୋହରାନ ମମଦାନୀ ତାଙ୍କର ଆମେରିକା ଗସ୍ତକୁ ବେଶ୍ ବିରୋଧ କରିଆସିଛନ୍ତି। ସେ ଭାଗବତଙ୍କୁ ଭାରତର ଶାସକ ଦଳ ବିଜେପିର ଆଦର୍ଶଗତ ଉତ୍ସ, ଆରଏସଏସକୁ ଏକ ସାମ୍ପ୍ରଦାୟିକ ସଂଗଠନ ବୋଲି କହିଛନ୍ତି।

## କର୍ଣ୍ଣାଟକର ସ୍କିଲ୍ ଡେଭଲପମେଣ୍ଟ ଭିଜନ୍ ଗ୍ରୁପ୍‌ର ଅଧ୍ୟକ୍ଷ ହେଲେ ସୁବ୍ରତୋ ବାଗ୍‌ଚୀ



ଭୁବନେଶ୍ୱର, ୩୦।୮ (ସମିସ): କର୍ଣ୍ଣାଟକର ସ୍କିଲ୍ ଡେଭଲପମେଣ୍ଟ ଭିଜନ୍ ଗ୍ରୁପ୍‌ର ଅଧ୍ୟକ୍ଷ ଭାବେ ଓଡ଼ିଶା ସ୍କିଲ୍ ଡେଭଲପମେଣ୍ଟ ଅଥରିଟିର ପୂର୍ବତନ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀ ନିଯୁକ୍ତ ହୋଇଛନ୍ତି। ରାଜ୍ୟର ଦକ୍ଷତା ବିକାଶ ବ୍ୟବସ୍ଥାକୁ ଅଧିକ ସୁଦୃଢ଼, ଶିଳ୍ପ ଉପଯୋଗୀ ଓ ଭବିଷ୍ୟତମୁଖୀ କରିବା ଲକ୍ଷ୍ୟରେ ଏକ ଉଚ୍ଚସ୍ତରୀୟ "ଭିଜନ୍ ଗ୍ରୁପ୍ ଫର୍ ସ୍କିଲ୍ ଡେଭଲପମେଣ୍ଟ' ଗଠନ କରିବା ପରେ କର୍ଣ୍ଣାଟକ ସରକାର ଏହି ନୂତନ ନିଯୁକ୍ତି ଦେଇଛନ୍ତି।

ରାଜ୍ୟର ସମସ୍ତ ଅଞ୍ଚଳ, ବିଭିନ୍ନ କ୍ଷେତ୍ର ଓ ଶିଳ୍ପର ଆବଶ୍ୟକତା ଅନୁଯାୟୀ ଏକ ପ୍ରତିଯୋଗିତାମୂଳକ ବାତାବରଣ ଓ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରିବା ଲକ୍ଷ୍ୟ ରହିଛି। ଏଥିପାଇଁ କର୍ଣ୍ଣାଟକ ସରକାର ଦକ୍ଷତା ବିକାଶ ପଲିସି ୨୦୨୫-୩୨ ଧାର୍ଯ୍ୟ କରିଛନ୍ତି। ଏହି ଭିଜନ୍ ଗ୍ରୁପ୍‌ରେ ଶିଳ୍ପ, ଶିକ୍ଷା, ସିଭିଲ୍ ସୋସାଇଟି ଓ ସରକାରୀ କ୍ଷେତ୍ରର ଅଭିଜ୍ଞ ବ୍ୟକ୍ତି ଏବଂ ବିଶେଷଜ୍ଞଙ୍କୁ ସାମିଲ କରାଯାଇଛି। ବିଭିନ୍ନ କ୍ଷେତ୍ରର ଅଭିଜ୍ଞତାକୁ ଏକାଠି କରି ରାଜ୍ୟର ଦକ୍ଷତା ବିକାଶ ବ୍ୟବସ୍ଥାରେ ଥିବା ଅଭାବ ଓ ସମସ୍ୟା ଚିହ୍ନଟ କରିବା ସହ ଏହାର ସମାଧାନ ପାଇଁ ଏହି ଗ୍ରୁପ୍ ସୁପାରିସ କରିବ।

### ପାରିବାରିକ କଳହର କରୁଣ ପରିଣତି

## ପୃଥକ ଘଟଣାରେ ୨ ମୃତ, ଜଣେ ଗୁରୁତର

■ ପତ୍ନୀକୁ ହତ୍ୟାକରି ଆତ୍ମହତ୍ୟା ଉଦ୍ୟମ
■ ପୁଅର ଠେଙ୍ଗା ମାଡ଼ରେ ବାପା ମୃତ

ବାରିପଦା, ୩୦।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅଞ୍ଚଳରେ ପାରିବାରିକ କଳହର ପୃଥକ ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ପ୍ରଥମ ଘଟଣାରେ ଜାମଦାପାଳ ଗ୍ରାମରେ ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ନିଜେ ଗଳା କାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଶନିବାର ରାତି ପ୍ରାୟ ୧୧ଟା ସମୟରେ ଜାମଦାପାଳ ଗ୍ରାମର ୨୫ ବର୍ଷୀୟ ଭଗତ ସିଂ ୧୧୨ ଜରୁରିକାଳୀନ ସେବା ନମ୍ବରକୁ କଲ୍ କରି ତାଙ୍କ ବାପା ବୈଦ୍ୟନାଥ ସିଂ ମା'ଙ୍କୁ ମାରପିଟ୍ କରୁଥିବା ନେଇ ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ଟିମ୍ ପହଞ୍ଚି ଚଟାଣ ରକ୍ତ ଜୁଡୁବୁଡୁ ହୋଇଥିବା ଓ କାଠ ଛାତ ଉପରେ ମା' ଟୁନି ସିଂଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଅନ୍ୟପକ୍ଷରେ ଅଭିଯୁକ୍ତ ବୈଦ୍ୟନାଥ ସିଂ ନିଜ ବେକ କାଟି ଆତ୍ମହତ୍ୟା କରିବାକୁ ଉଦ୍ୟମ କରି ଗୁରୁତର ଆହତ ହୋଇଥିଲେ। ପୁଲିସ ଟିମ୍ ତାଙ୍କୁ ଅଗ୍ନିଶମ ବାହିନୀ ସହାୟତାରେ ଉଦ୍ଧାର କରି ପ୍ରଥମେ ବାଙ୍ଗିରିପୋଷି ଡାକ୍ତରଖାନା, ପରେ ପିଆରଏମ ମେଡ଼ିକାଲ ଓ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ବଡ ଡାକ୍ତରଖାନାକୁ ପଠାଯାଇଛି।

ଅନ୍ୟଏକ ଘଟଣାରେ ପୁଅର ଠେଙ୍ଗା ମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଛି। ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ପଥୁରି ଗାଁରେ ଏହି ଘଟଣା ଘଟିଛି। ବାପା ମହେନ୍ଦ୍ର ଦେହୁରୀଙ୍କୁ ଟଙ୍କା ମାଗି ପୁଅ ସୁମନ୍ତ ବିଫଳ ହେବାରୁ ଠେଙ୍ଗାରେ ପିଟି ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତ ପୁଅ ସୁମନ୍ତକୁ ଗିରଫ କରି ଅଧିକ ତଦନ୍ତ ଆରମ୍ଭ କରିଛି। ମହେନ୍ଦ୍ର ଦେହୁରୀ ଆଣିଥିବା କିଛି ଟଙ୍କାକୁ ତାଙ୍କ ପୁଅ ସୁମନ୍ତ ମାଗିଥିବାବେଳେ ସେ ଦେବାକୁ ମନା କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଶନିବାର ବିଳମ୍ବିତ ରାତିରେ ଏହି କଥାକୁ ନେଇ ଉତକ୍ଷିପ୍ତ ହୋଇ ପୁଅ ସୁମନ୍ତ ଏକ ଠେଙ୍ଗାରେ ବାପାଙ୍କୁ ଆକ୍ରମଣ କରି ନିର୍ଦ୍ଦୟ ଭାବେ ପିଟିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ବାଙ୍ଗିରିପୋଷି ପୁଲିସ ପହଞ୍ଚି ଅଭିଯୁକ୍ତ ପୁଅ ସୁମନ୍ତ ଦେହୁରୀକୁ ଗିରଫ କରିଛି। ଉଭୟ ଘଟଣାରେ ପୁଲିସ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରିଛି।

### ଏମ୍‌ଏମ୍‌ଡିଆର୍ ପ୍ରସଙ୍ଗ

# ରାଜ୍ୟ ସ୍ୱାର୍ଥ ଅପେକ୍ଷା ନିଜ ସ୍ୱାର୍ଥକୁ ବିଜେପିର ସୁରକ୍ଷା

## ୧୦ ପ୍ରଶ୍ନର ଜବାବ୍ ମାଗିଲେ ଅରୁଣ

ନୟାଗଡ଼,୩୦।୮ (ସମିସ): ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟରୁ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ। ଏମ୍‌ଏମ୍‌ଡିଆର୍ ତଥା ଖଣି ନୀତିକୁ ନେଇ ସେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିବା ସହ ୧୦ ପ୍ରଶ୍ନ ପଚାରିଛନ୍ତି । ୨୦୨୨ ମସିହା ଫେବୃୟାରୀ ୨୨ ତାରିଖରେ ଓଡ଼ିଶାର ଖଣି ନୀତିକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତତ୍କାଳୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୂରିଭୂରି ପ୍ରଶଂସା କରିଥିଲେ । ନିଲାମରୁ ଯେତିକି ରାଜସ୍ୱ ଆସୁଛି ଓଡ଼ିଶା ସବୁଠାରୁ ଅଧିକ, ଖଣି ସଂସ୍କାର କରିବାରେ ସାରା ଭାରତ ବର୍ଷରେ ଓଡ଼ିଶା ସବୁଠାରୁ ଅଗ୍ରଣୀ ରାଜ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ଏବେ ଏମ୍‌ଏମ୍‌ଡିଆର୍ ବିଲକୁ ନେଇ ଓଡ଼ିଶାରେ ହଟଚମଟ ଚାଲିଛି, ତର୍କ ବିତର୍କ ଚାଲିଛି । ଏତର୍କ ବିତର୍କରେ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧି ଦଳ ନେତା ଏକ ଚିଠି ଲେଖିଥିଲେ । ତୁରନ୍ତ ବିଧାନସଭା ଡକାଅ ଓ ଆଲୋଚନା କର । ସେ ଉତ୍ତର ଦେଲେ ନାହିଁ । ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏକ ବୟାନ ଦେଲେ । ତା ତରଫରୁ ଯଥାର୍ଥ ଉତ୍ତର ଦିଆଯାଇଥିଲା । ପୁଣି ନବୀନ ବାବୁ ଏକ ଚିଠି ଲେଖି ରାଜ୍ୟରେ ବିଜେପି ଦଳର ରହିଥିବା ୨୦ ଜଣ ଏମ୍‌ପି ଚୁପ ନରହି ବିବେକାନୁଦିତ କାର୍ଯ୍ୟ କରନ୍ତୁ ବୋଲି କହିଛନ୍ତି । ଯଦି ସେମାନେ ଚୁପ ରହିବେ, ଇତିହାସ ପାଇଁ ତାଙ୍କୁ ବହୁ ମୁଲ୍ୟ ଦେବାକୁ ପଡ଼ିବ । ଚୁପ୍ ନରହି କେନ୍ଦ୍ର ସରକାରଙ୍କ ନିକଟରେ ସେମାନେ ଦାବି କରନ୍ତୁ । ପୁଣିଥରେ ଧର୍ମେନ୍ଦ୍ର ପ୍ରଧାନ ନବୀନ ବାବୁଙ୍କୁ ଏକ ଚିଠି ଲେଖିଛନ୍ତି, ଯାହା ରାଜ୍ୟ ସ୍ୱାର୍ଥକୁ ସୁରକ୍ଷା ଦେବା ବଦଳରେ ଭାରତୀୟ ଜନତା ପାର୍ଟି ସ୍ୱାର୍ଥକୁ ସୁରକ୍ଷା ଦେଉଛି । ସୋସିଆଲ ମିଡିଆରେ ଏମ୍‌ଏମ୍‌ଡିଆର୍ ବିଲକୁ ନେଇ ରାଜ୍ୟ ବାସୀଙ୍କ କମେଣ୍ଟ ଗୁଡ଼ିକ ପଢ଼ିବା ନିହାତି ଆବଶ୍ୟକ ବୋଲି କହିଛନ୍ତି । ସଂଘୀୟ ବ୍ୟବସ୍ଥା ଅନୁସାରେ, ରାଜ୍ୟ ସହିତ ଆଲୋଚନା କରି ବିଲ୍ ଉପସ୍ଥାପନ କରାଯିବା କଥା । କେନ୍ଦ୍ର ସରକାର ରାଜ୍ୟ ସହିତ ଆଲୋଚନା କରି ନାହାନ୍ତି । ୯ ଜଣିଆ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ଅନୁସାରେ, ବକେୟା ରାଜସ୍ୱ ଆଦାୟ ହୋଇଥିଲେ ଡବଲ ଇଞ୍ଜିନ ସରକାର ବାହାବା ନେଇଥାନ୍ତା । ଓଡ଼ିଶା ସରକାରଙ୍କ ପାଖରେ ଅର୍ଥ ଅଭାବ ପାଇଁ ଚାରି ଚାରି ମାସର ବାର୍ଦ୍ଧକ୍ୟ ଭତ୍ତା ଦିଆଯାଇପାରୁନାହିଁ । ଲକ୍ଷ ଲକ୍ଷ ସରକାରୀ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ରାଜ୍ୟ ସରକାର ନିଯୁକ୍ତି ଦେଇ ପାରୁନାହାନ୍ତି । ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ହାହାକାର ଦେଖାଦେଇଛି । ଋଣଭାର ଆଶାତୀତ ଭାବେ ବୃଦ୍ଧି ପାଉଛି । ୨୦୧୪-୧୫ରେ ଖଣି ସଂଶୋଧନ ବିଲ୍ ଆଣିବା ପରେ ଓଡ଼ିଶାରେ ୫ ହଜାର କୋଟି ରାଜସ୍ୱ ବୃଦ୍ଧି ପାଇଁ ୫୦ ହଜାର କୋଟି ଟଙ୍କାରେ ପହଞ୍ଚିଥିବା ସରକାରୀ ଦଳ କହୁଥିବା ବେଳେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଏହା ଉପରେ ଏକ ତଥ୍ୟ ଉପସ୍ଥାପନ କରିଛନ୍ତି । ଝାଡ଼ଖଣ୍ଡରେ ୨୦୧୪-୧୫ ମସିହାରେ ୩ ହଜାର କୋଟିରୁ ୨୦୨୩-୨୪କୁ



୬ ହଜାର କୋଟି ଛୁଇଁଥିଲା । ୨୦୧୪-୧୫ରେ ଛତିଶଗଡ଼ ସରକାର ୩ ହଜାର ୫ ଶହ କୋଟିରୁ ବଢ଼ି ୧୩ ହଜାର କୋଟି ହୋଇଛି । ମହାରାଷ୍ଟ୍ରରେ ୧୯୦୦ କୋଟିରୁ ବଢ଼ି ୬୯୦୦ କୋଟି ଛୁଇଁଛି। ଗୁଜୁରାଟରେ ୨୦୧୪-୧୫ରେ ୪ହଜାର ୨୦ କୋଟି ଟଙ୍କା ରାଜସ୍ୱ ଆସୁଥିଲା। ୨୦୨୩-୨୪ରେ ୫ ହଜାର ୮ ଶହ ଟଙ୍କା ଛୁଇଁଥିଲା। ଗୁଜୁରାଟ୍ ମଡେଲ୍ ସରକାର ରାଜସ୍ୱ ଆଦାୟ କ୍ଷେତ୍ରରେ ଆଗେଇଲେ ନାହିଁ କାହିଁକି । ଯେଉଁ ରାଜ୍ୟ ଖଣି କ୍ଷେତ୍ରରେ ସଂସ୍କାର ଆଣି ପାରିଥିଲେ, କେବଳ ସେଠି ରାଜସ୍ୱ ଅବିବୃଦ୍ଧି ଘଟିଥିଲା । ଓଡ଼ିଶା ତାହାର ଉଦାହରଣ ବୋଲି ନୟାଗଡ଼ ବିଧାୟକ କହିଛନ୍ତି । ଏମ୍‌ଏମ୍‌ଡିଆର୍ ପ୍ରସଙ୍ଗକୁ ନେଇ ବିଧାୟକ ଅରୁଣ ୧୦ଟି ପ୍ରଶ୍ନ ପଚାରିଛନ୍ତି । ରାଜ୍ୟର ଲୋକସଭାରେ ୨୦ ଏମ୍‌ପି, ରାଜ୍ୟ ସଭାରେ ୫ ଏମ୍‌ପି କାହିଁକି ପାଟି ଖୋଲୁ ନାହାନ୍ତି। ଏମ୍‌ଏମଡିଆର୍ ବିଲ୍ କାହିଁକି ଆଲୋଚନା ନହୋଇ ୫ ମିନିଟ୍‌ରେ ପାସ କାହିଁକି ହେଲା । ତରବରିଆ ଭାବେ ଏହି ବିଲ୍ ପାସ୍ କରାଗଲା। କେଉଁ ଖଣିପତି, ଆରବପତି, କେଉଁ ବେପାରୀଙ୍କ ପାଇଁ ଏହା କରଗଲା । ଏହା କେଉଁ ଗଣତାନ୍ତ୍ରିତ ବିଧି ବ୍ୟବସ୍ଥା । ଓଡ଼ିଶା ୯୦ ପ୍ରତିଶତ ପାଇବା କଥା ବିଲ୍‌ର କେଉଁଠି ଲେଖାଯାଇଛି । ଓଡ଼ିଶାର ଖଣି ନୀତିକୁ ପ୍ରଧାନମନ୍ତ୍ରୀ ମୋଦି ପ୍ରଶଂସା କରିଥିବା ବେଳେ ରାଜ୍ୟ ଇଞ୍ଜିନ କାହିଁକି ବିରୋଧ କରୁଛି । ବିଜେପି ପାର୍ଟିକୁ ଚାନ୍ଦା ଆସିବା ପାଇଁ ତରବରିଆ ବିଲ୍ ପାସ୍ କରାଯିବା, ପାର୍ଟିର ସ୍ୱାର୍ଥ ନାଁ ମାଟିର ସ୍ୱାର୍ଥ । ଜମିର ମାଲିକ ରାଜ୍ୟ ସରକାର ହୋଇଥିବା ବେଳେ ଖଣି ଓ ଖଣିଜ ଜମି ଗୁଡ଼ିକୁ କେନ୍ଦ୍ର ସରକାର ନିଜ ନାଁକୁ ନେଇ ଯିବା ପଛରେ କଣ ଉଦ୍ଦେଶ୍ୟ ରହିଛି । ରାଜ୍ୟ ସରକାର ଟିକସ ଆଦାୟ କରି କେନ୍ଦ୍ରକୁ ଦିଆଯିବା କଥା, ଏଥିରେ ତଥା ଖଣି ଖାଦାନାରେ କାହିଁକି କେନ୍ଦ୍ର ଟିକସ ଆଦାୟ କରି ରାଜ୍ୟକୁ ଦେବେ ବୋଲି ଆମେ ପ୍ରଶ୍ନ ରଖୁଛି । ବିଲକୁ ସାର୍ବଜନୀନ କର, କେତୋଟି ଖଣି ଅଛି, କେଉଁ ଖଣି କିଏ ନେଇଛନ୍ତି, ଖଣିପତିମାନେ କେତେ ଉତ୍ତୋଳନ କରିଛନ୍ତି । ଖଣି ଖୋଳିକୁ କେତେ ଖୋଳ କରିଛନ୍ତି, ତାହା ସାର୍ବଜନୀନ କର ବୋଲି କହିଛନ୍ତି ।

### ପୁଲିସକୁ ବାନ୍ଧିଲା ପୁଲିସ

## ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ; ଏସ୍‌ଆଇ ସ୍ୱାମୀ ଗିରଫ



ଭଦ୍ରକ,୩୦।୮ (ସମିସ): ପୁଲିସକୁ ଗିରଫ କରିଛି ପୁଲିସ। ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଟାଉନ୍ ଥାନାରେ। ନିଜ ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗରେ ଗିରଫ ହୋଇଛନ୍ତି ଟାଉନ୍ ଥାନା ପୁଲିସ ଏସ୍‌ଆଇ(ସବ୍‌ଇନ୍ସପେକ୍ଟର) ଗଣନାଥ ସେଠୀ।

ସୂଚନାନୁଯାୟୀ, ଭଦ୍ରକ ଟାଉନ ଥାନା ସବ୍ ଇନ୍ସପେକ୍ଟର ଗଣନାଥ ସେଠୀଙ୍କ ସ୍ତ୍ରୀ ମୋନାଲିସା ଦେବୀଙ୍କ ଅଭିଯୋଗ କ୍ରମେ ଟାଉନ ପୁଲିସ ଏକ ମାମଲା ନଂ ୫୩୦/୨୬ ରୁଜୁ କରିବା ସହ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ମାତ୍ର ବର୍ଷେ ତଳେ ବିବାହ ହୋଇଥିବାବେଳେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗି ରହିଥିଲା। ବିବାହର କିଛି ଦିନ ପରେ ସ୍ୱାମୀ ଗଣନାଥ ତାଙ୍କୁ

**ବର୍ଷେ ତଳେ ହୋଇଥିଲା ବିବାହ**

ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ନେଇ ମୋନାଲିସା ଅଭିଯୋଗ କରିଥିଲେ। ଟାଉନ ପୁଲିସ ଘଟଣାରେ ଏକ ଯୌତୁକଜନିତ ନିର୍ଯାତନା ମାମଲା ରୁଜୁ କରି ସବ୍ ଇନ୍ସପେକ୍ଟର ଗଣନାଥଙ୍କୁ ଗିରଫ କରିଛି ବୋଲି ଟାଉନ ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି। ଏହି ଘଟଣା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

## ସ୍ତ୍ରୀକୁ କାଠଫାଳିଆରେ ପିଟିପିଟି ହତ୍ୟା

ଡୁରୁମୁଙ୍ଗା, ୩୦।୮ (ସମିସ): ମଦ୍ୟପ ସ୍ୱାମୀର କାଠଫାଳିଆ ଆକ୍ରମଣରେ ସ୍ତ୍ରୀର ଜୀବନ ଯାଇଛି। କେନ୍ଦୁଝର ଜିଲ୍ଲା ପାଟଣା ଥାନା ମଲ୍ଲୀପଶି ଗ୍ରାମର ଭୂମିଜ ସାହିରେ ଶନିବାର ବିଳମ୍ବିତ ରାତିରେ ଘଟିଛି ଏଭଳି ଅଭାବନୀୟ ଘଟଣା। ମୃତ ମହିଳା ଜଣକ ହେଲେ ସବିତା ଭୂମିଜ (୨୨)। ବିଳମ୍ବିତ ରାତିରେ ସ୍ୱାମୀ ହେମନ୍ତ (୨୪) ମଦ୍ୟପାନ କରି ଘରକୁ ଫେରିଥିଲା। ସ୍ତ୍ରୀ ସବିତାଙ୍କ ସହ କୌଣସି କଥାକୁ ନେଇ ବଚସା ହୋଇଥିଲା। ପରେ ଉତ୍ତ୍ୟକ୍ତ ହୋଇ ହେମନ୍ତ ଏକ କାଠ ଫାଳିଆରେ ସାବିତାଙ୍କୁ ନିର୍ଦ୍ଦୟ ଭାବେ ବାରମ୍ବାର ପିଟିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ସବିତାଙ୍କ ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ସ୍ୱାମୀ ଫେରାର ହୋଇଯାଇଥିଲା। ପରେ ପାଟଣା ପୁଲିସ ତାକୁ ଗାଁ ନିକଟରୁ ଠାବ କରି ତଦନ୍ତ ଚଳାଇଛି। ସାଇଣ୍ଟିଫିକ ଟିମ୍ ସହାୟତାରେ ପାଟଣା ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ମୃତକଙ୍କ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଛି। ବିଳମ୍ବିତ ରାତିରେ ଉଭୟ ସ୍ୱାମୀ-ସ୍ତ୍ରୀ ଏବଂ ଦୁଇ ଶିଶୁ ଘରେ ଥିବା ବେଳେ ବଚସା ଉଗ୍ରରୂପ ନେଇଥିଲା। ସକାଳୁ ଘଟଣାସ୍ଥଳରେ ଘଟଗାଁ ଏସଡିପିଓ ପ୍ରତାପ ରଞ୍ଜନ ତ୍ରିପାଠୀ, ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ, ସାହାରପଡା ଫାଣ୍ଡି ଅଧିକାରୀ ପାର୍ତ୍ତ ଓରାମ, କେନ୍ଦୁଝର ସାଇଣ୍ଟିଫିକ୍ ଅଫିସର ଲଗନା ବେବର୍ତ୍ତା, ଏଏସଆଇ ଧନଞ୍ଜୟ ପାତ୍ର ତଦନ୍ତ କରିବା ପରେ ହତ୍ୟାକାଣ୍ଡରେ ବ୍ୟବହୃତ କାଠଫାଳିଆକୁ ଜବତ କରାଯାଇଛି। ୱାର୍ଡ ମେମ୍ବର ନାକୁ ଦାସଙ୍କ ଅଭିଯୋଗ ପରେ ପାଟଣା ଥାନାରେ ଏକ ମାମଲା ରୁଜୁ କରି ସ୍ୱାମୀ ହେମନ୍ତକୁ ଅଟକ ରଖିଛି ପୁଲିସ। ମୃତକଙ୍କ ୪ ବର୍ଷର ଏକ ଶିଶୁପୁତ୍ର ଓ ଦେଢ଼ବର୍ଷର ଏକ ଶିଶୁକନ୍ୟା ଥିବା ବେଳେ ମା'କୁ ହରାଇ ଅନାଥ ହୋଇପଡ଼ିଛନ୍ତି।

**ବେସାହାରା ହେଲେ ଦୁଇ ନିଷ୍ପାପ ଶିଶୁ**

## ସାର ଗୋଦାମ ଘରେ ଚଢ଼ଉ; ୩୫ ଟନ୍ ଡିଏପି ଜବତ

ବାଲିଗୁଡ଼ା,୩୦।୮ (ସମିସ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ପୁଲିସ ଏକ ସାର ଗୋଦାମରେ ଚଢ଼ଉ କରି ଅନଧିକୃତ ଭାବେ ଗଚ୍ଛିତ ଥିବା ୩୫ଟନ୍ ଡିଏପି ସାର ଜବତ କରିଥିବା ଜଣାପଡ଼ିଛି। ବେଆଇନ ଗଞ୍ଜେଇ ଚାଷରେ ଏହାକୁ ବ୍ୟବହାର କରାଯିବା ପାଇଁ ଥିବା ଜଣାପଡ଼ିଛି। ବିଶ୍ୱସ୍ତ ସୂଚନା ଆଧାରରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବାଲିଗୁଡ଼ା ଥାନା ଅନ୍ତର୍ଗତ ମେସର୍ସ ମା ସାବିତ୍ରୀ ଆଗ୍ରୋ ଏଜେନ୍ସିର ଗୋଦାମରେ ଚଢ଼ଉ କରାଯାଇଥିଲା।








ପୌରପରିଷଦ ବାଲେଶ୍ୱର

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ -୨୦୨୬

ବାଲେଶ୍ୱର ପୌରପାଳିକାର ୧୫୦ ବର୍ଷର ଜନସେବା, ଗୌରବମୟ ଇତିହାସ ଓ ପୌର ବିକାଶର ଯାତ୍ରାକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ୧୫୦ତମ ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଅବସରରେ ବାଲେଶ୍ୱର ପୌରପାଳିକା ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଅଛି ଏବଂ ସହରର ସର୍ବାଙ୍ଗୀନ ବିକାଶ ପାଇଁ ଆପଣଙ୍କ ସହଯୋଗ ଆଶା କରୁଅଛି।


ନିବେଦନ :-


୦୧- ପୌର ସମ୍ପତ୍ତି ଆପଣଙ୍କର, ଏହାର ରକ୍ଷଣାବେକ୍ଷଣ ଆପଣଙ୍କର ଦାୟିତ୍ୱ ।
୦୨- ସହରର ରାସ୍ତା ଏବଂ ଡ୍ରେନ ଅବରୋଧ କରନ୍ତୁ ନାହିଁ ଏବଂ ଏଥିରେ ଅଳିଆ ପକାଇ ପରିବେଶ ଦୂଷିତ କରନ୍ତୁ ନାହିଁ।
୦୩- ସର୍ବସାଧାରଣ ସ୍ଥାନରେ ଏବଂ ରାସ୍ତାରେ ଗୃହ ପାଳିତ ପଶୁମାନଙ୍କୁ ଛାଡ଼ି ଜନସାଧାରଣଙ୍କ ଯାତାୟତରେ ଏବଂ ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି କରନ୍ତୁ ନାହିଁ।
୦୪- ନୂତନ ଗୃହ ନିର୍ମାଣ ପୂର୍ବରୁ ପୌରପାଳିକାରୁ ନକ୍ସା ଅନୁମୋଦନ କରାଇ ନିଅନ୍ତୁ ।
୦୫- ଜଳ ନିଷ୍କାସନ ସୁରକ୍ଷିତ ଭାବେ ଡ୍ରେନରେ କରନ୍ତୁ ଓ ରାସ୍ତାକୁ ସଫା ରଖନ୍ତୁ ।
୦୬- ଗୃହର ବର୍ଜ୍ୟବସ୍ତୁକୁ ପୃଥକ ଭାବେ ରଖି ପୌରପାଳିକାର BOV ଗାଡିରେ ପ୍ରଦାନ କରନ୍ତୁ ।
୦୭- ନିୟମିତ ଭାବେ ଘର ଟିକସ, ଦୋକାନ ଲାଇସେନ୍ସ ଟିକସ, ପୌରପାଳିକା ଦୋକାନ ଗୃହ ଭଡ଼ା ପଇଠ କରି ପୌରପାଳିକାର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।
୦୮- ନିଜ ବାସଗୃହ ଏବଂ ବ୍ୟବସାୟ ପ୍ରତିଷ୍ଠାନରୁ ନିର୍ଗତ ବର୍ଜ୍ୟବସ୍ତୁର ସଫଳ ପରିଚାଳନା କରିବାରେ ସହାୟକ ହୁଅନ୍ତୁ ଏବଂ ଏକ ସ୍ୱଚ୍ଛ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରନ୍ତୁ ।
୯- ଯଥା ସମୟରେ ଜନ୍ମ, ମୃତ୍ୟୁ ଏବଂ ହିନ୍ଦୁ ବିବାହର ପଞ୍ଜୀକରଣ କରନ୍ତୁ ।
୧୦- ଜନସାଧାରଣଙ୍କ ପାଇଖାନା ଟାଙ୍କି ପ୍ରତି ୩ ବର୍ଷରେ ପୌରପାଳିକାର ସେସପୁଲ ଗାଡି ଦ୍ୱାରା ନିୟମ ଅନୁଯାୟୀ ସଫେଇ କରନ୍ତୁ ଏବଂ +୯୧୬୨୮୯୭୧୭୮୭୪ ଏହି ନମ୍ବରରେ ସମ୍ପର୍କ କରି ବୁକିଂ କରିପାରିବେ ।
୧୧- ବାଲେଶ୍ୱର ସହରକୁ ସ୍ୱଚ୍ଛ, ନିର୍ମଳ,ସ୍ୱାସ୍ଥ୍ୟକର, ସୁନ୍ଦର ଓ ସୁରକ୍ଷିତ କରି ଗଢି ତୋଳିବା ପାଇଁ ପୌରପାଳିକାକୁ ସହଯୋଗ କରନ୍ତୁ ।



ଶ୍ରୀଯୁକ୍ତ ଶିରିୟାଲ୍ ଶୁଭ୍ର ପଟେଲ, ଓ.ପ୍ର.ସେ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା | ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ସେଠୀ, ଉପାଧ୍ୟକ୍ଷ, ବାଲେଶ୍ୱର ପୌରପାଳିକା | ଶ୍ରୀମତୀ ସବିତା ସାହୁ, ପୌରାଧ୍ୟକ୍ଷା, ବାଲେଶ୍ୱର ପୌରପାଳିକା

ଟ୍ୱିଟର ଆଇଡି balasoremunici1 | ଫେସବୁକ୍ ଆଇଡି balasoremunicipality@rediffmail.com | ଇନଷ୍ଟାଗ୍ରାମ ଆଇଡି balasoremunicipality




ବ୍ରହ୍ମପୁର ମହାନଗର ନିଗମ

ସବୁଜ ସୁନ୍ଦର ବ୍ରହ୍ମପୁର ସହର ପାଇଁ ସର୍ବସାଧାରଣଙ୍କୁ ନିବେଦନ

କରନ୍ତୁ :

(୧) ଆପଣଙ୍କ ଘର / ଅନୁଷ୍ଠାନର ଓଦା ବର୍ଜ୍ୟବସ୍ତୁ ଯଥା ପରିବା ଚୋପା, ବାସି ଖାଦ୍ୟ ଇତ୍ୟାଦି ଶାଗୁଆ ରଙ୍ଗର ଡଷ୍ଟବିନ୍‌ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଯଥା କାଗଜ / ପ୍ଲାଷ୍ଟିକ୍ ଇତ୍ୟାଦି କୁ ନୀଳ ରଙ୍ଗର ଡଷ୍ଟବିନ୍‌ରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ଦ୍ୱାରା ନିୟୋଜିତ ଆବର୍ଜନା ସଂଗ୍ରହକାରୀ ଯାନରେ ପକାନ୍ତୁ ।
(୨) ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ସ୍ୱଚ୍ଛସାଥୀଙ୍କୁ ପ୍ରଦାନ କରନ୍ତୁ ।
(୩) ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ ।
(୪) ସେପଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସଫା କରନ୍ତୁ ।
(୫) ଅତି କମ୍‌ରେ ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ ।

କରନ୍ତୁ ନାହିଁ:

(୧) ଗୋଟିଏ ଡଷ୍ଟବିନ୍‌ରେ ଓଦା ଏବଂ ଶୁଖିଲା ଅଳିଆ ମିଶ୍ରଣ କରନ୍ତୁ ନାହିଁ।
(୨) ଘରୋଇ ପଚାସଢ଼ା ବର୍ଜ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁ ସହ ଅଦରକାରୀ ପଦାର୍ଥ ଯଥା କାଗଜ, ପ୍ଲାଷ୍ଟିକ୍ ଇତ୍ୟାଦି ମିଶ୍ରଣ କରନ୍ତୁ ନାହିଁ।
(୩) ବାଲକୋନି / ଝରକାରୁ ସର୍ବସାଧାରଣ ରାସ୍ତା କିମ୍ବା ଡ୍ରେନ୍‌କୁ ଅଳିଆ ପକାନ୍ତୁ ନାହିଁ।
(୪) ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ।
(୫) ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ଅପରିଷ୍କାର କରନ୍ତୁ ନାହିଁ।
(୬) ପଲିଥିନ, ବ୍ୟାଗ୍, କପ୍, ପ୍ଲାଷ୍ଟିକ୍ ଚାମଚ, ଥରମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ।
(୭) ଟାୟର, ଫୁଲକୁଣ୍ଡ, ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦିନ ବ୍ୟାପି ପାଣି ଜମା ହେବାକୁ ଦିଅନ୍ତୁ ନାହିଁ।

ଶ୍ରୀ ସମୀର କୁମାର ଜେନା, କମିଶନର, ବ୍ରହ୍ମପୁର ମହାନଗର ନିଗମ

ଶ୍ରୀମତୀ ସଂଘମିତ୍ରା ଦଳେଇ, ମେୟର, ବ୍ରହ୍ମପୁର ମହାନଗର ନିଗମ

ଶ୍ରୀ ଇ. ବିବେକ୍ ରେଡ୍ଡୀ, ଡେପୁଟି ମେୟର ବ୍ରହ୍ମପୁର ମହାନଗର ନିଗମ

ଓ ସମସ୍ତ କର୍ପୋରେଟର ବୃନ୍ଦ

ବ୍ରହ୍ମପୁର ମହାନଗର ନିଗମ

## ଝୁମ୍ପୁରାର ବିକାଶ ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିବ ପ୍ରତିନିଧି ଦଳ



### ମେଡିକାଲଠାରୁ ରିଂରୋଡ୍ ଯାଏଁ ଆଲୋଚନା

ବାଲିବନ୍ଧ, ୩୦।୮ (ସମିସ): ଝୁମ୍ପୁରା ଅଞ୍ଚଳର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ଉନ୍ନତିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଝୁମ୍ପୁରା ସରପଞ୍ଚ ରେବତୀ ବିରୁଆଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ହୋଇଛି। ବୈଠକରେ ଝୁମ୍ପୁରା ବିଡିଓ ହୃଦାନନ୍ଦ ଅଢା, ଝୁମ୍ପୁରା ଥାନାଧିକାରିଣୀ ସୋମବାରୀ ହାଁସଦା, କନିଷ୍ଠ ଯନ୍ତ୍ରୀ ଅଜୟ ବେହେରା, ନାଏବ ସରପଞ୍ଚ ଶିବାନୀ ବେହେରା, ଅନୁବ୍ରତ ବେହେରା (ବାଦଲ ଭାଇ), ଅନିନ୍ଦ୍ୟ ବେହେରା, ପଞ୍ଚାନନ ସାହୁ, ସତ୍ୟବ୍ରତ ବେହେରାଙ୍କ ସମେତ ବିଭିନ୍ନ ଯୁବକ ସଂଘର ସଭାପତି ଓ ସମ୍ପାଦକ, ଝୁମ୍ପୁରା ଆରଏମସି କର୍ମଚାରୀ, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଏବଂ ଗ୍ରାମବାସୀ ଶଶାଙ୍କ ଶେଖର ସାହୁ (ବୁଲୁ) ବିଦ୍ୟାଧର ସାହୁ, ପ୍ରଶାନ୍ତ ସାହୁ, ବିବୁଲ ପ୍ରସାଦ ସାହୁ, ପ୍ରଦୀପ ସେଠୀ, ତିରୁପତି ବେହେରା, ରାଜେଶ ପ୍ରସାଦ ସାହୁ, ସ୍ୱପନେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଝୁମ୍ପୁରା ମେଡିକାଲର ଉନ୍ନତି, ମେଗା ପାନୀୟଜଳ ପ୍ରକଳ୍ପ, ଅଳିଆ ଆବର୍ଜନାର ସ୍ଥାୟୀ ପ୍ରତିକାର, ବଡବନ୍ଧ ମୁଖ୍ୟ କେନାଲର ଉନ୍ନତିକରଣ ସହିତ ମୁଖ୍ୟକେନାଲ ହୁଡା ରିଙ୍ଗରୋଡ୍ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପାଇଁ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ନେଇ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷରେ ଝୁମ୍ପୁରା ପଞ୍ଚାୟତ ଅଧୀନରେ ଭଡ଼ାସୂତ୍ରରେ ଦିଆଯାଇଥିବା ଦୋକାନ ଘରଗୁଡ଼ିକର ବକେୟା ଭଡ଼ା ଆଦାୟ ପ୍ରସଙ୍ଗ ମଧ୍ୟ ବୈଠକରେ ସରଗରମ ଆଲୋଚନାର ବିଷୟ ହୋଇଥିଲା। ପଞ୍ଚାୟତ ଅଧୀନରେ ଥିବା ୧୮୨ଟି ଦୋକାନ ଘରରୁ ଅଧିକାଂଶ ଦୋକାନ ମାଲିକଙ୍କଠାରୁ ବକେୟା ଭଡ଼ା ଆଦାୟ ହୋଇ ନଥିବା ବେଳେ ମୋଟ ବକେୟା ପ୍ରାୟ ୭୬ ଲକ୍ଷ ଟଙ୍କା ଥିବା ନେଇ ଆଲୋଚନା ହୋଇଥିଲା। ବକେୟା ଅର୍ଥ ଆଦାୟ କରି ପଞ୍ଚାୟତର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ନେଇ ମଧ୍ୟ ମତ ପ୍ରକାଶ ପାଇଥିଲା। ଏଥିସହ ଝୁମ୍ପୁରା ପଞ୍ଚାୟତକୁ ଏନ୍ଏସି ଗଠନ କରିବା ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଝୁମ୍ପୁରାର ସାମଗ୍ରିକ ବିକାଶ ପାଇଁ ସମସ୍ତେ ଏକଜୁଟ ହୋଇ ପ୍ରଶାସନ ଓ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଝୁମ୍ପୁରା ପଞ୍ଚାୟତ ପିଓ ଶ୍ରୀକାନ୍ତ ପଳେଇ କାର୍ଯ୍ୟକ୍ରମ ସଂଯୋନା କରିଥିଲେ।

# ବଡ଼ଖାନାରେ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ

ଚମ୍ପୁଆ, ୩୦।୮ (ସମିସ): ଚମ୍ପୁଆ ଏନଏସି ପକ୍ଷରୁ ସ୍ୱଚ୍ଛତା କର୍ମଚାରୀଙ୍କୁ ନେଇ ଆୟୋଜିତ ବଡ଼ାଖାନା କାର୍ଯ୍ୟକ୍ରମରେ ଏକପଟେ ଅଧିକାରୀମାନଙ୍କ ଆତ୍ମୀୟତା ଓ ଭାଇଚାରାର ଚିତ୍ର ଦେଖିବାକୁ ମିଳିଥିବା ବେଳେ, ଅନ୍ୟପଟେ ଅତିଥିମାନଙ୍କୁ ଖାଦ୍ୟ ପରଷିବା ସମୟରେ ଅବ୍ୟବସ୍ଥାକୁ ନେଇ ଅସନ୍ତୋଷ ଦେଖାଦେଇଥିବା ଜଣାପଡ଼ିଛି। ସ୍ୱଚ୍ଛତା କର୍ମଚାରୀଙ୍କ ସମ୍ମାନ ଓ ସେମାନଙ୍କ ସହ ଏକାଠି ଭୋଜନ କରିବା ଉଦ୍ଦେଶ୍ୟରେ ଏନଏସି ପକ୍ଷରୁ ଏହି ବଡ଼ଖାନାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଯୋଗଦେଇ ସ୍ୱଚ୍ଛତା କର୍ମଚାରୀଙ୍କୁ ନିଜେ ଖାଦ୍ୟ ପରଷିଥିଲେ। ତାଙ୍କ ସହ ଏନଏସି ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା ଓ ପ୍ରକାଶଚନ୍ଦ୍ର କୁଣ୍ଡୁ ସହଯୋଗ କରିଥିଲେ। ଏନଏସିର ବହୁ କର୍ମଚାରୀ ଓ ଅଧିକାରୀ ମଧ୍ୟ ଏଥିରେ ସାମିଲ ହୋଇଥିଲେ। ତେବେ ବଡ଼ଖାନାରେ ଅତିଥିମାନଙ୍କ ପାଇଁ ସତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ଖାଦ୍ୟ ପରଷିବା ସମୟରେ ଅବ୍ୟବସ୍ଥା ଦେଖାଦେଇଥିଲା। ଖାଦ୍ୟ ପରଷିବା ଓ ଅତିଥିଙ୍କ ବସିବା ବ୍ୟବସ୍ଥାକୁ ନେଇ କିଛି ସମୟ ପାଇଁ ଅସୁବିଧା ସୃଷ୍ଟି ହୋଇଥିବା ବେଳେ କେତେକ ଅତିଥି ଏନେଇ ଅସନ୍ତୋଷ ପ୍ରକାଶ କରିଥିବା ଜଣାପଡ଼ିଛି। ଏପରି ଏକ ସାମାଜିକ ଓ ସମ୍ମାନଜନକ କାର୍ଯ୍ୟକ୍ରମରେ



ଆୟୋଜନ ଓ ପରିଚାଳନାରେ ଅଧିକ ସୁବ୍ୟବସ୍ଥା ଆବଶ୍ୟକ ଥିଲା ବୋଲି ଉପସ୍ଥିତ କେତେକ ବ୍ୟକ୍ତି ମତ ଦେଇଥିଲେ। ଉପଜିଲ୍ଲାପାଳ ନିଜେ କର୍ମଚାରୀଙ୍କୁ ଖାଦ୍ୟ ପରଷିବାକୁ ଅନେକେ ସ୍ୱାଗତ କରିଥିଲେ। ସହରକୁ ସ୍ୱଚ୍ଛ ରଖିବାରେ ଦିନରାତି ପରିଶ୍ରମ କରୁଥିବା କର୍ମଚାରୀଙ୍କୁ ଏଭଳି ସମ୍ମାନ ଦେବା ଏକ ସକାରାତ୍ମକ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା।

## ଭାଲୁ ଆକ୍ରମଣରେ ଜଣେ ଗୁରୁତର

ଆନନ୍ଦପୁର, ୩୦।୮ (ସମିସ): ପୁରୁଣାପାଣି ଗାଁର ଗୋବିନ୍ଦ ଟୁଡୁ ଆଜି ସକାଳୁ ବିଲକୁ ଯାଇଥିବା ବେଳେ ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗୋବିନ୍ଦଙ୍କ ମୁଣ୍ଡ ଓ ହାତରେ ଗଭୀର ଆଘାତ ଲାଗିଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ସେ ଜଣେ ଦିନମଜୁରିଆ ହୋଇଥିବାରୁ ଜଙ୍ଗଲ ବିଭାଗ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ବିଦ୍ୟୁତ ଆଘାତରେ ମହିଳା ମୃତ

ତୁରୁମୁଙ୍ଗା, ୩୦।୮ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବାଉଁଶୁଳି ଗ୍ରାମରେ ରବିବାର ବିଦ୍ୟୁତ ଆଘାତରେ ଜଣେ ୫୭ ବର୍ଷୀୟ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର କରୁଣାକର ମହାନ୍ତଙ୍କ ପତ୍ନୀ ଦୁଶିଳା। ଗାଧୁଆ ଘର କବାଟରେ ବିଦ୍ୟୁତ୍ ତାର ଲାଗି ଯାଇଥିବାରୁ କବାଟଟି ଚାର୍ଜ ହୋଇଥିଲା। ଏହି ସମୟରେ ଦୁଶିଳା କବାଟରେ ହାତ ଦେବାରୁ ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତୁରୁମୁଙ୍ଗା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା କରି ଏସଆଇ ସୁରେଶ ସାହୁ ଘଟଣାର ତଦନ୍ତ କରୁଛନ୍ତି।

## ଜୁଏଲ ଓରାମଙ୍କ ମନ୍ତବ୍ୟକୁ ଜୟଦେବଙ୍କ ନିନ୍ଦା

ଆନନ୍ଦପୁର, ୩୦।୮ (ସମିସ): କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମଙ୍କ ଧମକପୂର୍ଣ୍ଣ ଅଶାଳୀନ ମନ୍ତବ୍ୟକୁ ନେଇ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ନିନ୍ଦା କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ ସର୍ବସାଧାରଣରେ ଯିଏ ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରିବ ସେ ତା ହାତକୁ କାଟିକି ଫିଙ୍ଗିଦେବାର ସାମର୍ଥ୍ୟ ମୋର ଅଛି ଏବଂ ତାଙ୍କୁ ଅପଦସ୍ଥ କରୁଥିବା ବ୍ୟକ୍ତିଙ୍କୁ ଜାଳିକି ସଫା କରିଦେବେ ବୋଲି ଯେଉଁଭଳି ଧମକ ଦେଇଛନ୍ତି ଏଭଳି ମନ୍ତବ୍ୟକୁ ଶ୍ରୀ ଜେନା ଦୃଢ଼ ନିନ୍ଦା କରିବା ସହିତ ଯଦି ଜଣେ କେନ୍ଦ୍ରମନ୍ତ୍ର ମନ୍ତ୍ରୀ ନିଜେ ହାଣିବା ଜାଳିବା କଥା କହିବେ ତେବେ ସାଧାରଣ ଜନତା କ'ଣ କରିବେ ବୋଲି ପ୍ରଶ୍ନ କରିଛନ୍ତି। ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ କାହାକୁ ଇସାରା କରି ଏଭଳି କହୁଛନ୍ତି ତାଙ୍କ ନାମ କହନ୍ତୁ ବୋଲି ଶ୍ରୀ ଜେନା କହିଛନ୍ତି। ଏଭଳି ମନ୍ତବ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଗଲାଣି କାହିଁକି ବୋଲି ଶ୍ରୀ ଜେନା କହିଛନ୍ତି। ଏଭଳିଆ ମନ୍ତବ୍ୟ ଡବଲ ଇଞ୍ଜିନ ସରକାରର ମୁଖା ଖୋଲି ଦେଇଛି ଏବଂ ଆଇନଶୃଙ୍ଖଳା ବ୍ୟବସ୍ଥାର ପ୍ରତିଫଳନ ବୋଲି ଅଭିଯୋଗ କରିବା ସହିତ ବିଜେପି ଆଉ ଏକ ରାଜନୀତିକ ଦଳ ନୁହେଁ ଏହା ହେଉଛି ଅପରାଧୀ, ଦୁର୍ନୀତିଗ୍ରସ୍ତ ଓ ଜନବିରୋଧୀ ଚରିତ୍ରଙ୍କ ଦଳ ବୋଲି ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା ବିଜେପିକୁ ଭର୍ତ୍ସନା କରିଛନ୍ତି।

# ଧାନ ପଞ୍ଜୀକରଣ ଅବଧି ବୃଦ୍ଧି; ଚାଷୀ ଆଶ୍ୱସ୍ତ

ଆନନ୍ଦପୁର, ୩୦।୮ (ସମିସ): ଓଡ଼ିଶାରେ ଚଳିତ ବର୍ଷ ଖରିଫ୍ ଧାନ ସଂଗ୍ରହ ପଞ୍ଜୀକରଣ ଅଗଷ୍ଟ ୩୧ ତାରିଖ ଶେଷ ଦିନ ରାଜ୍ୟ ସରକାର ଧାର୍ଯ୍ୟ କରିଥିଲେ କିନ୍ତୁ ଏହାକୁ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ୭ ଦିନ ବୃଦ୍ଧି କରିଛନ୍ତି। ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ଏନେଇ ଧନ୍ୟବାଦ ଜ୍ଞାପନ କରିଥିଲା ବେଳେ ଚାଷୀ ମହଲରେ ଆଶ୍ୱସ୍ତି ପ୍ରକାଶ ପାଇଛି। ପ୍ରକାଶ ଥାଉକି, ଗତ ବର୍ଷ ଖରିଫ୍ ଧାନ ସଂଗ୍ରହ ପଞ୍ଜୀକରଣ ଓଡିଶାରେ ୧୯ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣ କରିଥିଲେ। ଚଳିତ ବର୍ଷ ଖରିଫ୍ ଧାନ ସଂଗ୍ରହ ଅଗଷ୍ଟ ୭ରୁ ୩୧ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିଲା। ୩୦ ତାରିଖ ସୁଦ୍ଧା ୧୭ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣ କରିଥିଲେ କିନ୍ତୁ ସରୋବର ନେଟୱର୍କ ଡାଉନ ରହୁଥିବାରୁ ଲକ୍ଷାଧିକ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେଉଥିଲେ। ଏହାର ଗୁରୁତ୍ୱ ଉପଲବ୍ଧି କରି ଯେପରି କୌଣସି ଚାଷୀ ପଞ୍ଜୀକରଣରୁ ବଞ୍ଚିତ ନହୁଅନ୍ତି ସେନେଇ ପଞ୍ଜୀକରଣକୁ ୭ ଦିନ ବୃଦ୍ଧି କରିଛନ୍ତି।



# ମଦ ଦୋକାନରେ ଅନିୟମିତତା ନେଇ ଉତ୍ତେଜନା

ଆନନ୍ଦପୁର, ୩୦।୮ (ସମିସ): ଆନନ୍ଦପୁର ଉପଖଣ୍ଡରେ ବିଭିନ୍ନ ସମୟରେରେ ନିର୍ଦ୍ଧାରିତ ଦାମଠାରୁ ଚଢ଼ା ଦରରେ ବିଦେଶୀ ମଦ ବିକ୍ରି ଓ ଦୋକାନ ସମ୍ମୁଖରେ ଠିପିଖୋଲା କାରବାରକୁ ନେଇ ସାମୟିକ ଉତେଜନା ପ୍ରକାଶ ପାଇଆସୁଛି। ଏହିକ୍ରମରେ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ସାଇଁକୁଳ ଓଭରବ୍ରିଜ ଶେଷ ମୁଣ୍ଡରେ ଥିବା ବିଦେଶୀ ମଦ ଦୋକାନ ବିରୋଧରେ ଅଭିଯୋଗ ହେଉଥିବା ବେଳେ ଏହାର ପ୍ରତିବାଦ କଲେ ଧମକ ମିଳିବା ସହ ଇଚ୍ଛା ହେଲେ ନିଅ ନହେଲେ ଏଠାରୁ ଯାଅ ବୋଲି ଦୋକାନ କର୍ମଚାରୀ କହୁଥିବା ଅଭିଯୋଗ ହେଉଛି। ଏହା ସରକାରୀ ଅନୁମୋଦିତ ଠିପି ବନ୍ଦ ବିଦେଶୀ ମଦ ଦୋକାନ ହୋଇଥିଲେ ମଧ୍ୟ ଦିନତମାମ୍ ଦୋକାନ ସମ୍ମୁଖରେ ଅନେକ ଯୁବକ ଠିପି ଖୋଲି ମଦ ପିଇ ମାତାଲ ହେଉଥିବା ନଜରକୁ ଆସୁଛି। ସେହି ରାସ୍ତା ଦେଇ ସାଧାରଣ ଲୋକ ତଥା କଲେଜ ଛାତ୍ରଛାତ୍ରୀ ଯିବାଆସିବା କରିବାକୁ ନିଜକୁ ସୁରକ୍ଷିତ ମଣୁନାହାଁନ୍ତି। ସ୍ଥାନୀୟ ପୁଲିସ ପ୍ରଶାସନ ଏବଂ ଅବକାରୀ ବିଭାଗ ଏଥିପ୍ରତି କଡ଼ା ଦୃଷ୍ଟି ଦେବା ସହ ଚମା ଦରରେ ବିକ୍ରି କରୁଥିବା ବିଦେଶୀ ମଦ ଦୋକାନ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।




# 'ସୁଭଦ୍ରା ଶକ୍ତି କାଫେ' ଉଦ୍‌ଘାଟିତ



ଚମ୍ପୁଆ,୩୦।୮ (ସମିସ): ଚମ୍ପୁଆ ବ୍ଲକରେ ସୁଭଦ୍ରା ଶକ୍ତି କାଫେର ଉଦ୍‌ଘାଟନ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାଏକ, ସମ୍ମାନିତ ଅତିଥି ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁ, ବିଏଲ୍‌ସି ସୁବ୍ରତ ପଣ୍ଡା, ଡିଏମ୍ଏଫ୍ ବ୍ଲକ କୋ-ଅର୍ଡିନେଟର, ଚମ୍ପୁଆର ଈଶ୍ୱରଚନ୍ଦ୍ର ମହାନ୍ତଙ୍କ ସମେତ ବିପିଏଲଏଫ୍, ଏମବିକେ, ସିଆରପି ଓ ଅନ୍ୟାନ୍ୟ ନେତୃବୃନ୍ଦ ଯୋଗ ଦେଇଥିଲେ। ଉକ୍ତ ସମାରୋହରେ ବିପିସି ହାଡିବନ୍ଧୁ ସୋରେନଙ୍କ ସମେତ ବ୍ଲକ ପ୍ରଶାସନର ବିଭିନ୍ନ ଅଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ୨୨ଟି ଗ୍ରାମପଞ୍ଚାୟତର ଜିପିଏଲ୍ଏଫ୍ ନେତୃବୃନ୍ଦ ମଧ୍ୟ ସାମିଲ ହୋଇଥିଲେ। ଏହି ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ଭୂମିକା ଓ ମହିଳାମାନଙ୍କୁ ଜୀବିକାର ବିଭିନ୍ନ ସୁଯୋଗ ସହ ଯୋଡ଼ିବାର ଗୁରୁତ୍ୱ ଉପରେ ଆଲୋଚନା ହୋଇଥିଲା। ମହିଳାମାନେ କେବଳ ପରିବାର ପରିଚାଳନାରେ ସୀମିତ ନରହି ନିଜେ ଉଦ୍ୟମୀ ହୋଇ ଆୟର ସୁଯୋଗ ସୃଷ୍ଟି କରିବା ଆବଶ୍ୟକ ବୋଲି ଶ୍ରୀ ନାୟକ କହିଥିଲେ। ଏହା ମାଧ୍ୟମରେ ସ୍ୱୟଂ ସହାୟକ ସଦସ୍ୟମାନେ ବ୍ୟବସାୟ ପରିଚାଳନା, ଗ୍ରାହକ ସେବା, ଆର୍ଥିକ ପରିଚାଳନା ଓ ଦଳଗତ ଭାବେ କାର୍ଯ୍ୟ କରିବା ଭଳି ବିଭିନ୍ନ ଅନୁଭୂତି ଓ ଦକ୍ଷତା ହାସଲ କରିପାରିବେ ବୋଲି ବିଭିନ୍ନ ବକ୍ତା ମତପ୍ରକାଶ କରିଥିଲେ।

# ହରିଡ଼ାପାଳରେ ଆଇନସେବା ସଚେତନତା

ଆନନ୍ଦପୁର, ୩୦।୮ (ସମିସ): ଆନନ୍ଦପୁର ବ୍ଲକ ହରିଡାପାଳ ପଞ୍ଚାୟତ ସଭାଗୃହରେ ରବିବାର ତାଲୁକ୍ ଆଇନସେବା ସମିତି, ଆନନ୍ଦପୁର ପକ୍ଷରୁ ଏକ ଆଇନ ସେବା ସହାୟତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ବରିଷ୍ଠ ଦେୱାନୀ ଅଦାଲତର ଉପ ବିଚାରପତି ଗୌରବ ପୁରୋହିତ, ସମ୍ମାନିତ ଅତିଥି ଆନନ୍ଦପୁର ବିଡିଓ, ଆନନ୍ଦପୁର ଓକିଲ ସଂଘର ସଭାପତି ଦୟାନିଧି




ଦାଶ, ସରକାରୀ ଅଧିବକ୍ତା ଆଲୋକ ରାଉତ ସ୍ଥାନୀୟ ସରପଞ୍ଚ ପ୍ରମୁଖ ଯୋଗ ଦେଇଥିଲେ। ଜନସାଧାରଣ ଆଇନଗତ ନିଃଶୁଳ୍କ ସେବାସହାୟତା ପାଇବା ପାଇଁ ଆନନ୍ଦପୁର ଅଦାଲତ ପରିସରରେ ଥିବା ସମ୍ମୁଖ କାର୍ଯ୍ୟାଳୟ ଓ ଟୋଲଫ୍ରି ନମ୍ବର ୧୫୧୦୦ର ସହାୟତା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ତାଲୁକ୍ ଆଇନସେବା ସମିତିର ସଦସ୍ୟ ତଥା ଆଇନଜୀବୀ ବାଇଧର ସେଠୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅଧିବକ୍ତା ଭାଗୀରଥି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକ କର୍ମଚାରୀ, ପଞ୍ଚାୟତ ଅଧିକାରୀ, ପାରା ଲିଗାଲ ସ୍ୱେଚ୍ଛାସେବୀ ଜ୍ୟୋତିରଞ୍ଜନ ଯେନା, ତାଲୁକ୍ ଆଇନସେବା କର୍ମଚାରୀ ଦେବାଶିଷ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଭାରତୀୟ ଜନତା ମଜଦୁର ଟ୍ରେଡ୍ ୟୁନିୟନ ଜିଲ୍ଲା ସଭାପତି ସୁନୀଲ ସାମଲ



ଯୋଡ଼ା, ୩୦।୮ (ସମିସ): ଭାରତୀୟ ଜନତା ମଜଦୁର ଟ୍ରେଡ୍ ୟୁନିୟନ କାଉନସିଲର କେନ୍ଦୁଝର ଜିଲ୍ଲା ସଭାପତି ଭାବେ ସୁନୀଲ କୁମାର ସାମଲ ମନୋନୀତ ହୋଇଛନ୍ତି। ରାଜ୍ୟ କମିଟିର ନିଷ୍ପତ୍ତିକ୍ରମେ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ନବନିଯୁକ୍ତ ଜିଲ୍ଲା ସଭାପତି ଶ୍ରୀ ସାମଲ କହିଛନ୍ତି, 'ଭାରତୀୟ ଜନତା ମଜଦୁର ଟ୍ରେଡ୍ ୟୁନିୟନ କାଉନସିଲ ମୋ ଉପରେ ବିଶ୍ୱାସ ରଖି ଯେଉଁ ଦାୟିତ୍ୱ ପ୍ରଦାନ କରିଛି, ତାହାକୁ ମୁଁ ନିଷ୍ଠାର ସହ ତୁଲାଇବି। କେନ୍ଦୁଝର ଏକ ଶ୍ରମିକ ବହୁଳ ଜିଲ୍ଲା। ଏଠାରେ ଅନେକ ଶ୍ରମିକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶ୍ରମିକଙ୍କ ହକ୍ ଓ ଅଧିକାର ପାଇଁ ମୁଁ ନିରନ୍ତର କାମ କରିବି'। ଖଣି ଅଞ୍ଚଳରେ ଶ୍ରମିକ ଶୋଷଣ ବନ୍ଦ କରିବା ସହ ସେମାନଙ୍କୁ ନ୍ୟାୟ ଦେବା ତାଙ୍କର ପ୍ରଥମ ଲକ୍ଷ୍ୟ। ଆଗାମୀ ଦିନରେ ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ଆୟୋଜନ କରାଯାଇ ନୂତନ ଜିଲ୍ଲା କମିଟି ଗଠନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ନୂତନ ଦାୟିତ୍ୱ ଶ୍ରମିକଙ୍କ ସମସ୍ୟା ସମାଧାନ ଦିଗରେ ଏକ ନୂଆ ପଦକ୍ଷେପ ହେବ ବୋଲି ଶ୍ରମିକ ମହଲରେ ଆଶା ପ୍ରକାଶ ପାଇଛି।

# ଜମିବ ମହିଳା ଫୁଟ୍‌ବଲ; ସର୍ବଭାରତୀୟ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି

ଚମ୍ପୁଆ, ୩୦।୮ (ସମିସ): ଚମ୍ପୁଆ ନେହରୁ ଷ୍ଟାଡିୟମରେ ଆସନ୍ତା ସେପ୍ଟେମ୍ବର ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଭାଗବତ ସ୍ମାରକୀ ସର୍ବଭାରତୀୟ ମହିଳା ଫୁଟବଲ ପ୍ରତିଯୋଗିତାକୁ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ସ୍ଥାନୀୟ ଡାକବଙ୍ଗଳାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ମହିଳା ଫୁଟବଲ ଦଳ ଅଂଶଗ୍ରହଣ କରିବେ। ତାରିଣୀ ଫୁଟବଲ ଏକାଡେମୀ, କେନ୍ଦୁଝର, କେନ୍ଦ୍ରାପଡ଼ା ମହିଳା ଫୁଟବଲ ଏକାଡେମୀ, ଭୁବନେଶ୍ୱର ଏଫ୍‌ସି, ଓଡ଼ିଶା ପୁଲିସ, କଟକ, ଷ୍ଟାର ୱାରିଅର ଫୁଟବଲ ଏକାଡେମୀ, ରାଞ୍ଚି, ଝାଡ଼ଗ୍ରାମ ଫୁଟବଲ କ୍ଲବ, ଖଡ଼ଗପୁର, ଆସନସୋଲ ମହିଳା ଫୁଟବଲ ଏକାଡେମୀ, ପଶ୍ଚିମବଙ୍ଗ ଏବଂ ଆସାମ ଟି ଟ୍ରାଇବସ ଫୁଟବଲ ଏକାଡେମୀ, ଗୁଆହାଟୀ ଭଳି ଦଳ ଏଥିରେ ଯୋଗଦେବେ ବୋଲି ତାରିଣୀ ଫୁଟବଲ ଏକାଡେମୀର ନିର୍ଦ୍ଦେଶକ ଗଣେଶ୍ୱର ମହାନ୍ତ ସୂଚନା ଦେଇଛନ୍ତି। ବୈଠକରେ ଟୁର୍ଣ୍ଣାମେଣ୍ଟର ସୁଚାରୁ ଆୟୋଜନ, ଖେଳାଳିଙ୍କ ସୁବିଧା, ଷ୍ଟାଡିୟମ ପ୍ରସ୍ତୁତି ଓ ଅନ୍ୟାନ୍ୟ ବ୍ୟବସ୍ଥା ନେଇ ଆଲୋଚନା ହୋଇଥିଲା। ତାରିଣୀ ଫୁଟବଲ ଏକାଡେମୀର ଯୁଗ୍ମ ନିର୍ଦ୍ଦେଶକ ସୁଜିତ ସିଂ, ଅଧକ୍ଷ ବିରେନ୍ଦ୍ର ମହାନ୍ତ, ରମେଶ ଚନ୍ଦ୍ର ପ୍ରଧାନ, ସିଦ୍ଧାର୍ଥ ସିଂ, କେଶବ ମହାନ୍ତ, ଝରଣା ମହାନ୍ତ, ଇନ୍ଦୁମତୀ ନାଏକ, ସଞ୍ଜୟ ନାଏକ, ବିଶ୍ୱଜିତ ମହାକୁଡ଼, ସନ୍ତୋଷ ପ୍ରଧାନ ଓ ପ୍ରଦୀପ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଚମ୍ପୁଆ ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଆବଶ୍ୟକ ସହଯୋଗ ଯୋଗାଇଦେବା ନେଇ ଆଶ୍ୱାସନା ଦେଇଛନ୍ତି। ସ୍ଥାନୀୟ ମଣି କ୍ଲବ ସମେତ ବିଭିନ୍ନ ବଦାନ୍ୟ ବ୍ୟକ୍ତି ଓ କ୍ରୀଡ଼ାପ୍ରେମୀଙ୍କ ପକ୍ଷରୁ ମଧ୍ୟ ସହଯୋଗ ମିଳୁଥିବା ଜଣାପଡ଼ିଛି। ଟୁର୍ଣ୍ଣାମେଣ୍ଟକୁ ନେଇ ଚମ୍ପୁଆରେ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଏବେଠାରୁ ଉତ୍ସାହ ପ୍ରକାଶ ପାଇଛି।



## କ୍ରୀଡ଼ା ଦିବସ ପାଳନ

# ସଚେତନତା ପାଇଁ ଗଡ଼ିଲା 'ସନ୍‌ଡେ ଅନ୍ ସାଇକଲ୍'







କେନ୍ଦୁଝର,୩୦।୮ (ସମିସ): ସ୍ୱାସ୍ଥ୍ୟ, କ୍ରୀଡ଼ା ମନୋଭାବ ଏବଂ ଏକ ସକ୍ରିୟ ଜୀବନଶୈଳୀର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଜାତୀୟ କ୍ରୀଡ଼ା ଦିବସ ପାଳନର ତୃତୀୟ ଦିବସରେ କେନ୍ଦୁଝରରେ ଏକ ସାଇକଲ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ମନ୍ଦରଧର ମହାଲିକ ଏହି ଶୋଭାଯାତ୍ରାକୁ ସବୁଜ ପତାକା ପ୍ରଦର୍ଶିତ କରି ଶୁଭାରମ୍ଭ କରିଥିଲେ। ତାଙ୍କ ସହ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକ ଉପସ୍ଥିତ ଥିଲେ। ଶୋଭାଯାତ୍ରାରେ ବିପୁଳ ସଂଖ୍ୟାରେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ, କ୍ରୀଡ଼ାପ୍ରେମୀ ଏବଂ ସାଧାରଣ ଜନତା ବେଶ୍ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ସାଇକଲ ଚାଳକମାନେ କେନ୍ଦୁଝର ସହରର ବିଭିନ୍ନ ରାସ୍ତା ଦେଇ ଗତି କରି ଲୋକଙ୍କ ମଧ୍ୟରେ, ବିଶେଷ କରି ଯୁବପିଢ଼ିଙ୍କ ମଧ୍ୟରେ ଫିଟନେସ, ଶୃଙ୍ଖଳା ଏବଂ କ୍ରୀଡ଼ାରେ ଅଧିକ ଭାଗୀଦାରୀ ହେବାର ବାର୍ତ୍ତା ପ୍ରସାର କରିଥିଲେ। କାର୍ଯ୍ୟକ୍ରମଟି ଜାତୀୟ କ୍ରୀଡ଼ା ଦିବସର ଭାବନାକୁ ପ୍ରତିଫଳିତ କରିବା ସହ ଏକ ସୁସ୍ଥ ଓ ସକ୍ରିୟ ସମାଜ ଗଠନରେ ସାଇକଲ ଚାଳନା ଏବଂ ନିୟମିତ ଶାରୀରିକ ପରିଶ୍ରମର ଗୁରୁତ୍ୱକୁ ପ୍ରସାର କରିଥିଲା।

ହାଟଡ଼ିହୀ: ଶରୀରକୁ ସୁସ୍ଥ ଏବଂ ମନକୁ ପ୍ରଫୁଲ୍ଲିତ ରଖିବାର ନୂଆ ଯୁଗାଡ଼ ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଜାତୀୟ କ୍ରୀଡା ଦିବସ ପାଳନ ଅବସରରେ ଆଜି ତୃତୀୟ ଦିବସରେ ହାଟଡ଼ିହୀ ହାଇସ୍କୁଲ ପକ୍ଷରୁ ଏକ ସାଇକଲ୍ ରାଲି ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଅନେକ ଛାତ୍ରଛାତ୍ରୀ ଏହି ସାଇକେଲଥନ୍ କାର୍ଯ୍ୟକ୍ରମରେ ଯୋଗଦେଇ ହାଟଡ଼ିହୀ ବ୍ଲକରୁ ବାହାରି ଛେନପଦୀ ବଜାର ଯାଏଁ ଯାଇ ସ୍କୁଲକୁ ଫେରିଥିଲେ। ପ୍ରଧାନଶିକ୍ଷକ ରଞ୍ଜନ କୁମାର ଘଡେଇଙ୍କ ନେତୃତ୍ୱରେ ଏହି ସାଇକଲ ରାଲି ଅନୁଷ୍ଠିତ ହୋଇଥିଲା ବେଳେ କ୍ରୀଡା ଶିକ୍ଷକ ପ୍ରମୋଦ କୁମାର ବେହେରା ଏହାକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ମଧ୍ୟରେ ପରମାନନ୍ଦ ପରିଡା, ମାନସ କୁମାର ନାୟକ, ମାନସୀ ସାହୁ, ତୃପ୍ତିମୟୀ ଯେନା, ସାଇସୌମ୍ୟା ରାଉଳ, ଅନିତା ବେହେରା, ନିବେଦିତା ସିଂ, କବିପ୍ରସାଦ ବେହେରା, ତାପସ ନାୟକ ଏବଂ ହରିପଦ ଭଞ୍ଜ ପ୍ରମୁଖ ସାମିଲ ହୋଇଥିଲେ।

## ଅନନ୍ତ ଦାସଙ୍କ ଜୟନ୍ତୀରେ ରୋଗୀଙ୍କୁ ଫଳ ବଣ୍ଟନ



ବାଲେଶ୍ୱର(ଉତ୍ତର), ୩୦।୮ (ସମିସ) : ଭୋଗରାଇର ବିଶ୍ୱକର୍ମା ତଥା ପୂର୍ବତନ ମନ୍ତ୍ରୀ ଓ ବିଧାୟକ ସ୍ୱର୍ଗତ ଅନନ୍ତ ଦାସଙ୍କ ଜନ୍ମଦିନ ଅବସରରେ ବିଜୁ ଜନତା ଦଳ, ଭୋଗରାଇ ତରଫରୁ ବାବା ଭୂଷଣ୍ଡେଶ୍ୱ ଙ୍କ ପୀଠରେ ପୂଜାର୍ଚ୍ଚନା କରାଯିବା ସହ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ରୋଗୀମାନଙ୍କୁ ଫଳ ବଣ୍ଟନ କରା ଯାଇଛି । ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ସହିତ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡାକ୍ତର କମଳକାନ୍ତ ଜେନା, ପୂର୍ବତନ ସରପଞ୍ଚ ରମାକାନ୍ତ କରଣ, ଜଳେଶ୍ୱରପୁର ସରପଞ୍ଚ ବିରୁପାକ୍ଷ ଜେନା, ସୁଲତାନପୁର ସରପଞ୍ଚ ଅଶୋକ କୁମାର ଜେନା, ବରିଷ୍ଠ ବିଜେଡି ନେତା ତାପସ ଦାସ ମହାପାତ୍ର, ପରେଶ ଦାସ, ସ୍ଥାନୀୟ ୱାର୍ଡ ମେମ୍ବର ଦିଲ୍ଲୀପ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ରୋଗୀ ମାନଙ୍କୁ ଫଳ ବଣ୍ଟନ କରିଥିଲେ ।

## ପ୍ରଜା ଆନ୍ଦୋଳନର ମୁଖ୍ୟ ପୁରୋଧା ବନମାଳୀ ଦାଶଙ୍କ ଜୟନ୍ତୀ



ନୀଳଗିରି, ୩୦।୮ (ସମିସ): ନୀଳଗିରି ଗଡ଼ଜାତ ଆନ୍ଦୋଳନର ମୁଖ୍ୟ ପୁରୋଧା ବନମାଳୀ ଦାସଙ୍କ ୧୦୮ ତମ ଜୟନ୍ତୀ ନୀଳଗିରି ଏନ୍‌ଏସି କଲ୍ୟାଣ ମଣ୍ଡପ ପରିସରରେ ପାଳିତ ହୋଇଯାଇଛି । ଉକ୍ତ ସଭାରେ ବନମାଳୀ ଦାଶ ସ୍ମୃତି କମିଟିର ଅଧ୍ୟକ୍ଷ ନୀଳଗିରିର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ସଭାପତିତ୍ୱ କରିଥିଲେ । ସ୍ମୃତି କମିଟିର ଆବାହକ ବିଜୟ କୁମାର ପାତ୍ର ମଞ୍ଚ ଆହ୍ୱାନ କରିବା ସହିତ ବନମାଳୀ ଦାଶଙ୍କ ନୀଳଗିରି ପ୍ରତି ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ । ଆସନ୍ତା ଜନ୍ମ ଜୟନ୍ତୀ ରେ ନୀଳଗିରି ରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ଉକ୍ତ ସଭା ମଞ୍ଚରେ ଘୋଷଣା କରାଯାଇଛି । ଭାରତର କମ୍ୟୁନିଷ୍ଟ ପାର୍ଟି ମାର୍କ୍ସବାଦୀର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ, ପ୍ରଜା ଆନ୍ଦୋଳନ ସହିତ ବର୍ତ୍ତମାନର ରାଜନୀତି ଉପରେ ଆଲୋଚନା କରିଥିଲେ । ଜିଲ୍ଲା କମିଟି ସମ୍ପାଦକ ଶିଶିର ହୁଇ, ରାଜ୍ୟ କମିଟି ସଭ୍ୟ ସିତାଂଶୁ ସେନାପତି, ନିର୍ମଳ ନାୟକ, ଜିଲ୍ଲା କମିଟି ସଭ୍ୟ ସତ୍ୟଜିତ ଦାସ, ବରିଷ୍ଠ ନେତା ଯୋଗନନ୍ଦ ଦାସ ଆଲୋଚନା କରିଥିଲେ । ଆଞ୍ଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ବନମାଳୀ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀଳଗିରି ରକ୍ତ କେନ୍ଦ୍ରରେ ଉପଖଣ୍ଡ ରକ୍ତଦାତା ସଂଘ ନୀଳଗିରି ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା ।

## 'କଳାକାର' ପକ୍ଷରୁ ରିଲିଫ୍ ବଣ୍ଟନ




ବାଲେଶ୍ୱର, ୩୦।୮(ସମିସ): ନଟ୍ୟାନୁଷ୍ଠାନ 'କଳାକାର' ପକ୍ଷରୁ ପଶ୍ଚିମବଙ୍ଗର ସିଷ୍ଟର ନିବେଦିତା ଚେରିଟେବଲ୍ ଟ୍ରଷ୍ଟ ସହାୟତାରେ ବନ୍ୟାବିପନ୍ନ ଅଞ୍ଚଳରେ ରିଲିଫ ବଣ୍ଟନ କରାଯାଇଛି । ପରଖି ପଞ୍ଚାୟତର ବଡଡିହ, ଗୋବରସାହି, ଲୁଣାପାହି, ବୋଧିଗଡିଆ, ନନ୍ଦଚକ, ବଉଳବେଣୀ ଆଦି ଗାଁରେ ଲେକମାନଙ୍କୁ ଶୁଖିଲା ଖାଦ୍ୟ, ବସ୍ତ୍ର ସହିତ ଆବଶ୍ୟକୀୟ ସାଧାରଣ ଔଷଧ ବଣ୍ଟନ କରାଯାଇଛି । ସଂସ୍ଥାର ସଭାପତି ସୁରଞ୍ଜନ ଦାସମହାପାତ୍ରଙ୍କ ନେତୃତ୍ୱରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ମମତା ମହାପାତ୍ରଙ୍କ ସମେତ ଶ୍ରୀତମ୍ ସିଂହ, ଅଶ୍ୱିନୀ ସ, ଅମର୍ ଗୋଛାୟତ, ସରୋଜ ବେହେରା, କମଲ୍ କିଶୋର ଗିରି, ଦିବ୍ୟମାନସ ଚଣ୍ଡ, ଚନ୍ଦ୍ରଶେଖର ଚଣ୍ଡ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଏନ୍‌ଏସି ଘୋଷଣା ପରେ ବିକାଶର ସ୍ୱପ୍ନ ଦେଖୁଛନ୍ତି ବସ୍ତାବାସୀ

ବସ୍ତା ବ୍ଲକ, ୩୦।୮ (ସମିସ):

ବର୍ଷ ପରେ ବର୍ଷ କ୍ୟାଲେଣ୍ଡରରୁ ଲିଭି ଯାଉଥିବା ବେଳେ ବାଲେଶ୍ୱର ଜିଲ୍ଲା ବସ୍ତା ବିକାଶ ଧାରାରେ ସାମିଲ ହେବା ଦୂରର କଥା ଦିନକୁ ଦିନ ନାନା ସମସ୍ୟାରେ ଜର୍ଜରିତ ହେଉଛି । ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାହା ଫଳରେ ବସ୍ତା ଆର୍ଥିକ ଅଭିବୃଦ୍ଧି ନିମ୍ନଗାମୀ ହେଉଛି । ଏହି ଭଳି ସମୟରେ ବସ୍ତାକୁ ଏନ୍‌ଏସି ଘୋଷଣା କରିଥିଲେ ରାଜ୍ୟ ସରକାର । ଯାହା ବସ୍ତା ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଥିଲା । ଉତ୍ତର ବାଲେଶ୍ୱରର ବସ୍ତା ଏକ ପ୍ରମୁଖ ସ୍ଥାନ । ବସ୍ତା ଏନ୍‌ଏସି ହେଲେ ବିକାଶର ନୂତନ ଫର୍ଦ୍ଦ ଯୋଡି ହେବା ନେଇ ନୂତନ ଆଶା ସଂଚାର କରିଥିଲା । ମାତ୍ର ଏହି ଏନ୍‌ଏସି ଘୋଷଣାକୁ ୮ ମାସ ବିତିବାକୁ ବସିଲାଣି । ଏନ୍‌ଏସି ସୀମା ନିର୍ଦ୍ଧାରଣ ଭିତରେ ରହିଛି ବସ୍ତା ଏନ୍‌ଏସି । ବସ୍ତା ବ୍ଲକ ସଦର ମହକୁମାରେ ଅବସ୍ଥିତ ଥିବା ସଦନନ୍ଦପୁର୍ ପଞ୍ଚାୟତ ବସ୍ତା ବ୍ଲକ ମାନଚିତ୍ରରୁ ଅପସାରିତ ହୋଇଛି । କିଛି ନ ହେଉଣୁ ଏବେ ଠାରୁ ଏନ୍‌ଏସି ଚେୟାରମ୍ୟାନ ପାଇଁ ଆଶାୟୀ ଅଣ୍ଟା ଭିଡ଼ି ଲେଣି । ଅନ୍ୟପକ୍ଷେ ୮ ମାସ ଧରି ବସ୍ତା ଏନ୍ ଏ ସି ରେ ଉନ୍ନତି ମୂଳକ କାର୍ଯ୍ୟ ଠପ୍ ହୋଇଛି । ଯେଉଁ ଅଞ୍ଚଳ ଏନ୍‌ଏସି ହୋଇଛି ଦେଖିବାକୁ ଗଲେ ସେହି ଅଞ୍ଚଳକୁ ଲାଗି ରହିଛି ବସ୍ତା ରେଲୱେ ଷ୍ଟେସନ, ବ୍ୟସ୍ତ ବହୁଳ ଗାନ୍ଧୀ ଛକ, ବ୍ଲକ, ତହସିଲ, ଥାନା, ଦମକଳ କେନ୍ଦ୍ର, ବସ୍ତା ହସ୍ପିଟାଲ, ଟ୍ରେଜରୀ, ବ୍ୟାଙ୍କ୍, ଭଳି ସରକାରୀ ଓ ଅନେକ ବେସରକାରୀ କାର୍ଯ୍ୟାଳୟ ରହିଛି । ଦୈନନ୍ଦିନ ଶହ ଶହ ଲୋକ ବସ୍ତା ଉପରେ ନିର୍ଭରଶୀଳ । ବସ୍ତା ରେ ନାନା ସମସ୍ୟା ରହିଛି । ମୁଖ୍ୟ ରାସ୍ତା ଅବସ୍ଥା ଖରାପ । ହସ୍ପିଟାଲରେ ଡାକ୍ତର ନାହାନ୍ତି । ଶିକ୍ଷା ବ୍ୟବସ୍ଥା ଅତି ଖରାପ । ଡ୍ରେନେଜ ବ୍ୟବସ୍ଥା ନାହିଁ । ସ୍ଥାୟୀ ମାର୍କେଟ ନାହିଁ । ରାସ୍ତା ଉପରେ ବସିଛନ୍ତି ପରିବା ଓ ମାଛ ଦୋକାନୀ । ଅଣଓସାରିଆ ରାସ୍ତା ପାଇଁ ଟ୍ରାଫିକ ସମସ୍ୟା ଜଟିଳ । ମାର୍କେଟ କମ୍ପ୍ଲେକ୍ସ ନ ଥିବାରୁ ସରକାରୀ ରାସ୍ତା ପାର୍ଶ୍ୱରେ ଦୋକାନୀ ବସୁଛନ୍ତି । କୁଢ଼ କୁଢ଼ ଅଳିଆ ଆବର୍ଜନାରେ ଭର୍ତ୍ତି ମୁଖ୍ୟ ରାସ୍ତା ପାର୍ଶ୍ୱର୍ । ଆଲୋକ ବ୍ୟବସ୍ଥା ନାହିଁ । ଏପରିକି ବସ୍ତା ବଜାର ଉପରେ ଶୌଚାଳୟ ମଧ୍ୟ ନାହିଁ । ଦୀର୍ଘ ବର୍ଷ ଧରି ଏକ ରେଳ ଓଭରବ୍ରିଜ୍ ନିର୍ମାଣ ଦାବି ହୋଇ ଆସୁଥିବା ବେଳେ ଏହା ଯୋଜନା ଭିତରେ ସୀମିତ ଅଛି । ସ୍ୱଚ୍ଛ ପାଣି ଟିକେ ମିଳୁନି । ମୋଟାମୋଟି କହିବାକୁ ଗଲେ କଚ୍ଛପ ଗତିରେ ଚାଲିଛି ବସ୍ତା ଏନ୍‌ଏସି ପୁନର୍ଗଠନ ପ୍ରକ୍ରିୟା । ବସ୍ତା ଏନ୍‌ଏସିକୁ ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ଲୋକେ ଦାବି କରିଛନ୍ତି ।

## ସ୍ୱାୟତ୍ତ ଶାସନ ଦିବସ ଆଜି

## ବନ୍ୟା ପ୍ରପୀଡ଼ିତ ପରିବାରକୁ ହେଲ୍‌ପିଂ ହ୍ୟାଣ୍ଡ ସଂଗଠନର ସହାୟତା

ରାଜଘାଟ, ୩୦।୮ (ସମିସ): ବନ୍ୟାର ୧୦ ଦିନ ପରେ ବି ପାଣି ଘେରରେ ବସ୍ତା ବ୍ଲକ ଗିଲାଯୋଡ଼ି ଗ୍ରାମର ୨ ପରିବାର ଫସି ରହିଥିବା ଏବଂ ସେହି ପରିବାରର ଜିତେନ୍ଦ୍ର ଜେନା(୨୪) ସର୍ପାଘାତରେ ଗୁରୁତର ଥିବା ଖବର 'ସକାଳ'ରେ ପ୍ରକାଶିତ ହେବା ପରେ ସାହାଯ୍ୟର ହାତ ବଢ଼ିଛି । ପ୍ରଶାସନ ପହଞ୍ଚିବା ଆଗରୁ ଜଳେଶ୍ୱର ବ୍ଲକ ସାଳିକୋଠା ଗ୍ରାମର ଅଗ୍ରଣୀ ସାମାଜିକ ସଂଗଠନ 'ହେଲ୍ପିଙ୍ଗ ହ୍ୟାଣ୍ଡ' ସେହି ଅସହାୟ ପରିବାର ନିକଟରେ ପହଞ୍ଚିଛି । ଆଜି



ସକାଳେ ହେଲ୍ପିଙ୍ଗ ହ୍ୟାଣ୍ଡର ସଦସ୍ୟମାନେ ଗିଲାଯୋଡ଼ି ଗ୍ରାମରେ ଫସି ରହିଥିବା ପରିବାର ପାଖରେ ପହଞ୍ଚି ସର୍ପାଘାତରେ ଗୁରୁତର ଥିବା ଜିତେନ୍ଦ୍ରଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଏହି ସମୟରେ ସଂଗଠନର ସଭାପତି ମହାପ୍ରସାଦ ପାତ୍ର, ସମ୍ପାଦକ ଦିବ୍ୟଜ୍ୟୋତି ମହାନ୍ତି, ହିମାଂଶୁ ଶେଖର ଜେନା, ସାନ ପ୍ରଧାନ, ଅଗସ୍ତି ମହାନ୍ତି, ତାପସ ଜେନାଙ୍କ ସହ ବହୁ କର୍ମୀ ଉପସ୍ଥିତ ଥିଲେ । ଗଣମାଧ୍ୟମରେ ଖବର ପ୍ରକାଶ ପରେ ସ୍ୱେଚ୍ଛାସେବୀ ପହଞ୍ଚି ପାରୁଛନ୍ତି; ହେଲେ ପ୍ରଶାସନ ପହଞ୍ଚିବ କେବେ?

## ନୀଳଗିରି ବ୍ରାହ୍ମଣ ସମିତିର ବୈଠକ

ନୀଳଗିରି, ୩୦।୮ (ସମିସ): ନୀଳଗିରି ବ୍ରାହ୍ମଣ ସମିତିର ଏକ ଜରୁରୀ ବୈଠକ ଦୟାନିଧି ମିଶ୍ରଙ୍କ ଆବାହକରେ ମହନ୍ତ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପୂର୍ବରୁ ଗୃହୀତ ହୋଇଥିବା କାର୍ଯ୍ୟକାରୀ ସଦସ୍ୟମାନଙ୍କୁ ମଞ୍ଜୁର କରାଯିବ ସହ ନୀଳଗିରି ଉପଖଣ୍ଡ ବ୍ରାହ୍ମଣ ସମିତିର କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା । ସର୍ବସମ୍ମତି କ୍ରମେ ସଭାପତି ଭାବେ ସୂର୍ଯ୍ୟନାରାୟଣ ଷଡଙ୍ଗୀ, ଉପ ସଭାପତି ଭାବେ ଧର୍ମବ୍ରତ ମିଶ୍ର, ସମ୍ପାଦକ ନିରଞ୍ଜନ ପାଢ଼ୀ, ସହ ସମ୍ପାଦକ ଭାବରେ ଜୟନ୍ତ କୁମାର ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ବ୍ରଦେଶ୍ୱର୍ ନନ୍ଦ, ସହ କୋଷାଧ୍ୟକ୍ଷ ସରୋଜ ନନ୍ଦ, କାର୍ଯ୍ୟକାରୀ ସଦସ୍ୟ ଭାବରେ ଅରୋବିନ୍ଦ ପଣ୍ଡା, ବିଦ୍ୟାଧର ମିଶ୍ର, ଦେବାଶିଷ ଦ୍ୱିବେଦୀ, ସମେତ ଆଉ ଛଅ ଜଣ ମନୋନୀତ ହୋଇଛନ୍ତି । ଉପଦେଷ୍ଟା କମିଟିର ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ଦୟାନିଧି ମିଶ୍ର, ବିନୋଦ ବିହାରୀ ପଣ୍ଡା, ପ୍ରଦୀପ୍ତ ମିଶ୍ର, ଗୋପୀନାଥ ପଣ୍ଡା, ମାୟାଧର ମହାନ୍ତି, ସୁରେଶ କୁମାର ଦାସ, ରତ୍ନାକର ଶତପଥୀ, ନିରଞ୍ଜନ ବେହେରା, ସୁରଞ୍ଜନ ମହାପାତ୍ର, ରସାନନ୍ଦ ଶତପଥୀ, ଦୁଷ୍ମନ୍ତ ମିଶ୍ର, ଅଜୟ ମହାପାତ୍ର ମନୋନୀତ ହୋଇଛନ୍ତି ।

## ବିଶ୍ୱ ସଂସ୍କୃତ ଦିବସ ସମାରୋହ

ବାଲେଶ୍ୱର, ୩୦।୮(ସମିସ): ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ପରିସରରେ ବିଶ୍ୱ ସଂସ୍କୃତ ଦିବସ ସମାରୋହ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ସୁଧାଂଶୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ଅବସରପ୍ରାପ୍ତ ପ୍ରାଚାର୍ଯ୍ୟ ଡ. କ୍ଷୀତିଶ୍ୱର ଦାଶ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ତଥା ବଟେଶ୍ୱର ସଂସ୍କୃତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ସଞ୍ଜୟ ପଣ୍ଡା, ବିଶିଷ୍ଟ କବି ପ୍ରଶାନ୍ତ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତ ଭାଷାର ମହତ୍ତ୍ୱ, ଏହାର ପ୍ରାଚୀନତା ଓ ଆଧୁନିକ ସମାଜରେ ଏହାର ପ୍ରାସଙ୍ଗିକତା ସମ୍ପର୍କରେ ମୂଲ୍ୟବାନ ମତବ୍ୟକ୍ତ କରିଥିଲେ । ସମାରୋହରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବେଦପାଠ, ସଂସ୍କୃତ ନୃତ୍ୟ, ସଂସ୍କୃତ ଗୀତ, ସଂସ୍କୃତ ଭାଷଣ ଏବଂ ବିଭିନ୍ନ ମନୋଜ୍ଞ ସାଂସ୍କୃତିକ ଓ ସାହିତ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

ବିଦ୍ୟାଳୟର ସଂସ୍କୃତ ବିଭାଗ ଅଧ୍ୟକ୍ଷ ପଣ୍ଡିତ ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସହକାରୀ ଶିକ୍ଷକ ଅରୁଣ କୁମାର ରଥ ସଭା ସଞ୍ଚାଳନ କରିଥିଲେ । ଶିକ୍ଷକ ଭବେଶ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଶିକ୍ଷୟିତ୍ରୀ ରଶ୍ମୀ ରଞ୍ଜିତା ପରିଡ଼ା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଶେଷରେ ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ରାଉତ ଧନ୍ୟବାଦ ଦେଇଥିଲେ ।

## ଜିଲ୍ଲା କ୍ରୀଡ଼ାସଂଘରେ ଜାତୀୟ କ୍ରୀଡ଼ା ଦିବସ

ବାଲେଶ୍ୱର, ୩୦।୮ (ସମିସ): ଜିଲ୍ଲା କ୍ରୀଡା ସଂଘ ପରିସରରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କ୍ରୀଡାସଂଘର କର୍ମକର୍ତ୍ତା ଏବଂ ସଭ୍ୟ ମାନେ କ୍ରୀଡାକିମ୍ବଦନ୍ତୀ ପୁରୁଷ ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରିଥିଲେ । କନିଷ୍ଠ ବାଳକ ଏବଂ ବାଳିକା ମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅୟୋଜନ ହୋଇଥିଲା । ଏହି ଦିବସରେ କ୍ରୀଡାସଂଘ କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ଓ ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଉପସଭାପତି ଜଗଦିଶ ଚନ୍ଦ୍ର ବେହେରା, ଅମର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ବିରେନ୍ଦ୍ର କୁମାର ସ୍ୱାଇଁ, କାର୍ତ୍ତିକ ଚନ୍ଦ୍ର ନାୟକ, ସଞ୍ଜୟ ଲେଙ୍କା, ଜନ୍ମେଜୟ ଦେ, ଅଜିତ ପାତ୍ର, ନିମାଇଁ ଚରଣ ରାଉତରାୟଙ୍କ ସହିତ ବରିଷ୍ଠ ସଭ୍ୟ ସନ୍ତୋଷ ଦାସ, ସୁଜୟ ଆଚାର୍ଯ୍ୟ, ଚିତ୍ତରଂଜନ ପାଶା, ପ୍ରଦୀପ ଦାସ, ସୁନିଲ ଚନ୍ଦ୍ର ବେହେରା ଏବଂ ସମସ୍ତ ସଭ୍ୟ ଓ ବହୁ କ୍ରୀଡାବିତ ଉପସ୍ଥିତ ଥିଲେ ।

## ଜାତୀୟ ବେଳାଭୂମି ଦିବସ

ବାଲେଶ୍ୱର, ୩୦।୮ (ସମିସ): ଜାତୀୟ ବେଳାଭୂମି ଦିବସ ଅବସରରେ ଚାନ୍ଦିପୁର ବେଳାଭୂମିରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଯୁବ ପରିବେଶବିତ୍ କମଳଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏବଂ ମୁନ୍ କମ୍ୟୁନିକେସନ୍‌ର ସହଯୋଗରେ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ବ୍ୟବହାର ହ୍ରାସ ଏବଂ ବେଳାଭୂମିକୁ ସ୍ୱଚ୍ଛ ରଖିବା ନେଇ ସଚେତନ କରାଯାଇଥିଲା । ଏହି ଅବସରରେ ମହିସାଳି ମୁହାଣରୁ ନୀଳରକ୍ତ କଙ୍କଡ଼ା ଉଦ୍ଧାର କରାଯାଇ ବେଳାଭୂମିରେ ଛଡ଼ା ଯାଇଥିଲା । ଏହି ଦୁର୍ଲଭ ସାମୁଦ୍ରିକ ଜୀବର ସୁରକ୍ଷା ଓ ସଂରକ୍ଷଣ ଉପରେ ମୁନ୍ କମ୍ୟୁନିକେସନ୍ ସମ୍ପାଦକ ଅବନୀ କୁମାର ଜେନା ଆଲୋକପାତ କରିଥିଲେ । ସମାଜସେବୀ ଉଦୟଭାନୁ ନାୟକ ବେଳାଭୂମିର ସୁରକ୍ଷା ଓ ସ୍ୱଚ୍ଛତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଦୀପକ ଦାସ, ବାବୁ ଦାସ, ନରହରି ଦାସ, ମଦନମୋହନ ଜେନା, ଅଜୁ ଦାସ ପ୍ରମୁଖ ସହଯୋଗ କରିଥିଲେ ।

## ସିଦ୍ଧେଶ୍ୱର ହାଇସ୍କୁଲରେ ସଂସ୍କୃତ ଦିବସ ସମାରୋହ




ଜଳେଶ୍ୱର, ୩୦।୮ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଶାଳିକୋଠାସ୍ଥିତ ଜଳେଶ୍ୱର ସଂସ୍କୃତ ସଂଗୋଷ୍ଠୀ ଦ୍ୱାରା ଆୟୋଜିତ ସଂସ୍କୃତ ଦିବସ ସମାରୋହ ଶାସନବାଡ ସିଦ୍ଧେଶ୍ୱର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ଶାଳିକୋଠା ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା ସଂସ୍କୃତ ଭାଷା ଉପରେ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ । ଅନ୍ୟ ସମ୍ମାନିତ ଅତିଥିଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଅବନୀ କୁମାର ଚାନ୍ଦ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିଶଙ୍କର ମହାନ୍ତି, ପଣ୍ଡିତ ଗିରିଶ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଉତ୍ସବ ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିବା ବେଳେ ପଣ୍ଡିତ ଆଶୁତୋଷ ରଥ ମନ୍ତ୍ର ପାଠ କରିଥିଲେ । ପଣ୍ଡିତ ଜନାର୍ଦ୍ଦନ ମିଶ୍ର ଅତିଥି ମାନଙ୍କୁ ମଞ୍ଚ ଆମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିଲେ । ପଣ୍ଡିତ ରବିନ କୁମାର ମିଶ୍ର ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା କରାଯାଇଥିବା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କର ନାମ ଘୋଷଣା କରାଯାଇଥିଲା । ପଣ୍ଡିତ ରାଜୀବ ନାରାୟଣ କର ଧନ୍ୟବାଦ ଅର୍ପଣ କରିଥିଲେ ।

## ୨ ବାଇକ୍ ଧକ୍କା, ଦୁଇ ଗୁରୁତର

ଚନ୍ଦନେଶ୍ୱର, ୩୦।୮ (ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ଜାମଡ଼ା ରାସ୍ତାରେ ଶନିବାର ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇ ଦୁଇଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ଜଣେ ଗୁରୁତର ଥିବାବେଳେ ଅନ୍ୟଜଣଙ୍କ ଅବସ୍ଥା ସାମାନ୍ୟ ରହିଥିବା ଜଣାପଡ଼ିଛି । ଦୁଇଟି ବାଇକ୍ ବିପରୀତ ଦିଗରୁ ଜାମଡ଼ା ରାସ୍ତା ଦେଇ ଆସୁଥିଲା । ଉଭୟ ବାଇକ୍ ଦ୍ରୁତଗତିରେ ଥିବା ସମୟରେ ଜାମଡ଼ା ନିକଟରେ ପରସ୍ପରକୁ ମୁହାଁମୁହିଁ ଧକ୍କା ହୋଇଥିଲା । ଖବର ପାଇ ଭୋଗରାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା । ଆହତମାନେ ହେଲେ ଜୟରାମପୁର ଗ୍ରାମର ଅଶୋକ ସାମଲ (୪୨) ଓ ଦେହୁର୍ଦ୍ଧା ଗ୍ରାମର ଯଦୁନାଥ (୬୨) । ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଅଧିକ ଚିକିତ୍ସା ପାଇଁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଅଶୋକ ସାମଲଙ୍କ ଅବସ୍ଥା ଅଧିକ ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି ।

## ମଦ ସହ ବାଇକ୍ ଜବତ, ଅଭିଯୁକ୍ତ ଗିରଫ

ନୀଳଗିରି, ୩୦।୮ (ସମିସ): ନୀଳଗିରି ଅବକାରୀ ବିଭାଗ ନୀଳଗିରି ଥାନା ଅନ୍ତର୍ଗତ ବଉଳଗଡ଼ିଆ ବଜାରରୁ ଜଣେ ଚୋରା ମଦ ବେପାରୀକୁ ଗିରଫ କରିବା ସହ ତାଠାରୁ ୨୭ଲିଟର ଦେଶୀ ମଦ ସହ ଏକ ବାଇକ୍ ଜବତ କରି କରିଛନ୍ତି । ଅଭିଯୁକ୍ତ ଜଣକ ସୋର ଥାନା ଅନ୍ତର୍ଗତ ମଙ୍ଗଳପୁର ଡିଗି ଭରା ଗ୍ରାମର ରାମଚନ୍ଦ୍ର ରାଉତର ପୁଅ ଉମେଶ କୁମାର ରାଉତ । ଏ ନେଇ ଅବକାରୀ ବିଭାଗ ପକ୍ଷରୁ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ନୀଳଗିରି ଅବକାରୀ ବିଭାଗର ଓ.ଆଇ.ସି ଗଙ୍ଗାମଣି ହେମ୍ବ୍ରମ୍, ଏଏସଆଇ ସୁଶାନ୍ତ ରାଉତ, ସନ୍ତୋଷ ବେହେରା, ତପନ ମଲ୍ଲିକ ସାମିଲ ଥିଲେ ।

## ବ୍ଲକ୍‌ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା




ଖଇରା, ୩୦।୮ (ସମିସ): ଖଇରା ବ୍ଲକ ଅଧୀନ ବାଣପୁର ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନାଚାର୍ଯ୍ୟ ଜ୍ୟୋତି ରଞ୍ଜନ ଦାଶଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନିରଞ୍ଜନ ପଣ୍ଡା, ଅନ୍ୟତମ ଅତିଥି ଭାବେ ବୁଦ୍ଧିରାମ ପାଣିଗ୍ରାହୀ, ରମାକାନ୍ତ ଶତପଥି ଓ ମହେନ୍ଦ୍ର ସେନାପତି ପ୍ରମୁଖ ମତବ୍ୟକ୍ତ କରିଥିଲେ । ଶିବ ପ୍ରସାଦ ବଳଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରତିଯୋଗିତାରେ ପ୍ରଦ୍ୟୁମ୍ନ ନାୟକ ଓ ଅକ୍ଷୟ କୁମାର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବିଚାରକ ମଣ୍ଡଳୀଙ୍କ ଦ୍ୱାରା କ, ଖ, ଗ, ଘ ବିଭାଗରେ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ଅତିଥି ଓ ବିଚାରକ ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ୧୩୮ କେଜି ଗଞ୍ଜେଇ ଜବତ, ୨ ଗିରଫ

ଜଳେଶ୍ୱର ବ୍ଲକ, ୩୦।୮ (ସମିସ): ଜଳେଶ୍ୱରରୁ କଲିକତାକୁ ଏକ ଦାମୀ କାର୍‌ରେ ଗଞ୍ଜେଇ ଚାଲାଣ ବେଳେ ଚଢ଼ଉ କରି ୧୩୮ କିଗ୍ରା ଗଞ୍ଜେଇ ଜବତ କରିଛି ପଶ୍ଚିମବଙ୍ଗର ସ୍ପେଶାଲ ଅପରେସନ ଗ୍ରୁପ୍ । ପୂର୍ବ ମେଦିନୀପୁର ଜିଲ୍ଲା ପାଁଶକୁରା ଥାନା ଅଧୀନ ସିଧା ଛକ ନିକଟରେ ଗାଡ଼ିଟି ଧରା ପଡ଼ିଥିବା ବେଳେ ୨ଜଣ ଆନ୍ତଃରାଜ୍ୟ ଚୋରା ଗଞ୍ଜେଇ ମାଫିଆଙ୍କୁ ଗିରଫ କରାଯାଇଛି । ଗିରଫ ଦୁଇଜଣଙ୍କ ମଧ୍ୟରେ ଜଣେ ରାଇବଣିଆ ଥାନା ଅଞ୍ଚଳର ଜଣେ ଯୁବକ ଥିବା ବେଳେ ଅନ୍ୟଜଣେ ବଙ୍ଗୀୟ ଯୁବକ ।

# କାନ୍‌ଭାସରେ ଆଦିବାସୀ ଅସ୍ମିତାର କଥା

ବାଲେଶ୍ୱର, ୩୦।୮ (ସମିସ):

ବାଲେଶ୍ୱରର ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁଙ୍କ ଦ୍ୱାରା ଅଙ୍କିତ ଚିତ୍ର "ଅସ୍ମିତାର ପ୍ରତିଧ୍ୱନି: ଏକ ନୂତନ ଦ୍ୱନ୍ଦ୍ୱ' କଳାହାଣ୍ଡିର କଳାପ୍ରେମୀଙ୍କ ମନ ଜିଣିଛି । "ମହାରାଜା ଉଦିତ ପ୍ରତାପ ଦେଓ ସ୍କୁଲ୍ ଅଫ୍ ଆର୍ଟ' ପକ୍ଷରୁ ଭବାନୀପାଟଣାସ୍ଥିତ ରାଜବାଟି ସଭାମଣ୍ଡପରେ ଆୟୋଜିତ ଦୁଇଦିନିଆ ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀରେ ସେମି-ରିଏଲିଷ୍ଟିକ୍ ଆକ୍ରିଲିକ୍ ଚିତ୍ରଟି ପ୍ରଦର୍ଶିତ ହୋଇଥିଲା । ଚିତ୍ରଟି ମାଧ୍ୟମରେ ଶିଳ୍ପୀ ଆଜିର ଆଦିବାସୀ ସମାଜ ସମ୍ମୁଖୀନ ହେଉଥିବା ଏକ ଜଟିଳ ସାମାଜିକ ଦ୍ୱନ୍ଦ୍ୱକୁ ରୂପାୟିତ କରିଛନ୍ତି । 'ପରମ୍ପରା ଓ ପରିବର୍ତ୍ତନର ସନ୍ଧିକ୍ଷଣରେ ଛିଡ଼ା ହୋଇଥିବା ଏକ ସମାଜର ଅନ୍ତର୍ଦ୍ୱନ୍ଦ୍ୱକୁ କଳା ମାଧ୍ୟମରେ ରୂପ ଦେବାକୁ ପ୍ରୟାସ କରିଛି ବୋଲି ଶିଳ୍ପୀ ନିତ୍ୟାନନ୍ଦ କହିଛନ୍ତି । ଏହି ଅବସରରେ ପଞ୍ଚମ ଶ୍ରେଣୀର ଛାତ୍ରୀ ତଥା ଅଦ୍ୱିତୀୟ ପ୍ରତିଭାର ଅଧିକାରୀ ପ୍ରତ୍ୟୁଷା ସିଂ ମହାରାଜା ଅନନ୍ତ ପ୍ରତାପ ଦେଓ ଓ ଶିଳ୍ପୀ ନିତ୍ୟାନନ୍ଦ ସାହୁଙ୍କ ଦୁଇଟି ପ୍ରତିକୃତି ଅଙ୍କନ କରି ସେ ମଞ୍ଚରେ ଉପହାର ଦେଇଥିଲେ । ମହାରାଜା ଉଦିତ ପ୍ରତାପ ଦେଓ



ସ୍କୁଲ୍ ଅଫ୍ ଆର୍ଟ'ର ପ୍ରତିଷ୍ଠାତା ତଥା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଫାଇନ୍ ଆର୍ଟ ବିଭାଗର ଅଧ୍ୟାପକ କ୍ଷୀରସିନ୍ଧୁ ଭୋଇ ଏବଂ କଳା ଶିକ୍ଷୟିତ୍ରୀ ଭାରତୀ ସାହୁଙ୍କ ପ୍ରତ୍ୟକ୍ଷ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗରେ ଚିତ୍ରକଳା, ମୂର୍ତ୍ତିକଳା, ରଙ୍ଗୋଲି ଓ ମଣ୍ଡଳା ଆର୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିସହ କଳାହାଣ୍ଡି ଜିଲ୍ଲାର ବରିଷ୍ଠ ଓ ଯୁବ ଚିତ୍ରଶିଳ୍ପୀଙ୍କୁ ନେଇ ଦୁଇଦିନିଆ ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଫକୀରମୋହନ

### କଳାହାଣ୍ଡିରେ ଚମକିଲା ବାଲେଶ୍ୱର ଚିତ୍ରଶିଳ୍ପୀଙ୍କ କଳା

ବିଶ୍ୱବିଦ୍ୟାଳୟର ଫାଇନ୍ ଆର୍ଟ ବିଭାଗର ସହକାରୀ ପ୍ରଫେସର ତଥା ନିମନ୍ତ୍ରିତ ଅତିଥି ଶିଳ୍ପୀ ନିତ୍ୟାନନ୍ଦ ସାହୁ କର୍ମଶାଳାର ଉଦ୍‌ଘାଟନ କରିଥିଲେ । କର୍ମଶାଳାରେ ଶିଳ୍ପୀମାନେ କାନଭାସ୍‌ରେ ବିଭିନ୍ନ ବିଷୟ ଓ ଭାବଧାରାକୁ ନେଇ ରଙ୍ଗୀନ ଚିତ୍ର ଅଙ୍କନ କରିଥିଲେ । ଉଦ୍‌ଯାପନୀ ସମାରୋହରେ କଳାହାଣ୍ଡିର ମହାରାଜା ଅନନ୍ତ ପ୍ରତାପ ଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପବନ ଅଗ୍ରୱାଲ, ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ, ବିଶିଷ୍ଟ ଶିକ୍ଷାବିତ୍ ଡ. ଅଜୟ ମିଶ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ସୀମାଞ୍ଚଳ ମିଶ୍ର, ନିମନ୍ତ୍ରିତ ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁ ଏବଂ ଗବେଷକ ତଥା ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । କୃତୀ ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହ ଅଂଶଗ୍ରହଣକାରୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ କଳା, ସଂସ୍କୃତି ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତିନିଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା । କର୍ମଶାଳାରେ ଅତିଥି ଶିଳ୍ପୀ ନିତ୍ୟାନନ୍ଦ ସାହୁଙ୍କ ସମେତ ତରୁଣ ମହାପାତ୍ର, ଅନୂପ କୁମାର ପଟ୍ଟନାୟକ, ସଂଗ୍ରାମ କେଶରୀ ସରାଫ, ମନୋଜ କୁମାର ରାଉତ, ଚିନ୍ଟୁ ପ୍ରସାଦ ନାଏକ, ରଘୁନାଥ ଠାକୁର, ମାନସ ରଞ୍ଜନ ପଣ୍ଡା, ଅଙ୍କିତ ଯାଦବ, ସ୍ମିତା ଚୌଧୁରୀ, ଧର୍ମେନ୍ଦ୍ର ସାଗର, ଅକେଶ ଧରୁଆ, ସରୋଜ ବିଶି, ପ୍ରକାଶ ବାଗ, ସାରିକା ଜୈନ୍, ଦିନେଶ ବିଶି, ସୁକାନ୍ତ ପ୍ରଧାନୀ, ସମୀର ନାଏକ, ପ୍ରତୀକ୍ଷା ଭୋଇ, ରଚନା ସାହୁ, ପ୍ରକାଶ ନାଏକ, ବିଭୂତି ଓ ଅଶ୍ୱିନୀ ଆଚାରୀ ପ୍ରମୁଖ ଶିଳ୍ପୀ ଅଂଶଗ୍ରହଣ କରି ନିଜ କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ ।

ସକାଳ
THE SAKALA

# ସମ୍ପାଦକୀୟ



ରାଷ୍ଟ୍ରମୁଖ୍ୟମାନଙ୍କ ଆଗରେ ବର୍ତ୍ତମାନର ପ୍ରମୁଖ ଆହ୍ୱାନ ହେଉଛି - ଏପରି ଏକ ପରିବେଶ ସୃଷ୍ଟି କରିବା, ଯାହା ଭବିଷ୍ୟତର ବିଶ୍ୱ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିପାରିବ।
-ବିଲ୍ ଗେଟ୍ସ

## ପିତା ପ୍ରଲେପ

ଭାରତର ଘରେଘରେ ନାୟକ ଭାବେ ସ୍ୱୀକୃତ ଚିନିର ବଜାର ଦର କେଜି ପିଛା ୭୦ ଟଙ୍କା ଟପିବା ପରେ ବିଚରା ଇଥାନଲ୍ ଖଳନାୟକର ଅପବାଦ ମୁଣ୍ଡାଇଛି। ସରକାରଙ୍କ ଅପାରଗତା ମଧ୍ୟ ଚିନି-ଇଥାନଲ୍ ବିତର୍କ ଭିତରେ ଲୁଚିଯିବାର ସୁଯୋଗ ପାଇଛି। ଚିନି ଉତ୍ପାଦନ ହେବା ପରଠାରୁ ଗରିବରୁ ଧନୀ ପର୍ଯ୍ୟନ୍ତ ପ୍ରତି ଘରେ ରାଜତ୍ୱ କରି ଆସିଛି। ବିଶେଷକରି ଗରିବମାନଙ୍କୁ ମିଠାର ସ୍ୱାଦ ଅନୁଭବ କରିବାରେ ଚିନିର ଭୂମିକା ଅନସ୍ୱୀକାର୍ଯ୍ୟ। କିନ୍ତୁ ଏବେ ଚିନି ମହଙ୍ଗା ହୋଇଯିବା ବା ଭାଉ ବଢ଼ି ଯିବା ପରେ ଗରିବ ଘରର ଚିନି ପିତା ଲାଗିଲାଣି ବୋଲି ଯେଉଁ ବ୍ୟଙ୍ଗୋକ୍ତି ଶୁଣିବାକୁ ମିଳୁଛି ତାହା ଶତପ୍ରତିଶତ ଗ୍ରହଣଯୋଗ୍ୟ।

ଚିନି ଦର ବୃଦ୍ଧି ପଛରେ ଇ-୨୦ ପେଟ୍ରୋଲ୍(୮୦% ପେଟ୍ରୋଲ୍+୨୦% ଇଥାନଲ୍)ର ଆବିର୍ଭାବକୁ ଦାୟୀ କରାଯାଉଛି। ପରିସଂଖ୍ୟାନ କିନ୍ତୁ ଭିନ୍ନ ଏକ ବାସ୍ତବତା ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ୨୦୨୫-୨୬ରେ ଇ-୨୦ ପେଟ୍ରୋଲ୍ ଉତ୍ପାଦନ ପାଇଁ ବ୍ୟବହୃତ ମୋଟ ଇଥାନଲ୍‌ରେ ଆଖୁରସ, ଆଖୁଦୋରର ପରିମାଣ ଥିଲା ମାତ୍ର ୨୭.୫%। ଗତ ଅମଳ ଋତୁରେ ମୋଟ ୩୦ ନିୟୁତ ଟନ୍‌ରୁ ୧୦% ବା ୩ ନିୟୁତ ଟନ୍ ଚିନି ଇଥାନଲ୍ ଉତ୍ପାଦନ ପାଇଁ ଉପଯୋଗ କରାଯାଇଥିଲା। ଅପରପକ୍ଷରେ ପୂର୍ବବର୍ତ୍ତୀ ଚାରିବର୍ଷରେ ଯଥାକ୍ରମେ ୩.୫ ନିୟୁତ ଟନ୍, ୨.୪ ନିୟୁତ ଟନ୍, ୪.୩ ନିୟୁତ ଟନ୍ ଓ ୩.୬ ନିୟୁତ ଟନ୍ ଚିନି ଇଥାନଲ୍ ଉତ୍ପାଦନରେ ବ୍ୟବହାର ହୋଇଥିଲେ ମଧ୍ୟ ଖାଉଟି ବଜାରରେ ଏହାର ଦର କେଜି ପିଛା ୪୫ ଟଙ୍କା ଟପି ନ ଥିଲା। ତେଣୁ ଏବେ ଚିନି ଦର ବୃଦ୍ଧି ପଛରେ ଇଥାନଲ୍ ନୁହେଁ, କୃଷି-ବଜାରର ପରିଚାଳନାରେ ଅପାରଗତା ହିଁ ପ୍ରକୃତ ଖଳନାୟକ।

କୃଷି-ବଜାର ଅର୍ଥନୀତିଜ୍ଞଙ୍କ ସୂଚନା ଅନୁଯାୟୀ ଚଳିତ ବର୍ଷ ନଭେମ୍ବର ସୁଦ୍ଧା ମୋଟ ୩୪.୪ ନିୟୁତ ଟନ୍ ଚିନି ଉତ୍ପାଦନ ହେବ ବୋଲି ଆକଳନ କରାଯାଇଥିଲେ ହେଁ ପାଖାପାଖି ସାଢ଼େ ୩ ନିୟୁତ ଟନ୍ ହ୍ରାସ ପାଇବ ବୋଲି ଆଗୁଆ ଅନୁମାନ କରିବାରେ ସରକାର ବିଫଳ ହୋଇଥିଲେ। ତେଣୁ ଏବେ ୧୭ ବର୍ଷର ସର୍ବନିମ୍ନ ସ୍ତରକୁ ଚିନି ମହଜୁଦ ପରିମାଣ ହ୍ରାସ ପାଇଛି। ଆଖୁ ଉତ୍ପାଦନରେ ପ୍ରମୁଖ ରାଜ୍ୟ ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶର ଚିନି ଉତ୍ପାଦନ କାରଖାନାଗୁଡ଼ିକ କଞ୍ଚାମାଲ୍(ଆଖୁ) ସଙ୍କଟ ଦେଇ ଗତି କରୁଥିଲେ ମଧ୍ୟ ସେଥିପ୍ରତି ଯଥୋଚିତ ଗୁରୁତ୍ୱ ଦିଆଯାଇ ନ ଥିଲା। ସରକାର ଗତ ମେ' ମାସରେ ଚିନି ରପ୍ତାନୀ ଉପରେ କଟକଣା ଲଗାଇବା ବେଳକୁ ବହୁ ବିଳମ୍ବ ହୋଇସାରିଥିଲା। ନେଡ଼ି ଗୁଡ଼ କହୁଣୀକୁ ବୋହିଯିବା ପରେ ଚିନି ଆମଦାନୀକୁ ସରକାର ଏବେ ଶୁଳ୍କ ମୁକ୍ତ କରିଛନ୍ତି। ଚିନିର ବଜାର ଦର ଦୁଇମାସ ମଧ୍ୟରେ ୩୨% ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲେ ହେଁ ଏ ବିଷୟରେ ଗୁଇନ୍ଦା ସୂଚନା ଯୋଗାଣ ବିଭାଗ ପାଖରେ ନଥିଲା।



ଆଖୁର ଏମ୍‌ଏସ୍‌ପି ଧାର୍ଯ୍ୟଠାରୁ ଆରମ୍ଭ କରି କେଉଁ ମିଲ୍‌ର ଖୋଲା ବଜାରରେ କେତେ ପରିମାଣରେ ବିକ୍ରି କରିପାରିବେ ସେହି ସୀମା ଧାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ସରକାରଙ୍କ ନିୟନ୍ତ୍ରଣାଧୀନ। ତେଣୁ କେବଳ ଇଥାନଲ୍‌ର ଓଢ଼ଣା ପଛରେ ଅବିମୃଶ୍ୟକାରିତାକୁ ଲୁଚାଇ ଉତ୍ତରଦାୟିତ୍ୱରୁ ସରକାର ଓହରି ଯାଇପାରିବେ ନାହିଁ। ଅଧିକନ୍ତୁ ଆଖୁଚାଷୀଙ୍କୁ ଠିକ୍ ସମୟରେ ପାଉଣା ପୈଠ କରିବା ଏବଂ ଆଖୁ ମିଲ୍‌ମାନଙ୍କର ଆର୍ଥିକ ସନ୍ତୁଳନରେ ଇଥାନଲ୍ ସହାୟକ ହୋଇଆସିଛି। ସିଗ୍ରେଡ୍ ଓ ବିଗ୍ରେଡ୍ ତରଳଗୁଡ଼କୁ ଚିନିରେ ରୂପାନ୍ତରଣ ପାଇଁ ମିଲରମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଥିଲା। କିନ୍ତୁ ଏବେ ତାହା ଇଥାନଲ୍ ଉତ୍ପାଦନରେ ବିନିଯୋଗ କରାଯାଇପାରୁଥିବାରୁ ଚିନି ଉତ୍ପାଦନ ଖର୍ଚ୍ଚ ହ୍ରାସ ପାଇଛି। ତେଣୁ ଚିନି ଦର ବୃଦ୍ଧି ପାଇଁ ଇଥାନଲ୍‌କୁ ଏକ କାରକ ଭାବେ ଗ୍ରହଣ କରିବାରେ ଯୌକ୍ତିକତା ଥିବା ପରି ଲାଗୁନାହିଁ।

ଚଳିତ ବର୍ଷର ଅସ୍ୱାଭାବିକ ମୌସୁମୀ ଆଖୁ ଉତ୍ପାଦନରେ ବାଧକ ସାଜିବାକୁ ଯାଉଥିବା ବେଳେ ମହଜୁଦ୍‌କାରୀଙ୍କ ପାଇଁ ସର୍ବାଧିକ ୪ହଜାର ଟନ୍ ଏବଂ ୩୦ଦିନର କଟକଣା ଚିନିର ବଜାର ଦରକୁ ଆସନ୍ତା ବର୍ଷ ମଧ୍ୟ ଆକାଶଛୁଆଁ କରିବ। ଏହାଛଡ଼ା ୧୦ ଲକ୍ଷ କ୍ୱିଣ୍ଟାଲ୍ ପର୍ଯ୍ୟନ୍ତ ଚିନି ଆମଦାନୀକୁ ଶୁଳ୍କମୁକ୍ତ କରାଯାଇଥିବାରୁ ଭାରତର ଆଖୁଚାଷୀ ପ୍ରଭାବିତ ହେବାର ଆଶଙ୍କା ରହିଛି। ଅର୍ଥାତ୍ ଚିନିର ତିକ୍ତତା ଆଗାମୀ କିଛିମାସ ପର୍ଯ୍ୟନ୍ତ ଜାରି ରହିବ ଏବଂ ଖାଉଟିଙ୍କ ପକେଟ୍ ତିକ୍ତତାର ଏତେ ତୀବ୍ର ଅନୁଭବ ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ଚାଖିବ।

ମଧ୍ୟପ୍ରାଚ୍ୟ ଯୁଦ୍ଧ ସମୟରେ ସୁନା, ସାର ଓ ଖାଇବା ତେଲ ବ୍ୟବହାର ଯଥାସମ୍ଭବ ହ୍ରାସ କରିବା ପାଇଁ ସରକାର ଦେଶବାସୀଙ୍କୁ ଉପଦେଶ ଦେଇଥିଲେ। ଗତବର୍ଷ ମଧ୍ୟ ଦେଶରେ ଖାଇବା ତେଲ ଦର ବଢ଼ିବା ପରେ ମେଦବହୁଳତା ବଢୁଥିବା ଦର୍ଶାଇ ଖାଦ୍ୟରେ ତେଲ ବ୍ୟବହାର କମ୍ କରିବାକୁ ଉପଦେଶ ଶୁଣିବାକୁ ମିଳିଥିଲା। ତେଣୁ ଭାରତୀୟଙ୍କ ସ୍ୱାସ୍ଥ୍ୟ ପ୍ରତି ଅତିମାତ୍ରାରେ ସଚେତନ ସରକାର ବୋଧହୁଏ ଦରବୃଦ୍ଧି ଜରିଆରେ ପିତା ପ୍ରଲେପଟିଏ ଚିନି ଉପରେ ବୋଳି ଦେଇଛନ୍ତି। ଯାହାଫଳରେ ଲୋକମାନେ ଯଥାସମ୍ଭବ କମ୍ ଚିନି ବ୍ୟବହାର କରିବେ ଏବଂ ମଧୁମେହ, ମେଦବହୁଳତା ସହିତ ତଦ୍‌ଜନିତ ଅନ୍ୟ ରୋଗବ୍ୟାଧିରୁ ରକ୍ଷା ପାଇପାରିବେ। ଚିନିରେ ଏଭଳି ପିତା ପ୍ରଲେପ ଉଦ୍ୟମକୁ ପରବର୍ତ୍ତୀ ସମୟରେ ସରକାରଙ୍କ ଦୂରଦର୍ଶୀ ସୁଚିନ୍ତିତ ଜନକଲ୍ୟାଣ ଯୋଜନା ଭାବରେ ବିଜ୍ଞାପିତ ଏବଂ ପ୍ରଚାର ପ୍ରସାର ହେବା ଅସମ୍ଭବ ନୁହେଁ। ●

## ଭାରତର ଆଲୁମିନିୟମ୍ ରାଜଧାନୀ ଓଡ଼ିଶା

ମନସା ପ୍ରସାଦ ମିଶ୍ର

ଆଜିର ଆଧୁନିକ ଜୀବନର ପ୍ରାୟ ପ୍ରତ୍ୟେକ ଜାଗାରେ ଆଲୁମିନିୟମ୍‌ର ଉପସ୍ଥିତି ଦେଖିବାକୁ ମିଳେ। ବିମାନ, ବିଦ୍ୟୁତଚାଳିତ ଯାନ, ବିଦ୍ୟୁତ ପରିବହନ, ପାନୀୟ କ୍ୟାନ୍, ସୌର ପ୍ୟାନେଲ୍‌ଠାରୁ ଆରମ୍ଭ କରି ଅସଂଖ୍ୟ ଦୈନନ୍ଦିନ ବ୍ୟବହାର ସାମଗ୍ରୀରେ ଏହାର ବ୍ୟବହାର ରହିଛି ଏବଂ ଆଲୁମିନିୟମ୍ ଏକ ରଣନୈତିକ ସମ୍ପଦ ଭାବେ ଉଭା ହୋଇଛି। ଏହି ପରିପ୍ରେକ୍ଷୀରେ ଭାରତ ପାଖରେ ଏକ ବଡ଼ ସୁଯୋଗ ରହିଥିବା ବେଳେ କେନ୍ଦ୍ରରେ ରହିଛି ଓଡ଼ିଶା।

ଦଶନ୍ଧି ଦଶନ୍ଧି ଧରି ଓଡ଼ିଶା ଭାରତର ଏକ ମୁଖ୍ୟ ଖଣିଜ ପଦାର୍ଥର ଉତ୍ସ ଭାବେ ପରିଚିତ। ରାଜ୍ୟର ବିପୁଳ ଲୁହାପଥର, କୋଇଲା, କ୍ରୋମାଇଟ୍ ଓ ବକ୍ସାଇଟ୍ ଭଣ୍ଡାର ଦେଶର ବିଭିନ୍ନ ଶିଳ୍ପକୁ ଖଣିଜ ସମ୍ପଦ ଯୋଗାଇ ଆସିଛି। ଏହାସତ୍ତ୍ୱେ ଓଡ଼ିଶାକୁ ଦୀର୍ଘସମୟ ଧରି କେବଳ ଖଣିଜ ସମ୍ପଦ ଯୋଗାଣକାରୀ ରାଜ୍ୟ ଭାବେ ଦେଖାଯାଉଥିଲ। ଏହାର ମୂଲ୍ୟଯୁକ୍ତ ବ୍ୟବହାରର ବଡ଼ ଅଂଶ ଅନ୍ୟତ୍ର ହେଉଥିଲା। ଏବେ ସେହି ଧାରା ଦ୍ରୁତ ଗତିରେ ବଦଳୁଛି। ଆଜି ଭାରତର ଆଲୁମିନିୟମ୍ ଉତ୍ପାଦନ କ୍ଷମତାର ଅର୍ଦ୍ଧାଧିକ ଓଡ଼ିଶାରେ ରହିଛି। ଏଠାରେ ବକ୍ସାଇଟ୍ ଖଣି, ଆଲୁମିନା ରିଫାଇନାରି, ଆଲୁମିନିୟମ୍ ସ୍ମେଲଟର୍, ବନ୍ଦର ଓ ପରିବହନ ଭିତ୍ତିଭୂମିକୁ ନେଇ ଏକ ସମନ୍ୱିତ ଶିଳ୍ପ ପରିବେଶ ଗଢ଼ିଉଠିଛି। ଗତ କିଛିବର୍ଷରେ ଘୋଷିତ ବୃହତ୍ ବିନିଯୋଗ ସହ ଓଡ଼ିଶା ଧୀରେ ଧୀରେ ଭାରତର 'ଆଲୁମିନିୟମ୍ ରାଜଧାନୀ' ଭାବେ ସ୍ଥିତି ମଜବୁତ କରୁଛି।

ଭାରତର ଆଲୁମିନିୟମ୍ ଶିଳ୍ପ ଦେଶର ଅନ୍ୟତମ ବଡ଼ ଶିଳ୍ପ ସଫଳତାର କାହାଣୀ ପାଲଟିଛି। ଖଣି ମନ୍ତ୍ରାଳୟ ଅନୁଯାୟୀ, ଭାରତ ବର୍ତ୍ତମାନ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଆଲୁମିନିୟମ୍ ଉତ୍ପାଦକ। ବିଶ୍ୱର ପ୍ରାଥମିକ ଆଲୁମିନିୟମ୍ ଉତ୍ପାଦନର ପ୍ରାୟ ୬ ପ୍ରତିଶତ ଭାରତରୁ ଆସୁଛି। ଭିତ୍ତିଭୂମି, ସ୍ୱଚ୍ଛ ଶକ୍ତି ଓ ଆଧୁନିକ ଶିଳ୍ପକୁ ଆଗକୁ ନେବା ପାଇଁ ୨୦୪୭ ସୁଦ୍ଧା ଆଲୁମିନିୟମ୍ ଉତ୍ପାଦନକୁ ବଢ଼ାଇବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଭାରତର ଆଲୁମିନିୟମ୍ ଶିଳ୍ପର ନେତୃତ୍ୱ ନେବା ପାଇଁ ଓଡ଼ିଶା ଭଳି ସୁବିଧାଜନକ ସ୍ଥିତିରେ ଅନ୍ୟ କୌଣସି ରାଜ୍ୟ ନାହିଁ। ଦେଶର ବକ୍ସାଇଟ୍ ମହଜୁଦ୍ ପରିମାଣର ପ୍ରାୟ ୪୨ ପ୍ରତିଶତ ଆମ ରାଜ୍ୟରେ ରହିଛି। ଆଲୁମିନିୟମ୍ ଓଡ଼ିଶାର ବୃହତ୍ ରପ୍ତାନି ଉତ୍ପାଦ ମଧ୍ୟରୁ ଅନ୍ୟତମ। ତେଣୁ ରାଜ୍ୟର ଅର୍ଥନୀତି ସହ ଦେଶର ଶିଳ୍ପ ବିକାଶ ପାଇଁ ଏହି କ୍ଷେତ୍ର ବେଶ୍ ଗୁରୁତ୍ୱପୂର୍ଣ୍ଣ। ନାଲ୍‌କୋ, ବେଦାନ୍ତ ଓ ହିଣ୍ଡାଲ୍‌କୋ ଭଳି କମ୍ପାନୀ ଓଡ଼ିଶାରେ ବିପୁଳ ବିନିଯୋଗ କରିଛନ୍ତି। ଖଣି ପରିଶୋଧନ ଓ ସ୍ମେଲ୍ଟିଂକୁ ନେଇ ରାଜ୍ୟରେ ଏକ ସମନ୍ୱିତ ଶିଳ୍ପ ପରିବେଶ ସୃଷ୍ଟି ହୋଇଛି। ନୂଆ ପ୍ରକଳ୍ପଗୁଡ଼ିକ ଏହି ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଓ ବିସ୍ତାର କରିବାର ଆଶା ସୃଷ୍ଟି କରୁଛି। ଆଲୁମିନିୟମ୍ ଶିଳ୍ପ କେବଳ ରପ୍ତାନି ମାଧ୍ୟମରେ ଲାଭ ଦେଉନାହିଁ। ଖଣି ରୟାଲ୍ଟି, ଜିଏସ୍‌ଟି, କର୍ପୋରେଟ୍ ଟିକସ ଓ ନିଯୁକ୍ତି ମାଧ୍ୟମରେ ମଧ୍ୟ ସରକାରଙ୍କ ରାଜସ୍ୱ ବଢ଼ାଉଛି। ଖଣିଜ ଉତ୍ତୋଳନ, ପରିବହନ, ଇଞ୍ଜିନିୟରିଂ, ଅନ୍ୟାନ୍ୟ ସହଯୋଗୀ ଶିଳ୍ପରେ ଏହା ହଜାର ହଜାର ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି କରୁଛି। ଏହାର ଲାଭ କେବଳ ଖଣି ଅଞ୍ଚଳରେ ସୀମିତ ନ ରହି ଅନ୍ୟ ଅଞ୍ଚଳକୁ ମଧ୍ୟ ପହଞ୍ଚୁଛି।

ଆଲୁମିନିୟମ୍ କ୍ଷେତ୍ରରେ ବିନିଯୋଗ ଜାରି ରହିଛି। ବର୍ତ୍ତମାନର ଉତ୍ପାଦକଙ୍କ ସମ୍ପ୍ରସାରଣ ଯୋଜନା ସହ ଗତ କିଛିବର୍ଷରେ ଘୋଷଣା ହୋଇଥିବା ନୂଆ ଆଲୁମିନିୟମ୍ ପ୍ରକଳ୍ପ ହଜାର ହଜାର ନିଯୁକ୍ତି ସୃଷ୍ଟି କରିବ। ଏହା ଓଡ଼ିଶାକୁ ଏକ ପ୍ରମୁଖ ଆଲୁମିନିୟମ୍ କେନ୍ଦ୍ର ଭାବେ ଆହୁରି ମଜବୁତ କରିବ। ସବୁଠାରୁ ବଡ଼ କଥା ହେଉଛି, ଏହି ବିନିଯୋଗ ରାଜ୍ୟର ଶିଳ୍ପ ନୀତିକୁ ଖଣିଜ ସମ୍ପଦ ରପ୍ତାନିରୁ ଆଗକୁ ନେଇ ସମ୍ପୂର୍ଣ୍ଣ ଉତ୍ପାଦନ ବ୍ୟବସ୍ଥା ଗଢ଼ିବା ଦିଗରେ ଅଗ୍ରଗତି ହେଉଛି। ଓଡ଼ିଶା ପାଖରେ ପ୍ରଚୁର ବକ୍ସାଇଟ୍ ଭଣ୍ଡାର, ନିକଟବର୍ତ୍ତୀ ପ୍ରମୁଖ ବନ୍ଦରମାନ, ବଢୁଥିବା ରେଳ ଯୋଗାଯୋଗ ଓ ସ୍ଥାପିତ ଶିଳ୍ପ ଭିତ୍ତିଭୂମି ଭଳି ଅନେକ ପ୍ରାକୃତିକ ଉପଯୋଗିତା ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏବେ ନୀତି ପ୍ରଣେତାମାନେ କେବଳ ପ୍ରାଥମିକ ଆଲୁମିନିୟମ୍ ଉତ୍ପାଦନ ଉପରେ ଗୁରୁତ୍ୱ ନଦେଇ ଆଲୁମିନିୟମ୍ ମୂଲ୍ୟଯୁକ୍ତ ବ୍ୟବହୃତ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଗୁରୁତ୍ୱ ଦେଉଛନ୍ତି।

ଆଗାମୀ ଦୁଇ ଦଶନ୍ଧିରେ ଆଲୁମିନିୟମ୍‌ର ଚାହିଦା ଦ୍ରୁତଗତିରେ ବଢ଼ିବାକୁ ଯାଉଛି। ବିଦ୍ୟୁତ ଯାନର ଓଜନ କମାଇବା ଓ ବ୍ୟାଟେରୀ ରେଞ୍ଜ ବଢ଼ାଇବା ପାଇଁ ଅନ୍ୟ ପାରମ୍ପରିକ ଯାନ ତୁଳନାରେ ଅଧିକ ଆଲୁମିନିୟମ୍ ବ୍ୟବହାର ହେଉଛି। ସୌର ଶକ୍ତି ପ୍ରକଳ୍ପର ଫ୍ରେମ୍, ପବନ ଟର୍ବାଇନ୍, ବିଦ୍ୟୁତ ପରିବହନ ଲାଇନ୍ ଓ ଆଧୁନିକ ରେଳ ବ୍ୟବସ୍ଥାରେ ମଧ୍ୟ ଏହାର ବ୍ୟବହାର ରହିଛି। ଆଲୁମିନିୟମ୍‌ର ଆଉ ଏକ ବିଶେଷତ୍ୱ ହେଉଛି ଏହାକୁ ଗୁଣ ନଷ୍ଟ ନକରି ବାରମ୍ବାର ପୁନଃବ୍ୟବହାର କରାଯାଇପାରେ। ଏପର୍ଯ୍ୟନ୍ତ ଉତ୍ପାଦିତ ସମସ୍ତ ଆଲୁମିନିୟମ୍‌ର ପ୍ରାୟ ତିନି-ଚତୁର୍ଥାଂଶ ବ୍ୟବହାରରେ ରହିଛି। ଏହି କାରଣରୁ ଆଲୁମିନିୟମ୍ ଆଜିର 'ପୁନଃବ୍ୟବହାର ଭିତ୍ତିକ ଅର୍ଥନୀତି' ପାଇଁ ଏକ ଉପଯୋଗୀ ଶିଳ୍ପ ସାମଗ୍ରୀ ହୋଇଛି।

ଭାରତର ମାନୁଫାକ୍‌ଚରିଂ, ସ୍ୱଚ୍ଛ ଶକ୍ତି ଓ ଆଧୁନିକ ଭିତ୍ତିଭୂମିର ବିକାଶ ଆଗକୁ ବଢ଼ିବା ସହ ଆଲୁମିନିୟମ୍‌ର ଆବଶ୍ୟକତା ମଧ୍ୟ ବଢ଼ିବ। 'ମେକ୍ ଇନ୍ ଇଣ୍ଡିଆ' ନ୍ୟାସନାଲ୍ ଗ୍ରୀନ୍ ହାଇଡ୍ରୋଜେନ୍ ମିଶନ୍, ଅକ୍ଷୟ ଶକ୍ତିର ବିସ୍ତାର, ପ୍ରତିରକ୍ଷା ଓ ଭିତ୍ତିଭୂମି କ୍ଷେତ୍ରରେ ବଢୁଥିବା ବିନିଯୋଗ ପାଇଁ ବହୁ ପରିମାଣରେ ଆଲୁମିନିୟମ୍ ଆବଶ୍ୟକ ହେବ। ନିତି ଆୟୋଗ ଅନୁଯାୟୀ, ଆଲୁମିନିୟମ୍ କ୍ଷେତ୍ରରେ ଭାରତର ଭଲ ସୁଯୋଗ ରହିଛି। କିନ୍ତୁ ଖଣିଜ ସମ୍ପଦ ରପ୍ତାନି କରି ମୂଲ୍ୟଯୁକ୍ତ ଉତ୍ପାଦ ଆମଦାନି କରିବା ବଦଳରେ ଦେଶରେ ହିଁ ଅଧିକ ମୂଲ୍ୟର ଉତ୍ପାଦ ତିଆରି କରିବା ଆବଶ୍ୟକ। ତେଣୁ ନୀତିର ଗୁରୁତ୍ୱ କେବଳ ଖଣି ଲାଇସେନ୍ସ ଓ ଆଲୁମିନିୟମ୍ ଉତ୍ପାଦନ ବଢ଼ାଇବାରେ ସୀମିତ ନ ରହି ଗବେଷଣା, ଡାଉନଷ୍ଟ୍ରିମ୍ ଶିଳ୍ପ, ପୁନଃବ୍ୟବହାର, ପରିବହନ ବ୍ୟବସ୍ଥା ଓ ଦକ୍ଷ ମାନବ ସମ୍ବଳ ତିଆରି ଦିଗକୁ ମଧ୍ୟ ବଢ଼ିବା ଆବଶ୍ୟକ।

ଓଡ଼ିଶା ଏବେ ନିଜର ଶିଳ୍ପ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ରହିଛି। ଅନେକ ନୂଆ ବିନିଯୋଗ ପ୍ରସ୍ତାବ ଓ କାର୍ଯ୍ୟକ୍ଷମ ଉତ୍ପାଦନକାରୀ ଶିଳ୍ପମାନଙ୍କର ସମ୍ପ୍ରସାରଣ ଯୋଜନା ଦର୍ଶାଉଛି ଯେ ରାଜ୍ୟ ଶିଳ୍ପ ବିକାଶର ଏକ ନୂଆ ପର୍ଯ୍ୟାୟରେ ପ୍ରବେଶ କରୁଛି। ଏହି ବିନିଯୋଗ ସହ ଯଦି ଭଲ ଭିତ୍ତିଭୂମି, ଡାଉନଷ୍ଟ୍ରିମ୍ ମାନୁଫାକ୍‌ଚରିଂ ପାଇଁ ସ୍ୱତନ୍ତ୍ର ଶିଳ୍ପ ପାର୍କ, ସରଳ ନିୟମ ଏବଂ ଶିଳ୍ପ-ଶିକ୍ଷାନୁଷ୍ଠାନ ମଧ୍ୟରେ ଭଲ ସହଯୋଗ ଗଢ଼ିଉଠେ, ତେବେ ଓଡ଼ିଶା ଏସିଆର ଏକ ପ୍ରମୁଖ ଆଲୁମିନିୟମ୍ ମାନୁଫାକ୍‌ଚରିଂ କେନ୍ଦ୍ର ହୋଇପାରିବ।

ଶିଳ୍ପ ବିକାଶ ସହ ପରିବେଶ ସୁରକ୍ଷା ଓ ସମାଜର ସବୁ ବର୍ଗର ଲୋକଙ୍କ ବିକାଶକୁ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ହେବ। ଦାୟିତ୍ୱର ସହ ଖଣି ଉତ୍ତୋଳନ, ଖଣି ଅଞ୍ଚଳର ପୁନରୁଦ୍ଧାର, ଜଳର ସଠିକ୍ ବ୍ୟବହାର ଏବଂ ଅକ୍ଷୟ ଶକ୍ତିର ଅଧିକ ବ୍ୟବହାର ଉପରେ ଧ୍ୟାନ ଦେବାକୁ ହେବ। ଏହା ହିଁ ନିର୍ଣ୍ଣୟ କରିବ ଯେ ଓଡ଼ିଶା କେବଳ ଭାରତର ବଡ଼ ଆଲୁମିନିୟମ୍ ଉତ୍ପାଦକ ହେବ ନା ସ୍ଥାୟୀ ଆଲୁମିନିୟମ୍ ଉତ୍ପାଦନରେ ବିଶ୍ୱସ୍ତରରେ ମଧ୍ୟ ନିଜର ସ୍ଥାନ ପକ୍କା କରିବ। ଓଡ଼ିଶା ପାଖରେ ରହିଛି ଭୂତାତ୍ତ୍ୱିକ ସମ୍ପଦ, ଶିଳ୍ପ କ୍ଷମତା, ଭିତ୍ତିଭୂମି ଓ ନୀତିଗତ ଗତିଶୀଳତାର ଏକ ବିରଳ ସମନ୍ୱୟ। ଯଦି ଓଡ଼ିଶା ଖଣି ଉତ୍ତୋଳନ, ପରିଶୋଧନ, ଡାଉନଷ୍ଟ୍ରିମ୍ ମାନୁଫାକ୍ଟରିଂ, ନବସୃଜନ ଓ ସ୍ଥାୟୀତ୍ୱକୁ ନେଇ ଏକ ସମନ୍ୱିତ ଆଲୁମିନିୟମ୍ ଇକୋସିଷ୍ଟମ୍ ଗଢିପାରେ, ତେବେ ଏହା ବିଶ୍ୱ ଆଲୁମିନିୟମ୍ ଅର୍ଥନୀତିରେ ଓଡ଼ିଶାକୁ ଏକ ପ୍ରମୁଖ ଭୂମିକାରେ ପ୍ରତିଷ୍ଠିତ କରିବ।

ଶିଳ୍ପ ଇତିହାସରେ କିଛି ସାମଗ୍ରୀ ଦେଶ ତଥା ବିଶ୍ୱ ସ୍ତରରେ ବିକାଶର ଦିଗ ବଦଳାଇଛି। ଉନବିଂଶ ଶତାବ୍ଦୀରେ କୋଇଲା ଶିଳ୍ପକୁ ଆଗକୁ ନେଇଥିଲା। ବିଂଶ ଶତାବ୍ଦୀରେ ତୈଳର ବଡ଼ ଭୂମିକା ଥିଲା। ଆଗାମୀ ଦଶନ୍ଧିଗୁଡ଼ିକରେ ଆଲୁମିନିୟମ୍‌ର ଭୂମିକା ନିର୍ଣ୍ଣାୟକ ହେବ। ନେପୋଲିଅନ୍ ତୃତୀୟଙ୍କ ରାଜକୀୟ ଭୋଜିରେ ଆଲୁମିନିୟମ୍‌ର ପାତ୍ର କେବଳ ବିଶେଷ ଅତିଥିଙ୍କ ପାଇଁ ବ୍ୟବହାର ହେଉଥିଲା। ସେତେବେଳେ ଏହାକୁ ସୁନାଠାରୁ ମଧ୍ୟ ଅଧିକ ଦୁର୍ଲଭ ଓ ମୂଲ୍ୟବାନ ଧାତୁ ଭାବେ ଦେଖାଯାଉଥିଲା। ଆଜି ସେହି ଆଲୁମିନିୟମ୍ ଆଧୁନିକ ଶିଳ୍ପ ଓ ଅର୍ଥନୀତିର ଏକ ମୁଖ୍ୟ ଅଂଶ ହୋଇଛି। ଓଡ଼ିଶା ଯଦି ମୂଲ୍ୟଯୁକ୍ତ ଉତ୍ପାଦନ, ଡାଉନଷ୍ଟ୍ରିମ୍ ମାନୁଫାକ୍ଟରିଂ ଓ ପରିବେଶ ଅନୁକୂଳ ଉତ୍ପାଦନରେ ବିନିଯୋଗ ଜାରି ରଖେ ତେବେ ରାଜ୍ୟ ଭାରତର 'ଆଲୁମିନିୟମ୍ ରାଜଧାନୀ' ସହ ବିଶ୍ୱସ୍ତରୀୟ ମାନୁଫାକ୍‌ଚରିଂ କେନ୍ଦ୍ର ଭାବେ ନିଜର ପରିଚୟ ଗଢ଼ିପାରେ। ●

(ପୂର୍ବତନ ନିର୍ଦ୍ଦେଶକ, ନାଲ୍‌କୋ)
ଭୁବନେଶ୍ୱର, ମୋ: ୯୪୩୭୦୨୨୧୦୯

## ଓଳିଏ ଆହାର ଆଶା

ପ୍ରଣତି ଆଚାର୍ଯ୍ୟ ମିଶ୍ର

ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ସରକାରୀ ସ୍କୁଲ ବନ୍ଦ ହେଉଛି। ସରକାରୀ ଫାଇଲଗୁଡ଼ିକରେ ଏହି ପ୍ରକ୍ରିୟାକୁ ମିଶ୍ରଣ ନାମ ଦିଆଯାଇଛି। ତର୍କ ଦିଆଯାଏ, ଏହି ସ୍କୁଲଗୁଡ଼ିକରେ ପିଲାଙ୍କ ସଂଖ୍ୟା ଏତେ କମିଯାଇଛି ଯେ ଚଳାଇବା ଆର୍ଥିକ ଦୃଷ୍ଟିରୁ ବ୍ୟାବହାରିକ ନୁହେଁ; ମାତ୍ର ଏହି ତର୍କ ଅସଲି ପ୍ରଶ୍ନକୁ ଲୁଚାଇଦିଏ ଯେ ବାସ୍ତବରେ ସେହି ସ୍କୁଲଗୁଡ଼ିକୁ ପିଲା କାହିଁକି ଆସୁନାହାନ୍ତି? ଏହା କୌଣସି ପ୍ରାକୃତିକ ବିପତ୍ତି ନୁହେଁ, ବରଂ ଦଶନ୍ଧି ଦଶନ୍ଧିର ନୀତିଗତ ଉଦାସୀନତାର ପରିଣାମ। ଯେତେବେଳେ ଗୋଟିଏ ସ୍କୁଲ ବନ୍ଦ ହୁଏ, ସେତେବେଳେ କେବଳ ଗୋଟିଏ ରେଜିଷ୍ଟର ବନ୍ଦ ହୁଏ ନାହିଁ, ସେହି ଅଞ୍ଚଳର ସବୁଠାରୁ ଦୁର୍ବଳ ବର୍ଗର ପିଲାମାନଙ୍କଠାରୁ ସେମାନଙ୍କ ଜୀବନ ବଦଳାଇବାର ଏକମାତ୍ର ସୁଯୋଗ ଛଡ଼ାଇ ନିଆଯାଏ।

ଆଜି ମଧ୍ୟ ଆମର ଅଧିକାଂଶ ସରକାରୀ ସ୍କୁଲ କୌଣସି ଆଦିମ ଯୁଗକୁ ମନେ ପକାଇଦିଏ। ବର୍ଷା ଋତୁରେ ଅନେକ ସ୍କୁଲରେ ଛାତରୁ ଗଳୁଥିବା ପାଣି ଦାଉରୁ ରକ୍ଷା ପାଇବାକୁ ପିଲାମାନଙ୍କୁ କୌଣସି ଶୁଖିଲା କୋଣରେ ଛିଡ଼ା ହେବାକୁ ପଡ଼େ। ଶୀତଦିନେ କାକର ଚଟାଣରେ ବସିବାର ବାଧ୍ୟବାଧକତା ତ ଖରାଦିନେ ବିନା ପଙ୍ଖାରେ ଶ୍ରେଣୀଗୃହ। ଏହା ହେଉଛି ସେହି ପରିବେଶ, ଯେଉଁଠାରେ ଆମେ ଦେଶର ଭବିଷ୍ୟତଙ୍କଠାରୁ ଏକାଗ୍ରତା ଏବଂ ଉତ୍କୃଷ୍ଟ ପ୍ରଦର୍ଶନର ଆଶା ରଖୁ। ଆମେ ଗୋଟିଏ ପଟେ କୃତ୍ରିମ ବୁଦ୍ଧିମତ୍ତା ଏବଂ ଡିଜିଟାଲ୍ କ୍ରାନ୍ତି ଯୁଗରେ ପ୍ରବେଶ କରୁଛନ୍ତି। ଅନ୍ୟପଟେ ଆମର ଲକ୍ଷ ଲକ୍ଷ ବିଦ୍ୟାଳୟର ବାସ୍ତବତା ହେଉଛି ସେଠାରେ ଗୋଟିଏ ବ୍ଲାକ୍‌ବୋର୍ଡ ଏବଂ ବସିବା ପାଇଁ ଚେୟାର ସୁଦ୍ଧା ମିଳିବା କଷ୍ଟକର।

ଭିତ୍ତିଭୂମିର ଏହି ଅଭାବରେ ସବୁଠାରୁ ଲଜ୍ଜାଜନକ ସ୍ଥିତି ହେଉଛି ସ୍ୱଚ୍ଛତା ଓ ପାନୀୟ ଜଳର। ଆଜି ମଧ୍ୟ ଅଗଣିତ ସ୍କୁଲରେ ପିଇବା ପାଣିର ସଫା ଉତ୍ସ ନାହିଁ। ଶୌଚାଳୟଗୁଡ଼ିକର ସ୍ଥିତି ତ ଏତେ ଖରାପ ଯେ କେତେକ ସମୟରେ ସେଗୁଡ଼ିକ ରୋଗର ଘର ପାଲଟିଯାଏ। ଏହି ଦୁରବସ୍ଥାର ସବୁଠାରୁ ବଡ଼ ଓ ସିଧାସଳଖ କ୍ଷତି ଝିଅମାନଙ୍କୁ ସହିବାକୁ ପଡ଼େ। ଝିଅମାନେ କିଶୋରାବସ୍ଥାରେ ପାଦ ଦେବା ପରେ ସ୍ୱଚ୍ଛ ଶୌଚାଳୟର ଅଭାବ ସେମାନଙ୍କ ପାଇଁ ସ୍କୁଲ ଛାଡ଼ିବାର ସବୁଠାରୁ ବଡ଼ କାରଣ ପାଲଟିଯାଏ। ଗୋଟିଏ ଭଙ୍ଗା ଦ୍ୱାର ଥିବା ଶୌଚାଳୟ କୌଣସି ବି ଝିଅର ସ୍ୱପ୍ନକୁ ଭାଙ୍ଗିବା ପାଇଁ ଯଥେଷ୍ଟ।

ସାରା ଦେଶରେ ଶିକ୍ଷକମାନଙ୍କର ଲକ୍ଷ ଲକ୍ଷ ପଦବୀ ଖାଲି ପଡ଼ିଛି। ଗ୍ରାମାଞ୍ଚଳର ସ୍ଥିତି ଏତେ ଭୟାନକ ଯେ ଅନେକ ସ୍କୁଲ ଜଣେ ଶିକ୍ଷକଙ୍କ ଭରସାରେ ଚାଲିଛି। ଜଣେ ବ୍ୟକ୍ତି ପ୍ରଥମ ଶ୍ରେଣୀରୁ ନେଇ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସବୁପିଲାଙ୍କୁ ସବୁବିଷୟ ଏକା ସମୟରେ କିପରି ପଢ଼ାଇପାରିବେ? ବିଜ୍ଞାନ, ଗଣିତ ଓ ଇଂରାଜୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ପାଇଁ ବିଶେଷଜ୍ଞ ଶିକ୍ଷକ ନଥିବା ସାଧାରଣ କଥା ହୋଇଗଲାଣି। ଏହାର ପ୍ରଭାବ ପିଲାଙ୍କ ମୂଳଦୁଆ ଉପରେ ପଡ଼େ। ସେମାନେ କୌଣସିମତେ ବ୍ୟବସ୍ଥାର ଦୟାରୁ ପରବର୍ତ୍ତୀ ଶ୍ରେଣୀକୁ ଉତ୍ତୀର୍ଣ୍ଣ ତ ହୋଇଯାʼନ୍ତି; କିନ୍ତୁ ମୌଳିକ ଜ୍ଞାନ ଏତେ ଦୁର୍ବଳ ଥାଏ ଯେ ସେମାନେ ଜୀବନର ଆଗାମୀ ଆହ୍ୱାନଗୁଡ଼ିକ ଆଗରେ ଆଣ୍ଠୁ ମାଡ଼ିଦିଅନ୍ତି। ଶିକ୍ଷକଙ୍କ ଅଭାବଠାରୁ ବଡ଼ ବିଡ଼ମ୍ବନା ହେଉଛି ଯେ ଯେଉଁ ଶିକ୍ଷକମାନେ ଉପସ୍ଥିତ ଅଛନ୍ତି, ସେମାନେ ପଢ଼ାନ୍ତି କମ୍ ଅନ୍ୟ କାମ କରନ୍ତି ବେଶୀ। ଆମ ବ୍ୟବସ୍ଥା ଶିକ୍ଷକଙ୍କୁ ଏକ ବହୁମୁଖୀ କର୍ମଚାରୀ ଭାବି ନେଇଛି। ଏସବୁ ଉପରେ ମଧ୍ୟାହ୍ନ ଭୋଜନ ପରିଚାଳନା, ରାସନ ଆଣିବା, ଗ୍ୟାସ ସିଲିଣ୍ଡର ବ୍ୟବସ୍ଥା କରିବା ଏବଂ ହିସାବ-କିତାବ ରଖିବା ମଧ୍ୟ ଶିକ୍ଷକଙ୍କ ଉପରେ ହିଁ ନ୍ୟସ୍ତ।

ଏହି ଦୁରବସ୍ଥା ସମାଜରେ ଏକ ବ୍ୟବସାୟକୁ ସମୃଦ୍ଧ ହେବାର ସୁଯୋଗ ଦେଇଛି। ଅର୍ଥାତ୍ ଘରୋଇ ସ୍କୁଲର ବଜାର। ଆଜି ସ୍ଥିତି ଏହା ଯେ ଜଣେ ଠେଲାବାଲା କିମ୍ବା ଦିନମଜୁରିଆ ମଧ୍ୟ ନିଜ ପେଟ କାଟି ପିଲାମାନଙ୍କୁ ଗଳିକନ୍ଦିରେ ଖୋଲିଥିବା କୌଣସି ଇଂରାଜୀ ମାଧ୍ୟମ ସ୍କୁଲକୁ ପଠାଇବାକୁ ଚାହୁଁଛି। ଏଥିପାଇଁ ନୁହେଁ ଯେ ତାଙ୍କର ସେଠାକାର ଶିକ୍ଷାର ଗୁଣବତ୍ତା ଉପରେ ଖୁବ୍ ବିଶ୍ୱାସ ଅଛି, ବରଂ ଏଥିପାଇଁ ଯେ ସରକାରୀ ସ୍କୁଲରୁ ତାଙ୍କର ଆଶା ଭାଙ୍ଗିଯାଇଛି। ଦିନେ ବିଦ୍ୟାଳୟ ସାମାଜିକ ସୌହାର୍ଦ୍ଦ୍ୟର ସବୁଠାରୁ ବଡ଼ କେନ୍ଦ୍ର ଥିଲା। ଆଜି ଆମ ଶିକ୍ଷା ବ୍ୟବସ୍ଥା ସମାଜକୁ ଯୋଡ଼ିବା ବଦଳରେ ତାହାକୁ ଧନୀ ଏବଂ ଗରିବର ଦୁଇଟି ସ୍ପଷ୍ଟ ଓ ଦୂରତିକ୍ରମ୍ୟ ଖାଲରେ ବିଭାଜିତ କରୁଛି।

ଗରିବ ପିଲାମାନଙ୍କୁ ସ୍କୁଲ ପର୍ଯ୍ୟନ୍ତ ଆଣିବା ଏବଂ ଅପପୁଷ୍ଟି ସହ ଲଢ଼ିବା ପାଇଁ ମଧ୍ୟାହ୍ନ ଭୋଜନ ଭଳି ମହତାକାଂକ୍ଷୀ ଯୋଜନା ଅଣାଯାଇଥିଲା। ଚିନ୍ତାଧାରା ଏହା ଥିଲା ଯେ କୌଣସି ବି ପିଲା ଖାଲି ପେଟରେ ନ ରହନ୍ତୁ। ଏବେ ଏମିତି ଲାଗୁଛି ଯେ ଅନେକ ପରିବାର ପାଇଁ ପିଲାଙ୍କୁ ସ୍କୁଲ ପଠାଇବାର ପ୍ରାଥମିକ ଉଦ୍ଦେଶ୍ୟ ଶିକ୍ଷା ନୁହେଁ, ବରଂ ଓଳିଏ ଆହାର। ଏହା ଆମ ସାମାଜିକ ବିଷମତାର ସବୁଠାରୁ ଦୁଃଖଦ ଦିଗ। ଯେଉଁ ସ୍କୁଲଗୁଡ଼ିକ ଜ୍ଞାନର ମନ୍ଦିର ହେବା କଥା, ସେଗୁଡ଼ିକ କେବଳ ଅନ୍ନ ବଣ୍ଟନର କେନ୍ଦ୍ର ହୋଇ ରହିଯାଇଛନ୍ତି। ଶିକ୍ଷାର ସେହି ମୂଳ ଉଦ୍ଦେଶ୍ୟ, ଯାହା ପିଲାର ମାନସିକ ଏବଂ ବୌଦ୍ଧିକ ବିକାଶ ସହ ଯୋଡ଼ିହୋଇଥିଲା, ତାହା ଡାଲି-ଭାତ ଥାଳି ପଛରେ କେଉଁଠି ଲୁଚିଗଲାଣି। ଦୁର୍ନୀତି ଶିକ୍ଷାର ପୂରା ଢାଞ୍ଚାକୁ ଫମ୍ପା କରିଦେଇଛି। ପିଲାଙ୍କ ପାଖରେ ବହି, ୟୁନିଫର୍ମ ଏବଂ ସାଇକେଲ ପହଞ୍ଚିବାରେ ଅଧା ଶିକ୍ଷାବର୍ଷ ବିତିଯାଏ। ବହି ବିନା ଶ୍ରେଣୀଗୃହ ବିନା ଅସ୍ତ୍ରଶସ୍ତ୍ରରେ ସୀମାର ସୈନିକ ପରି।

ତଥାପି, ଆଶାର କିରଣ ବାକି ଅଛି। ସାରା ବିଶ୍ୱର ବିକଶିତ ଦେଶରେ ପ୍ରଗତିର ମୁଖ୍ୟ ଆଧାର ସରକାରୀ ସ୍କୁଲ। ସେଠାରେ ବାପା-ମା' ନିଜ ପିଲାମାନଙ୍କୁ ନେଇ ଘରୋଇ ସ୍କୁଲକୁ ଯାଆନ୍ତି ନାହିଁ। ଆମ ଦେଶରେ ମଧ୍ୟ ସମ୍ପ୍ରତି କିଛିବର୍ଷରେ କେତେକ ରାଜ୍ୟ ସରକାର ଏବଂ ଅନେକ ଶିକ୍ଷକ ଏହା ପ୍ରମାଣିତ କରିଛନ୍ତି ଯେ ଯଦି ଇଚ୍ଛାଶକ୍ତି ଥାଏ, ତେବେ ପରିବର୍ତ୍ତନ ସମ୍ଭବ। ଦେଶର କୋଣ-ଅନୁକୋଣରେ ଏପରି ଅନେକ ଶିକ୍ଷକ ଅଛନ୍ତି, ଯେଉଁମାନେ କୌଣସି ସରକାରୀ ସାହାଯ୍ୟ ବିନା, ନିଜର ଆଗ୍ରହରେ ସ୍କୁଲଗୁଡ଼ିକୁ ସ୍ମାର୍ଟ କ୍ଲାସ୍ ଏବଂ ସୁନ୍ଦର ପରିସରରେ ରୂପାନ୍ତରିତ କରୁଛନ୍ତି। କିନ୍ତୁ ପରିବର୍ତ୍ତନର ଏହି ଉଦାହରଣଗୁଡ଼ିକ ଯଥେଷ୍ଟ ନୁହେଁ। ଏହି ସମୟରେ ପୂରା ବ୍ୟବସ୍ଥାର କାୟାକଳ୍ପର ଆବଶ୍ୟକତା ଅଛି। ପ୍ରଥମେ ସମାଜକୁ ନିଜର ଚିନ୍ତାଧାରା ବଦଳାଇବାକୁ ପଡ଼ିବ। ଆମକୁ ଏହା ବୁଝିବାକୁ ହେବ ଯେ ସରକାରୀ ସ୍କୁଲଗୁଡ଼ିକ ସରକାରଙ୍କର ନୁହେଁ ଆମ ନିଜର। ●

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

### ନଡ଼ିଆ
(Coconut-Cocos nucifera)

ପ୍ରକୃତି-ପରିବେଶ

ନଡ଼ିଆ ମୂଳତଃ ଦକ୍ଷିଣ-ପୂର୍ବ ଏସିଆର ମୂଳଜାତ ଉଦ୍ଭିଦ। ଭାରତ ଓ ପୂର୍ବ ଆଫ୍ରିକାକୁ ଏହାର ପ୍ରବେଶ ପରେ ହୋଇଥିବା ବିଶ୍ୱାସ କରାଯାଏ। ଭାରତରେ ନଡ଼ିଆ ଉତ୍ପାଦନରେ ତାମିଲନାଡୁ, କର୍ଣ୍ଣାଟକ, କେରଳ ଓ ଆନ୍ଧ୍ରପ୍ରଦେଶ ଅଗ୍ରଣୀ। ଯଦିଓ କେରଳରେ ସର୍ବାଧିକ ସଂଖ୍ୟକ ନଡ଼ିଆ ଗଛ ଅଛି, ହେକ୍ଟର ପିଛା ଉତ୍ପାଦନରେ ତାମିଲନାଡୁ ଆଗରେ ରହିଛି। ନଡ଼ିଆ କେରଳର ସରକାରୀ ରାଜ୍ୟ ଗଛ।

ନଡ଼ିଆ ଏକବୀଜପତ୍ରୀ ଉଦ୍ଭିଦ, ଯାହା ଏକକ କାଣ୍ଡ ବିଶିଷ୍ଟ। କାଣ୍ଡର ଶୀର୍ଷରେ ଅନେକ ପତ୍ର ଚତୁର୍ଦ୍ଦିଗକୁ ବିସ୍ତାରିତ ହୋଇ ରହିଥାଏ। କାଣ୍ଡ ଶାଖାହୀନ, ୩୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ପତ୍ରଗୁଡ଼ିକ ଆକାରରେ ବଡ଼। ପୁରୁଣା ପତ୍ରଗୁଡ଼ିକ ପରିପକ୍ୱ ହେବା ପରେ ଝଡ଼ି ତଳେ ପଡ଼ିଯାଏ ଏବଂ ମସୃଣ ଗଣ୍ଡିରେ ଏକ ଦାଗ ଛାଡ଼ିଯାଏ। ନଡ଼ିଆ ଏକ ଡ୍ରୁପ୍ ବା ଅଷ୍ଟିଳା ଫଳ। ଏହାର ତିନୋଟି ସ୍ତର ଥାଏ - ଯଥା ଏକ୍ସୋକାର୍ପ ବା ବାହ୍ୟାବରଣ, ମେସୋକାର୍ପ ବା ମଧ୍ୟାବରଣ ଏବଂ ଏଣ୍ଡୋକାର୍ପ ବା ଅନ୍ତରାବରଣ (ଅନ୍ତର୍ବର୍ମ)। ଏକ୍ସୋକାର୍ପ ହେଉଛି ଚକଚକିଆ ବାହ୍ୟ ଛାଲ, ସାଧାରଣତଃ ହ ଳ ଦି ଆ - ସ ବୁ ଜ ରୁ ହଳଦିଆ-ମାଟିଆ ରଙ୍ଗର। ମେସୋକାର୍ପ ଫାଇବର ବା ତନ୍ତୁରେ ଗଠିତ, ଯାହାକୁ କଏର କୁହାଯାଏ। ଏକ୍ସୋକାର୍ପ ଏବଂ ମେସୋକାର୍ପ ନଡ଼ିଆର କତା ତିଆରି କରନ୍ତି, ଯେତେବେଳେ ଏଣ୍ଡୋକାର୍ପ କଠିନ ନଡ଼ିଆ 'ଖୋଳ' ତିଆରି କରନ୍ତି। ଏଣ୍ଡୋକାର୍ପର ଦୂରବର୍ତ୍ତୀ ପ୍ରାନ୍ତରେ ତିନୋଟି ସ୍ୱତନ୍ତ୍ର ଅଙ୍କୁରୀକରଣ ଛିଦ୍ର (ମାଇକ୍ରୋପାଇଲ୍ସ) ଥାଏ। ଦୁଇଟି ଛିଦ୍ର ବନ୍ଦ ହୋଇଥାଏ (ଆଖି), ଯେତେବେଳେ ଗୋଟିଏ କାର୍ଯ୍ୟକ୍ଷମ ଥାଏ। ଏଣ୍ଡୋକାର୍ପ ପ୍ରାରମ୍ଭରେ ଏକ ତରଳ ଏଣ୍ଡୋସ୍ପର୍ମ (ନଡ଼ିଆ ପାଣି) ସହିତ ପରିପୂର୍ଣ୍ଣ ହୋଇଥାଏ। ବିକାଶ ଜାରି ରହିବା ସହିତ, ଏଣ୍ଡୋସ୍ପର୍ମର କୋଷୀୟ ସ୍ତରଗୁଡ଼ିକ ଏଣ୍ଡୋକାର୍ପର କାନ୍ଥ ସହିତ ଜମା ହୁଏ। ଶେଷରେ ତାହା ଖାଦ୍ୟଯୋଗ୍ୟ କଠିନ ଏଣ୍ଡୋସ୍ପର୍ମ ବା ଭ୍ରୂଣପୋଷ କିମ୍ବା ଗର୍ଭପୋଷରେ ପରିଣତ ହୁଏ, ଯାହା ସମୟ ସହିତ କଠିନ ହୁଏ।

ନଡ଼ିଆ ଗଛ ଖାଦ୍ୟ, ଔଷଧ, ଇନ୍ଧନ, ପ୍ରସାଧନ ସାମଗ୍ରୀ, ନିର୍ମାଣ ସାମଗ୍ରୀ, ଇତ୍ୟାଦି ପ୍ରଦାନ କରେ। ଏହା ପୀଡ଼ାଲୋପୀ, ରକ୍ତ ବିଶୋଧକ ଓ କୃମିନାଶକ ହେବା ସହିତ ଉଚ୍ଚ ରକ୍ତଚାପ, ପ୍ରଦାହ, ଅସ୍ଥିସନ୍ଧି ପ୍ରଦାହ, ମଧୁମେହ, ବ୍ୟାକ୍ଟେରିଆ, ଭୂତାଣୁ, ଫଙ୍ଗସ, ତରଳ ଝାଡ଼ା, ନାଳ ରକ୍ତ ଝାଡ଼ା, ମ୍ୟାଲେରିଆ ଆଦି ରୋଗର ପ୍ରତିରୋଧୀ ରୂପେ କାର୍ଯ୍ୟକରେ। ବୃକକ୍, ହୃତପିଣ୍ଡ ଓ ଯକୃତର କାର୍ଯ୍ୟକୁ ସୁରକ୍ଷା ଦିଏ ଏବଂ ଅଲସର ଓ ଚର୍ମରୋଗରୁ ରକ୍ଷା କରେ। ଏହାର ମୂଳ ରଙ୍ଗ ଓ ମାଉଥୱାଶ୍ ପାଇଁ ବ୍ୟବହାର ହୁଏ।

କଞ୍ଚା ନଡ଼ିଆ ଭ୍ରୂଣପୋଷରେ ୪୭ % ପାଣି, ୩୩% ଚର୍ବି, ୧୫% କାର୍ବୋହାଇଡ୍ରେଟ୍ ବା ଶ୍ୱେତସାର ଓ ୩% ପ୍ରୋଟିନ୍ ଥାଏ। ନଡ଼ିଆରେ ପଲିଫେନୋଲ୍, ଫେନୋଲ୍, ଟାନିନ୍, ଲ୍ୟୁକୋଆନ୍ଥୋସାଇନାଇଡିନ୍, ଫ୍ଲାଭୋନଏଡ୍ସ, ଟ୍ରାଇଟରପେନ୍ସ, ଷ୍ଟେରଏଡ୍ସ, ସାପୋନିନ୍, ଘନୀଭୂତ ଟାନିନ୍, କ୍ୟାଟେଚିନ୍, ଏପିକେଟେଚିନ୍ ଲୌରିକ୍ ଏସିଡ୍, ବାୟୋଟିନ୍, ରାଇବୋଫ୍ଲାଭିନ୍, ଫୋଲିକ୍ ଏସିଡ୍, ଭିଟାମିନ୍ ବି୧, ବି୬, ଏବଂ ସି, ପାଇରିଡୋକ୍ସିନ୍, ଥିଆମିନ୍, ଫୋଲିକ୍ ଏସିଡ୍, ଆମିନୋ ଏସିଡ୍, ଏଲ୍-ଆର୍ଜିନାଇନ୍, ଏନଜାଇମ୍ ଏବଂ ଉଦ୍ଭିଦ ହରମୋନ୍‌ର କିଛି ପରିମାଣ ଥାଏ।

ପରିପକ୍ୱ ଫଳର ରସାଳ ଭ୍ରୂଣପୋଷ ଅନେକ ଲୋକଙ୍କ ଖାଦ୍ୟର ଏକ ନିୟମିତ ଅଂଶ। ପରିପକ୍ୱ ନଡ଼ିଆ ଭ୍ରୂଣପୋଷରୁ ତେଲ ଓ ନଡ଼ିଆ କ୍ଷୀର; କଠିନ ଖୋଳ ବା ଏଣ୍ଡୋକାର୍ପରୁ କୋଇଲା ଏବଂ ତନ୍ତୁମୟ ମେସୋକାର୍ପ ବା ମଧ୍ୟାବରଣରୁ କଏର ପାଇଁ ପ୍ରକ୍ରିୟାକରଣ କରାଯାଇପାରିବ। ଶୁଖିଲା ନଡ଼ିଆ ଭ୍ରୂଣପୋଷକୁ କୋପ୍ରା କୁହାଯାଏ ଏବଂ ଏଥିରୁ ପ୍ରାପ୍ତ ତେଲ ଓ କ୍ଷୀର ସାଧାରଣତଃ ରୋଷେଇ, ସାବୁନ ଓ ପ୍ରସାଧନ ସାମଗ୍ରୀରେ ବ୍ୟବହୃତ ହୁଏ। କଠିନ କୋଷ, ତନ୍ତୁମୟ କତା ଓ ଲମ୍ବା ପତ୍ର ସାଜସଜ୍ଜା ପାଇଁ ବ୍ୟବହୃତ ହୁଏ। ନଡ଼ିଆ କତା ଏବଂ ସଢ଼େଇରୁ ପାପୁଛ, କାର୍ପେଟ, କଣ୍ଢେଇ ଆଦି ପ୍ରସ୍ତୁତ କରାଯାଏ। 'ସବୁଜ ନଡ଼ିଆ' ବା 'ପଇଡ଼' ଭାବରେ ଜଣାଶୁଣା ଅପରିପକ୍ୱ ନଡ଼ିଆ, ନଡ଼ିଆ ପାଣି ଏବଂ ନରମ ଜେଲି ଭାବେ ବିକ୍ରି କରାଯାଏ।(କ୍ରମଶଃ...) ●

ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଭିଜିଲାନ୍ସ ଜାଲରେ ଡିଏଲ୍‌ଓ



କେନ୍ଦୁଝର, ୩୦।୮ (ସମିସ): ବିଦ୍ୟୁତ୍ ବିଭାଗର ଜଣେ ଠିକାଦାରଙ୍କ ଲାଇସେନ୍‌ସ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିବା ଅଭିଯୋଗରେ ବାଲେଶ୍ୱର ଭିଜିଲାନ୍‌ସ ଟିମ୍ କେନ୍ଦୁଝର ଶ୍ରମ ଅଧିକାରୀ ଆକାଶ ବିଶୋଇଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଭିଜିଲାନସ ବିଭାଗ ଶ୍ରୀ ବିଶୋଇଙ୍କଠାରୁ ୨୦ ହଜାର ଟଙ୍କା ଜବତ କରିବା ସହ ବିଭିନ୍ନ ସ୍ଥାନରେ ଯାଞ୍ଚ ଜାରି ରଖିଛି। ଗତ ୧୪ ତାରିଖରେ ସମ୍ପୃକ୍ତ ଟିପିଏନ୍‌ଓଡିଏଲ୍ ଠିକାଦାର ଲାଇସେନ୍‌ସ ପାଇଁ ଆବେଦନ କରିଥିଲା ବେଳେ ୧୬ ତାରିଖରେ ଶ୍ରୀ ବିଶୋଇ ଏନେଇ ତାଙ୍କଠାରୁ ୨୦ ହଜାର ଟଙ୍କା ଦାବି କରିଥିଲେ। ଏହାପରେ ସମ୍ପୃକ୍ତ ଠିକାଦାର ଭିଜିଲାନ୍‌ସ ବିଭାଗରେ ଅଭିଯୋଗ କରିଥିଲେ। ରବିବାର ସନ୍ଧ୍ୟାରେ ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଭିଜିଲାନ୍‌ସ ଟିମ୍ ଚଢ଼଼ଉ କରି କେନ୍ଦୁଝର ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଧରିଥିଲା। ଏନେଇ ଏକ ମାମଲା ରୁଜୁ କରାଯାଇ ଅଧିକ ଜାରି ରଖିଥିବା ଭିଜିଲାନ୍‌ସ ସୂତ୍ରରୁ ପ୍ରକାଶ।

# ଶୁଦ୍ଧିକ୍ରିୟାର ମାସକ ପରେ ଘରକୁ ଫେରିଲେ ଯୁବକ

## ଅଜଣା ଶବକୁ ନେଇ ପରିବାର କରିଥିଲେ ସତ୍କାର

ଢେଙ୍କାନାଳ/ହିନ୍ଦୋଳ, ୩୦।୮ (ସମିସ): ମାସକ ତଳେ ନିଖୋଜ ହୋଇଥିବା ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ତଥା ବାଲିମି ଥାନା ବାର୍ଷିଙ୍ଗା ଗ୍ରାମର ଜଣେ ଯୁବକ ଏବେ ଘରକୁ ଫେରିଛନ୍ତି। ସେ ହେଲେ ଗ୍ରାମର ସନାତନ ନାଏକ (୨୯)। ଅନ୍ୟପଟେ ସନାତନଙ୍କ ନିଖୋଜର କିଛିଦିନ ପରେ ରାସୋଳ ଥାନା ଅଞ୍ଚଳରୁ ଏକ ଗଳିତ ମୃତଦେହ ଉଦ୍ଧାର ହୋଇଥିଲା। ଏହି ମୃତଦେହ ସନାତନଙ୍କର ବୋଲି ସନ୍ଦେହ କରି ପୁଲିସ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ପରିବାର ଲୋକେ ଉକ୍ତ ମୃତଦେହ ସତ୍କାର କରିବା ସହ ସନାତନଙ୍କ ଶୁଦ୍ଧିକ୍ରିୟା ମଧ୍ୟ କରିଦେଇଥିଲେ। ଏବେ ସନାତନ ଫେରିଆସିବା ପରେ ପୁଲିସର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସନାତନ ବିବାହିତ ହୋଇଥିବା ବେଳେ ତାଙ୍କର ସାମାନ୍ୟ ମାନସିକ ବିକୃତି ରହିଛି। ପରିବାରରେ ତାଙ୍କ ବାପା, ମାଆ ଓ ୩ ଭାଇ ଅଛନ୍ତି। ଗତ ଜୁଲାଇ ୧୭ ତାରିଖରୁ ସେ ନିଖୋଜ ହୋଇଯାଇଥିଲେ। ଏ ନେଇ ପରିବାର ଲୋକେ ବାଲିମି ଥାନା ଦ୍ୱାରସ୍ଥ ହୋଇଥିଲେ। ପୁଲିସ ଓ ପରିବାର ଲୋକେ ବହୁ ଖୋଜାଖୋଜି କରିବା ସତ୍ତ୍ୱେ ସନାତନଙ୍କ ସନ୍ଧାନ ମିଳି ନ ଥିଲା। ତେବେ ସନାତନଙ୍କ ନିଖୋଜର ଠିକ୍ ୧୦ ଦିନ ପରେ ଜୁଲାଇ ୨୭ ତାରିଖ ରାସୋଳ ଥାନା କୁନୁଆଁ ଗାଁ ଧାନଜମିରୁ ଅଜଣା ଯୁବକଙ୍କ ଗଳିତ ମୃତଦେହ ଠାବ ହୋଇଥିଲା। ପୁଲିସ ଏହି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ସନାତନଙ୍କ ପରିବାରକୁ ହସ୍ତାନ୍ତର କରିଥିଲା। ମୃତଦେହ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଚିହ୍ନଟ କରିବା ସମ୍ଭବ ହୋଇ ନ ଥିଲା। ତେଣୁ ପରିବାର ଲୋକେ ବାଧ୍ୟହୋଇ ମୃତଦେହ ଗ୍ରହଣ କରିବା ସହ ସତ୍କାର କରିଥିଲେ। ପରେ ପୁଅ ମରିଯାଇଥିବା ଭାବି ଶୁଦ୍ଧିକ୍ରିୟା ମଧ୍ୟ କରିଥିଲେ। ମାତ୍ର ମାସକ ପରେ ସନାତନ ଜୀବିତ ଅବସ୍ଥାରେ ଘରକୁ ଫେରି ଆସିଛନ୍ତି। ପୁଲିସର ଖାମଖିଆଲ ନୀତି ଯୋଗୁଁ ଏପରି ଘଟଣା ଘଟିଲା ବୋଲି ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ବାଲିମି ଥାନାଧିକାରୀ ଚାରୁଲତା ସାହୁଙ୍କୁ ଯୋଗାଯୋଗ କରିବାରେ, ଏଭଳି ଅଭିଯୋଗ ଆମ ଥାନାରେ ପୂର୍ବରୁ ହୋଇ ନ ଥିଲା ବୋଲି କହିଛନ୍ତି। ପ୍ରତିକ୍ରିୟା ପାଇଁ ରାସୋଳ ଥାନା ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିବାରୁ ଯୋଗାଯୋଗ ସମ୍ଭବ ହୋଇନାହିଁ। ଅନ୍ୟପଟେ ସନାତନଙ୍କୁ ଫେରି ପାଇବା ପରେ ପରିବାରରେ ଖୁସିର ଲହରି ଖେଳିଯାଇଛି।

**ପୁଲିସର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନବାଚୀ**



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୁଡ଼ଙ୍ଗରେ ଫସିଛନ୍ତି...

ନେପାଳର ଜାତୀୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ, ଭୋଟେ କୋଶୀ ଏବଂ ତ୍ରିଶୂଳୀ ନଦୀର ଜଳସ୍ତର ପୁଣି ଥରେ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ନେପାଳ-ଚୀନ ସୀମାରେ ଧସି ପଡ଼ିଥିବା ପାହାଡ଼ ଓ ବରଫଖଣ୍ଡ ନଦୀର ଗତିପଥକୁ ଅବରୋଧ କରି ଏକ ବଡ଼ କୃତ୍ରିମ ହ୍ରଦ ସୃଷ୍ଟି କରିଛି। ଏହାର ବନ୍ଧ ଭାଙ୍ଗିଲେ ତଳମୁଣ୍ଡରେ ପୁଣି ଏକ ପ୍ରଳୟଙ୍କରୀ ବନ୍ୟା ଆସିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଉଦ୍ଧାରକାରୀ ଦଳ ଏବଂ ନଦୀକୂଳିଆ ଅଞ୍ଚଳର ବାସିନ୍ଦାଙ୍କୁ ଅତ୍ୟଧିକ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଜଙ୍ଗଲ ସଂରକ୍ଷଣ...

ଦେଖାଇଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

ସୂଚନା ଅନୁସାରେ ଆରମ୍ଭରୁ ଗ୍ରାମବାସୀଙ୍କ ବିରୋଧ ଓ ପାରମ୍ପରିକ ରକ୍ଷଣଶୀଳ ମାନସିକତାର ଶିକାର ହୋଇଥିଲେ ମଧ୍ୟ ମୈଥିଳୀ ପଛଘୁଞ୍ଚା ଦେଇ ନ ଥିଲେ। ପୁରୁଷକେନ୍ଦ୍ରିକ ବୋଲି ଧରାଯାଉଥିବା ଜଙ୍ଗଲ ପହରା, ପର୍ଯ୍ୟଟକ ପରିଚାଳନା ଓ ବନ୍ୟଜନ୍ତୁ ସୁରକ୍ଷା ଭଳି ଦାୟିତ୍ୱକୁ ନିଜ କାନ୍ଧକୁ ନେଇ ସେ ନାରୀଶକ୍ତିର ପରିଚୟ ସୃଷ୍ଟି କରିଥିଲେ। ୨୦୨୩ ମସିହାରେ ବନ ବିଭାଗ ସହଯୋଗରେ ସେ ଡେବ୍ରୀଗଡ଼ର ୧୦୦ ସିଟ୍ ବିଶିଷ୍ଟ "ଜିରୋ ପଏଣ୍ଟ ରେଷ୍ଟୁରାଣ୍ଟ'ର ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ। ବର୍ତ୍ତମାନ ସେ ମାସିକ ପ୍ରାୟ ୯,୫୦୦ ଟଙ୍କା ରୋଜଗାର କରି ନିଜ ପରିବାରର ଆର୍ଥିକ ସ୍ଥିରତା ଆଣିବା ସହ ପିଲାମାନଙ୍କ ପାଠପଢ଼ା ଓ ଚିକିତ୍ସା ଖର୍ଚ୍ଚ ତୁଲାଉଛନ୍ତି। ମୈଥିଳୀଙ୍କ ପ୍ରେରଣାରେ ଜଙ୍ଗଲରୁ କଞ୍ଚା ଗଛ କାଟିବା ଓ କେନ୍ଦୁପତ୍ର ତୋଳିବା ବନ୍ଦ ହୋଇଛି। ଗ୍ରାମବାସୀଙ୍କୁ ରନ୍ଧନ ଗ୍ୟାସ୍ ବ୍ୟବହାର, ଶୌଚାଳୟ ନିର୍ମାଣ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଶିକାର ବିରୋଧରେ ସଚେତନ କରି ସେ ଧୋଡ୍ରେରାକୁସୁମକୁ ଏକ "ସବୁଜ ଗ୍ରାମ' ଭାବେ ଗଢ଼ି ତୋଳିଛନ୍ତି। ତାଙ୍କ କାର୍ଯ୍ୟଦକ୍ଷତା ପାଇଁ ସେ ଗ୍ରାମର ଇକୋ-ଡେଭଲପ୍‌ମେଣ୍ଟ କମିଟିର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହାସହ ଏକାକୀ ମହିଳା ଓ ବିଧବା ମହିଳାମାନଙ୍କ ଆର୍ଥିକ ଉନ୍ନତି ପାଇଁ ଧେଡ଼େରାକୁସୁମରେ ଆଦିବାସୀ ମହିଳା ପରିଚାଳିତ "ହୋମଷ୍ଟେ' ପ୍ରକଳ୍ପ ଆରମ୍ଭ ହୋଇଛି।

### ବଢ଼ିବ ବିଧାୟକଙ୍କ...

ବିଧାୟକଙ୍କୁ ମିଳୁଥିବା ଦରମା ଓ ଭତ୍ତାରେ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ଯୁଗ୍ମ କମିଟି ଅନୁଭବ କରିଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଯୁଗ୍ମ କମିଟିରେ ସାଂସଦ ବିଜୟ କୁମାର ଦୁବେ, ବୀଣା ଦେବୀ, କେ. ଗୋପୀନାଥ, ବାବୁ ସିଂ କୁଶୱାହା, ରିଚାର୍ଡ ଭାମିଲାହମନଗିଆଙ୍କ ସହ ସଂସଦର ନିର୍ଦ୍ଦେଶକ ଭଟଶାଳା ଜୋଷୀ ପ୍ରମୁଖ ସାମିଲ ଅଛନ୍ତି। ଅପରପକ୍ଷେ ବିଧାୟକ, ପୂର୍ବ ବିଧାୟକଙ୍କ ଦରମା, ପେନସନ ବୃଦ୍ଧି କରିବାକୁ ବିରୋଧୀ ବିଜେଡି, କଂଗ୍ରେସ ବିଧାୟକଙ୍କ ସମେତ ଶାସକ ଦଳର ବିଧାୟକମାନେ ମଧ୍ୟ ଦାବି କରିଛନ୍ତି।

### ପରିବାର ନ ପୋଷିଲେ...

ଆକାଉଣ୍ଟରେ ସିଧାସଳଖ ଇଲୋକ୍ଟ୍ରୋନିକ୍ ସୂତ୍ରରେ ଜମା କରିବେ। ଆଗାମୀ ଦିନରେ ଏହିପରି ଅଦାଲତଙ୍କ ନିର୍ଦ୍ଦେଶିତ ଭରଣପୋଷଣ ସମ୍ପର୍କିତ ବିଷୟକୁ ରାଜ୍ୟ ସରକାରଙ୍କ ସମନ୍ୱିତ ଓ ସ୍ୱୟଂଚାଳିତ ବ୍ୟବସ୍ଥାରେ ଯୋଡ଼ାଯାଇ ଏହି ବ୍ୟବସ୍ଥାକୁ ଆହୁରି ଉନ୍ନତ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ଖସୁନି ପେଟ୍ରୋଲ...

ସମ୍ପ୍ରତି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୮୩ ଡଲାର ରହିଛି। ବ୍ରେଣ୍ଟ ଅଶୋଧିତ ତୈଳର ମୂଲ୍ୟ ପ୍ରତି ବ୍ୟାରେଲ ୮୮.୧୭୫ ଡଲାରକୁ ହ୍ରାସ ଘଟିଥିବାବେଳେ ଆମେରିକୀୟ ଡବ୍ଲ୍ୟୁଟିଆଇ ମୂଲ୍ୟ ବ୍ୟାରେଲ ପିଛା ୮୩.୪୪୦ ଡଲାରକୁ ହ୍ରାସ ପାଇଛି। ସେହିପରି ଏଥିରେ ସାଧାରଣ ଖାଉଟିଙ୍କ ପ୍ରଶ୍ନ ଯେତେବେଳେ ଦେଶରେ ଇଥାନଲର ବ୍ୟବହାର ବୃଦ୍ଧି ପାଉଛି ଏବଂ ଅନ୍ତର୍ଜାତୀୟ ବଜାରରେ ତୈଳ ମୂଲ୍ୟ ବର୍ତ୍ତମାନ ହ୍ରାସ ପାଉଛି, ସେତେବେଳେ ଭାରତରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ କେବେ ହ୍ରାସ ହେବ? ବର୍ତ୍ତମାନ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୯.୧୫ ଟଙ୍କା ଏବଂ ଡିଜେଲ ଲିଟର ପ୍ରତି ୧୦୦.୮୦ ଟଙ୍କା ଉପରେ ରହିଛି। କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରଣାଳୟର କହିବା ହେଉଛି, ପେଟ୍ରୋଲରେ ଇଥାନଲ ମିଶ୍ରଣର ପ୍ରାଥମିକ ଉଦ୍ଦେଶ୍ୟ ଖୁଚୁରା ଇନ୍ଧନ ମୂଲ୍ୟ ହ୍ରାସ କରିବା ନୁହେଁ, ବରଂ ଆମଦାନୀକୃତ ଅଶୋଧିତ ତେଲ ଉପରେ ଭାରତର ନିର୍ଭରଶୀଳତା କମ୍ କରିବା।

ଅପରପକ୍ଷେ ଭାରତରୁ ଯାଉଥିବା ପେଟ୍ରୋଲ ଏବେ ରୁଷର 'ଜୀବନ ରେଖା' ପାଲଟିଛି। ୟୁକ୍ରେନର ଡ୍ରୋନ ଆକ୍ରମଣର ପ୍ରଭାବ ଏବେ ରୁଷର ଇନ୍ଧନ ବଜାର ଉପରେ ସ୍ପଷ୍ଟ ଭାବରେ ଦେଖାଯାଉଛି। ଅନେକ ରୁଷର ତୈଳ ବିଶୋଧନାଗାର ଉପରେ ଆକ୍ରମଣ ଘରୋଇ ପେଟ୍ରୋଲ ଉତ୍ପାଦନକୁ ପ୍ରଭାବିତ କରିଛି। ଫଳସ୍ୱରୂପ, ରୁଷ ତାର ଆବଶ୍ୟକତା ପୂରଣ କରିବା ପାଇଁ ଅନ୍ୟ ଦେଶରୁ ପେଟ୍ରୋଲ ଆମଦାନୀ କରିବାକୁ ବାଧ୍ୟ ହେଉଛି। ଏହି ପରିସ୍ଥିତିରେ, ଭାରତ ରୁଷକୁ ପେଟ୍ରୋଲର ଏକ ପ୍ରମୁଖ ଯୋଗାଣକାରୀ ଭାବରେ ଉଭା ହୋଇଛି। ମାତ୍ର ୨ ମାସରେ ଭାରତ ରୁଷକୁ ୧୦ ଲକ୍ଷ ବ୍ୟାରେଲ୍ ତୈଳ ରପ୍ତାନି କରିଛି।


13001/1686/2627 **ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ**
**ବିକାଶ ପଥେ " ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ "ନୀଳଗିରି**

୧. ନୀଳଗିରି ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ବୃକ୍ଷରୋପଣ କରି ପରିବେଶକୁ ସୁସ୍ଥ ରଖନ୍ତୁ।
୨. ପରିଷଦର ଟିକସ ଠିକ୍ ସମୟରେ ପୈଠ କରି ଆର୍ଥିକ ସ୍ଥିତିକୁ ମଜଭୁତ କରନ୍ତୁ।
୩. ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ଏବଂ ନିରାପତ୍ତା ଆପଣଙ୍କର ନୈତିକ ଦାୟିତ୍ୱ।
୪. ରାସ୍ତା କଡ ଓ ନାଳ ଉପରେ କ୍ୟାବିନ କିମ୍ବା ଗୃହ ନିର୍ମାଣ ଜିନିଷ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ।
୫. ଗୃହପାଳିତ ପଶୁ ଯଥା:-ଗାଈ, ଗୋରୁ, ଛେଳି, ମେଣ୍ଢା ମାନଙ୍କୁ ରାସ୍ତାରେ ବୁଲିବାକୁ ଦିଅନ୍ତୁ ନାହିଁ।
୬. ନିଜ ନିଜର ଅଳିଆ ଆବର୍ଜନାକୁ ନାଳ କିମ୍ବା ସର୍ବସାଧାରଣ ରାସ୍ତାରେ ନପକାଇ ଘରକୁ ଘର ବୁଲି ଅଳିଆ ଆଣୁଥିବା କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ।
୭. ନୂତନ ପକ୍କାଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ଅନୁମୋଦନ କରାଇ ଗୃହନିର୍ମାଣ କରାନ୍ତୁ।
୮. ନୀଳଗିରି କୁ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ସହରରେ ପରିଣତ କରିବା ପରିଷଦର ଲକ୍ଷ୍ୟ, ଏହାଦ୍ୱାରା ସହରକୁ ପ୍ରଦୂଷଣ ମୁକ୍ତ କରାଯାଇପାରିବ।
୯. ଜଳ ନିଷ୍କାସନ ପାଇଁ ପଥ ଅବରୋଧ କରନ୍ତୁ ନାହିଁ।

ଶ୍ରୀ ଅଂଶୁମାନ ପରିଡା, ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି
ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା, ଭାରପ୍ରାପ୍ତ ନଗରପାଳ, ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି
ସମସ୍ତ ସଭ୍ୟ/ ସଭ୍ୟା ଓ କର୍ମଚାରୀ ବୃନ୍ଦ ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି
OIPR-13001/13179/1/26-27/0005



**ସୋର ପୌରପାଳିକା କାର୍ଯ୍ୟାଳୟ, ସୋର, ବାଲେଶ୍ୱର**

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଅବସରରେ ସୋର ପୌରପାଳିକା ତରଫରୁ ଶିକ୍ଷା, କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ର ମାଟି ସୋର ପୌରପାଳିକା ର ସମସ୍ତ ବୟୋଜ୍ୟେଷ୍ଠ ନାଗରିକ, ବୁଦ୍ଧିଜୀବୀ, ମହିଳା, ଛାତ୍ରଛାତ୍ରୀ, ସର୍ବୋପରି ସବୁ କ୍ଷେତ୍ରରେ ଦେଶ ଓ ରାଜ୍ୟ ପାଇଁ ଗର୍ବ ଆଣିଦେଇଥିବା ଏହି ମାଟିର ଯଶସ୍ୱୀ ଯୋଦ୍ଧା ସୈନିକ, କ୍ରୀଡାବିତ୍, ଶିକ୍ଷାବିତ୍, ସାହିତ୍ୟିକ, ପ୍ରବନ୍ଧକ, ପ୍ରଶାସକ, ରାଜନୈତିକ ବ୍ୟକ୍ତିତ୍ୱ, ସମାଜସେବୀ ଆଦି ସମସ୍ତଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହିତ ସୋର ମାଟିର ଆହୁରି ଉତ୍ତରୋତ୍ତର ସମୃଦ୍ଧି ସହିତ ଏକ ସ୍ୱଚ୍ଛ, ସବୁଜ ଓ ଶାନ୍ତ ସୋର ସହର ଗଠନ ପାଇଁ ଆପଣଙ୍କର ସହଯୋଗ ଏକାନ୍ତ କାମ୍ୟ।

କାର୍ଯ୍ୟନିର୍ବାହୀ ଅଧିକାରୀ, ସୋର ପୌରପାଳିକା
ଜିଲ୍ଲାପାଳ ବାଲେଶ୍ୱର ତଥା ଭାରପ୍ରାପ୍ତ ଅଧକ୍ଷ, ସୋର ପୌରପାଳିକା, ସୋର
ଏବଂ ସମସ୍ତ ପରିଷଦ ବୃନ୍ଦ, ସୋର ପୌରପାଳିକା
OIPR-13001/13166/1/26-27/0006 13001/1685/2627



13001/1692/2627 **ଜଳେଶ୍ୱର ପୌର ପାଳିକା, ଜଳେଶ୍ୱର**

ଜଳେଶ୍ୱର ପୌରପାଳିକା ସହରବାସୀଙ୍କୁ ଶୁଭେଚ୍ଛା ଜ୍ଞାପନ ପୂର୍ବକ ନିମ୍ନଲିଖିତ କାର୍ଯ୍ୟକ୍ରମ ରେ ଜନସାଧାରଣଙ୍କ ସହଯୋଗ କାମନା କରୁଅଛି। ଆସନ୍ତୁ ପୌରାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକତାବଦ୍ଧ ହୋଇ କାର୍ଯ୍ୟ କରିବା।
୧) ଆପଣଙ୍କ ପ୍ରଦତ ଟିକସ ସହରର ବିକାଶ ମୂଳକ କାର୍ଯ୍ୟରେ ଲାଗିଥାଏ। ଏଣୁ ପରିଷଦର ଦେୟ ଯଥା ସମୟରେ ପଇଠ କରନ୍ତୁ।
୨) ଅଳିଆ ଆବର୍ଜନାକୁ ଏଣେ ତେଣେ ନ ଫିଙ୍ଗି ପୌର ପାଳିକାରୁ ଆସୁଥିବା ଅଳିଆ ସଂଗ୍ରହ ଗାଡିରେ ଅଲଗା ଅଲଗା କରି ଦିଅନ୍ତୁ।
୩) ପଲିଥିନ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନ କରି ଜଳେଶ୍ୱର ପୌରପାଳିକାକୁ ପଲିଥିନ ମୁକ୍ତ ସହର ଭାବେ ପରିଗଣନା କରନ୍ତୁ।
୪) ପାଇଖାନା କିମ୍ବା ସେପଟିକ ଟାଙ୍କିର ପାଇପକୁ ସିଧାସଳଖ ଭାବରେ ଡ୍ରେନକୁ ସଂଯୋଗ କରନ୍ତୁ ନାହିଁ।
୫) ସର୍ବସାଧାରଣଙ୍କ ରାସ୍ତା ଉପରେ, ନାଳ ନର୍ଦ୍ଦମା ଇତ୍ୟାଦିରେ କୌଣସି ବର୍ଜ୍ୟ ବସ୍ତୁ ତଥା ଗୃହ ନିର୍ମାଣ ସାମଗ୍ରୀ ଇତ୍ୟାଦି ପକାଇ ଅବରୋଧ କରନ୍ତୁ ନାହିଁ।
୬) ନିଜ ପଟ୍ଟା ଭୁକ୍ତ ଜମିରେ ଘର ନିର୍ମାଣ କରିବା ପୂର୍ବରୁ ପରିଷଦରୁ ଅନୁମତି ନେଇ ନିର୍ମାଣ କରନ୍ତୁ।
୭) ସରକାରୀ ଓ ସର୍ବସାଧାରଣଙ୍କ ଜାଗାକୁ ଜବର ଦଖଲ କରନ୍ତୁ ନାହିଁ।
୮) ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହାନ ପାର୍କି କରନ୍ତୁ।
୯) ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଓ ସ୍ୱାଇନ ଫ୍ଲୁ ପ୍ରଭୃତି ରୋଗରୁ ମୁକ୍ତି ପାଇବା ପାଇଁ ନିଜ ଘରର ପରିବେଶକୁ ସଫା ସୁତୁରା ରଖିବା ସଙ୍ଗେ ସଙ୍ଗେ ଉପରୋକ୍ତ ରୋଗ ଗୁଡିକ ପୌରାଞ୍ଚଳରେ ଦେଖା ଦେଲେ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ସହିତ ଯୋଗାଯୋଗ କରନ୍ତୁ ଏବଂ ଚେଙ୍କ ଓ ଗୁଣି ଗାରିଡି ଭଳି ଅନ୍ଧ ବିଶ୍ୱାସ ଠାରୁ ଦୂରେଇ ରୁହନ୍ତୁ।

ଶ୍ରୀ ପ୍ରଦିପ କୁମାର ପ୍ରଧାନ, ନଗରପାଳ, ଜଳେଶ୍ୱର ପୌରପାଳିକା
ଶ୍ରୀମତୀ ପୁଷ୍ପପ୍ରିୟା କାମିଲା, ଉପ-ନଗରପାଳ ଜଳେଶ୍ୱର ପୌରପାଳିକା
ଶ୍ରୀ ହେମନ୍ତ କୁମାର ସିଂ ଓ ଆର ଏସ (ଏ) ଜେବି, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜଳେଶ୍ୱର ପୌରପାଳିକା
ଏବଂ ପରିଷଦର ସମସ୍ତ ସଭ୍ୟ / ସଭ୍ୟା ଜଳେଶ୍ୱର ପୌରପାଳିକା
OIPR-13001/13126/1/26-27/0007



**ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୬ ଅବସରରେ ଖୋରଧା ପୌର ପରିଷଦ ତରଫରୁ ଖୋରଧା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ**

ସ୍ୱଚ୍ଛ, ସୁସ୍ଥ, ସୁନ୍ଦର ଓ ବିକଶିତ ସହର ଗଠନ କେବଳ ପୌର ପରିଷଦର ଦାୟିତ୍ୱ ନୁହେଁ, ଏଥିପାଇଁ ପ୍ରଶାସନ ସହିତ ପ୍ରତ୍ୟେକ ନାଗରିକଙ୍କର ସକ୍ରିୟ ସହଯୋଗ ଓ ସଚେତନତା ଆବଶ୍ୟକ। ଏହି ଦିଗରେ ଖୋରଧା ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, ଆବର୍ଜନା ପରିଚାଳନା, ରାସ୍ତାଘାଟର ପରିଚ୍ଛନ୍ନତା, ନାଗରିକ ସେବା ଓ ସହରର ସାମଗ୍ରିକ ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପ ନିଶ୍ଚିତ ଭାବେ ପ୍ରଶଂସନୀୟ।

ଖୋରଧା ହେଉଛି ଓଡ଼ିଶାର ଐତିହ୍ୟ, ସ୍ୱାଭିମାନ ଓ ଗୌରବର ଏକ ଅନନ୍ୟ ପରିଚୟ। ଏହି ଐତିହାସିକ ସହରକୁ ଆଧୁନିକ ନାଗରିକ ସୁବିଧା ସହିତ ଏକ ସ୍ୱଚ୍ଛ, ସୁସ୍ଥ, ସୁନ୍ଦର, ପରିବେଶ ବନ୍ଧୁ ଓ ଆଦର୍ଶ ସହର ଭାବେ ଗଢ଼ି ତୋଳିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ।

ପୌର ପରିଷଦର ସ୍ୱଚ୍ଛତା କର୍ମୀମାନେ ପ୍ରତିଦିନ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ନିଷ୍ଠାର ସହିତ ସମ୍ପାଦନ କରି ସହରକୁ ପରିଷ୍କାର ରଖିବାରେ ଯେଉଁ ଅବଦାନ ରଖୁଛନ୍ତି, ସେଥିପାଇଁ ସେମାନେ ବିଶେଷ ପ୍ରଶଂସା ଓ ସମ୍ମାନର ଅଧିକାରୀ। ସେହିପରି ପୌର ପରିଷଦର ଅଧିକାରୀ, କର୍ମଚାରୀ, ଜନପ୍ରତିନିଧି ଓ ସଚେତନ ନାଗରିକଙ୍କ ମିଳିତ ପ୍ରୟାସ ହିଁ ଖୋରଧାକୁ ଆହୁରି ଆଗକୁ ନେଇପାରିବ।

ଆଜିର ସଫଳତା ଆସନ୍ତାକାଲିର ବଡ଼ ସଫଳତା ପାଇଁ ପ୍ରେରଣା ଦାୟକ ହେଉ। ଖୋରଧା ପୌର ପରିଷଦ ଆଗାମୀ ଦିନରେ ନାଗରିକଙ୍କୁ ଆହୁରି ଉତ୍ତମ, ସ୍ୱଚ୍ଛ, ପାରଦର୍ଶୀ ଓ ଦାୟିତ୍ୱଶୀଳ ପୌର ସେବା ପ୍ରଦାନ କରିବା ସହିତ ସହରର ସର୍ବାଙ୍ଗୀନ ବିକାଶରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରୁ- ଏହା ହିଁ ଆମର ଆନ୍ତରିକ କାମନା।

ଖୋରଧା ପୌର ପରିଷଦର ସମସ୍ତ ପ୍ରୟାସ ସଫଳ ହେଉ, ଖୋର୍ଦ୍ଧା ସହର ଆହୁରି ସ୍ୱଚ୍ଛ, ସୁନ୍ଦର ଓ ସମୃଦ୍ଧ ହେଉ - ଏହି ଶୁଭକାମନା ସହିତ ପୌର ପରିଷଦ ପକ୍ଷରୁ ପୁନର୍ବାର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

"ସ୍ୱଚ୍ଛ ଖୋରଧା - ସୁନ୍ଦର ଖୋରଧା ସମୃଦ୍ଧ ଖୋରଧା - ଆମ ସମସ୍ତଙ୍କ ଖୋରଧା"

କାବେରୀ ମୁଦୁଲି, (ଓ.ପ୍ର.ସେ.), ନିର୍ବାହୀ ଅଧିକାରୀ, ପୌର ପରିଷଦ, ଖୋରଧା
ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି, ପୌରାଧକ୍ଷା, ପୌର ପରିଷଦ, ଖୋରଧା
ଶ୍ରୀ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଉପାଧକ୍ଷ
ଓ ସମସ୍ତ ସଭ୍ୟ ସଭ୍ୟାବୃନ୍ଦ, ପୌର ପରିଷଦ, ଖୋରଧା
OIPR-13001/13082/1/26-27/0007 13001/1694/2627



**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 29/08/2026, C.F No -1, I , Shreya Suman Dash, D/o Sanjeev Kumar Dash, At Bentapur Jagiri, Bhingarpur, Po-Bhatpatna, Dist - Khorda, Odisha - 752115 declare that I have corrected the spelling of my father's name from Sanjib Kumar Dash to Sanjeev Kumar Dash. Henceforth, he shall be known as **Sanjeev Kumar Dash** for all purposes.
Shreya Suman Dash

**AFFIDAVIT**

By virtue of an affidavit sworn before Executive Magistrate, Jaleswar, Balasore, Odisha vide Sl. no. 3506 dt.07.08.2026 I, Rupa Bindhani, D/o. Sudarshan Bindhani, At. Prasadsole, P.O. Asabandha, P.S. Raibania, Dist. Balasore, Odisha, PIN-756033, Aadhaar No. 866570871357 declare that I have changed my old name Radharani Bindhani to Rupa Bindhani. Henceforth, I shall be known as **Rupa Bindhani** for all purposes.

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar on Dated. 24.08.2026, I, Gitarani Mohapatra, W/o-Narayan Mohapatra, Village- Hansapada, P.O.- Chanrapada, P.S.- Nimapara, Dist- Puri, Odisha, Pin-752106 do hereby declare that I have changed my name from Bijayalaxmi Sahoo to Gitarani Mohapatra. Henceforth she will be known as **Gitarani Mohapatra** for all purposes.

**AFFIDAVIT**

I, ALEMARA KHATUN aged about 28 years, W/O- AYUB KHAN, AT-RASAIPUR, BHOGRAI, DIST- BALESWAR , PIN-756038,ODISHA, declared by this Affidavit No.994/2026 Dated. 30.08.2026, That now onwards I shall Be Known As **ALEMARA BIBI** for all future Purposes.



ସ୍ୱାଗତମ ସ୍ୱାଗତମ ସ୍ୱାଗତମ

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ**

ସର୍ବଭାରତ ସ୍ତରୀୟ ପବିତ୍ର ସ୍ୱାୟତ୍ତ ଶାସନ ଦିବସ- ୩୧ ଅଗଷ୍ଟ ୨୦୨୬ ପାଳନ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ, କେନ୍ଦୁଝର ଜନସାଧାରଣଙ୍କ ଉନ୍ନତି, ବିକାଶ ତଥା ସର୍ବୋପରି ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ସାମିଲ ହୋଇ ଆସୁଅଛି। ସରକାରଙ୍କ ପକ୍ଷରୁ ବିଭିନ୍ନ କଲ୍ୟାଣମୂଳକ ଯୋଜନାରୁ ଉପକୃତ ହେବାପାଇଁ ପରିଷଦ ସହିତ ଯୋଡିହେବାକୁ ଜନସାଧାରଣମାନଙ୍କୁ ବିନମ୍ର ଅନୁରୋଧ।

ଆସନ୍ତୁ ସମସ୍ତେ ମିଳିମିଶି ଏହି ଶୁଭ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆକୁ ସରସ, ସୁନ୍ଦର ଓ ବିକଶିତ କରିବା ପାଇଁ ପରିଷଦ / ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଟିକସମାନ ଠିକ୍ ସମୟରେ ପଇଠ କରି ନିଜର କର୍ତ୍ତବ୍ୟ ଓ ଅଧିକାରକୁ ସାବ୍ୟସ୍ତ କରିବା ଦିଗରେ ସଚେତନ ହେବା। ଏହା ହିଁ ଆଜିର ପବିତ୍ର ଦିବସରେ କାମନା।

"ଆଇନଗତ ସଫେଇ ସୁରକ୍ଷିତ ସଫେଇ
ଆମର ଲକ୍ଷ- ସ୍ୱଚ୍ଛ, ସୁନ୍ଦର ଓ ସୁସ୍ଥ ସହର"





ଶ୍ରୀ ଜଗନ୍ନାଥ ବେହେରା, ଓ.ରା.ସେ, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ
ଶ୍ରୀମତୀ ସୁମିତ୍ରା ବେହେରା, ଉପାଧକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ
ଶ୍ରୀଯୁକ୍ତ ଗିରିଜା ଶଙ୍କର ସାହୁ, ଅଧକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ



13001/1703/2627
ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଚାନ୍ଦବାଲି
OFFICE OF THE NOTIFIED AREA COUNCIL: CHANDBALI
E.Mail: chandbali.nac@gmail.com Pin:-756133 (Odisha)

ବିଜ୍ଞାପନ




ନିଖିଳ ଭାରତ ସ୍ୱାୟତ୍ତ ଶାସନ – ୨୦୨୬ ପାଳନ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚାନ୍ଦବାଲି ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ ପୂର୍ବକ ନିମ୍ନଲିଖିତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହଯୋଗ କାମନା କରୁଅଛୁ

୦୧. ପରିଷଦର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗର ହାତ ବଢାଇ ଚାନ୍ଦବାଲି ସହରାଞ୍ଚଳକୁ ସବୁଜ ସୁନ୍ଦର କରି ଗଢି ତୋଳିବାରେ ସହାୟକ ହୁଅନ୍ତୁ।
୦୨. ଠିକ ସମୟରେ ପରିଷଦର ବିଭିନ୍ନ ଟିକସ ଓ ଲାଇସେନ୍ସ ଫୀ ପଇଠ କରି ପରିଷଦର ଦ୍ରୁତପ୍ରଗତିରେ ସହାୟକ ହୁଅନ୍ତୁ।
୦୩. ଆବଶ୍ୟକ ଫୀ ଜମା କରି ପରିଷଦରୁ ଟ୍ରେଡ ଲାଇସେନ୍ସ ହାସଲ କରନ୍ତୁ।
୦୪. ଗୃହ ନିର୍ମାଣ ପୂର୍ବରୁ ପରିଷଦର ଅନୁମତି ନିଅନ୍ତୁ ଓ ଆବଶ୍ୟକ ପ୍ଲାନ, ଏଷ୍ଟିମେଟ୍ ଅନୁମୋଦନ କରାନ୍ତୁ।
୦୫. ନିଜ ପରିବେଶକୁ ପରିଷ୍କାର ରଖିବା ସହ ପରିଷଦର ପରିମଳ କାର୍ଯ୍ୟରେ ସହଯୋଗ କରନ୍ତୁ।
୦୬. ପଲିଥିନ ପରିବେଶର ବଡ ଶତ୍ରୁ, ଏହାର ବ୍ୟବହାର ବନ୍ଦ କରି ପରିବେଶର ସୁରକ୍ଷା କରନ୍ତୁ।
୦୭. ଘର ଆଖପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ, ଡେଙ୍ଗୁର ଭୟାଭୟତା ପ୍ରତି ସଚେତନ ରୁହନ୍ତୁ।
୦୮. ସର୍ବୋପରି ପରିଷଦର ସମ୍ପତ୍ତି ଆପଣଙ୍କର ସମ୍ପତ୍ତି, ଏହାର ସୁରକ୍ଷାରେ ସହାୟତା କରନ୍ତୁ।

ଶ୍ରୀ ଆଭାସ ରଞ୍ଜନ ପାଣିଗ୍ରାହୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚାନ୍ଦବାଲି
ଶ୍ରୀମତୀ ଶାନ୍ତିଲତା ସେଠୀ, ଅଧକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚାନ୍ଦବାଲି
OIPR-13001/13129/1/26-27/0005



13001/1699/2627

ଭୁବନେଶ୍ୱର-ବାସୀଙ୍କୁ ସ୍ୱାୟତ୍ତ ଶାସନ ଦିବସ-୨୦୨୬ର ଅନେକ ଅନେକ ଶୁଭେଚ୍ଛା

**ସ୍ୱାୟତ୍ତ ଶାସନ ଦିବସ ଅବସରରେ**
ନିମ୍ନ ଲିଖିତ ପ୍ରକଳ୍ପଗୁଡିକର
**ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ**
୩୧ ଅଗଷ୍ଟ ୨୦୨୬

**ପ୍ରକଳ୍ପ ଲୋକାର୍ପଣ**

- ଡିଫେନ୍ସ କଲୋନୀର ନବ ନିର୍ମିତ ଆଭ୍ୟନ୍ତରୀଣ ରାସ୍ତା ଓ ଡ୍ରେନ୍, ୱାର୍ଡ଼ ନଂ-୭
- ଲୋକନାଥ ବିହାର ଠାରେ ରାସ୍ତା ଓ ଡ୍ରେନ୍, ୱାର୍ଡ଼ ନଂ-୧୦
- ନବ ନିର୍ମିତ ପେଭର ବ୍ଲକ ରାସ୍ତା ଓ ଡ୍ରେନ୍, ଭୋଟପଡ଼ା ୱାର୍ଡ଼ ନଂ-୧୦
- ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, ୱାର୍ଡ଼ ନଂ-୬୫
- ୩ ଗୋଟି ୨ ସିଟ୍ ବିଶିଷ୍ଟ 'ଲୁ', ୱାର୍ଡ଼ ନଂ-୫୪
- ଟି.ଟି.ଏସ୍ ଗାଡ଼କଣରେ ୩୦ କେ.ଏଲ୍.ଡି ଇଫ୍ଲୁଏଣ୍ଟ ବିଶୋଧିକରଣ ପ୍ଲାଣ୍ଟ, ୱାର୍ଡ଼ ନଂ-୧୧
- ଦୈନିକ ୨୫ ଟନ୍ କ୍ଷମତା ବିଶିଷ୍ଟ ସବୁଜ ବର୍ଜ୍ୟ ପ୍ରକ୍ରିୟାକରଣରୁ ବାୟୋମାସ୍ ବ୍ରିକେଟ ଉତ୍ପନ୍ନ ପ୍ଲାଣ୍ଟ, ୱାର୍ଡ଼ ନଂ-୦୫
- ୧ ନମ୍ବର ମେନ୍ ଡ୍ରେନ୍ (ପଦ୍ମାବତୀ ବିହାର କଲଭର୍ଟ ରୁ ନନ୍ଦନକାନନ କଲଭର୍ଟ ପର୍ଯ୍ୟନ୍ତ), ୱାର୍ଡ଼ ନଂ-୦୬
- କପିଳେଶ୍ୱର ଶ୍ମଶାନ ଏବଂ ପାର୍କର ନିର୍ମାଣ, ୱାର୍ଡ଼ ନଂ-୬୦
- ରାସ୍ତାର ପୁନଃ ନିର୍ମାଣ, ୱାର୍ଡ଼ ନଂ-୬୫
- ପ୍ରାଚୀର ନିର୍ମାଣ ଏବଂ ପାରିପାର୍ଶ୍ୱିକ ବିକାଶ କାର୍ଯ୍ୟ (ଭୋଟପଡ଼ା ଖେଳ ପଡିଆ), ୱାର୍ଡ଼ ନଂ-୧୦
- ପଳାଶୁଣୀଠାରେ ଗୃହ ପାଳିତ ପଶୁଙ୍କ ଶ୍ମଶାନ, ୱାର୍ଡ଼ ନଂ-୦୫
- ୱାର୍ଡ଼ କାର୍ଯ୍ୟାଳୟ, ୱାର୍ଡ଼ ନଂ-୧୩, ୱାର୍ଡ଼ ନଂ-୨୪
- ବଡ଼ଗଡ଼ ବ୍ରିଟ କଲୋନୀ ପାଣ୍ଡବ ନଗର ପାର୍କ, ୱାର୍ଡ଼ ନଂ-୫୭
- ଭୋଟପଡ଼ା ଗ୍ରାମରେ ନିର୍ମିତ ଶ୍ମଶାନ, ୱାର୍ଡ଼ ନଂ-୧୦

**ଭିତ୍ତିପ୍ରସ୍ତର ସ୍ଥାପନ**

- ଭୁବନେଶ୍ୱର ମହାନଗର ନିଗମର ୩୦ ଗୋଟି ପବ୍ଲିକ୍ ଟଏଲେଟ୍ ରେ ୫ କେ.ଏଲ୍.ଡି ବିଶିଷ୍ଟ ଏସ୍.ଟି.ପି
- ଦାରୁଠେଙ୍ଗଠାରେ ବାଲୁଙ୍କେଶ୍ୱର ମନ୍ଦିର ଏବଂ ପୋଖରୀ ପୁନଃଉଦ୍ଧାର କାର୍ଯ୍ୟ
- ଦାରୁଠେଙ୍ଗଠାରେ ଓପନ ପାର୍କ ଓ ଜିମ୍ ନିର୍ମାଣ
- ଦାରୁଠେଙ୍ଗଠାରେ ଷ୍ଟାଡିୟମ ନିର୍ମାଣ
- ଦାରୁଠେଙ୍ଗଠାରେ ରାସ୍ତା, ଡ୍ରେନ୍ ସହିତ ସୋଲାର ଷ୍ଟ୍ରିଟ୍ ଲାଇଟ୍ କାର୍ଯ୍ୟ
- କଳିଙ୍ଗନଗର କେ-୪ ଅଞ୍ଚଳରେ ରାସ୍ତା ନିର୍ମାଣ, ୱାର୍ଡ଼ ନଂ-୨୩
- କଳିଙ୍ଗନଗର କେ-୮ ଅଞ୍ଚଳରେ, ରାସ୍ତା ଓ ଡ୍ରେନ୍ ନିର୍ମାଣ, ୱାର୍ଡ଼ ନଂ-୨୩

ଶ୍ରୀମତୀ ମଞ୍ଜୁଲତା କହଁର, ଡେପୁଟି ମେୟର, ବିଏମ୍‌ସି
ଶ୍ରୀମତୀ ସୁଲୋଚନା ଦାସ, ମେୟର, ବିଏମ୍‌ସି
ସମସ୍ତ ଷ୍ଟାଣ୍ଡିଂ କମିଟି ଅଧକ୍ଷା/ଅଧକ୍ଷ ଏବଂ କର୍ପୋରେଟରବୃନ୍ଦ

**ଭୁବନେଶ୍ୱର ମହାନଗର ନିଗମ**
OIPR-13001/13002/1/26-27/0093

# ବଲରାମପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅବ୍ୟବସ୍ଥା

**ବାଲିଆପାଲ, ୩୦।୮ (ସମିସ)**

ଏହି ବ୍ଲକର ବଲରାମପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅବ୍ୟବସ୍ଥାରେ। ବାଲିଆପାଲ ବ୍ଲକର ୨୮ଟି ପଞ୍ଚାୟତର ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବଲରାମପୁର ପଞ୍ଚାୟତରେ ଗତ ୨୦୨୨ ମସିହାରେ ବଲରାମପୁରଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଏହି ବିଦ୍ୟାଳୟର

- ହସ୍ତାନ୍ତର ପୂର୍ବରୁ ଜରାଜୀର୍ଣ୍ଣ ଛାତ୍ରାବାସ
- ବଣ ଭିତରେ ସାଇକଲ ଷ୍ଟାଣ୍ଡ
- ଅଧପନ୍ତରିଆ ଡାଇନିଂ ହଲ୍
- ଭଡ଼ା ଗାଡ଼ିରେ ଆସୁଛନ୍ତି ଛାତ୍ରଛାତ୍ରୀ

ଶୁଭ ଉଦଘାଟନ କରିଥିଲେ। ଗ୍ରାମାଞ୍ଚଳର ମେଧାବୀ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇବାର ଲକ୍ଷ୍ୟ ନେଇ ଗଢ଼ିଉଠିଥିବା ଏହି ବିଦ୍ୟାଳୟର ଭିତ୍ତିଭୂମିକୁ ନେଇ ଏବେ ଅସନ୍ତୋଷର ସ୍ୱର ଉଠିଛି। ବିଦ୍ୟାଳୟ ପରିସରରେ ନିର୍ମିତ ବାଳିକା ଛାତ୍ରାବାସ ଆଜକୁ ଦୁଇ ବର୍ଷ ହେଲା ନିର୍ମାଣ ସରିଛି। ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ଏହି ଛାତ୍ରୀବାସ ନିର୍ମାଣ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି। ନିମ୍ନମାନର କାମ ସାଙ୍ଗକୁ ଅଧପନ୍ତରିଆ କାମ କରି ଠିକାଦାର ବିଲ୍ ଉଠାଇ ଛାତ୍ରାବାସ ଫାଟକ ତାଲା ମାରି ଛୁ' ମାରିଛି। ଦୁଇ ବର୍ଷ ହେଲା ଏହି ଘର ବ୍ୟବହାର ନ ହୋଇ ଏବେ ଜରାଜୀର୍ଣ୍ଣ ହେବାକୁ ବସିଲାଣି। ବହୁ ସ୍ଥାନରେ ଫାଟ ସୃଷ୍ଟି ହେବା ସହ ଝରକା କବାଟ ଭାଙ୍ଗିଗଲାଣି। ଅନ୍ୟପଟରେ ଛାତ୍ରାବାସରେ ଗରିବ ତଥା ଦୂର ଦୂରାନ୍ତ ଛାତ୍ରୀମାନେ ନ ରହି ପାରି ପ୍ରତିଦିନ ଭଡାଗାଡି କରି ବିଦ୍ୟାଳୟକୁ ଆସୁଛନ୍ତି। ଏହା ପାଇଁ ଅଭିଭାବକ




ମାନେ ମାସକୁ ଦୁଇରୁ ଅଢେଇ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ସେହିପରି ବିଦ୍ୟାଳୟଠାରୁ ୧୦ ରୁ ୧୫ କିମି ଦୂର ଦୂରାନ୍ତ ଛାତ୍ରଛାତ୍ରୀ କେବଳ ଯିବା ଆସିବାରେ ମୂଲ୍ୟବାନ ସମୟ ନଷ୍ଟ କରିବା ସହ ପାଠ ପଢାରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏତେ ଅର୍ଥ ବ୍ୟୟରେ ନିର୍ମିତ ସରକାରୀ ସମ୍ପତ୍ତି ଯଦି ବ୍ୟବହାର ପୂର୍ବରୁ ନଷ୍ଟ ହୁଏ, ତେବେ ଏହାର ଦାୟିତ୍ୱ କାହାରଏହାକୁ ନେଇ ଉଠିଛି ପ୍ରଶ୍ନ।

ଅନ୍ୟପଟେ ଡାଇନିଂ ଗୃହର କାମ ମଧ୍ୟ ଅଧପନ୍ତରିଆ ହୋଇ ପଡ଼ିଥିବା ଦେଖିବାକୁ ମିଳୁଛି। ଛାତ୍ରଛାତ୍ରୀଙ୍କ ପାଇଁ ସୁବ୍ୟବସ୍ଥିତ ଭୋଜନ ବ୍ୟବସ୍ଥା ଆବଶ୍ୟକ ଥିବା ସତ୍ତ୍ୱେ ନିର୍ମାଣ କାମ ଅସମ୍ପୂର୍ଣ୍ଣ ରହିବା ଅଭିଭାବକଙ୍କ ଚିନ୍ତା ବଢ଼ାଇଛି। ଅଧପନ୍ତରିଆ ଡାଇନିଂ ହଲ୍ କରି ବିଲ୍ ଉଠାଇ ଠିକାଦାର ଆଜକୁ ବର୍ଷେ ହେଲା ତାଲା ମାରି ଚମ୍ପଟ ମାରିଛି। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସାଇକଲ ରଖିବା ପାଇଁ ନିର୍ମାଣ ହୋଇଥିବା ସାଇକଲ ଷ୍ଟାଣ୍ଡର ଅବସ୍ଥା ମଧ୍ୟ ଚିନ୍ତାଜନକ। ପରିସରର ଏକ ପାଶ୍ୱର୍ରେ ଜଙ୍ଗଲିଆ ଘାସ ଓ ଗଛଲତା ମଧ୍ୟରେ ଏହା ଥିବାରୁ ସାଇକଲ ଷ୍ଟାଣ୍ଡ ନିର୍ମାଣର ଉଦ୍ଦେଶ୍ୟ ହିଁ ପୂରଣ ହେଉନଥିବା ଅଭିଯୋଗ ହେଉଛି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଯାତାୟାତ ବ୍ୟବସ୍ଥା।

ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ ପଞ୍ଚରୁଖି ଗ୍ରାମର ଝାଡେଶ୍ୱର ଗଙ୍ଗାଇ ଜଣେ ଗରିବ ବ୍ୟକ୍ତି। ସକାଳେ ମାଛ ବିକିଲେ ପରିବାର ଚଳେ। ଭଲ ପାଠ ପଢୁଥିବା ନିଜ ଝିଅକୁ ଭଲମଣିଷ କରିବା ପାଇଁ ଆଦର୍ଶ ବିଦ୍ୟାଳୟରେ ଭର୍ତ୍ତି କରି ଏବେ ପଶ୍ଚାତାପ କରୁଛନ୍ତି। ଛାତ୍ରାବାସ ନଥିବାରୁ ପିଲାକୁ ବିଦ୍ୟାଳୟକୁ ପଠାଇବା ଏବଂ ଘରେ ପଢାଇବା ପାଇଁ ବହୁ ଆର୍ଥିକ ସମସ୍ୟା ଦେଇ ଗତି କରୁଥିବା କହିଛନ୍ତି। ବହୁ ଅଭିଭାବକ ସେମାନଙ୍କ ପିଲା ପାଇଁ ବିଦ୍ୟାଳୟ ତଥା ଆଖପାଖ ଅଞ୍ଚଳରେ ବାଧ୍ୟ ହୋଇ ଘରଭଡା ନେଇ ରହୁଥିବା କହିଛନ୍ତି। ପ୍ରଶ୍ନ ଉଠୁଛି ସରକାରୀ ଅର୍ଥରେ ନିର୍ମିତ ଏହି ସମ୍ପତ୍ତିର ରକ୍ଷଣାବେକ୍ଷଣ ଓ ଅଧପନ୍ତରିଆ କାମର ସମାପ୍ତି କେବେ ହେବ? ବାଳିକା ଛାତ୍ରାବାସ କେବେ ସମ୍ପୂର୍ଣ୍ଣ ଭାବେ ହସ୍ତାନ୍ତର ହେବ? ଡାଇନିଂ ଗୃହର ଅସମ୍ପୂର୍ଣ୍ଣ କାମ କେବେ ସରିବ? ସାଇକଲ ଷ୍ଟାଣ୍ଡକୁ ବ୍ୟବହାର ଯୋଗ୍ୟ କରାଯିବ କେବେ? ଏବଂ ଛାତ୍ରଛାତ୍ରୀଙ୍କ ଯାତାୟାତ ସମସ୍ୟାର ସ୍ଥାୟୀ ସମାଧାନ କେବେ ହେବ? ତେବେ ଏହା କେବଳ ଏକ ବିଦ୍ୟାଳୟର ସମସ୍ୟା ନୁହେଁ ସରକାରୀ ଅର୍ଥରେ ନିର୍ମିତ ଶିକ୍ଷା ଭିତ୍ତିଭୂମିର ରକ୍ଷଣାବେକ୍ଷଣ ଓ ଦାୟିତ୍ୱବୋଧ ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ। ଏ ସମ୍ପର୍କରେ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ଜୟଶ୍ରୀ ତିରିଆଙ୍କୁ ପଚାରିବାରୁ ସେ ଛାତ୍ରାବାସ, ଡାଇନିଙ୍ଗ ହଲ୍, ସାଇକଲ ଷ୍ଟାଣ୍ଡ ବାବଦରେ ବାରମ୍ବାର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି।

## ନବବଧୂଙ୍କ ମୃତ୍ୟୁ ଏବେ ବି ରହସ୍ୟାବୃତ୍ତ

### ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ବାଲେଶ୍ୱର(ଉତ୍ତର), ୩୦।୮ (ସମିସ) :** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅଧୀନ ଆରୁହାବୃତ୍ତି - ୧ ଗ୍ରାମର ଭବଶଙ୍କର ଦାସଙ୍କ ପତ୍ନୀ ପୂଜାରାଣୀ ଦାସ (୨୨)ଙ୍କ ସନ୍ଦେହଜନକ ମୃତ୍ୟୁ ଏବେ ବି ରହସ୍ୟାବୃତ୍ତ। ମୃତ ମହିଳାଙ୍କ ପିଉସୀପୁଅ ଭାଇଙ୍କ ଅଭିଯୋଗ କ୍ରମେ କମର୍ଦ୍ଦା ପୁଲିସ ଏକ ମାମଲା ରୁଜୁକରି ମହିଳାଙ୍କ ଶ୍ୱଶୁର ଓ ଶାଶୁଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି । ସେମାନଙ୍କର ଜାମିନ ନାମଞ୍ଜୁର ହେବାରୁ ବିଚାରବିଭାଗ ହାଜତକୁ ପଠାଇ ଦିଆଯାଇଛି।



ମହିଳାଙ୍କ ମୃତ୍ୟୁ ପଛରେ ଆତ୍ମୀୟ ସ୍ୱଜନଙ୍କ ପ୍ରତ୍ୟକ୍ଷ ଭାବେ ଜଡିତ ଥିବାର ଅଭିଯୋଗକାରୀ ରାଜେଶ ଦାସ ପ୍ରକାଶ କରିଛନ୍ତି ।ଅଭିଯୋଗକାରୀ ଦେଇଥିବା ଏତଲାରେ ଅନ୍ୟ ମାନଙ୍କୁ ପୁଲିସ କାର୍ଯ୍ୟାନୁଷ୍ଠାନ ନେଉନଥିବାର ସେ ଅଭିଯୋଗ ଆଣିଛନ୍ତି। ଉକ୍ତ ଥାନା ଅଧୀନ ବଡ଼ମନ୍ଦାରୁଣୀ ଗ୍ରାମର ମା'ବାପା ଛେଉଣ୍ଡ ପୂଜାରାଣୀକୁ ତାର ପିଉସୀ ଛୋଟକାଳରୁ ଲାଳନପାଳନ କରିଆସୁଥିବାବେଳେ ଗତ ୬/୫/୨୬ରେ ଆରୁହାବୃତ୍ତି ୧ ଗ୍ରାମର ରାଜେନ୍ଦ୍ର ଦାସଙ୍କ ପୁଅ ଭବଶଙ୍କରଙ୍କୁ ବୈଦିକ ରୀତିରେ ବିବାହ ଦେଇଥିଲେ ।ବର ପକ୍ଷର ଦାବିନୁଯାୟୀ ଝିଅ ଓ ପୁଅଙ୍କୁ ସ୍ୱର୍ଣ୍ଣଅଳଙ୍କାର ଦେବା ସହିତ ବିଭିନ୍ନ ଦାମୀ ସାମଗ୍ରୀ ଦେଇଥିବାର ପିଉସୀ ଦାବି କରିଛନ୍ତି । ବାହାଘର କିଛିଦିନ ପରେ ସ୍ତ୍ରୀ ଓ ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କ ମଧ୍ୟରେ ବିଭିନ୍ନ କାରଣରୁ କଳହ ଲାଗିରହୁଥିଲା ବୋଲି ପିଉସୀ ଓ ପାଖ ପଡୋଶୀ କହିଛନ୍ତି। ଏହି ଘଟଣା କ୍ରମଶଃ ଜଟିଳ ହେବାରୁ ଗ୍ରାମରେ ବହୁଥର ଗ୍ରାମ ବୈଠକ ହୋଇଥିଲେ ମଧ୍ୟ ଘରୋଇ କଳହ କୁହୁଳୁଥିଲା। ଗତ ୨୩/୮/୨୬ରେ ପୂଜାରାଣୀ ନିଜଘରେ ସନ୍ଦେହ ଜନକ ଭାବେ ଗଳାରେ ଶାଢ଼ୀ ଦେଇ ଝୁଲି ପଡିଥିବାର କୁହାଯାଉଛି । ପିଉସୀ ଘରେ ଲୋକେ ଏହି ଘଟଣାକୁ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିବାବେଳେ ପୂଜାରାଣୀର ନଣନ୍ଦ, ନଣନ୍ଦୀ ଓ ଗ୍ରାମର ଜଣେ ବ୍ୟକ୍ତି ସମ୍ପୃକ୍ତ ଥିବାର ଏତଲାରେ ଦର୍ଶାଯାଇଛି। ବିବାହର ୩ ମାସ ମଧ୍ୟରେ ନବବଧୂର ମୃତ୍ୟୁ ଘଟଣା ଏବେବି ରାହାସ୍ୟାବୃତ୍ତ ରହିଥିବାର ଗ୍ରାମବାସୀ ଓ ମୃତ ମହିଳାର ଅଭିଯୋଗକାରୀ ପ୍ରକାଶ କରିଛନ୍ତି । ଏହି ଘଟଣାର ନିରପେକ୍ଷ ତଦନ୍ତ କରି ସମ୍ପୃକ୍ତଥିବା ଦୋଷୀଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଯୋଗକାରୀ ଏସ୍‌ପିଙ୍କଠାରେ ଲିଖିତ ଅଭିଯୋଗ କରିଥିବାର ସୂଚନା ମିଳିଛି।

## ବିଦ୍ୟାଧରଙ୍କୁ ଭେଟିଲେ ସାଂସଦ ପ୍ରତାପ ଷଡ଼ଙ୍ଗୀ



**ନୀଳଗିରି, ୩୦।୮ (ସମିସ):** ନୀଳଗିରି ବ୍ଲକ ଅନ୍ତର୍ଗତ ଜାମୁଡିହା ପଞ୍ଚାୟତ ଗୁଡ଼ିଶୁଳ ଗ୍ରାମର ବିଜେପି କାର୍ଯ୍ୟକର୍ତ୍ତା ବିଦ୍ୟାଧର ମୁର୍ମୁଙ୍କୁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କ ଘରେ ପହଞ୍ଚି ସାକ୍ଷାତ କରି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଛନ୍ତି। ଶ୍ରୀ ମୁର୍ମୁ ଦୀର୍ଘ ବର୍ଷ ଧରି ସ୍ନାୟୁଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅଛନ୍ତି। ପ୍ରାୟ ଦୁଇ-ତିନି ସପ୍ତାହ ପୂର୍ବେ ସାଂସଦଙ୍କୁ ସାକ୍ଷାତ କରିଥିବା ସମୟରେ ସେ ଶରୀରରେ ବେଡ୍ ସୋର୍ ହେଉଥିବାରୁ ଏକ ଅଟୋମେଟେଡ୍ ଏୟାର୍ ବେଡ୍ ଆବଶ୍ୟକତା ବିଷୟରେ ଅନୁରୋଧ କରିଥିଲେ। ତାଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ତାଙ୍କୁ ଏକ ଅଟୋମେଟେଡ୍ ଏୟାର୍ ବେଡ୍ ପ୍ରଦାନ କରିବା ସହ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ସମ୍ପର୍କରେ ପରିବାରବର୍ଗଙ୍କ ସହ ଆଲୋଚନା କରିଥିଲେ।

## ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ପକ୍ଷରୁ ବୃକ୍ଷରୋପଣ

**ବାଲେଶ୍ୱର, ୩୦।୮ (ସମିସ):** ଅବସରପ୍ରାପ୍ତ ରେଳ କର୍ମଚାରୀ ସଙ୍ଘ ପକ୍ଷରୁ ସଭାପତି ଚତୁର୍ଭୁଜ ଜେନାଙ୍କ ନେତୃତ୍ୱରେ ବାଲେଶ୍ୱର ସହର ସୁନହଟସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶିଶୁମନ୍ଦିର କର୍ମଚାରୀଙ୍କ ସମେତ ଗୁରୁମା' ଓ ଗୁରୁଭାଇ ତଥା ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର ବାରିକ୍ ଏବଂ ନିର୍ଦ୍ଦେଶକ ଗୌରହରି ବେହେରା ସାମିଲ ହେବା ସହିତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ସଙ୍ଘର ସଭାପତି ରମେଶ ଚନ୍ଦ୍ର ଜେନା, ସଭାପତି ଚତୁର୍ଭୁଜ ଜେନା, ସମ୍ପାଦକ ରାମଚନ୍ଦ୍ର ଦାସ, ଉପସଭାପତି ସତ୍ୟରଞ୍ଜନ ରାଉତ, ସଭ୍ୟ ବିପ୍ରସାଦ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅକ୍ଷୟ ପଣ୍ଡା, ଗଗନ ଚନ୍ଦ୍ର ଦଳେଇ, ରବି ବିନାରାୟଣ ତ୍ରିପାଠୀ, ସୁକୁମାର ବେହେରା, ସନ୍ତୋଷ ଗୋଛାୟତ, ହରେକୃଷ୍ଣ ବେହେରା, ଦିବାକର ମହନ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ଫେରାର୍ ଚୋରି ଅଭିଯୁକ୍ତ ଗିରଫ

**ସିମୁଳିଆ, ୩୦।୮ (ସମିସ):** ଚଳିତ ମାସ ୧୨ତାରିଖ ବିଳମ୍ବିତ ରାତିରେ ଏକ ଜାଇଲୋ ଗାଡ଼ିରେ କିଛି ଦୁର୍ବୃତ୍ତ ଆସି ସିମୁଳିଆ ଥାନା ଅନ୍ତର୍ଗତ ବରି ବଜାର ପାଖରେ ଥିବା ମୋବାଇଲ ନେଟୱାର୍କ ଟାୱାରରୁ ବ୍ୟାଟେରୀ ଚୋରି କରିବାକୁ ଉଦ୍ୟମ କରୁଥିବା ବେଳେ ବରୀ ଅଞ୍ଚଳର ଜଣେ ଯୁବକ ଦେଖି ସନ୍ଦେହ ହେବାରୁ ସେ ସିମୁଳିଆ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ତୁରନ୍ତ ସିମୁଳିଆ ପୁଲିସ ପହଞ୍ଚିଥିବା ବେଳେ ପୁଲିସ ଗାଡ଼ିକୁ ଦେଖି ଚୋରମାନେ ଜାଇଲୋ ଗାଡ଼ି ଛାଡ଼ି ଅନ୍ଧାର ରାତିରେ ଜୋତା କାଢ଼ି ଦୌଡ଼ି ଫେରାର ହୋଇଯାଥିଲେ। ତେବେ ଟାୱାରରୁ କିଛି ବ୍ୟାଟେରୀ କାଢ଼ି ଗାଡ଼ିରେ ଭିତରେ ରଖିଥିବା ଦେଖିବାକୁ ମିଳିଥିଲା । ପୁଲିସ ଚୋର ଛାଡ଼ିଯାଇଥିବା କିଛି ବ୍ୟାଟେରୀ ସହ ଜାଇଲୋ ଗାଡ଼ିକୁ ଜବତ କରି କ୍ରେନ ଗାଡ଼ି ସାହାଯ୍ୟରେ ଥାନାକୁ ଆଣି ତଦନ୍ତ ଆରମ୍ଭ କରିଥିଲା । ଥାନା ଅଧିକାରୀ ଦେବରାଜ ଜେନାଙ୍କ ନେତୃତ୍ୱରେ ସବ୍‌ଇନ୍ସପେକ୍ଟର କ୍ଷୀରୋଦ ସାହୁ ଓ ଟିମ ଧାମନଗର ଅଞ୍ଚଳରେ ଚଢ଼ଉ କରି ଏସ. କେ ସଲିମରଙ୍କ ପୁଅ ଏସ. କେ. କଲିମକୁ ଗିରଫ କରି ତାକୁ କୋର୍ଟଚାଲାଣ କରିଛନ୍ତି।

## ବାଘାଯତୀନ ଶହୀଦ ଦିବସ ପାଇଁ ପ୍ରସ୍ତୁତି ବୈଠକ

**ବାଲେଶ୍ୱର, ୩୦।୮ (ସମିସ) :** ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ବୀର ଶହୀଦ ବାଘାଯତୀନଙ୍କ ୧୧୧ତମ ଶହୀଦ ଦିବସ ପାଳନ ନିମନ୍ତେ ବାଲେଶ୍ୱର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତପନ ଖୁଣ୍ଟିଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରମୋଦ ମଲ୍ଲିକ, ଡେପୁଟି ଜିଲ୍ଲାପାଳ ପ୍ରବୋଧ ମଲ୍ଲିକ, ବାଲେଶ୍ୱର ପୌରପାଳିକାର ନିର୍ବାହୀ ଅଧିକାରୀ ସିରିଆଲ ପଟେଲ, ରେମୁଣା ବିଡିଓ ସାର୍ଥକ ସୌରଭ ମହାପାତ୍ରଙ୍କ ସମେତ ବାଘାଯତୀନ ଉନ୍ନୟନ କମିଟିର କାର୍ଯ୍ୟକାରୀ ସଭାପତି ସୁଜିତ କୁମାର ଦେବ, ସାଧାରଣ ସମ୍ପାଦକ ହରେନ୍ ରଣା, ବାଘାଯତୀନ ବିକାଶ ପରିଷଦର କାର୍ଯ୍ୟକାରୀ ସଭାପତି ଗୋପୀନାଥ ସେନାପତି ଓ ସାଧାରଣ ସମ୍ପାଦକ ସର୍ବେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ସେପ୍ଟେମ୍ବର ୯ ଓ ୧୦ ତାରିଖରେ ବାଲେଶ୍ୱର ସହରର ବାରବାଟୀ ଏବଂ ରେମୁଣା ବ୍ଲକ ଅନ୍ତର୍ଗତ ଚଷାଖଣ୍ଡସ୍ଥିତ ବାଘାଯତୀନ ଶହୀଦ ପୀଠରେ ଦୁଇଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ସହ ଶହୀଦ ଦିବସ ପାଳନ କରାଯିବ। ଶହୀଦ ପୀଠରେ ଆବଶ୍ୟକ ସୁବିଧା, ଭିଡ଼ ନିୟନ୍ତ୍ରଣ, ସୁରକ୍ଷା ବ୍ୟବସ୍ଥା, ଯାତାୟାତ ନିୟନ୍ତ୍ରଣ ଓ ଅନ୍ୟାନ୍ୟ ପ୍ରଶାସନିକ ବ୍ୟବସ୍ଥାକୁ ସୁଚାରୁ ଭାବେ କାର୍ଯ୍ୟକାରୀ କରିବା ନେଇ ଆଲୋଚନା ହୋଇଥିଲା।

## ୟୁ. ଏନ୍ କଲେଜରେ ସଂସ୍କୃତ ଦିବସ

**ସୋର, ୩୦।୮(ସମିସ):** ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ସଂସ୍କୃତ ବିଭାଗ ଆନୁକୂଲ୍ୟରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ହୃଦୟ ରଂଜନ ବେହେରାଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରାଧ୍ୟାପକ ଡ. ସୁରେନ୍ଦ୍ର ପ୍ରସାଦ ମଣ୍ଡଳ ଯୋଗଦେଇ ଭାରତର ବୈଦିକ ଭାଷା ସଂସ୍କୃତର ମହତ୍ତ୍ୱ ଏବଂ ଏହି ଦିବସର ତାତ୍ପର୍ଯ୍ୟ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ପୂର୍ବତନ ଅଧ୍ୟକ୍ଷ ବିଜୟ କୁମାର ମହାପାତ୍ର ଯୋଗଦେଇ କହିଲେ ଯେ ସଂସ୍କୃତ ସମସ୍ତ ଭାଷାର ଜନନୀ ଏବଂ ଆଜିର ବିଜ୍ଞାନ ଯୁଗରେ ବି ସଂସ୍କୃତ ଭାଷାର ସର୍ବାଧିକ ଉପଯୋଗୀତା ରହିଛି। ସମ୍ମାନିତ ବକ୍ତା ଭାବେ ଦର୍ଶନ ବିଭାଗ ମୁଖ୍ୟ ଦୟନିଧି ସିଟ୍ ସଂସ୍କୃତ ଭାଷା ଭାରତୀୟ ସଂସ୍କୃତିର




ମୂଳାଧାର ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରସାନିକ ଅଧିକାରୀ ନିଶାକର ବେହେରା, ଓଡ଼ିଆ ବିଭାଗ ମୁଖ୍ୟ ଡ. ଅମ୍ବରୀଶ ଧିନ୍ଦା ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ଶଶିକାନ୍ତ ମିଶ୍ର ବେଦପାଠ କରିଥିଲେ। ତୃତୀୟ ବର୍ଷର ଛାତ୍ରୀ ସୋନାଲି ନିବେଦିତା, ସଂଜ୍ଞା ପଦ୍ମିନୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଛାତ୍ର ମୁକେଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ କ୍ରୀଡ଼ା ଦିବସର ତ୍ରିଦିବସୀୟ ଉତ୍ସବ ଉଦ୍‌ଯାପିତ




**ବାଲେଶ୍ୱର, ୩୦।୮ (ସମିସ):** ବାଲେଶ୍ୱରରେ ଚାଲିଥିବା ଜାତୀୟ କ୍ରୀଡ଼ା ଦିବସର ତିନିଦିନିଆ କ୍ରୀଡ଼ା ଉତ୍ସବ ଆଜି ଉଦ୍‌ଯାପିତ ହୋଇଯାଇଛି। ଖେଳିବ ଭାରତ, ଜିତିବ ଭାରତ ଏକ ଘଣ୍ଟା ଖେଳ ପଡିଆରେ ବିଷୟ ସହିତ ଆୟୋଜିତ ଏହି କ୍ରୀଡ଼ା ମହୋତ୍ସବର ଅନ୍ତିମ ଦିବସରେ ସ୍ୱାସ୍ଥ୍ୟ ଏବଂ ପରିବେଶ ସଚେତନତାକୁ ନେଇ ସଣ୍ଡେ ଅନ୍ ସାଇକଲ କ୍ୟାମ୍ପେନ ଆୟୋଜିତ ହୋଇଥିଲା। ଏହି ସ୍ୱତନ୍ତ୍ର ସାଇକେଲ ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ସହର ପରିକ୍ରମା କରିଥିଲା। ଏହି ଅବସରରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ପୌରୋହିତ୍ୟରେ ଆୟୋଜନ ହୋଇଥିବା ବେଳେ ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିବା ସହ ଜୀବନରେ କ୍ରୀଡ଼ାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆଙ୍କ ସମେତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ୱଭାବ କବିଙ୍କ ଜୟନ୍ତୀ ପାଳନ

**ବାଲେଶ୍ୱର, ୩୦।୮(ସମିସ):** କବିତୀର୍ଥ ଶାନ୍ତିକାନନ ପରିସରରେ ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୫ତମ ଜୟନ୍ତୀ ପରିଷଦ ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବରିଷ୍ଠ ସ୍ତମ୍ଭକାର ସୁସାହିତ୍ୟିକ ଡ. ନଟବର ପାଣିଗ୍ରାହୀ ଯୋଗ ଦେଇ ଭାରତୀୟ ଚିନ୍ତାଧାରାକୁ ନବୀନ ଭାବରେ ଉପସ୍ଥାପନା ତାଙ୍କ ସାହିତ୍ୟର ବିଶେଷତ୍ୱ ସହ ଗଙ୍ଗାଧର କିପରି ଅନନ୍ୟ ପ୍ରକୃତିକବି ବିଭିନ୍ନ ପଂକ୍ତି ଉଦ୍ଧାର ପୂର୍ବକ ରସାଳ ବକ୍ତବ୍ୟ ରଖିଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ଭାଷା ସାହିତ୍ୟ ବିଭାଗର ସହକାରୀ ପ୍ରଫେସର ଡ. ପ୍ରହ୍ଲାଦ ଖିଲ ସମ୍ମାନନୀୟ ଅତିଥି ଏକ ସାରଗର୍ଭକ ବକ୍ତବ୍ୟ ସୁପୁତ୍ରଙ୍କ ସମ୍ମାନାର୍ଥେ ପ୍ରଦାନ କରିଥିଲେ। ପ୍ରାକକଥନ ସମ୍ପାଦକ ଡ. ରତ୍ନାକର ସିଂହ ଉପସ୍ଥାପନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ରାଜେଶ ଗିରି ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ପ୍ରାରମ୍ଭରେ ମେହେରଙ୍କ ରଚିତ 'ମଙ୍ଗଳ ଅଇଲେ ଉଷା.."ସଙ୍ଗୀତକୁ କଲ୍ୟାଣୀ ନନ୍ଦ, ତୃପ୍ତିରାଣୀ ପାତ୍ର, ବାସନ୍ତୀ ଦେ, ସୁବ୍ରତାମହାନ୍ତି, କ୍ରିଷ୍ଣା ପ୍ରଧାନ, ଅବନ୍ତି ପ୍ରଧାନ, ଅର୍ଚ୍ଚନା କର, କମଳିନୀ ଦାସ ଆଦି ସାଥୀଗଣ ପରିବେଷଣ କରିଥିବାବେଳେ ଯୁଗ୍ମ ସମ୍ପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେଡିର ବାଲେଶ୍ୱର ଟାଉନ୍ କମିଟି ଘୋଷିତ

**ବାଲେଶ୍ୱର,୩୦।୮ (ସମିସ):** ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିକଟରେ ବିଜେଡିର ବାଲେଶ୍ୱର ଟାଉନ କମିଟି ଘୋଷଣା କରିଛନ୍ତି। ଏଥିରେ ୪ ଜଣ ଉପସଭାପତି, ଜଣେ ସାଧାରଣ ସମ୍ପାଦକ, ୬ ଜଣ ସମ୍ପାଦକ ଏବଂ ଜଣଙ୍କୁ କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ମିଳିଛି। କମିଟିର ଉପସଭାପତି ଭାବେ ସଞ୍ଜୟ ବେହେରା, ସେକ ଅନସର ଅଲ୍ଲୀ, ଅତୁଲ ଶତପଥୀ, ରମେଶ ଚନ୍ଦ୍ର ମାଝୀ, ସାଧାରଣ ସମ୍ପାଦକ ଭାବେ ସୁବୋଧ ମହାନ୍ତି, ସମ୍ପାଦକ ଭାବେ ନଳିନୀ ରଞ୍ଜନ ଦାସ, ଅବଦୁଲ ସାକୀର ଖାନ, ଶଶୀରେଖା ମହାନ୍ତି, ସାକୀର ମହମ୍ମଦ, କବିତା ମୁର୍ମୁ, କାର୍ତ୍ତିକ ସାହୁ ଏବଂ କୋଷାଧ୍ୟକ୍ଷ ଭାବେ ରୀତିକ ଜୀ ପ୍ରମୁଖ ସ୍ଥାନ ପାଇଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଟାଉନ ସଭାପତି ମନୋଜ କୁମାର ରାଉତ ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଦଳକୁ ଅଧିକ ସଶକ୍ତ କରିବା ନିମନ୍ତେ ଆହ୍ୱାନ ଜଣାଇଛନ୍ତି। ଏଥିସହ ବିଜେଡି ମୁଖିଆ ଶ୍ରୀ ପଟ୍ଟନାୟକ, ରାଜ୍ୟ ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବାଲେଶ୍ୱର ଜିଲ୍ଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ଏବଂ ସ୍ୱରୂପ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ

**ବାଲେଶ୍ୱର, ୩୦।୮ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମହାବିଦ୍ୟାଳୟ ପରିସରରେ ଯୋଗ କର୍ମଶାଳା ଓ ତତ୍ ପରେ ୱାକାଥନ୍ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଫିରୋଜ କୁମାର ପାଢ଼ୀଙ୍କ ମାର୍ଗଦର୍ଶନ ଓ ପ୍ରଶାସନିକ ଅଧିକାରୀ ରଞ୍ଜନ କୁମାର ରାଏଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୋଗ କର୍ମଶାଳାରେ ଯୋଗ ପ୍ରଶିକ୍ଷକ ତଥା ଶାରୀରିକ ଶିକ୍ଷା ଶିକ୍ଷକ ସଞ୍ଜୀବ କୁମାର ତାଲ୍‌ଦୀ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ମହବିଦ୍ୟାଳୟର କ୍ରୀଡ଼ା ସଙ୍ଗଠନର ଉପସଭାପତି ଡ଼ ଦିଲ୍ଲୀପ କୁମାର ବେଜ। ଫିଟ୍ କଲେଜ ପ୍ରୋଗ୍ରାମର ନୋଡାଲ ଅଫିସର ଡ. ସନ୍ତୋଷ କୁମାର ରାଉତ, ସହକାରୀ ପ୍ରଫେସର ଡ. ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ଥିଲେ।

## ମା' ପଶ୍ଚିମା ମନ୍ଦିରରୁ ଚୋରି

**ସିମୁଳିଆ, ୩୦।୮ (ସମିସ):** ଗ୍ରାମର ମା' ପଶ୍ଚିମା ମନ୍ଦିରରୁ କେହି ଦୁର୍ବୃତ୍ତ ଠାକୁରାଣୀଙ୍କ ଅଳଙ୍କାର ଚୋରୀ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସିମୁଳିଆ ଥାନା ଅନ୍ତର୍ଗତ ବାଙ୍ଗରଖଡ଼ିଗଡ଼ିଆ ପଞ୍ଚାୟତର ଛଚିନ୍ଦା ଗ୍ରାମରେ ଥିବା ମା' ପଶ୍ଚିମା ମନ୍ଦିରର ଶୁକ୍ରବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମନ୍ଦିର କବାଟ ତାଲା ଭାଙ୍ଗି ଠାକୁରାଣୀଙ୍କ ରୁପା ହାର, ଦୁଇଟି ସୁନା ଚିତା ଚୋରି କରି ନେଇଛନ୍ତି। ଆଜି ସକାଳେ ପୂଜକ ସୁରେନ୍ଦ୍ର ପଣ୍ଡା ପୂଜା କରିବାକୁ ଆସି ମନ୍ଦିରର ତାଲା ଭଙ୍ଗା ଯାଉଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ସିମୁଳିଆ ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ଚୋରା ମଦ ଜବତ, ୩ ଗିରଫ

**ସିମୁଳିଆ, ୩୦।୮ (ସମିସ):** ବାଲେଶ୍ୱର ଅବକାରୀ ଅଧିକ୍ଷକ ସେଖ ଅସଫ ଅଲ୍ଲୀଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ପ୍ରହ୍ଲାଦ ସାମଲ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ସିମୁଳିଆ ଥାନା ଅନ୍ତର୍ଗତ ମାର୍କୋଣା ଷ୍ଟେସନ ବଜାର ଓ ମାର୍କୋଣା ରେଲୱେ କଲୋନୀରେ ଚଢ଼ାଉ କରାଯାଇ ୩୦ ଲିଟର ଦେଶୀ ମଦ ଓ ୨୩ ଲିଟର ବିୟର ଜବତ କରାଯିବା ସହିତ ରିଆ ଗ୍ରାମର ଗଙ୍ଗାଧର ମହାପାତ୍ର, ଛଚିଣ୍ଡା ଗ୍ରାମର ମନୋରଞ୍ଜନ ବେହେରା ଓ ପଦ୍ମପୁର ଗ୍ରାମର ଜୟନ୍ତ ବେହେରାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ହୋଇଥିବା ମଦର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଚଢ଼ାଉରେ ଖଇରା ଅବକାରୀ ଥାନା କନେଷ୍ଟବଳ ଦେବାଶିଷ ମଲ୍ଲିକ ସାମିଲ ଥିଲେ।

## ୨ ମାସ ବଦଳରେ ଗୋଟିଏ ଓଳିରେ ସରିଲା ଏଡ୍‌ସ ସଚେତନତା

**ବାଲେଶ୍ୱର, ୩୦।୮ (ସମିସ)**

ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନର ଦାୟିତ୍ୱହୀନତାର ଆଉ ଏକ ସଙ୍ଗୀନ ଚିତ୍ର ସାମ୍ନାକୁ ଆସିଛି। ଫିଟନେସ୍ ଓ ଇନ୍ସୁରାନ୍ସ ନଥିବା ଗାଡ଼ିକୁ "ସଚେତନତା ରଥ' କରି ରାସ୍ତାକୁ ଛାଡ଼ିବା ଘଟଣା ସାମ୍ନାକୁ ଆସିବା ପରେ ଏବେ ସଚେତନତା ଅଭିଯାନର ବାସ୍ତବତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ୧୨ ଅଗଷ୍ଟରୁ ୧୦ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଦୀର୍ଘ ୨ ମାସ ଧରି ଜିଲ୍ଲାର ପ୍ରତ୍ୟେକ ବ୍ଲକ୍ ଓ ଗ୍ରାମାଞ୍ଚଳ ପରିକ୍ରମା କରିବାକୁ ଥିବା ଜିଲ୍ଲାସ୍ତରୀୟ "ଆଇଇସି ଅଭିଯାନ ୩.୦' କାର୍ଯ୍ୟକ୍ରମ ମାତ୍ର ଗୋଟିଏ ଓଳିରେ ସୀମିତ ହୋଇ ରହିଯାଇଛି। ସୂଚନାଯୋଗ୍ୟ, ଫିଟନେସ୍ ସରିଥିବା ଏହି ବେଆଇନ ଗାଡ଼ି (ଓଡ଼ି-୦୧ଏକ୍ସ-୪୧୭୯)କୁ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ, ସିଡିଏମଓ



ଅମୁଲ୍ୟ କୁମାର ଦାସ, ଆରଟିଓ ଏବଂ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ହେଲେ ଗଣମାଧ୍ୟମରେ ଏହି ବେଆଇନ କାର୍ଯ୍ୟର ପର୍ଦ୍ଦାଫାସ ହେବା ପରେ ପ୍ରଶାସନିକ କଳ ହରଡ଼ଘଣାରେ ପଡ଼ିଥିଲା। ଫଳରେ ୨ ମାସ ଧରି ଲୋକଙ୍କୁ ଏଚଆଇଭି ଏଡସ୍ ସମ୍ପର୍କରେ ସଚେତନ କରିବା ପାଇଁ ଉଦ୍ଦିଷ୍ଟ ଏହି ରଥ ସେହିଦିନ କେବଳ ଫଟୋ ଉଠାଇବାରେ ସୀମିତ ରହିଯାଇଥିଲା। ଶୁଭାରମ୍ଭ ଦିନ କେବଳ ଫଟୋ ଶୁଟ୍ କରିବା ପରେ ଉକ୍ତ ଫିଟନେସ୍‌ବିହୀନ ଗାଡ଼ିଟିକୁ ବାଲେଶ୍ୱର ରେଳ ଷ୍ଟେସନ ଓ ବସ୍ ଷ୍ଟାଣ୍ଡ ଅଞ୍ଚଳରେ ମାତ୍ର ଗୋଟିଏ ଓଳି ବୁଲାଇ କାର୍ଯ୍ୟକ୍ରମର ଇତିଶ୍ରୀ କରାଯାଇଛି। ଲୋକଙ୍କ ନିକଟରେ ସଚେତନତା ବାର୍ତ୍ତା ପହଞ୍ଚାଇବା ପରିବର୍ତ୍ତେ କେବଳ ସରକାରୀ କାଗଜପତ୍ର ଓ ଫଟୋରେ କାର୍ଯ୍ୟକ୍ରମ ସଫଳ ହୋଇଥିବା ଦେଖାଇ ବାଃ ବାଃ ନେବାକୁ ସ୍ୱାସ୍ଥ୍ୟ ବିଭାଗ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଅନ୍ୟପଟେ, ବଜେଟ୍ ଅଭାବ ଓ ରାଜ୍ୟ ସ୍ତରରୁ ବିଳମ୍ବରେ ଅନୁଦାନ ଆସିବା କାରଣ ଦର୍ଶାଇ ଜିଲ୍ଲା ଏଡସ ପ୍ରତିଷେଧ ଓ ନିୟନ୍ତ୍ରଣ ୟୁନିଟ୍‌ର ଅଧିକାରୀମାନେ ନିଜ ଦୋଷ ଲୁଚାଇବାକୁ ଚେଷ୍ଟା କରୁଛନ୍ତି। ମାତ୍ର ପ୍ରଶ୍ନ ଉଠୁଛି, ଖୋଦ୍ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ଉପସ୍ଥିତ ଥାଇ ଏହିପରି ଗାଡ଼ିକୁ କିପରି ଅନୁମତି ମିଳିଲା? ଏବଂ ସଚେତନତା ନାଁରେ କେବଳ ଗୋଟିଏ ଓଳି ଗାଡ଼ି ବୁଲାଇ ସରକାରୀ ଅର୍ଥ ଆତ୍ମସାତ୍ କରାଯାଉଛି କି ? ନିୟମ ଭାଙ୍ଗିଥିବା ଏହି ଉଚ୍ଚପଦସ୍ଥ ଅଧିକାରୀ ଓ ସମ୍ପୃକ୍ତ ଏଜେନ୍ସି ବିରୋଧରେ ଜିଲ୍ଲା ପ୍ରଶାସନ କି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି, ତାହା ଏବେ ଦେଖିବାକୁ ବାକି ରହିଲା।

# ଜାତୀୟ କ୍ରୀଡ଼ା ଦିବସ ପାଳିତ




ଶୁଳିଆପଦା, ୩୦।୮ (ସମିସ): ସ୍ଥାନୀୟ ଭାଲିଆଶୋଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ କ୍ରୀଡ଼ା ଶିକ୍ଷକ ଗଙ୍ଗାରାମ ଟୁଡୁଙ୍କ ତତ୍ତ୍ୱାବଧାନରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଛି। ମହାନ ହକି ଖେଳାଳି ତଥା ଭାରତୀୟ କ୍ରୀଡ଼ା ଜଗତର କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିବସ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିକ୍ଷୟିତ୍ରୀ ସରିତା ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମେ ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କର କ୍ରୀଡ଼ା ପ୍ରତିଭା ଓ ଅବଦାନକୁ ସ୍ମରଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ ପୃଷ୍ଟି ଶିକ୍ଷା ସହିତ କ୍ରୀଡ଼ା ମଧ୍ୟ ଛାତ୍ରଛାତ୍ରୀଙ୍କ ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ ଓ କ୍ରୀଡ଼ା ଶାରୀରିକ ସୁସ୍ଥତା ସହିତ ଶୃଙ୍ଖଳା, ଧୈର୍ଯ୍ୟ, ଦଳଗତ ମନୋଭାବ ଓ ନେତୃତ୍ୱ ଗୁଣ ବିକାଶ କରିଥାଏ ବୋଲି କହିଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ନିମିତ୍ତ ଓ ଶିକ୍ଷକଙ୍କ ନିମିତ୍ତ ବିଭିନ୍ନ ମନୋରଞ୍ଜନଧର୍ମୀ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଗଣିତ ଶିକ୍ଷୟିତ୍ରୀ ମଧୁସ୍ମିତା ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

**କରଞ୍ଜିଆ :** ମହାନ୍ ହକି ତାରକା ମେଜର ଧ୍ୟାନଚାନ୍ଦଙ୍କ ସ୍ମୃତିରେ ପ୍ରତିବର୍ଷ ଅଗଷ୍ଟ ୨୯ ତାରିଖକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଏ। ଏ ଅବସରରେ କରଞ୍ଜିଆସ୍ଥ ସ୍ପୋର୍ଟ୍ସ କରାଟେ ଏକାଡେମୀ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଛି। ଏକାଡେମୀର ପ୍ରତିଷ୍ଠାତା ତଥା କୋଚ୍ ଆଶିଷ ରଞ୍ଜନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ରୀଡ଼ାବିତ୍ ତ୍ରିଲୋଚନ ମହାନ୍ତ ମୁଖ୍ୟଅତିଥି, ପ୍ରେସ୍ କ୍ଲବ୍ ସମ୍ପାଦକ କର୍ଣ୍ଣଜୁନ୍ ସାହା ମୁଖ୍ୟବକ୍ତା, ସମ୍ମାନିତ ଅତିଥି



ଭାବେ କ୍ରୀଡ଼ାବିତ୍ ଗୌରୀ ଶଙ୍କର ସିନା, ଫୁଟବଲ୍ ଖେଳାଳି ରବୀନ୍ଦ୍ର ମହାନ୍ତ, ସନ୍ତୋଷ ଦାସ ଓ ଅବସରପ୍ରାପ୍ତ ଖେଳ ଶିକ୍ଷକ କାବୁଲ ଚନ୍ଦ୍ର ରାଉଳ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଉପସ୍ଥିତ କରାଟେ ଏକାଡେମୀ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଜୀବନଯାପନ କରିବା ସହ ନିଶାଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଏଥିସହ ମେଜର ଧ୍ୟାନଚାନ୍ଦଙ୍କ ଜୀବନୀ, କ୍ରୀଡ଼ା ପ୍ରତି ତାଙ୍କର ଅବଦାନ ଓ ଆଦର୍ଶ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବାକୁ କ୍ରୀଡ଼ାବିତ୍ ତ୍ରିଲୋଚନ ମହାନ୍ତ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀ ଧ୍ୟାନଚାନ୍ଦଙ୍କ ହକି ଷ୍ଟିକ୍ ଧରିଥିବା ପ୍ରତିକୃତି ସହ ବ୍ୟାନର୍ ପ୍ରଦର୍ଶନ କରି ବିଭିନ୍ନ ସ୍ଲୋଗାନ୍ ଦେଇଥିଲେ। କରାଟେ ଏକାଡେମୀ ପକ୍ଷରୁ କ୍ରୀଡ଼ାବିତ୍ ତ୍ରିଲୋଚନ ମହାନ୍ତ, ଗୌରୀ ଶଙ୍କର ସିନା, କାବୁଲ ଚନ୍ଦ୍ର ରାଉଳ, ରବୀନ୍ଦ୍ରନାଥ ମହାନ୍ତ, ସନ୍ତୋଷ ଦାସ, ସତ୍ୟାନନ୍ଦ ଜେନା ଓ ସମୀକ୍ଷା ପ୍ରିୟଦର୍ଶିନୀ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୌରଚନ୍ଦ୍ର ମହାନ୍ତ, ଉମାବତୀ ପାତ୍ର, ରାଜସ୍ମିତା ସ୍ୱାଇଁ, ଚନ୍ଦ୍ରାଇ ମୁର୍ମୁ, ସୁଭଦ୍ରା ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**କୁଆମରା :** ଗୋପବନ୍ଧୁନଗର ବ୍ଲକ ଜଳ ପରିମଳ ବିଭାଗ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନର ବ୍ଲକ ସଂଯୋଜିକା କଳ୍ପିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଖୁଣ୍ଟା ପିଏମଶ୍ରୀ ଉଚ୍ଚବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ବିଭନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ବେହେରା, ଖେଳ




ଶିକ୍ଷକ ସୁକେନ୍ଦୁ ବିଶ୍ୱାଳଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହଯୋଗରେ ଛାତ୍ରଛାତ୍ରୀଙ୍କୁ ନେଇ ବ୍ୟାଡ଼ମିଣ୍ଟନ, ପୁଚି, ଦୌଡ଼, ଫୁଟବଲ, ଜି.କେ, କୁଇଜ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲ। କୃତୀ ପ୍ରତିଯୋଗୀଙ୍କୁ ଗୁରୁ ଦିବସରେ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯିବ।

**କୁଆମରା :** ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟର କ୍ରୀଡ଼ା ବିଭାଗ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଛି। କ୍ରୀଡ଼ା ବିଭାଗ ଅଧିକାରୀ ଅଧ୍ୟାପକ ତପନ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ସରୋଜ ତ୍ରିପାଠୀ ଯୋଗ ଦେଇଥିଲେ। ଏ ପରିପ୍ରେକ୍ଷୀରେ ମହାବିଦ୍ୟାଳୟର କ୍ରୀଡା ପ୍ରଶିକ୍ଷକ କିଶୋର ଦାଶ ବିଭିନ୍ନ କ୍ରୀଡା ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିବା ସହ




ଯୁବବର୍ଗଙ୍କୁ ବିଭିନ୍ନ ବିଭାଗରେ ସାମିଲ ହୋଇ ଉତ୍କର୍ଷ ପ୍ରଦର୍ଶନ ନିମନ୍ତେ ଆହ୍ୱାନ ଦେଇଥିଲେ। ଅଧ୍ୟାପକ ଓ ଅଧ୍ୟାପିକାଙ୍କ ମଧ୍ୟରେ ମାନଗୋବିନ୍ଦ ଖିଲାର, ପ୍ରଦୀପ ବେହେରା, ସ୍ନେହାଶିଷ ସେଠୀ, ଗେହ୍ଲମଣି ବେହେରା, ସୁଭଦ୍ରାମଣି ବାରିକ ଯୋଗ ଦେଇଥିଲେ। ଉକ୍ତ ବ୍ଲକରୁ ରୁକ୍ମଣୀ ଶଙ୍ଖୁଆ (ବିଆରସି), ଇପସିତା ରାଉତ (ପେସା ସଂଯୋଜକ) ସାମିଲ ହୋଇ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହକି, ଫୁଟବଲ, ବାସ୍କେଟବଲ, ଭଲିବଲ ଆଦି ଖେଳ ଅନୁଷ୍ଠିତ ହୋଇଥିଲା।

**ଆଜି ସ୍ୱାୟତ୍ତ ଶାସନ ଦିବସ**

# ୧୨୧ ବର୍ଷର ବାରିପଦା ପୌରପରିଷଦ ମହାନଗର ଘୋଷଣା କେବେ?

ବାରିପଦା, ୩୦।୮ (ସମିସ)



ସୋମବାର ନିଖିଳ ସ୍ୱାୟତ୍ତ ଶାସନ ଦିବସ। ତେବେ ୧୨୧ ବର୍ଷ ବା ରାଜ୍ୟର ସର୍ବପୁରାତନ ବାରିପଦା ପୌରପରିଷଦ ଆଜି ବି ମହାନଗର ଘୋଷଣାରୁ ବଞ୍ଚିତ ହୋଇରହିଛି। ଏହି ପୌର ପରିଷଦ ପଛରେ ପ୍ରତିଷ୍ଠିତ ରାଜ୍ୟର ଅନ୍ୟ ପୌରପରିଷଦ ମହାନଗର ମାନ୍ୟତା ପାଇ ସାରିଥିବାବେଳେ ବାରିପଦା ପ୍ରତି ଦୃଷ୍ଟି ନାହିଁ। ଏହି ସହରର ବାସିନ୍ଦା ଡା କୃଷ୍ଣାନନ୍ଦ ମହାନ୍ତି ବର୍ତ୍ତମାନ ରାଜ୍ୟର ନଗର ଉନ୍ନୟନ ମନ୍ତ୍ରୀ ଭାବେ ଅଢେଇ ବର୍ଷ କାର୍ଯ୍ୟ କଲେଣି। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ରାଜ୍ୟରେ ଦୁଇଟି ପୌରପରିଷଦ ମହାନଗର ମାନ୍ୟତା ପାଇଛି। ବାରିପଦା ଏବେ ମଧ୍ୟ ପୌରପରିଷଦ ରହିଛି। ବିକାଶ ଦିଗରେ କାର୍ଯ୍ୟ କରୁଥିବା ବାରିପଦା ପୌର ପରିଷଦ ଆଧୁନିକତାର ଦୌଡ଼ର ବହୁ ପଛରେ ପଡ଼ିରହିଛି। କର୍ମଚାରୀ ଓ ଅନୁଦାନ ଅଭାବ ପାଇଁ ଗମନାଗମନ, ଆମୋଦ ପ୍ରମୋଦ ଓ ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆସିପାରୁନାହିଁ। ପୌର ପରିଷଦର ୨୫୯ କିମି ନିଜସ୍ୱ ସଡ଼କ କ୍ରମାଗତ ବର୍ଷା ପାଇଁ ପରିଚୟ ହରାଇଛି। ଫଳରେ ବର୍ଷାଦିନେ ସହରବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ପ୍ରାଚୀନ କଳା, ସ୍ଥାପତ୍ୟ, ଐତିହ୍ୟ ଭଗ୍ନାବସ୍ଥାରେ ପରିଣତ ହୋଇଛି। ବାରିପଦା ସହରକୁ ସୁରକ୍ଷିତ ରଖିବା ପାଇଁ ବୁଢ଼ାବଳଙ୍ଗ ନଦୀରେ ଆଡିବନ୍ଧ ଯୋଜନା ପ୍ରହସନ ପାଲଟିଛି। ଜମ୍ବିରା ନଦୀରୁ ପାନୀୟଜଳ ଯୋଗାଣ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେବାକୁ ନେଇ ସରକାରୀ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ଉଠାଉଛି। ରିଂ-ରୋଡ, ଆଡିବନ୍ଧ, ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ, ଟାଉନ ବସ୍‌ଷ୍ଟାଣ୍ଡ ଓ ବସ ଚଳାଚଳ, ସ୍ୱୟଂଚାଳିତ ଟ୍ରାଫିକ ବ୍ୟବସ୍ଥା, ୱାର୍ଡ ସଂଖ୍ୟା ବୃଦ୍ଧି ଭଳି ଯୋଜନା ବାଟବଣା ହୋଇଛି।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଶାସନ କାଳ ସମୟରେ ବାରିପଦା ସହରର ୨ ବର୍ଗ କିମି ଆୟତନକୁ ନେଇ ୧୯୦୫ ଜୁଲାଇ ୧ ତାରିଖରେ ପୌର ପରିଷଦ କାର୍ଯ୍ୟ ଆରମ୍ଭ କରିଥିଲା। ମହାରାଜାଙ୍କ ଦ୍ୱାରା ମନୋନୀତ ହରିଶ ଚନ୍ଦ୍ର ଭଞ୍ଜଦେଓ ଥିଲେ ପ୍ରଥମ ଅଧ୍ୟକ୍ଷ ଓ ମୟୂରଭଞ୍ଜ ରାଜ୍ୟର ସରକାରୀ ଆଇନଜୀବୀ ଉତ୍କଳମଣି ଗୋପବନ୍ଧୁ ଦାସ ଥିଲେ ପ୍ରଥମ ଉପାଧ୍ୟକ୍ଷ। ସେ ସମୟର ଉଚ୍ଚ ଚିନ୍ତାଧାରାକୁ ନେଇ ସହରର ରାସ୍ତାଘାଟ, ପାନୀୟ ଜଳ, ପରିମଳ ବ୍ୟବସ୍ଥା, ବିଦ୍ୟୁତ ସେବା ସହ ବିଭିନ୍ନ ଦିଗରେ ପୌର ପରିଷଦ ସର୍ବାଗ୍ରେ ରହିଥିଲା। ପୌରପରିଷଦର ୱାର୍ଡ ସଂଖ୍ୟା ବୃଦ୍ଧି ପାଇ ଯଦିଓ ୨୮ ରେ ପହଞ୍ଚିଛି, ତଥାପି ଜନସଂଖ୍ୟା ହିସାବରେ କମ୍ ରହିଛି। ବର୍ତ୍ତମାନ ଜନସଂଖ୍ୟା ୨ ଲକ୍ଷ ପାର କଲାଣି। ବର୍ଦ୍ଧିତ ଜନସଂଖ୍ୟା କାରଣରୁ ସହରର ରାସ୍ତାଘାଟ ସଙ୍କୁଚିତ ହେବାରେ ଲାଗିଛି। ଜବରଦଖଲଠାରୁ ଆରମ୍ଭ କରି ଛିନତାଇ, ରାହାଜାନି ଓ ଆତଙ୍କରାଜ ବୃଦ୍ଧି ପାଇବାରେ ଲାଗିଛି। ଶାନ୍ତିପ୍ରିୟ ସହରରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି। କାର୍ଯ୍ୟାଳୟରେ ୧୩୫ ପଦବୀ ମଧ୍ୟରୁ ୯୩ଟି ଫାଙ୍କା ପଡ଼ିଛି। ଟ୍ୟାକ୍ସ ଓ ଦେୟ ସଂଗ୍ରହ କରୁଥିବା ୨୮ କର୍ମଚାରୀଙ୍କ ମଧ୍ୟରୁ ୨୦ଟି ପଦବୀ ଖାଲି ରହିଛି। ସହରରେ ବହୁତଳ ପ୍ରାସାଦ ବଢୁଥିଲେ ହେଁ କର୍ମଚାରୀ ଅଭାବରୁ ରାଜସ୍ୱ ଆଦାୟ ବୃଦ୍ଧି ପ୍ରତି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସେହିପରି ସଫେଇ କର୍ମଚାରୀ ପଦବୀ ୨୬ଟି ଫାଙ୍କା ପଡ଼ିଥିବାରୁ ବିଭିନ୍ନ ୱାର୍ଡରେ ଡ୍ରେନ ସଫେଇ ଓ ପରିମଳ ବ୍ୟବସ୍ଥାରେ ଉନ୍ନତିକରଣ ହୋଇଥିଲେ ମଧ୍ୟ ଶତପ୍ରତିଶତ ସଫଳତା ମିଳିପାରିନାହିଁ। ଅସ୍ତିଆ, ଚିପଟ ଅସ୍ତିଆ, ରଘୁନାଥପୁର, ମୁର୍ଗାବାଡି ଓ ପାଲବଣିର କିଛି ଅଞ୍ଚଳ ପୌରପରିଷଦରେ ସାମିଲ ସହିତ ୱାର୍ଡ ସଂଖ୍ୟା ବୃଦ୍ଧି କରାଯାଇ ମହାନଗର ମାନ୍ୟତା ପ୍ରଦାନ କରାଗଲେ ସହରାଞ୍ଚଳ ବିକାଶ ଯୋଜନାରେ ଲୋକେ ବିଶେଷ ଉପକୃତ ହୋଇପାରନ୍ତେ। ଚଳିତ ସ୍ୱାୟତଶାସନ ଦିବସ ଅବସରରେ ଦଳମତ ନିର୍ବିଶେଷରେ ଏକ ହୋଇ ସହଯୋଗର ହାତ ବଢ଼ାଇଲେ ପୌର ପରିଷଦର ହଜିଯାଇଥିବା ଗୌରବ ପୁଣି ଫେରିଆସନ୍ତା ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

## ଓଡ଼ିଶାର ପ୍ରଥମ ପ୍ରତ୍ନତତ୍ତ୍ୱବିତ୍ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ଜୟନ୍ତୀ

ବାରିପଦା, ୩୦।୮ (ସମିସ): ଓଡ଼ିଶା ପ୍ରତ୍ନତତ୍ତ୍ୱ ଗବେଷଣାର ଜନକ ଭାବେ ଖ୍ୟାତି ଅର୍ଜନ କରିଥିବା ପ୍ରଖ୍ୟାତ ଐତିହାସିକ, ସାହିତ୍ୟିକ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ୧୩୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଆମେ ମୟୂରଭଞ୍ଜିଆ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଦେଉଳସାହିଠାରେ ଥିବା ସ୍ୱର୍ଗତ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ସମସ୍ତେ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ସ୍ମୃତିଚାରଣ ପୂର୍ବକ ଅନୁଷ୍ଠିତ ଆଲୋଚନାଚକ୍ରରେ ଆମେ ମୟୂରଭଞ୍ଜିଆର ଅଧ୍ୟକ୍ଷ ତଥା ସାମ୍ବାଦିକ ସଞ୍ଜୟ ଚୌଧୁରୀ ସ୍ୱାଗତ ଭାଷଣ ସହିତ ସାହିତ୍ୟ, ସଂସ୍କୃତି ଓ ଇତିହାସ ପ୍ରତି ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏ ଅବସରରେ ବାରିପଦା ପୌର ପରିଷଦ ଉପାଧ୍ୟକ୍ଷ ସୀମା ଦାସ, ଐତିହାସିକ ଡ ଶ୍ୟାମସୁନ୍ଦର ଦାସ ସ୍ୱର୍ଗତ ଆଚାର୍ଯ୍ୟଙ୍କ ଜୀବନୀ ଓ କୃତୀ ଉପରେ ଆଲୋଚନା କରିଥିଲେ। ପ୍ରତ୍ନତତ୍ତ୍ୱ କ୍ଷେତ୍ରରେ ଅବଦାନ ଲାଗି ୧୯୬୪ରେ ଓଡ଼ିଶାରୁ ପ୍ରଥମ ପଦ୍ମଶ୍ରୀ ବିଜେତା ଭାବେ ସେ ଏ ମାଟିକୁ ଗୌରାବାନ୍ୱିତ କରିଛନ୍ତି। ଖିଚିଂଠାରେ ୧୯୨୮ରେ ସେ ପ୍ରଥମ ସଂଗ୍ରହାଳୟ ପ୍ରତିଷ୍ଠା ପରେ ଭୁବନେଶ୍ୱରରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପ୍ରତିଷ୍ଠା କରିଥିଲେ। ମୟୂରଭଞ୍ଜର ଖିଚିଂର ସବୁଜ ପଥରରେ ତିଆରି ଚନ୍ଦ୍ରଶେଖର ମନ୍ଦିରକୁ ସମ୍ପୂର୍ଣ୍ଣ ଭାଙ୍ଗି ପୁଣି ସେ ନୂଆ କରି ଗଢିଥିବାବେଳେ ବୈତରଣୀ, ବ୍ରାହ୍ମଣୀ, ମହାନଦୀ ଉପତ୍ୟକାରେ ଖନନ କରି ପ୍ରାଗ୍-ଐତିହାସିକ ଯୁଗର ପ୍ରମାଣ ପାଇଥିଲେ। ହରିଚନ୍ଦନପୁର ନିକଟରେ ପାଲିଓଲିଥିକ ଓ ନିଓଲିଥିକ ଅସ୍ତ୍ର ପାଇ ଓଡ଼ିଶାରେ ମାନବ ସଭ୍ୟତାର ପ୍ରାଚୀନତା ପ୍ରମାଣ କରିଥିବାବେଳେ ଓଡ଼ିଆ, ସାହିତ୍ୟ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ଗବେଷଣାକୁ ତାଙ୍କର ଅନେକ ଅବଦାନ ରହିଛି।



ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପୁଲିସ ପ୍ରଶାସକ ଦୁର୍ଗାପ୍ରସାଦ ମିଶ୍ର, ସମାଜସେବୀ ଅଶୋକ ମଣ୍ଡଳ, ଆକାଶବାଣୀ ବାରିପଦାର ଘୋଷକ ସତ୍ୟାନନ୍ଦ ଶେଜପଡ଼ା, ସମାଜସେବୀ ସାଇପ୍ରକାଶ ମହାନ୍ତି, ଇଂ ସୁନୀଲ ପ୍ରଧାନ, ପୂର୍ବତନ କ୍ରୀଡ଼ା ପ୍ରଶାସକ କୁମାର ରଞ୍ଜନ ପଣ୍ଡା, ଶିକ୍ଷାବିତ କମଳ ମହାକୁଡ଼, ଅଭିଷେକ ଆଚାର୍ଯ୍ୟ, ପରିବେଶବିତ ଭାନୁମିତ୍ର ଆଚାର୍ଯ୍ୟ, ଶିକ୍ଷାବିତ ଡା ଆଦିତ୍ୟ କୁମାର ପଣ୍ଡା, ଅଭିଷେକ ପଣ୍ଡା, ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ, ସମାଜସେବୀ ଅଚ୍ୟୁତ ପ୍ରସାଦ ମହାପାତ୍ର, ରଘୁନାଥ ପଣ୍ଡା, ହରିହର ମହାନ୍ତ, ଉପେନ୍ଦ୍ର ମାଝୀ, ହିମାଦ୍ରୀ ତନୟା ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାବିତ ଶ୍ରୀନିବାସ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ। କୃଷ୍ଣଚନ୍ଦ୍ର ଗୋଲେଇଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ରାସ୍ତାକୁ ପଦ୍ମଶ୍ରୀ ପରମାନନ୍ଦ ମାର୍ଗ ନାମରେ ନାମିତ ହୋଇଥିବାବେଳେ ଉଭୟ ପଟେ ଫଳକ ନ ଥିବାରୁ ପୁଣିଥରେ ଫଳକ ଲଗାଇବାକୁ ପୌର ପରିଷଦ ଉପାଧ୍ୟାକ୍ଷା ସୀମା ଦାସଙ୍କୁ ଅନୁରୋଧ କରାଯାଇଥିଲା।

## ଫଳ ଦୋକାନରୁ ଚୋରି ଅଭିଯୋଗ

ବାରିପଦା, ୩୦।୮ (ସମିସ): ବାରିପଦା ସହରରେ ଚୋରଙ୍କ ଉତ୍ପାତ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଷ୍ଟେସନ ବଜାର ନିକଟସ୍ଥ ଏକ ଫଳ ଦୋକାନରୁ ନଗଦ ଟଙ୍କା ସହ ରୂପା କଏନ ଚୋରି ହୋଇଥିବା ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି। ଚୋରିର ଦୃଶ୍ୟ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ତୁଳସୀଚଉରା ଅଞ୍ଚଳର ମାନସ ବେହେରାଙ୍କ ଷ୍ଟେସନ ବଜାରସ୍ଥ ମୟୂରଭଞ୍ଜ କୋଲ୍ଡ ଷ୍ଟୋର ନିକଟରେ ଏକ ଫଳ ଦୋକାନ ଅଛି। ୨୨ ତାରିଖ ରାତି ପ୍ରାୟ ୧୦ଟାରେ ସେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ପରଦିନ ସକାଳ ୮ଟାରେ ଦୋକାନ ଖୋଲିବା ପରେ ଟଙ୍କା ବାକ୍ସ ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ବାକ୍ସ ଭିତରେ ଥିବା ପ୍ରାୟ ୪, ୦୦୦ରୁ ୪, ୫୦୦ ଟଙ୍କା ଓ ଏକ ରୂପା କଏନ୍ ଗାଏବ ଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପରେ ଘଟଣାର ପର୍ଦ୍ଦାଫାସ ହୋଇଥିଲା। ଫୁଟେଜରେ ରାତି ପ୍ରାୟ ୨ଟା ୨୪ ମିନିଟ୍‌ରେ ଜଣେ ଯୁବକ ଦୋକାନର ଛାତ ଖୋଲି ଭିତରକୁ ପ୍ରବେଶ କରି ଚୋରି କରୁଥିବା ଦେଖାଯାଇଛି। ଉକ୍ତ ଯୁବକଙ୍କୁ ପ୍ରକାଶ ଖଟିଆ ଭାବେ ଚିହ୍ନଟ କରିଥିଲେ, ଯିଏକି ଦିନବେଳେ ଦିନମଜୁରିଆ ଭାବେ କାମ କରୁଥିବାବେଳେ ରାତିରେ ଚୋରି କରୁଥିବା ଅଭିଯୋଗ ହୋଇଛି। ଏ ନେଇ ଦୋକାନ ମାଲିକ ବାରିପଦା ଟାଉନ ଥାନାରେ ଲିଖିତ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ସୋସିଆଲ ମିଡ଼ିଆରେ ଫଟୋ ଭାଇରାଲ ସହ ଯୁବତୀଙ୍କୁ ବ୍ଲାକମେଲ୍ ଅଭିଯୋଗ

ବାରିପଦା, ୩୦।୮ (ସମିସ): ସୋସିଆଲ ମିଡ଼ିଆରେ ଆପତ୍ତିଜନକ ଫଟୋ ଭାଇରାଲ କରିବା ସହ ଜଣେ ଯୁବତୀଙ୍କୁ ବ୍ଲାକମେଲିଂ ଓ ଦୁର୍ବ୍ୟବହାର କରାଯାଉଥିବା ନେଇ ବାରିପଦା ଟାଉନ ଥାନାରେ ଏକ ସଙ୍ଗିନ ଅଭିଯୋଗ ହୋଇଛି। ମାନସ ନାମକ ଜଣେ ଯୁବକ ସୋସିଆଲ ମିଡିଆରେ ଯୁବତୀଙ୍କ ଫଟୋ ଭାଇରାଲ କରି ତାଙ୍କୁ ଲଗାତର ମାନସିକ ନିର୍ଯାତନା ଦେଇଥିଲେ। ଅଭିଯୋଗକାରିଣୀ ଦର୍ଶାଇଛନ୍ତି ଯେ, ଅଭିଯୁକ୍ତ ତାଙ୍କୁ ଅନ୍ୟତ୍ର ବିବାହ ନ କରିବା ଓ ଶାରୀରିକ ସମ୍ପର୍କ ରଖିବା ପାଇଁ ବାରମ୍ବାର ଧମକ ଦେଉଥିଲେ। ଏଥିସହ ସର୍ବସାଧାରଣ ସ୍ଥାନରେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ଅପମାନିତ କରିଥିଲେ। ଏ ନେଇ ପୀଡ଼ିତା ବାରିପଦା ଟାଉନ ଥାନାର ଦ୍ୱାରସ୍ଥ ହୋଇ ଅଭିଯୁକ୍ତଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହି ଅଭିଯୋଗ ଆଧାରରେ ବାରିପଦା ଟାଉନ ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପ୍ରାଥମିକ ଶିକ୍ଷକ ସଂଘ ଗଠିତ

କୁଆମରା, ୩୦।୮ (ସମିସ): ଗୋପବନ୍ଧୁନଗର ବ୍ଲକ ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକଙ୍କ ପକ୍ଷରୁ ନୂତନ ସଂଘ ଗଠନ କରାଯାଇଛି। ପୁରୁଣା ବାରିପଦା ରିଜିଓନାଲ ଏକାଡେମୀରେ ଆୟୋଜିତ ନିର୍ବାଚନରେ ଜିଲ୍ଲା ସଂଘରୁ ଅଜୟ କୁମାର ମହାନ୍ତ ନିର୍ବାଚନ ଦାୟିତ୍ୱରେ ଥିଲେ। ଶିକ୍ଷକ ଉମାକାନ୍ତ ଦଣ୍ଡପାଟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୂତନ ସଂଘର ସଭାପତି ଭାବେ ଅର୍ଜୁନ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ଆଶିଷ କୁମାର ସାହୁ, ଉପସଭାପତି ପ୍ରଶାନ୍ତ ମହାପାତ୍ର, ଲିନାମୟୀ ଦାସ, ଅର୍ପିତ ନାୟକ, ସାଧାରଣ ସମ୍ପାଦକ ଆଶିଷ ସିଂବାବୁ, ଯୁଗ୍ମସମ୍ପାଦକ ଭାଗୀରଥି ପରିଡ଼ା, ଦେବସ୍ମିତା ରଣା, ଦୀପକ ବାଘରାୟ, କୋଷାଧ୍ୟକ୍ଷ ଭାବେ କାର୍ତ୍ତିକ ଚନ୍ଦ୍ର ପ୍ରଧାନ ପ୍ରମୁଖ ୨୫ ଜଣ ନିର୍ବାଚିତ ହୋଇଛନ୍ତି। ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ କାର୍ଯ୍ୟକ୍ରମ ସରିଥିବାବେଳେ ଶତାଧିକ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।



## ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ କପ୍ତିପଦା ଉପଖଣ୍ଡ ବୈଠକ

ଉଦଳା/କପ୍ତିପଦା, ୩୦।୮ (ସମିସ): ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ କପ୍ତିପଦା ଉପଖଣ୍ଡ ଶାଖାର ଜରୁରୀ ସାଙ୍ଗଠନିକ ସାଧାରଣ ବୈଠକ ବହୁବନ୍ଧ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରଜମୋହନ ମାଝୀ ସଭାପତିତ୍ୱ କରିଥିଲେ। ମୟୂରଭଞ୍ଜ ଜିଲ୍ଲା ସଂଘ ସଭାପତି ଡିମ୍ବଲ କୁମାର ଦାସ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ଶିକ୍ଷକ ସଂଘର ଏକତା, ସଂଗଠନର ସୁଦୃଢ଼ୀକରଣ ସହ ଶିକ୍ଷକ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ସଂଘ ସମ୍ପାଦକ ଦୀପକ ସେଠୀ ନିର୍ବାଚନ ପରିଚାଳକ ଭାବେ ଯୋଗଦେଇ ନିର୍ବାଚନ ପ୍ରକ୍ରିୟା ସୁଚାରୁରୂପେ ସମ୍ପାଦନ କରିଥିଲେ। ସମ୍ମାନିତ ଅତିଥି ଭାବେ ଟିକାୟତପୁର ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭବାନୀ ବେହେରା, ଦେବଳା ଆଶ୍ରମ ପ୍ରଧାନଶିକ୍ଷକ ଦୀପକ ଦଣ୍ଡପାଟ, ପିସିପୁର ଆଶ୍ରମ ପ୍ରଧାନଶିକ୍ଷକ ବସନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ। ଏହି ବୈଠକରେ କପ୍ତିପଦା ଉପଖଣ୍ଡର ବିଭିନ୍ନ ବିଦ୍ୟାଳୟରୁ ବହୁ ସଂଖ୍ୟକ ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ବୈଠକ ପରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ଶାଳଖୁଣ୍ଟା ବିଦ୍ୟାଳୟ ପ୍ରଧାନଶିକ୍ଷକ ବୃନ୍ଦାବନ ପୃଷ୍ଟି, ଉପସଭାପତି ଭାବେ ବିସିପୁର ବିଦ୍ୟାଳୟ ସହକାରୀ ଶିକ୍ଷକ ବିରେନ ଚନ୍ଦ୍ର ଘୋଷ ନିର୍ବାଚିତ ହୋଇଥିଲେ। ସମ୍ପାଦକ ଭାବେ ପେଡ଼ାଗଡ଼ି ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମରଜିତ ଶଙ୍ଖୁଆ, ସହସମ୍ପାଦକ ଭାବେ ବି.ସି.ପୁର ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ଦିଲ୍ଲୀପ ମହାନ୍ତ, କୋଷାଧ୍ୟକ୍ଷ ଭାବେ କଟୁରିଆ ଆଶ୍ରମ ବିଦ୍ୟାଳୟ ସହକାରୀ ଶିକ୍ଷକ ଶାନ୍ତନୁ ସାହୁ, ହିସାବ ନିରୀକ୍ଷକ ଭାବେ ପେଡ଼ାଗଡ଼ି ଆଶ୍ରମ ବିଦ୍ୟାଳୟ ସହକାରୀ ଶିକ୍ଷକ ଭଗୀରଥ ଜେନା ନିର୍ବାଚିତ ହୋଇଛନ୍ତି।



## ଗୋପବନ୍ଧୁନଗର ବ୍ଲକରେ ମାଗଣା ଶିକ୍ଷାଦାନ କାର୍ଯ୍ୟକ୍ରମ




କୁଆମରା, ୩୦।୮ (ସମିସ): ଗୋପବନ୍ଧୁନଗର ବ୍ଲକରେ ମାଗଣା ଶିକ୍ଷାଦାନ କାର୍ଯ୍ୟକ୍ରମ କୁଆମରା ବାଳିକା ଉଚ୍ଚବିଦ୍ୟାଳୟରେ ଜନ ବିକାଶ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଶ୍ରୀକାନ୍ତ ପାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ଆଲୋକ ପ୍ରଦାନ କରିବାର ପ୍ରୟାସ ଏହି ଅନୁଷ୍ଠାନ ହାତକୁ ନେଇଛି। ଏଥିରେ ଯୋଗ୍ୟତା ଥିବା ଶିକ୍ଷକଙ୍କୁ ନିଯୁକ୍ତ କରାଯିବ ବୋଲି କୁହାଯାଇଛି। ମାଗଣା ଶିକ୍ଷାଦାନ ଯୋଗେ ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀ ଉତ୍ତମ ଶିକ୍ଷାର ସୁଯୋଗ ପାଇବେ। ଉକ୍ତ କାର୍ଯ୍ୟକ୍ରମରେ କରଞ୍ଜିଆ ଗାୟତ୍ରୀ ଫାଉଣ୍ଡେସନର ନକୁଳ ମାଟିଆ, ଗୋଲକ ମହାପାତ୍ର, ବ୍ଲକ ସଂଯୋଜକ ରବୀନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ ନେଇ ମତବ୍ୟକ୍ତ କରିଥିଲେ। ବିଭିନ୍ନ ଅଞ୍ଚଳରୁ ଅଭିଭାବକ ଯୋଗ ଦେଇଥିଲେ। ଏହି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

**ଘୋଷଣାରେ ସୀମିତ ଚିତ୍ରଡ଼ା ଏନ୍‌ଏସି**

# ପାଞ୍ଚମାସ ହେଲା ହୋଇନି କୌଣସି ଉନ୍ନୟନ କାମ

ମୋରଡା, ୩୦।୮ (ସମିସ)

ପାଞ୍ଚ ମାସରୁ ଊର୍ଦ୍ଧ୍ୱ ହେବ ରାଜ୍ୟ ସରକାରଙ୍କ ଦ୍ୱାରା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ଚିତ୍ରଡାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ମିଳିଥିଲା। ତେବେ ଅଦ୍ୟାବଧି ଚିତ୍ରଡା ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପାଇଥିବା ୧୨ଟି ୱାର୍ଡରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ ହୋଇନାହିଁ। ସାଧାରଣ ଲୋକ ଆଶା କରୁଥିଲେ ଯେ ଚିତ୍ରଡା ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପାଇବା ପରେ ସହରାଞ୍ଚଳର ସୁବିଧା ଗ୍ରାମାଞ୍ଚଳରେ ଉପଲବ୍ଧ ହେବ। ବର୍ତ୍ତମାନ ସୁଦ୍ଧା ଚିତ୍ରଡା ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା କେବଳ ଘୋଷଣାରେ ସୀମିତ ରହିଯାଇଛି। ଚିତ୍ରଡା ଓ ହଳଦୀପାଳ ପଞ୍ଚାୟତକୁ ନେଇ ଗଠିତ ଉକ୍ତ ଏନଏସିର ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

### ମନ୍ତ୍ରୀଙ୍କ ପ୍ରତି ବଢୁଛି ଜନଅସନ୍ତୋଷ

ବର୍ଷାଦିନ ଏବେ ସରିବାକୁ ବସିଥିବାବେଳେ ଜଳନିଷ୍କାସନ ଓ ବର୍ଜ୍ୟଜଳ ନିଷ୍କାସନ ପାଇଁ ଆବଶ୍ୟକୀୟ ଡ୍ରେନ୍ ନିର୍ମାଣ ଆରମ୍ଭ ହେଲାନାହିଁ। ଫଳରେ ହଳଦୀପାଳ ଗ୍ରାମ ଭିତର ରାସ୍ତାରେ ପାଣି ଜମି ରହୁଛି। ସେହିପରି ଚିତ୍ରଡାର ଡୁମୁରଡିହା ଗ୍ରାମରେ ହୋଇଥିବା ନୂତନ କଂକ୍ରିଟ ଡ୍ରେନଟି ଠିକ ଭାବେ ନିର୍ମାଣ କରାଯାଇ ନ ଥିବାରୁ ଲୋକଙ୍କ ଘର ସମ୍ମୁଖରେ ପାଣି ଜମି ରହୁଛି। ଚିତ୍ରଡା ବଜାରର ବହୁ ଦୋକାନୀ ପାନୀୟଜଳ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ତେବେ ଚିତ୍ରଡା ଏନଏସି ଖୋଦ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିର୍ବାଚନମଣ୍ଡଳୀ ମଧ୍ୟରେ ଥିବାବେଳେ ୧୨ଟି ୱାର୍ଡକୁ ନେଇ ଗଠିତ ଚିତ୍ରଡା ଏନଏସିର ଉନ୍ନୟନ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ଆଉ ୬ମାସ ପରେ ପଞ୍ଚାୟତ ନିର୍ବାଚନ ସହ ପୌର ନିର୍ବାଚନ ଘୋଷଣା କରିବାକୁ ସରକାର ଯାଉଥିବାବେଳେ ମନ୍ତ୍ରୀଙ୍କ ପ୍ରତି ସାଧାରଣ ଲୋକଙ୍କ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଉଦଳା, ୩୦।୮ (ସମିସ): ଉଦଳା ବରିଷ୍ଠ ନାଗରିକ ସଂଘ ସଭାଗୃହରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସାମଗ୍ରୀକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସହାୟତାରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସ୍ୱାସ୍ଥ୍ୟ ଶିବିରରେ ଭୌତିକ ଚିକିତ୍ସା (ଫିଜିଓଥେରାପି)ର ସଚେତନତା ପାଇଁ ଜିଲ୍ଲା ମୁଖ୍ୟ ଫିଜିଓଥେରାପିଷ୍ଟ ପରମେଶ୍ୱର ପୁଥାଳ, ସହଯୋଗୀ ଡ ସୌମ୍ୟା ବେହେରା ଓ ଅଫିସ ସହାୟକ ଜିତେନ୍ଦ୍ର ନାଥ ବେହେରା ସ୍ୱାସ୍ଥ୍ୟ ସେବା ଶିବିରରେ ଯୋଗ ଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ସଙ୍ଗଠନର ସଭାପତି ସଚ୍ଚିଦାନନ୍ଦ ପରିଡ଼ା, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ବରିଷ୍ଠ ନାଗରିକ ଭାଗବତ ଟୁଙ୍ଗୀର ମୁଖ୍ୟ ଉପଦେଷ୍ଟା ନରେନ୍ଦ୍ର ମୋହନ ଜେନା, ସଦସ୍ୟ ନରେନ୍ଦ୍ର ନାଥ ରାଉତଙ୍କ ସମେତ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୁଣ୍ଟା ବରିଷ୍ଠ ନାଗରିକ ସଂଘର ଉପସଭାପତି ଅନ୍ତର୍ଯ୍ୟାମୀ ସାହୁ ଯୋଗ ଦେଇଥିଲେ। ଉକ୍ତ ଶିବିରରେ ୬୦ରୁ ଅଧିକ ବରିଷ୍ଠ ନାଗରିକ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।



# ଅବକାରୀ ବିଭାଗ ଚଢ଼ଉ, ୧୨ କ୍ୱିଣ୍ଟାଲ ମହୁଲ ଜବତ

ଠାକୁରମୁଣ୍ଡା/ମହୁଲଡିହା,୩୦।୮ (ସମିସ): ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରେ ଅବକାରୀ ବିଭାଗ ଚଢ଼ଉ କରି ବିପୁଳ ପରିମାଣର ମହୁଲି ମଦ ସହିତ ମହୁଲ ପୋଚ ନଷ୍ଟ କରିଛି। ରାଇରଙ୍ଗପୁର ଅବକାରୀ ଡେପୁଟି ସୁପରିଟେଣ୍ଡ ସୌମ୍ୟରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ କରଞ୍ଜିଆ ଅବକାରୀ ଇନ୍ସପେକ୍ଟର ଜୟନ୍ତୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ ବିଭିନ୍ନ ଅବକାରୀ ଥାନା କର୍ମଚାରୀ ଠାକୁରମୁଣ୍ଡା ବ୍ଲକ ସୁନାରିପଶି ଜଙ୍ଗଲରେ ଲୁଚାଇ ରଖାଯାଇଥିବା ୪୭୦୦ କିଲୋଗ୍ରାମ ମହୁଲ ପୋଚ ସହିତ ୧୬୦ ଲିଟର ମହୁଲି ମଦ ନଷ୍ଟ କରିଥିଲେ। ସେହିପରି କେନ୍ଦୁଜିଆଣି ବଜାରରେ ଚଢ଼ଉ କରି ବିକ୍ରି ପାଇଁ ରଖାଯାଇଥିବା ୧୨ କ୍ୱିଣ୍ଟାଲ ମହୁଲ ଫୁଲ ଜବତ କରିବା ସହିତ ଦୋକାନୀ ରମାକାନ୍ତ ମହାନ୍ତଙ୍କ ନାମରେ ଠାକୁରମୁଣ୍ଡା ଅବକାରୀ ଥାନାରେ ୧୦୨/୨୬ରେ ମାମଲା ରୁଜୁ କରି କୋର୍ଟରେ ହାଜର କରାଯାଇଥିଲା। ଆଜି ଏହି ଚଢ଼ଉରେ କରଞ୍ଜିଆ ଅବକାରୀ ଥାନା ଅଧିକାରୀ ରଶ୍ମିରଞ୍ଜନ ନାଏକ, ଠାକୁରମୁଣ୍ଡା ଅବକାରୀ ଥାନା ଅଧିକାରୀ ଲକ୍ଷ୍ମୀଧର ମାଝୀ, ଏସଆଇ ପଙ୍କଜ ଓଝା, ପୂର୍ଣ୍ଣଚନ୍ଦ୍ର ନାଏକ, ସୌରଭ ମିଶ୍ର, ଏଏସଆଇ ରଞ୍ଜନ ସାହୁ, ଲକ୍ଷ୍ମଣ ନାୟକ, କନଷ୍ଟେବଳ ଚନ୍ଦ୍ରକାନ୍ତ ମୁଦୁଲି, ସସ୍ମିତା ବେହେରା ସାମିଲ ଥିଲେ।

# ୩୨ ଚୋରି ମୋବାଇଲ ଜବତ; ୫ ଗିରଫ

● ମୋବାଇଲ କିଣିଥିବା ଦୁଇ ରିସିଭରଙ୍କୁ ନୋଟିସ୍ ● ୬ଟି ଫୋନ୍‌ର ମାଲିକ ଚିହ୍ନଟ, ଖୁବ୍‌ଶୀଘ୍ର ହେବ ହସ୍ତାନ୍ତର



କରଞ୍ଜିଆ, ୩୦।୮ (ସମିସ): ଚୋରି ହୋଇଥିବା ମୋବାଇଲ ଫୋନ୍ ଉଦ୍ଧାର କରିବା ନେଇ ପୁଲିସକୁ ବଡ଼ ସଫଳତା ମିଳିଛି। କେସ୍ ନମ୍ବର ୩୨୩/୨୬ର ତଦନ୍ତ ସମୟରେ ପୁଲିସ ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ୩୨ଟି ମୋବାଇଲ ଫୋନ୍ ଜବତ କରିଛି। ଏଥିସହିତ ୧୩ଟି ମୋବାଇଲ ଫୋନ୍ କଭର, ୨ଟି ବ୍ୟାଟେରୀ ଓ ଚୋରି ଘଟଣାରେ ବ୍ୟବହୃତ ହୋଇଥିବା ବାଇକ୍ ଜବତ କରାଯାଇଛି। ଏହି ଘଟଣାରେ ପୁଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚୋରି ମୋବାଇଲକୁ କେଉଁମାନେ କିଣିଥିଲେ ଓ ଏହି ଚୋରି କାରବାରରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ମଧ୍ୟ ତଦନ୍ତ ଜାରି ରହିଛି। ଚୋରି ହୋଇଥିବା କିଛି ମୋବାଇଲ ଫୋନ୍ କିଣାଯାଇଥିବା ନେଇ ତଥ୍ୟ ସାମ୍ନାକୁ ଆସିବା ପରେ ଅଭିନନ୍ଦନ ମୋବାଇଲ ସପ୍‌ର ମହମ୍ମଦ ଦାନିଶ ଓ ଆଲମ ମୋବାଇଲ କେୟାରର ମେହବୁବ ଆଲମଙ୍କୁ ପୁଲିସ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ଉଭୟେ କିଛି ମୋବାଇଲ ଫୋନ୍ କିଣିଥିବା ତଦନ୍ତରୁ ଜଣାପଡ଼ିଛି। ଜବତ ହୋଇଥିବା ୩୨ଟି ମୋବାଇଲ ଫୋନ୍ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬ଟି ମୋବାଇଲର ପ୍ରକୃତ ମାଲିକଙ୍କୁ ଚିହ୍ନଟ କରାଯାଇଛି। ଅନ୍ୟ ମୋବାଇଲ ଫୋନ୍‌ର ମାଲିକଙ୍କୁ ଚିହ୍ନଟ କରିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି। ଚିହ୍ନଟ ହୋଇଥିବା ୬ଟି ମୋବାଇଲ ଫୋନ୍‌କୁ ଆବଶ୍ୟକ ଆଇନଗତ ପ୍ରକ୍ରିୟା ପରେ ଖୁବ୍‌ଶୀଘ୍ର ସେମାନଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। ଏହି ଘଟଣାରେ ଚୋରି ହୋଇଥିବା ଅନ୍ୟ ମୋବାଇଲ ଫୋନ୍‌ର ମାଲିକଙ୍କୁ ଚିହ୍ନଟ କରିବା ସହ ଚୋରି ଘଟଣାର ପୂରା ନେଟୱର୍କ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ପୁଲିସ ତଦନ୍ତ ଜାରି ରଖିଛି।

■ ଜାତୀୟ ରାଜପଥରେ ଡ୍ରାଇଭରଙ୍କୁ ପଥର ମାଡ଼

# ଆଖିରେ ଲାଗିଛି ଗୁରୁତର ଆଘାତ

କରଞ୍ଜିଆ, ୩୦।୮ (ସମିସ): କରଞ୍ଜିଆ ସହର ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥର କୁଇତା ନିକଟରେ ଟ୍ରକ୍ ଡ୍ରାଇଭରଙ୍କୁ ପଥର ମାଡ଼ ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଦୁର୍ବୃତ୍ତଙ୍କ ପଥର ମାଡ଼ରେ ଟ୍ରକ୍ ଡ୍ରାଇଭର ସୁରେଶ ରାୟଙ୍କ ଆଖିରେ ଗୁରୁତର ଆଘାତ ଲାଗିଛି। ଦୀର୍ଘଦିନ ଧରି ଏହି ଜାତୀୟ ରାଜପଥରେ ମରାମତି କାର୍ଯ୍ୟ ଚାଲିଥିବାରୁ ବର୍ଷାଦିନେ ଯାତାୟାତ ସମୟରେ ଟ୍ରକ୍ ଚାଳକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଶୁକ୍ରବାର ଗାଡ଼ି ସାଇଡ୍ କରିବାକୁ ନେଇ କିଛି ଦୁର୍ବୃତ୍ତ ଡ୍ରାଇଭରଙ୍କୁ ପଥର ମାଡ଼ କରିଥିଲେ। ଏଥିରେ ସୁରେଶଙ୍କ ଆଖିରେ ପଥର ବାଜି ସେ ଆହତ ହୋଇଥିଲେ। ଘଟଣା ପରେ ଓଡ଼ିଶା ଡ୍ରାଇଭର ମହାସଂଘର ଜଶିପୁର-କରଞ୍ଜିଆ ଶାଖା କର୍ମକର୍ତ୍ତା ପହଞ୍ଚି ଆହତ ଡ୍ରାଇଭରଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଜଣେ ଅଭିଯୁକ୍ତଙ୍କୁ କାବୁ କରି ଯଶିପୁର ପୁଲିସ ଜିମା ଦିଆଯାଇଥିଲା। ଘଟଣା ସମ୍ପର୍କରେ ଡ୍ରାଇଭର ମହାସଂଘର ସଭାପତି ପ୍ରଶାନ୍ତ ମୁଣ୍ଡୁଲି ଫେସବୁକ୍ ଲାଇଭ୍ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ପ୍ରଶାସନ ତତ୍ପର ହୋଇଥିଲା। ଉପଜିଲ୍ଲାପାଳ ଡା. ଦୟାସିନ୍ଧୁ ପରିଡ଼ା, ତହସିଲଦାର ରୂପାଲୀ ହାଁସଦା ଓ ସହକାରୀ ଜିଲ୍ଲାପାଳ ନିହାରରଞ୍ଜନ ସେଠୀ ମେଡିକାଲରେ ପହଞ୍ଚି ଆହତ ଡ୍ରାଇଭରଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ।



ଡ୍ରାଇଭରଙ୍କ ଚିକିତ୍ସା ପାଇଁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିବାବେଳେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ କେନ୍ଦୁଝର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏଭଳି ଘଟଣାକୁ ଅଞ୍ଚଳବାସୀ ତୀବ୍ର ନିନ୍ଦା କରିବା ସହ ଜାତୀୟ ରାଜପଥର ଦୁରବସ୍ଥା ତୁରନ୍ତ ସୁଧାରିବା ଓ ଯାତାୟାତ କରୁଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# ସାରୁମୂଳାରେ ରାଜପଥ ଉପରେ ବନ୍ୟାଜଳ, ଯାତାୟାତ ବାଧାପ୍ରାପ୍ତ



ରାସଗୋବିନ୍ଦପୁର, ୩୦।୮ (ସମିସ): ଲଗାଣ ବର୍ଷା ଯୋଗୁଁ ବାରିପଦା-ଅମରଦା ରାଜ୍ୟ ରାଜପଥର ସାରୁମୂଳାଠାରେ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଅଞ୍ଚଳରେ ଲଗାଣ ବର୍ଷା ଲାଗି ରହିଥିବାରୁ ଜଳସ୍ତର କ୍ରମଶଃ ବୃଦ୍ଧି ପାଇଛି। ଫଳରେ ରାଜପଥ ଉପରେ ମଧ୍ୟ ପାଣି ଚାଲୁଥିବା ଦେଖାଯାଇଛି। ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ବିଶେଷକରି ଦୁଇଚକିଆ ଓ ଛୋଟ ଯାନବାହନ ଚଳାଚଳରେ ସମସ୍ୟା ଉପୁଜିଛି। ଏଥିସହ ଯାତ୍ରୀ ଓ ଗାଡ଼ି ଚାଳକଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି। ଜଳସ୍ତର ଆହୁରି ବୃଦ୍ଧି ପାଇଲେ ରାଜପଥରେ ଯାତାୟାତ ସମ୍ପୂର୍ଣ୍ଣ ପ୍ରଭାବିତ ହେବା ଆଶଙ୍କା ରହିଛି। ଏଭଳି ପରିସ୍ଥିତିରେ ପ୍ରଶାସନ ପକ୍ଷରୁ ଘଟଣାସ୍ଥଳରେ ନଜର ରଖିବା ସହ ଆବଶ୍ୟକ ସ୍ଥଳେ ଯାତାୟାତ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥା କରିବାକୁ ଦାବି ହୋଇଛି। ବନ୍ୟାଜଳ ମଧ୍ୟଦେଇ ଯାତାୟାତ ନ କରି ସତର୍କତା ଅବଲମ୍ବନ କରିବାକୁ ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଇଛି।

# ସା ନି ଧା ପା..ରେ ଶାସ୍ତ୍ରୀୟ ସଂଗୀତ ପରୀକ୍ଷା



ଆନନ୍ଦପୁର, ୩୦।୮ (ସମିସ): ସା ନି ଧା ପା ଶାସ୍ତ୍ରୀୟ ସଂଗୀତ ମହାବିଦ୍ୟାଳୟର ବାର୍ଷିକ ପରୀକ୍ଷା ଆଜି ଅନୁଷ୍ଠିତ ହୋଇଯାଇଛି। ଓଡିଶା ସଂଗୀତ ନାଟକ ଏକାଡେମୀ ଅନୁବନ୍ଧିତ ଇଣ୍ଡିଆନ ମିଉଜିକ ଚାମ୍ବର ଆନୁକୂଲ୍ୟରେ ବାର୍ଷିକ ପରୀକ୍ଷାରେ ପରିଦର୍ଶକ ଭାବେ ସଂଗୀତ ବିଶାରଦ ଅମୃତାଂଶୁ ପଟନାୟକ ପରୀକ୍ଷା ତଦାରଖ କରିଥିଲେ। ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ମଦନ ପାଣିଙ୍କ ତତ୍ତ୍ୱାବଧାନରେ ଅଧକ୍ଷ ତଥା ଶାସ୍ତ୍ରୀୟ ସଂଗୀତ ଗୁରୁ ହରିହର ଜେନା ଓଡିଶୀ ସଂଗୀତ ଗୁରୁ ସନ୍ତୋଷ ପରିଡା ତବଲା ଗୁରୁ ସୁବାଶିଷ ଶତପଥୀଙ୍କ ପ୍ରଶିକ୍ଷଣରେ ୭୨ ଜଣ ଶିକ୍ଷାର୍ଥୀ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଆଇଏମସିର ତତ୍ତ୍ୱାବଧାରିକା ସବିତା ଧୀର ଓ ଜିତେନ୍ଦ୍ର କର ସହଯୋଗ କରିଥିଲେ।

କେନ୍ଦୁମୁଣ୍ଡି ଘାଟିରେ ପିକଅପ୍ ଦୁର୍ଘଟଣାଗ୍ରସ୍ତ

# ଜଣେ ମୃତ, ଜଣେ ଆହତ

କରଞ୍ଜିଆ/ମହୁଲଡିହା,୩୦।୮ (ସମିସ): କରଞ୍ଜିଆ ଥାନା ଅନ୍ତର୍ଗତ ୫୩ ନମ୍ବର ରାଜ୍ୟ ରାଜପଥର କେନ୍ଦୁମୁଣ୍ଡି ଘାଟିରେ ଏକ ଗ୍ରୋସରୀ ବୋଝେଇ ପିକଅପ ଦୁର୍ଘଟଣାଗ୍ରସ୍ତ ହୋଇ ଡ୍ରାଇଭର ମୃତ୍ୟୁବରଣ କରିଥିବାବେଳେ ହେଲପର ଆହତ ହୋଇଛନ୍ତି। ମୃତ ଡ୍ରାଇଭର ଜଣକ ତାଟୋ ପଞ୍ଚାୟତ କଙ୍କଡା ଗ୍ରାମର ସଜନ ମହାନ୍ତ। ଆଜି ଅପରାହ୍ନରେ କରଞ୍ଜିଆରୁ ଠାକୁରମୁଣ୍ଡା ଅଭିମୁଖେ ଗ୍ରୋସରୀ ସାମଗ୍ରୀ ନେଇଯାଉଥିବାବେଳେ କେନ୍ଦୁମୁଣ୍ଡି ଘାଟିରେ ଗାଡ଼ିର ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଷ୍ଟେରିଙ୍ଗ ଫେଲ ହୋଇଯିବାରୁ ଓଲଟିପଡିଥିଲା। ହେଲପର ଚନ୍ଦନ ମହାନ୍ତ ଆହତ ହୋଇ କରଞ୍ଜିଆ ଡ଼ାକ୍ତରଖାନାକୁ ଚିକିତ୍ସିତ ହେଉଛନ୍ତି।

ବେଆଇନ ବାଲି ଚାଲାଣକୁ ନେଇ ଉତ୍ତେଜନା

# ଝାରପୋଖରିଆ ଗ୍ରାମବାସୀଙ୍କ ଥାନା ଘେରଉ



ବାରିପଦା/ସାରସକଣା, ୩୦।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅନ୍ତର୍ଗତ ଜାମଶୋଳା ଅଞ୍ଚଳରେ ନିଲାମ ବାଲି ଉତ୍ତୋଳନ ନାଁରେ ବ୍ୟାପକ ବେଆଇନ ବାଲି ଲୁଟ୍ ଓ ଚୋରା ଚାଲାଣକୁ ନେଇ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଜାମଶୋଳା ଅଞ୍ଚଳରେ ନିଲାମ ହୋଇଥିବା ପ୍ଲଟ୍ ବ୍ୟତୀତ ଅନ୍ୟାନ୍ୟ ସ୍ଥାନରୁ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଇ ପଡ଼ୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗକୁ ରାତିଅଧିଆ ବେଧଡ଼କ ଚାଲାଣ କରାଯାଉଛି। ଏପରିକି ଗୋଟିଏ 'ୱାଇ-ଫର୍ମ' ବଳରେ ନିୟମ ଉଲ୍ଲଂଘନ କରି ୪ରୁ ୫ ଟ୍ରିପ୍ ବାଲି ବେଆଇନ ଭାବେ ପରିବହନ କରାଯାଉଥିବାବେଳେ ଗାଡ଼ିରେ କୌଣସି ବୈଧ କାଗଜପତ୍ର କିମ୍ବା ନିୟମାନୁଯାୟୀ ଓଭରଲୋଡିଂ କଭର ବ୍ୟବସ୍ଥା ରହୁନାହିଁ। ଗତକାଲି ରାତିରେ ସ୍ଥାନୀୟ ଗ୍ରାମବାସୀ ବାଲି ବୋଝେଇ ଗାଡ଼ିକୁ ଅଟକାଇ ବୈଧ ଟ୍ରାଞ୍ଜିଟ୍ ପାସ୍ ଓ ଆବଶ୍ୟକ କାଗଜପତ୍ର ଯାଞ୍ଚ କରିବାକୁ ଦାବି କରିବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲିଜ୍‌ଧାରୀଙ୍କ ସମେତ ଭୁବନେଶ୍ୱର ଓ ବାଲେଶ୍ୱର ଆଦି ଅଞ୍ଚଳରୁ ଆସିଥିବା କିଛି ଅସାମାଜିକ ଯୁବକ ଗ୍ରାମବାସୀଙ୍କୁ ଠେଲାପେଲା କରିବା ସହ ଧମକଚମକ ଦେଇ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିବା ଅରିଜିତ୍ ସେନାପତି ଓ ରଞ୍ଜନ କୁମାର ବେହେରାଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ଲୁଟ୍ ହେଉଥିବାବେଳେ ପ୍ରଶାସନିକ ସ୍ତରରେ ଉଚିତ ଯାଞ୍ଚ ହେଉ ନ ଥିବା ଗ୍ରାମବାସୀ ଦର୍ଶାଇଛନ୍ତି। ଏହି ଘଟଣାକୁ ନେଇ ଶତାଧିକ ଗ୍ରାମବାସୀ ଝାରପୋଖରିଆ ଥାନାରେ ପହଞ୍ଚି ତୁରନ୍ତ ବେଆଇନ ବାଲି ଉତ୍ତୋଳନ ବନ୍ଦ କରିବା, ଗାଡ଼ିର ଜିପିଏସ୍ ଟ୍ରାକିଂ ମାଧ୍ୟମରେ ସଠିକ୍ ତଦନ୍ତ କରିବା, ଦାଦାଗିରି କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲିଖିତ ଏତଲା ପ୍ରଦାନ କରିଛନ୍ତି।

# ବଜ୍ରପାତରେ ଜଣେ ମୃତ, ୪ ଗୁରୁତର

ରାଇରଙ୍ଗପୁର,୩୦।୮ (ସମିସ): ବିଜାତଳା ବ୍ଲକ୍ ଅନ୍ତର୍ଗତ ବଣକାଟି ଗ୍ରାମର ୫ ଜଣ ମହିଳାଙ୍କ ଉପରେ ବଜ୍ରପାତ ଘଟି ଘଟଣାସ୍ଥଳରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ଓ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ମୃତ ମହିଳା ଗୁରୁବାରୀ ବେହେରା (୬୨)। ଲକ୍ଷ୍ମୀମଣୀ ସି, ବୃନ୍ଦାବତୀ ବେହେରା ଓ ସାବିତ୍ରୀ ବେହେରା ଗୁରୁତର ଥିବାବେଳେ ପାନ ମହାକୁଡ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ୪ ଜଣଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଛି।






# ନାରାୟଣ ନନ୍ଦ ସ୍ମୃତି କମିଟିର ନୂଆ କର୍ମକର୍ତ୍ତା



ଆନନ୍ଦପୁର, ୩୦।୮ (ସମିସ): ଆନନ୍ଦପୁର ପୌରାଞ୍ଚଳର ଫକୀରପୁରଠାରେ ନାରାୟଣ ନନ୍ଦ ସ୍ମୃତି କମିଟିର ବାର୍ଷିକ ସାଧାରଣ ସଭାରେ ନୂତନ କର୍ମକର୍ତ୍ତା ମନୋନୀତ ହୋଇଯାଇଛି। ବରିଷ୍ଠ ସଦସ୍ୟ କାର୍ତ୍ତିକ ସାହୁ ଓ ଅଧ୍ୟାପକ ନରୋତମ ଦାସଙ୍କ ତତ୍ତ୍ୱାବଧାନରେ କମିଟିର ସଭାପତି ଭାବେ ରାମଚନ୍ଦ୍ର ସୁର ଉପସଭାପତି ଭାବେ ତ୍ରିଲୋଚନ ସାହୁ ସମ୍ପାଦକ ମନୀନ୍ଦ୍ର ପଣ୍ଡା ସହସମ୍ପାଦକ ଶିଶିର କୁମାର କର କୋଷାଧକ୍ଷ ଭାବେ ବସନ୍ତ ସାହୁଙ୍କ ନାମ ସର୍ବସମ୍ମତିକ୍ରମେ ଘୋଷଣା କରାଯାଇଥିଲା। ଅନିଲ କୁମାର ସାହୁ କୃପାସିନ୍ଧୁ ଓଝା ବୁଦ୍ଧଦେବ ପଣ୍ଡା ନୃସିଂଘ ଦତ୍ତ ମାଗୁଣି ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସରକାରୀ ଜମିରେ ବେଆଇନ ଖନନ ଓ ରେଳ ସାମଗ୍ରୀ ହଟାଇବା ଅଭିଯୋଗ

# ବଡ଼ବିଲ ଥାନାରେ ମାମଲା ରୁଜୁ, ତଦନ୍ତ ଜାରି



ବଡ଼ବିଲ, ୩୦।୮ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ତହସିଲ ଅନ୍ତର୍ଗତ ଓଏମଡିସି ଲିଜ ଖଣି ଅଞ୍ଚଳରେ ସରକାରୀ ଜମିରେ ବିନା ଅନୁମତିରେ ପ୍ରବେଶ କରି ଖନନ କାର୍ଯ୍ୟ କରିବା ଏବଂ ସେଠାରେ ଥିବା ରେଳ ଟ୍ରାକ୍ ସମେତ ସରକାରୀ ସାମଗ୍ରୀ ହଟାଇବା ଅଭିଯୋଗରେ ବଡ଼ବିଲ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏନେଇ ବଡ଼ବିଲ ତହସିଲଦାରଙ୍କ ଲିଖିତ ଅଭିଯୋଗ ଆଧାରରେ ବଡ଼ବିଲ ଥାନା କେସ୍ ନଂ ୩୬୭, ତାରିଖ ୨୮.୦୮ .୨୦୨୬ରେ ବିଏନ୍‌ଏସ୍‌ର ଧାରା ୩୨୯(୩)/୩୦୩(୨)/ ୩୨୪(୫)/ ୩(୫) ଏବଂ ପିଡିପିପି ଆକ୍ଟର ଧାରା ୩ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ସରକାରୀ ଜମି ପୂର୍ବରୁ ବିପିଏମ୍‌ଇକୁ ଲିଜ୍ ଦିଆଯାଇଥିଲା। ତେବେ ଉକ୍ତ ଲିଜ୍‌ର ଅବଧି ୨୦୦୯ରେ ଶେଷ ହୋଇଛି। ଏହାସତ୍ତ୍ୱେ ବିନା ଅନୁମତିରେ ଯନ୍ତ୍ରପାତି ବ୍ୟବହାର କରି ଖନନ କାର୍ଯ୍ୟ କରାଯାଇଥିବା ତହସିଲଦାରଙ୍କ ଅଭିଯୋଗରେ ଦର୍ଶାଯାଇଛି। ଏନେଇ ପୂର୍ବରୁ ସତର୍କ କରାଯାଇଥିଲେ ମଧ୍ୟ ଖନନ କାର୍ଯ୍ୟ ହୋଇଥିବା ଅଭିଯୋଗ ରହିଛି। ଅଭିଯୋଗରେ ଆହୁରି ଦର୍ଶାଯାଇଛି ଯେ ଏଏମ୍/ ଏନ୍‌ଏସ୍ ସହ ସମ୍ପୃକ୍ତ କିଛି ବ୍ୟକ୍ତି, ଅଭିନବ ହଲଦାରଙ୍କ ନେତୃତ୍ୱରେ କଥିତ ଭାବେ ଏହି କାର୍ଯ୍ୟ କରିଥିଲେ। ଏଥିସହ ସରକାରୀ ଜମିରେ ଥିବା ରେଳ ଟ୍ରାକ୍ ଓ ଅନ୍ୟାନ୍ୟ ସାମଗ୍ରୀ ହଟାଇ ଦିଆଯାଇଥିବା ଏବଂ ଏହାଦ୍ୱାରା ସରକାରଙ୍କର ବିପୁଳ ଆର୍ଥିକ କ୍ଷତି ହୋଇଥିବା ଅଭିଯୋଗ ହୋଇଛି। ଘଟଣାରେ ବଡ଼ବିଲ ପୁଲିସ ତଦନ୍ତ ଆରମ୍ଭ କରିଛି। ଘଟଣାରେ କେଉଁମାନେ ସମ୍ପୃକ୍ତ, କେଉଁ ଯନ୍ତ୍ରପାତି ବ୍ୟବହାର କରାଯାଇଥିଲା ଏବଂ କେଉଁ ସାମଗ୍ରୀ ହଟାଯାଇଛି, ସେନେଇ ପୁଲିସ ତଦନ୍ତ କରୁଛି। ପ୍ରମାଣ ଆଧାରରେ ଆଇନାନୁଗତ ପଦକ୍ଷେପ ନିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।














## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ।

## ଆଜିର ଇତିହାସ

- ୧୯୧୯ - ଆମେରିକାରେ କମ୍ୟୁନିଷ୍ଟ ପାର୍ଟିର ଗଠନ।
- ୧୯୫୭ - ମାଲେସିଆ ବ୍ରିଟେନ୍‌ଠାରୁ ସ୍ୱତନ୍ତ୍ର ହେଲା।
- ୧୯୯୫ - ପ୍ରଥମ ଥର ପାଇଁ ଏମିନେଷ୍ଟି ଇଣ୍ଟରନ୍ୟାସନାଲ୍ ଚୀନ୍‌ରେ ମାନବାଧିକାର ଉପରେ ଆପତ୍ତି ଉଠାଇଲା।
- ୧୯୯୮ - ଉତ୍ତର କୋରିଆ ଜାପାନ ଉପରେ ବାଲିଷ୍ଟିକ୍ ମିସାଇଲ୍ କ୍ଷେପଣ କଲା।
- ୨୦୦୮ - ଭାରତ ସରକାର ଅମରନାଥ ଟ୍ରଷ୍ଟ ଜମି ବିବାଦର ସମାଧାନ କଲେ।


# ସଲମାନ୍‌ଙ୍କ ସହ କାମ କରିବାକୁ ଆଗ୍ରହୀ ରାଜକୁମାର ହିରାନୀ



ରାଜକୁମାର ହିରାନୀ ଦୀର୍ଘ ୨୩ ବର୍ଷ ହେଲାଣି ନିର୍ଦ୍ଦେଶକ ଭାବେ ବଲିଉଡ୍‌ରେ କାମ କରୁଛନ୍ତି। ୨୦୦୩ରେ ସେ 'ମୁନ୍ନାଭାଇ ଏମ୍‌ବିବିଏସ୍' ଚଳଚ୍ଚିତ୍ର ଜରିଆରେ ନିର୍ଦ୍ଦେଶନା କ୍ଷେତ୍ରରେ ପାଦ ଥାପିଥିଲେ। ସେ ତାଙ୍କ କ୍ୟାରିୟରରେ ସଞ୍ଜୟ ଦତ୍ତ, ରଣବୀର କପୁର, ଶାହରୁଖ ଖାନ୍, ଅମିର ଖାନ୍‌ଙ୍କ ଭଳି ବଡ଼ ବଡ଼ କଳାକାରଙ୍କ ସହ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। ହେଲେ ଏଯାଏଁ ସେ ସଲମାନ୍‌ଙ୍କ ସହ କୌଣସି ବି ପ୍ରୋଜେକ୍ଟରେ କାମ କରିନାହାନ୍ତି। ତେବେ, ସେ ସଲମାନ୍‌ଙ୍କ ସହ ଚଳଚ୍ଚିତ୍ର କରିବାକୁ ଚାହାଁନ୍ତି ବୋଲି କହିଛନ୍ତି।

ନିକଟରେ ଏକ ସାକ୍ଷାତକାରରେ ତାଙ୍କୁ ପଚରାଯାଇଥିଲା ଯେ, ଭବିଷ୍ୟତରେ ସେ ସଲମାନ୍‌ଙ୍କ ସହ କାମ କରିବେ କି ? ଏହା ଉପରେ ରାଜକୁମାର ହିରାନୀ କହିଥିଲେ, "ମୁଁ ତାଙ୍କ ସହ କାମ କରିବାକୁ ଚାହୁଁଛି। ଏମିତି ନୁହେଁ ଯେ ଆମର ଦେଖା ହୋଇନାହିଁ। ଆମେ ଅନେକ ଥର ପରସ୍ପରକୁ ଭେଟିଛୁ। ମୁଁ ମଧ୍ୟ ତାଙ୍କ ସହ କାମ କରିବାକୁ ନେଇ ବେଶ୍ ଉତ୍ସାହିତ ଅଛି। ହେଲେ ଏଯାଏଁ ମୋତେ ସେମିତି କିଛି କାହାଣୀ ମିଳିନାହିଁ ଯାହା ଉପରେ ଆମେ ଦୁହେଁ ଏକାଠି କାମ କରିପାରିବୁ। ତେଣୁ ଯଦି କେବେ ସମ୍ଭବ ହୁଏ, ତେବେ ଆମେ ଏକାଠି ନିଶ୍ଚୟ କାମ କରିବୁ।' ସଲମାନ୍‌ଙ୍କ କାମ କଥା କହିବାକୁ ଗଲେ, ସେ ଏବେ ବାମଶୀ ପେଡିପଲ୍ଲୀଙ୍କର ଫିଲ୍ମ 'ମନଷ୍ଟର୍'ରେ କାମ କରୁଛନ୍ତି। ଯଦିଓ ଏଯାଏଁ ଚଳଚ୍ଚିତ୍ରର ନାମ ଘୋଷଣା କରାଯାଇ ନାହିଁ, କିନ୍ତୁ ଏହି ଚଳଚ୍ଚିତ୍ରର ନାମ 'ମନଷ୍ଟର୍' ହୋଇପାରେ ବୋଲି ଅନେକ ରିପୋର୍ଟରେ ପ୍ରକାଶ ପାଇଛି। ଇଦ୍ ୨୦୨୭ରେ ଏହା ରିଲିଜ୍ ହେବ।

# ଅଟିଜିମ୍ ପୀଡ଼ିତ ପୁଅ ପାଇଁ ମା'ର ଅନନ୍ୟ ପ୍ରୟାସ




ସନ୍ତାନର ଖୁସି ପାଇଁ ଜଣେ ମା' ଯେ କେତେ ଦୂର ଯାଇପାରେ, ତାର ଏକ ଅଦ୍ଭୁତ ଏବଂ ପ୍ରେରଣାଦାୟୀ ଉଦାହରଣ ସାମ୍ନାକୁ ଆସିଛି କାନାଡାର ନ୍ୟୁ ବ୍ରନ୍ସୱିକ୍‌ରୁ। ଜେସିକା ଫେଲଚର ନାମ୍ନୀ ଜଣେ ମହିଳା ନିଜର ୧୧ ବର୍ଷୀୟ ଅଟିଜିମ୍ ପୀଡ଼ିତ ପୁଅ ପାଇଁ ତାଙ୍କ ହାତରେ କି-ବୋର୍ଡ ଟାଟୁ ତିଆରି କରିଛନ୍ତି। ହଣ୍ଟର୍ ଅଟିଜିମ୍ ଯୋଗୁଁ ସାଧାରଣ ପିଲାଙ୍କ ଭଳି କଥା କହିପାରେ ନାହିଁ। ସେ ନିଜର ଦୈନନ୍ଦିନ ଆବଶ୍ୟକତା ପ୍ରକାଶ କରିବା ପାଇଁ ଏକ ଇଲେକ୍ଟ୍ରୋନିକ୍ ସ୍ପିଚ୍ ଡିଭାଇସ୍ ଉପରେ ନିର୍ଭର କରୁଥିଲା। ଦିନେ ଏକ ରେଷ୍ଟୁରାଣ୍ଟରେ ହଠାତ୍ ସେହି ଡିଭାଇସ୍‌ର ବ୍ୟାଟେରି ସରିଗଲା। ଡିଭାଇସ୍ ବନ୍ଦ ହେବା ମାତ୍ରେ ହଣ୍ଟର୍ ନିଜ କଥା କହିପାରି ନ ଥିଲା। ହଣ୍ଟର୍ କିନ୍ତୁ ହାର୍ ମାନି ନ ଥିଲା, ସେ ଏକ କାଗଜ ଟୁକୁଡ଼ାରେ ନିଜ ହାତରେ ଏକ କିବୋର୍ଡ ଆଙ୍କି, ଅକ୍ଷରଗୁଡ଼ିକୁ ଛୁଇଁ ମା'ଙ୍କୁ ନିଜ କଥା ବୁଝାଇବାକୁ ଚେଷ୍ଟା କଲା। ସେହି ଦୃଶ୍ୟ ମା' ଜେସିକାଙ୍କ ହୃଦୟକୁ ଆନ୍ଦୋଳିତ କଲା। ସେ ଅନୁଭବ କଲେ ଯେ, ବ୍ୟାଟେରି କିମ୍ବା ଚାର୍ଜର ଅଭାବରୁ ତାଙ୍କ ପୁଅ ଭାବପ୍ରକାଶ କରିବାରୁ ବିଚ୍ୟୁତ ହେବା କଥା ନୁହେଁ। ଏହାପରେ ଜେସିକା ଏହାର ଏକ ସମାଧାନର ରାସ୍ତା ଖୋଜିଲେ। ସେ ନିଜ ବାମ ହାତର ଆଗ ଭାଗରେ ଏକ କି-ବୋର୍ଡ ଟାଟୁ କଲେ। ଏହି ଟାଟୁରେ କେବଳ ଅକ୍ଷର ନୁହେଁ କିଛି ଭାବପ୍ରକାଶକ ଇମୋଜି ମଧ୍ୟ ରହିଛି। ହଣ୍ଟର୍ ଏବେ ମା'ଙ୍କ ହାତର ଟାଟୁକୁ ଛୁଇଁ ନିଜ ମନର ସବୁ କଥା ସେକେଣ୍ଡକରେ କହିଦିଏ। ଜେସିକା ଯେତେବେଳେ ଏହି ପ୍ରେରଣାଦାୟୀ ଯାତ୍ରାର ଭିଡିଓ ସୋସିଆଲ ମିଡିଆରେ ସେୟାର କଲେ, ତାହା ଦେଖୁଦେଖୁ ଭାଇରାଲ ହୋଇଗଲା। ଜଣେ ମା'ଙ୍କର ଏହି ନିଃସ୍ୱାର୍ଥପର ପ୍ରୟାସକୁ ଦେଖି ଅନେକେ ଆଖିର ଲୁହ ରୋକିପାରି ନ ଥିଲେ। ଏହି କାହାଣୀ କେବଳ ଏକ ଟାଟୁର କଥା କହେନାହିଁ, ବରଂ ଏହା ଦର୍ଶାଏ ଯେ, ପ୍ରଯୁକ୍ତିବିଦ୍ୟା ଠାରୁ ମାନବୀୟ ସମ୍ବେଦନଶୀଳତା ଓ ଭଲପାଇବାର ଶକ୍ତି କେତେ ଗୁଣରେ ଅଧିକ। ଜେସିକାଙ୍କ ଏହି ପଦକ୍ଷେପ ସାରା ବିଶ୍ୱର ବିଶେଷ ଆବଶ୍ୟକତା ଥିବା ପିଲାମାନଙ୍କ ପିତାମାତାଙ୍କୁ ଏକ ନୂଆ ଦିଶା ଦେଖାଇଛି।

# କୀଟପତଙ୍ଗଙ୍କ ଆହାର ଛଡ଼ାଉଛି ଷ୍ଟ୍ରିଟ୍‌ଲାଇଟ୍

ରାସ୍ତାଗୁଡ଼ିକୁ ଆଲୋକିତ କରିବା ପାଇଁ ରାସ୍ତା କଡ଼ରେ ଷ୍ଟ୍ରିଟ୍ ଲାଇଟ୍ ଲଗାଯାଏ। ହେଲେ ଏହି ଷ୍ଟ୍ରିଟ୍‌ଲାଇଟ ଦ୍ୱାରା କୀଟପତଙ୍ଗଗୁଡ଼ିକ ପ୍ରଭାବିତ ହେଉଥିବା ଜଣାପଡ଼ିଛି। ବୈଜ୍ଞାନିକମାନେ ଏକ ନୂତନ ଅଧ୍ୟୟନରେ ଚେତାବନୀ ଦେଇ କହିଛନ୍ତି ଯେ, ସାରା ବିଶ୍ୱରେ କୀଟପତଙ୍ଗଙ୍କ ସଂଖ୍ୟା କମିବା ପଛରେ ଷ୍ଟ୍ରିଟ୍‌ଲାଇଟ୍ ଦାୟୀ। କୀଟପତଙ୍ଗଙ୍କ ଉପରେ ଆସିଥିବା ଏହି ସଙ୍କଟ ଯୋଗୁଁ ପ୍ରକୃତିର ସନ୍ତୁଳନ ମଧ୍ୟ ବିଗିଡ଼ି ଯାଇପାରେ। ବୈଜ୍ଞାନିକମାନେ କହିଛନ୍ତି ଯେ, ରାତିସାରା ଜଳୁଥିବା ଷ୍ଟ୍ରିଟ୍‌ଲାଇଟ୍ ଯୋଗୁଁ ଗଛର ପତ୍ରଗୁଡ଼ିକ ଅସ୍ୱାଭାବିକ ଭାବେ ଶକ୍ତ ହୋଇଯାଉଛି, ଯାହା କୀଟପତଙ୍ଗମାନଙ୍କୁ ଭୋକରେ ମରିବା ପାଇଁ ବାଧ କରୁଛି। ବୈଜ୍ଞାନିକମାନେ ଏହି ପ୍ରକ୍ରିୟା ପଛରେ ଥିବା କାରଣଗୁଡ଼ିକୁ ମଧ୍ୟ ସ୍ପଷ୍ଟ କରିଛନ୍ତି। ରାତିରେ କୃତ୍ରିମ ଆଲୋକ ସଂସ୍ପର୍ଶରେ ଆସିବା ଯୋଗୁଁ ଗଛଗୁଡ଼ିକର ଆଲୋକ ସଂଶ୍ଲେଷଣ ଚକ୍ର ପ୍ରଭାବିତ ହେଉଛି। ଫଳରେ ପତ୍ରଗୁଡ଼ିକ ବହୁତ ଟାଣ ଓ ଶକ୍ତ ହୋଇଯାଉଛି। ଏହାବାଦ୍ ଆଲୋକ ପ୍ରଦୂଷଣ ଯୋଗୁଁ ଏହି ପତ୍ରଗୁଡ଼ିକରେ ଫସ୍‌ଫରସ୍ ଭଳି ଜରୁରୀ ପୋଷକ ତତ୍ତ୍ୱର ପରିମାଣ କମିଯାଏ। ଏହାଦ୍ୱାରା ପତ୍ରଗୁଡ଼ିକ କୀଟପତଙ୍ଗମାନଙ୍କ ପାଇଁ ଖାଦ୍ୟ ଉପଯୋଗୀ ହୋଇ ରହେନାହିଁ। ଅତ୍ୟଧିକ ଆଲୋକ ଯୋଗୁଁ ଗଛଗୁଡ଼ିକ ପତ୍ରରେ 'ଟାନିନ୍' ଭଳି ପ୍ରତିରକ୍ଷା ରାସାୟନିକ ପଦାର୍ଥ ଅଧିକ ପ୍ରସ୍ତୁତ କରନ୍ତି, ଯାହା ପତ୍ରର ସ୍ୱାଦକୁ ପିତା ବା ଖରାପ କରିଦିଏ। ଜୀବବିଜ୍ଞାନୀମାନେ ଚୀନ୍‌ର ବେଜିଂ ସହରରେ ଗଛଗୁଡ଼ିକ ଉପରେ ପରୀକ୍ଷା କରି ଦେଖିଥିଲେ ଯେ, ଯେଉଁଠାରେ ଷ୍ଟ୍ରିଟ୍‌ଲାଇଟ୍ ବହୁତ ପ୍ରଖର ଥାଏ, ସେଠାରେ ପତ୍ରଗୁଡ଼ିକୁ କୀଟପତଙ୍ଗମାନେ ଆଦୌ ଖାଇପାରନ୍ତି ନାହିଁ। ଏହାଦ୍ୱାରା ପତ୍ର ଖାଉଥିବା କୀଟ ଖାଦ୍ୟ ନ ପାଇ ମରିଯାଉଛନ୍ତି। ଯଦି ଏହି ପ୍ରାଥମିକ କୀଟପତଙ୍ଗମାନେ ମରିଯିବେ, ତେବେ ସେମାନଙ୍କୁ ଖାଉଥିବା ପକ୍ଷୀ ଏବଂ ଅନ୍ୟାନ୍ୟ ଛୋଟ ଜୀବମାନେ ମଧ୍ୟ ଖାଦ୍ୟ ସଙ୍କଟର ସମ୍ମୁଖୀନ ହେବେ। ଏହା ସହରୀ ଜୈବ ବିବିଧତା ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରୁଛି ବୋଲି ବୈଜ୍ଞାନିକମାନେ କହିଛନ୍ତି। ବୈଜ୍ଞାନିକମାନେ ଏହାର ପ୍ରତିକାର ସ୍ୱରୂପ କେତେକ ପରାମର୍ଶ ମଧ୍ୟ ଦେଇଛନ୍ତି। ରାତି ସାରା ସମାନ ପ୍ରଖରତାରେ ଲାଇଟ୍ ନ ଜଳାଇ, ବିଳମ୍ବିତ ରାତିରେ ଷ୍ଟ୍ରିଟ୍‌ଲାଇଟ୍‌ର ପ୍ରଖରତା କମାଇବା ସହ କୀଟପତଙ୍ଗ ଓ ଗଛକୁ କମ୍ ପ୍ରଭାବିତ କରୁଥିବା ନିର୍ଦ୍ଦିଷ୍ଟ ରଙ୍ଗର ଏଲ୍‌ଇଡି ଲାଇଟ୍ ବ୍ୟବହାର କରିବା ପାଇଁ କହିଛନ୍ତି।



## ସ୍ୱସ୍ତି



# ପବିତ୍ର ଜନ୍ମାଷ୍ଟମୀ

ଭାଦ୍ରବ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ। କୃଷ୍ଣଙ୍କ ଜନ୍ମ ଉତ୍ସବକୁ 'ଜନ୍ମାଷ୍ଟମୀ' ଭାବେ ପାଳନ କରାଯାଏ। କୃଷ୍ଣଙ୍କ ଜନ୍ମସ୍ଥାନ ମଥୁରା ଏବଂ ସେ ବଢ଼ିଥିବା ବୃନ୍ଦାବନରେ ଏହି ଦିନରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ। ତା'ସହ ଏହିଦିନ କୃଷ୍ଣ ମନ୍ଦିର ଚଳଚଞ୍ଚଳ ହୋଇଥାଏ ଏବଂ କୃଷ୍ଣ ମନ୍ଦିରକୁ ସୁନ୍ଦର ଭାବେ ସଜାଯାଇଥାଏ।

ଶ୍ରୀକୃଷ୍ଣ ହେଉଛନ୍ତି ଭଗବାନ ବିଷ୍ଣୁଙ୍କର ଅଷ୍ଟମ ଅବତାର। ସେ ଅଧର୍ମ ତଥା ପାପ ବିରୋଧରେ ଠିକ୍ ମାର୍ଗଦର୍ଶନ କରାଇଥାନ୍ତି। ଦେବକୀ ଏବଂ ବସୁଦେବଙ୍କ ପୁତ୍ର ରୂପେ କୃଷ୍ଣ ମଥୁରାରେ ଜନ୍ମ ହୋଇଥିଲେ। ସେ କଂସର ବନ୍ଦୀଶାଳରେ ଜନ୍ମ ହୋଇଥିଲେ। କିନ୍ତୁ ପରେ କଂସ ଭୟରେ ବସୁଦେବ କୃଷ୍ଣଙ୍କୁ ମଥୁରାରେ ଛାଡ଼ି ଦେଇ ଥିଲେ। କୃଷ୍ଣଙ୍କ ଆଶୀର୍ବାଦ ଏବଂ କୃପା ପାଇବା ପାଇଁ କୃଷ୍ଣଭକ୍ତମାନେ ଶ୍ରଦ୍ଧାନୁସାରେ ଉପବାସ ରଖନ୍ତି। ମଧ୍ୟ ରାତ୍ରିରେ ବିଧିବିଧାନ ସହ ପୂଜାର୍ଚ୍ଚନା କରାଯାଏ। ଜନ୍ମାଷ୍ଟମୀ ବ୍ରତ ବହି ପାଠ କରାଯାଏ। କୃଷ୍ଣଭକ୍ତମାନେ ଭଜନ କୀର୍ତ୍ତନ କରି ଜନ୍ମୋତ୍ସବ ପାଳନ କରନ୍ତି। ଏହିପରି ଭାବେ ମଧ୍ୟ ରାତ୍ରରେ ଉପବାସ ଭାଙ୍ଗନ୍ତି। ଏହି ଅବସରରେ ମହାରାଷ୍ଟ ଭଳି ଅନ୍ୟ କେତେକ ସ୍ଥାନରେ ଦହି ହାଣ୍ଡି ଉତ୍ସବ ପାଳନର ପରମ୍ପରା ଅଛି।

ତେବେ ଏହି ଅବସରରେ ରାସଲୀଳା ଆୟୋଜନ ହୁଏ। ଭାଗବତ ଟୁଙ୍ଗୀ ତଥା ମଠ ମନ୍ଦିରରେ ଭାଗବତ ପୁରାଣ ଏବଂ ଗୀତା ପାଠ କରାଯାଏ। କୃଷ୍ଣଙ୍କ ଭକ୍ତିଗୀତ ଗାନ କରାଯାଏ। ଅନ୍ୟପଟେ ଏହି ରାତିରେ କୃଷ୍ଣଙ୍କ ଧ୍ୟାନ କଲେ ସାଂସାରିକ ମୋହ ମାୟା ଆସକ୍ତି ଦୂର ହୁଏ ବୋଲି ବିଶ୍ୱାସ ଅଛି। ତେବେ ପୁରୀ ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀର ସ୍ୱତନ୍ତ୍ର ନୀତି ତଥା ପୂଜାର୍ଚ୍ଚନାର ବିଧି ଅଛି। ଜନ୍ମାଷ୍ଟମୀ ପରଦିନ ନନ୍ଦୋତ୍ସବ ପାଳନ କରାଯାଏ। ନନ୍ଦରାଜ ଓ ଯଶୋଦାଙ୍କ ଖୁସିକୁ ମନେ ପକାଇବା ପାଇଁ ଏହିଦିନ ଲୋକ ଭଜନ କୀର୍ତ୍ତନ କରିଥାନ୍ତି। ଏଥର ସେପ୍ଟେମ୍ବର ୪ରେ ଜନ୍ମାଷ୍ଟମୀ ପାଳନ କରାଯିବ।

# ଶନିଦେବଙ୍କୁ ଦାନ

**ଶନି ଦେବଙ୍କ କୃପା ପାଇବା ତଥା ଜୀବନରେ କଷ୍ଟ କମ୍ କରିବା ପାଇଁ ପବିତ୍ର ମନରେ କରାଯାଉଥିବା ଦାନ ଖୁବ୍ ପ୍ରଭାବଶାଳୀ ବୋଲି କୁହାଯାଏ। ଏଣୁ ନିଜ କ୍ଷମତା ଅନୁସାରେ ଗରିବ, ଅସହାୟଙ୍କୁ ଦାନ କରିବା ଉଚିତ। ସେହିପରି ଛୋଟ ଦାନ ଜୀବନରେ ବଡ଼ ପରିବର୍ତ୍ତନ ଆଣିପାରେ ବୋଲି କୁହାଯାଏ। ଶନିଦେବଙ୍କ କୃପା ଦ୍ୱାରା ଜୀବନରେ ସ୍ଥିରତା ଆସେ ଏବଂ ସଫଳତା ମିଳିଥାଏ।**

- ଶନିବାର ତଥା ଅମାବାସ୍ୟାରେ ଶନିଦେବଙ୍କ ଉଦ୍ଦେଶ୍ୟରେ ଗରିବଙ୍କୁ ଦାନ କରିବା ଉଚିତ।
- ଶନିବାର କଳା ରାଶି ଦାନ କରିବା ଉଚିତ।
- ଲୁହା ଜିନିଷ ମଧ୍ୟ ଦାନ କରିବା ଭଲ।
- କଳା ରଙ୍ଗ କମ୍ବଳ ଶନିବାର କିମ୍ବା ଅମାବାସ୍ୟାରେ ଗରିବ ଅସହାୟଙ୍କୁ ଦାନ କରନ୍ତୁ।
- ସେହିପରି କଳା ଜୋତା, ଚପଲ ବି ଦାନ କରିପାରିବେ।
- ଛତା ତଥା ରାଶି ଲଡୁ ଦାନ କରିବା ଶୁଭ। ଶନିଙ୍କ ଶୁଭ ଫଳ ପ୍ରାପ୍ତି ହୁଏ।



# ଭାଦ୍ରବ ମାସର ମହତ୍ତ୍ୱ

**ଭାଦ୍ରବ ମାସ ଚାଲିଛି। ଏହି ମାସ ଭଗବାନ କୃଷ୍ଣ ଏବଂ ଶ୍ରୀଗଣେଶଙ୍କୁ ସମର୍ପିତ। ଏହି ମାସରେ ଜନ୍ମାଷ୍ଟମୀ, ଗଣେଶ ପୂଜା, ଅନନ୍ତ ଚତୁର୍ଦ୍ଦଶୀ ଭଳି ଅନ୍ୟାନ୍ୟ ପର୍ବ ପଡ଼ିଥାଏ। ସେହିପରି ଭାଦ୍ରବ ମାସ ପୂର୍ଣ୍ଣିମାରୁ ପିତୃପକ୍ଷ ଆରମ୍ଭ ହେବ। ତେବେ ଏହି ମାସ ଧାର୍ମିକ ଦୃଷ୍ଟିକୋଣରୁ ବେଶ୍ ଶୁଭ ହୋଇଥାଏ।**



ହିନ୍ଦୁ ଶାସ୍ତ୍ରରେ ଏହି ମାସକୁ ବେଶ୍ ସ୍ୱତନ୍ତ୍ର ବୋଲି କୁହାଯାଇଛି। ଏହି ମାସରେ କୌଣସି ଶୁଭ କାମ କରାଯାଇ ନ ଥାଏ। ଭାଦ୍ରବ ମାସରେ ଭଗବାନ ଶ୍ରୀକୃଷ୍ଣ ଏବଂ ଶ୍ରୀ ଗଣେଶଙ୍କ ପୂଜାର୍ଚ୍ଚନା କଲେ ସମସ୍ତ ମନୋକାମନା ପୂରଣ ହୋଇଥାଏ। ସେହିପରି ଏହି ମାସରେ ଦେବୀ ଦେବତାଙ୍କ ଉପାସନା କରିବା ଦ୍ୱାରା ସମସ୍ତ କଷ୍ଟ ଓ ଦୁଃଖରୁ ମୁକ୍ତି ମିଳିଥାଏ। ଏହାସହ ସୁଖ, ସମୃଦ୍ଧି ଏବଂ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ଏହା ଶ୍ରୀକୃଷ୍ଣଙ୍କ ପ୍ରିୟ ମାସ। ତେଣୁ କୃଷ୍ଣ ଭକ୍ତଙ୍କ ପାଇଁ ଏହି ମାସକୁ ସର୍ବୋତ୍ତମ ବୋଲି ବିବେଚନା କରାଯାଏ। ଶ୍ରୀକୃଷ୍ଣଙ୍କ ପୂଜା, ବ୍ରତ କରିବାର ବିଶେଷ ମହତ୍ତ୍ୱ ଅଛି। ସେହିପରି ଘରେ ଲଡୁ ଗୋପାଳଙ୍କୁ ସ୍ଥାପନା କରିବା, ଶଙ୍ଖ ସ୍ଥାପନା, ଗୀତାପାଠ କରିବାକୁ ଅଧିକ ଶୁଭ ବୋଲି କୁହାଯାଇଛି। ମାନ୍ୟତା ଅଛି, ଏଭଳି କରିବା ଦ୍ୱାରା ଧନ, ଯଶ ଏବଂ ବୈଭବ ପ୍ରାପ୍ତି ହୋଇଥାଏ। ଏହି ମାସରେ ଶ୍ରୀକୃଷ୍ଣଙ୍କୁ ତୁଳସୀ ଅର୍ପଣ କରିବା ଦ୍ୱାରା ପାରିବାରିକ ଜୀବନରେ ସୁଖସମୃଦ୍ଧି ଆସିଥାଏ।

# ବୁଧିବାମନ ବ୍ରତ



ଭାଦ୍ରବ ମାସରେ ପାଳିତ ହେଉଥିବା ଓଷାବ୍ରତ ମଧ୍ୟରୁ ଅନ୍ୟତମ ବୁଧିବାମନ ବ୍ରତ। ଏହା 'ବୁଧେଇ ଓଷା' ନାଁରେ ମଧ୍ୟ ପରିଚିତ। ବୁଧବାର ଏହି ବ୍ରତ ପାଳନ କରାଯାଏ। ପ୍ରତ୍ୟେକ ବୁଧବାର ସଧବା ନାରୀମାନେ ସନ୍ତାନ କାମନା କରିବା ଏବଂ ସନ୍ତାନଙ୍କ ଶୁଭ ମନାସିବା ଉଦ୍ଦେଶ୍ୟରେ ଏହାକୁ ପାଳନ କରିଥାନ୍ତି। ଏହି ବ୍ରତକୁ ନିର୍ଜଳା ଭାବେ ନିଷ୍ଠାର ସହ ପାଳନ କରାଯାଏ। ଏହାକୁ ୪ଟି କିମ୍ବା ପାଞ୍ଚଟି ବୁଧବାରରେ ପାଳିତ ହୁଏ। ଏହାକୁ ଗହ୍ମା ପୂର୍ଣ୍ଣିମା ପରଦିନଠାରୁ ଭାଦ୍ରବ ପୂର୍ଣ୍ଣିମା ବା ଇନ୍ଦୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତି ବୁଧବାର ସଧବା ନାରୀ ପୂଜାର୍ଚ୍ଚନା କରିଥାନ୍ତି।

ଏଥିରେ ବୁଧିବାମନଙ୍କୁ ପୂଜା କରାଯାଏ। ଏଠାରେ ବୁଧେଇ ହେଉଛନ୍ତି ଭୈରବୀ ବା ବିମଳା। ସେହିପରି ବାମନ କହିଲେ, ଭୈରବ, ଯିଏ ସ୍ୱୟଂ ଜଗନ୍ନାଥ। ଏଣୁ ଏହି ଓଷାର ଆରାଧ୍ୟ ଦେବୀ ଦେବତା ହେଲେ ଶ୍ରୀ ଜଗନ୍ନାଥ ଏବଂ ବିମଳା। ଅବଶ୍ୟ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହି ଓଷାରେ ନାରୀରୂପୀ ବୁଧ ଏବଂ ମଙ୍ଗଳାଙ୍କୁ ପୂଜା କରାଯାଏ। ଏହି ପୂଜା ଲାଗି ପାଞ୍ଚଟି ରଙ୍ଗର ଫୁଲ, ପାଞ୍ଚ ପ୍ରକାର ଫଳ, ପାଞ୍ଚ ପ୍ରକାର ଧୂପ, ପାଞ୍ଚ ପ୍ରକାର ଦୁବ ଏବଂ ପାଞ୍ଚଟି ଅକ୍ଷତ ଦରକାର ହୁଏ। ଏଥିରେ ବେଲପତ୍ର, ଫୁଲମାଳ ଏବଂ ଖଇମାଳ ଠାକୁରାଣୀଙ୍କୁ ଲାଗି କରାଯାଏ। ପ୍ରଥମ ପାଳିରେ ଗୋଟିଏ ନଡ଼ିଆ ବସାଯାଏ ଏବଂ ତାହାକୁ ଶେଷ ପାଳିରେ ଭାଙ୍ଗି ଲାଗି କରାଯାଏ। ଶେଷ ପାଳିରେ ପାଞ୍ଚ ପ୍ରକାର ପିଠାପଣା ବି କରାଯାଏ।

ଏହିଦିନ ବ୍ରତଧାରୀ ଦିନଯାକ ଉପବାସ ରହି ରାତିରେ ପୂଜା ପରେ ଭୋଗ ଖାଆନ୍ତି। ଏହି ପୂଜାର ଦେବୀ ଦେବତା ହେଉଛନ୍ତି, ଶିଳ ଏବଂ ଶିଳପୁଆ। ପ୍ରଥମେ ଏହି ଶିଳ ପୁଆକୁ ବଟା ଅଁଳା ପାଣି ସହ ଗଙ୍ଗାଜଳରେ ସ୍ନାନ କରାଯାଏ। ତେବେ କଉଡ଼ି ଏବଂ ଗୁଆରେ ଆଖି, ନାକ, କାନ, ପାଟି କରାଯାଏ। ହଳଦୀକନା ଓ ସୂତା ଗୁଡ଼ାଇ ନାରୀ ବେଶ କରାଯାଏ। ମଥାରେ ସିନ୍ଦୂର ଓ ଆଖିରେ କଜଳ ଦିଆଯାଏ। ଏହାକୁ ପିଢ଼ା ଆସ୍ଥାନରେ ସ୍ଥାପନ କରାଯାଏ। ଏହି ଓଷା ବହିରେ ପାଞ୍ଚଟି ଅଧ୍ୟାୟ ଅଛି। ଏଥିରେ ବୁଧେଇଙ୍କ ମହିମାକୁ ବର୍ଣ୍ଣନା କରାଯାଇଛି।

■ ଏସିଆ କପ୍ ମହିଳା କ୍ରିକେଟ

## ଶେଫାଳିଙ୍କ ବିସ୍ଫୋରକ ଅର୍ଦ୍ଧଶତକ

ଦୁବାଇ,୩୦।୮ (ଏଜେନ୍ସି): ଏଠାରେ ଚାଲିଥିବା ଏସିଆ କପ୍ ମହିଳା କ୍ରିକେଟର ପ୍ରଥମ ମ୍ୟାଚ୍‌ରେ ଟାଇଟଲ ଆଶାୟୀ ଭାରତ ବିସ୍ଫୋରକ ବ୍ୟାଟିଂରୁ ଖେଳ ଆରମ୍ଭ କରିଛି। ଗ୍ରୁପ୍-ଏ'ରେ ଥାଇଲାଣ୍ଡ ବିପକ୍ଷ ମୁକାବିଲାରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ



ହରାଇ ୧୫୯ ରନ୍ କରିନେଇଛି। ଦଳ ପକ୍ଷରୁ ଓପନର ଶେଫାଳି ବର୍ମା ସର୍ବାଧିକ ୬୪, ଟି-୨୦ରେ ଡେବ୍ୟୁ କରିଥିବା ପ୍ରତୀକା ରାୱଲ ୨୨ ଓ ଉପଅଧିନାୟିକା ସ୍ମୃତି ମନ୍ଧାନା ୧୯ ରନ୍ କରିଥିଲେ। ଦଳର ଅନ୍ୟ ଦୁଇ ବ୍ୟାଟର ଭାରତୀ ଫୁଲମାଳି ୧୩ ଓ କ୍ରାନ୍ତି ଗୌଡ଼ ଅପରାଜିତ ୧୫ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ଦଳ ପକ୍ଷରୁ ଅର୍ଦ୍ଧଶତକ ହାସଲ ଲାଗି ୨୬ବଲ୍ ନେଇଥିଲେ। ସେ କିନ୍ତୁ ମୋଟରେ ୩୬ବଲ୍ ଖେଳି ୮ ଚୌକା ଓ ୩ଛକା ବଳରେ ସବାଧିକ ୬୪ ରନ୍ କରିଥିଲେ। ଥାଇଲାଣ୍ଡ ପକ୍ଷରୁ ସୁଲୀପର୍ଣ୍ଣ ଲାଓମି ୨୬ରନ୍‌ରେ ୩ଟି ଓ ସୁନିନ୍ଦା ଚତୁରଙ୍ଗରତ୍ନା ୩୧ ରନ୍‌ରେ ୨ ୱିକେଟ ନେଇ ଭାରତର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଥାଇଲାଣ୍ଡ ୬ ରନ୍‌ରେ ହଂକଂ ଚୀନ୍‌କୁ ହରାଇଥିଲା। ସେହିପରି ଦ୍ୱିତୀୟ ମୁକାବିଲାରେ ଡିଫେଣ୍ଡିଂ ଚାମ୍ପିଅନ ଶ୍ରୀଲଙ୍କା ୯ ୱିକେଟରେ ୟୁଏଇକୁ ହରାଇ ଟାଇଟଲ ରକ୍ଷା ଅଭିଯାନ ଆରମ୍ଭ କରିଛି।

## ସାଉଦ୍, ଶାନ୍‌ଙ୍କ ଲଢୁଆ ବ୍ୟାଟିଂ

ଲର୍ଡ୍ସ,୩୦।୮ (ଏଜେନ୍ସି): ଦୁଇ ବରିଷ୍ଠ ବ୍ୟାଟର ସାଉଦ୍ ସକିଲ ଓ ଶାନ୍ ମାସୁଦ୍‌ଙ୍କ ଲଢୁଆ ବ୍ୟାଟିଂ ବଳରେ ଏଠାରେ ଇଂଲଣ୍ଡ ସହ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନ ପରାଜୟ ଏଡ଼ାଇବାକୁ ସଂଘର୍ଷ କରୁଛି। ଏହି ଟେଷ୍ଟରେ ଇଂଲଣ୍ଡର ଦ୍ୱିତୀୟ ଇନିଂସ ୨୦୮ ରନ୍‌ରେ ଶେଷ ହେବା ପରେ ପାକିସ୍ତାନ ଆଗରେ ୩୭୯ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଚତୁର୍ଥ ଦିନ ଶେଷ ଖବର ସୁଦ୍ଧା ପାକିସ୍ତାନ ୫ ୱିକେଟ ବିନିମୟରେ ୧୧୫ ରନ୍ କରିଛି। ଏହି ସମୟରେ ସକିଲ ୬୬ ଓ ଅଲି ଉସ୍‌ମାନ ୦ରନ୍ କରି ବ୍ୟାଟିଂ କରୁଥିଲେ। ଦଳ ବିଶାଳ ଲକ୍ଷ୍ୟକୁ ପିଛା କରି ବ୍ୟାଟିଂ ଆରମ୍ଭ କରିବା ପରେ ୧୪ ରନ୍‌ରେ ୩ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ୩୬ ବର୍ଷୀୟ ଓପନର ଶାନ ଓ ୩୦ ବର୍ଷୀୟ ମିଡିଲ ଅର୍ଡର ବ୍ୟାଟର ସାଉଦ୍ ଚତୁର୍ଥ ୱିକେଟରୁ ୯୭ ରନ୍ ଉଠାଇ ପାକିସ୍ତାନର ବିଜୟ ବିଳମ୍ବିତ କରିଥିଲେ। ଦଳୀୟ ସ୍କୋର ୧୧୧ ବେଳେ ୭୨ ବଲ୍‌ରେ ୨୬ ରନ୍ କରିଥିବା ଶାନ୍‌ଙ୍କୁ ଆଉଟ କରି ଓଲି ରବିନସନ ଏହି ଯୋଡି ଭାଙ୍ଗିବା ସହ ତୃତୀୟ ୱିକେଟ ପାଇଥିଲେ।

## ସରେ ପାଇଁ ଖେଳିବେ ଆକ୍ୱିବ ନବି

ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ଜମ୍ମୁ-କାଶ୍ମୀର ଦ୍ରୁତ ବୋଲର ଆକ୍ୱିବ ନବି ଦାର୍ କାଉଣ୍ଟି କ୍ରିକେଟ୍ ଖେଳିବେ। ସରେ ଦଳ ପକ୍ଷରୁ ୩ଟି କାଉଣ୍ଟି ଚାମ୍ପିଅନସିପ୍ ମ୍ୟାଚ୍ ଖେଳିବାକୁ ନବି ସଂକ୍ଷିପ୍ତ ଚୁକ୍ତି କରିଛନ୍ତି। ସରେ ପକ୍ଷରୁ ନବି ଏହି ୩ଟି ମ୍ୟାଚ୍ ଯଥାକ୍ରମେ ୟର୍କଶାୟର (ସେପ୍ଟେମ୍ବର ୨ରୁ), ସସେକ୍ସ (ସେପ୍ଟେମ୍ବର ୮ରୁ) ଓ ଗ୍ଲାମରଗନ (ସେପ୍ଟେମ୍ବର ୧୫ରୁ) ବିପକ୍ଷରେ ଖେଳିବେ। ଭାରତୀୟ ଦଳ ଅକ୍ଟୋବରରେ ନ୍ୟୁଜିଲାର୍ଡ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି। ଏହି ଗସ୍ତରେ ଭାରତ ଦଳ ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷରେ ପାଞ୍ଚଟି ଲେଖାଏ ଟି-୨୦ ଓ ଦିନିକିଆ ଏବଂ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଅକ୍ଟୋବର ୨୨ରେ ପ୍ରଥମ ଟି-୨୦ ଖେଳାଯିବ। ଉଲ୍ଲେଖଯୋଗ୍ୟ, ନବି ରଣଜୀ ଟ୍ରଫିର ଗତ ସିଜନରେ ସର୍ବାଧିକ ୱିକେଟ ହାସଲକାରୀ ବୋଲର ରହିଛନ୍ତି। ଏହି ପ୍ରଦର୍ଶନ ଆଧାରରେ ତାଙ୍କୁ ନିକଟରେ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ଲାଗି ଭାରତୀୟ ଦଳରେ ପ୍ରଥମଥର ସୁଯୋଗ ମିଳିଥିଲା। କିନ୍ତୁ ନବି ଗୋଟିଏ ହେଲେ ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନ ଥିଲେ। ତେବେ ଭାରତର ଆଗାମୀ ନ୍ୟୁଜିଲାଣ୍ଡ ଟୁର୍‌କୁ ଲକ୍ଷ୍ୟରେ ରଖି ନବିଙ୍କୁ ପ୍ରସ୍ତୁତି କରିବା ଲାଗି ବିସିସିଆଇ ତାଙ୍କୁ କାଉଣ୍ଟି ଖେଳିବାକୁ ଏହି ଯୋଜନା କରିଛି।

## ମେସି ଇଭେଣ୍ଟର ଟିକଟ ଅର୍ଥ ମିଳିବ

କୋଲକାତା, ୩୦।୮ (ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏକ ବଡ଼ ଘୋଷଣା କରିଛନ୍ତି। ଗତ ବର୍ଷ ଆର୍ଜେଣ୍ଟିନା ସୁପର୍ ଷ୍ଟାର୍ ଲିଓନେଲ ମେସିଙ୍କ ବିଶୃଙ୍ଖଳିତ ଇଭେଣ୍ଟ ପାଇଁ ଟିକଟ୍ କିଣିଥିବା ସମସ୍ତ ୩୩ ହଜାର ପ୍ରଶଂସକଙ୍କୁ ଅର୍ଥ ଫେରସ୍ତ କରାଯିବ। ରାଜ୍ୟର କ୍ରୀଡା ବଜେଟରୁ ଏହି ଅର୍ଥ ଫେରସ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଗତବର୍ଷ ଡିସେମ୍ବର ୧୩ ତାରିଖରେ ଫୁଟବଲ ତାରକା ମେସି କୋଲକାତାର ଯୁବ ଭାରତୀ ଷ୍ଟାଡିୟମ୍ ପରିଦର୍ଶନରେ ଆସିଥିଲେ। କିନ୍ତୁ ଏହି ହାଇଭୋଲଟେଜ ଇଭେଣ୍ଟରେ ବିଶୃଙ୍ଖଳା ଆଚରଣ ଲାଗି କାର୍ଯ୍ୟକ୍ରମକୁ ଅଧାରୁ ବାତିଲ କରିବାକୁ ପଡ଼ିଥିଲା। ମେସିଙ୍କ ଝଲକ ଟିକିଏ ପାଇବା ଲାଗି ପ୍ରାୟ ୩୩ ହଜାର ପ୍ରଶଂସକ ୪ରୁ ୬ ହଜାର ଟଙ୍କା ଲେଖାଏ ଦେଇ ଟିକେଟ୍ କିଣିଥିଲେ।

ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍

# ନେଦରଲ୍ୟାଣ୍ଡସ୍‌କୁ ହରାଇ କାଂସ୍ୟ ଜିତିଲା ଆର୍ଜେଣ୍ଟିନା

ୱାଭରେ,୩୦।୮ (ଏଜେନ୍ସି)



ନେଦରଲ୍ୟାଣ୍ଡସ ଓ ବେଲଜିୟମ ମିଳିତଭାବେ ଆୟୋଜନ କରିଥିବା ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ମହିଳା ବିଭାଗରେ ଯୁଗ୍ମ ଆୟୋଜକ ନେଦରଲ୍ୟାଣ୍ଡସକୁ ହରାଇ ଆର୍ଜେଣ୍ଟିନା ଚାମ୍ପିଅନ ହୋଇଛି। ଆଜି ପୁରୁଷ ବିଭାଗରେ କାଂସ୍ୟ ପଦକ ଲାଗି ଖେଳାଯାଇଥିବା ମୁକାବିଲାରେ ମଧ୍ୟ ଆର୍ଜେଣ୍ଟିନା ୨-୧ଗୋଲରେ ନେଦରଲ୍ୟାଣ୍ଡସକୁ ହରାଇଥିଲା। ଏହା ଫଳରେ ଆର୍ଜେଣ୍ଟିନା କାଂସ୍ୟ ପଦକ ହାସଲ କରିଛି। ଆଜି ଖେଳାଯାଇଥିବା ମୁକାବିଲା ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ପ୍ରଥମାର୍ଦ୍ଧ ସୁଦ୍ଧା କେହି କାହାରିକୁ ଗୋଲ ଦେଇ ନ ଥିଲାବେଳେ ଦ୍ୱିତୀୟାର୍ଦ୍ଧର ୪୧ତମ ମିନିଟ୍‌ରେ ଆର୍ଜେଣ୍ଟିନାର ବରିଷ୍ଠ ଖେଳାଳି ଟୋମାସ ଡୋମେନ୍ ପ୍ରଥମ ଗୋଲ ସ୍କୋର କରିଥିଲେ। ୪୯ତମ ମିନିଟ୍‌ରେ ଫ୍ଲୋରିସ୍ ମିଡେନଡ୍ରପ୍ ପେନାଲ୍ଟି କର୍ଣ୍ଣରରୁ ଗୋଲ ଶୁଝାଇଦେଇଥିଲେ। ଖେଳ ପେନାଲ୍ଟି ସୁଟଆଉଟକୁ ଯାଉଥିଲାବେଳେ ୫୯ତମ ମିନିଟ୍‌ରେ ଆର୍ଜେଣ୍ଟିନାକୁ ଏକ ପେନାଲ୍‌ଟି କର୍ଣ୍ଣର ମିଳିଥିଲା। ରିବାଉଣ୍ଡ ହୋଇ ଆସୁଥିବା ବଲ୍‌କୁ ଅଧିନାୟକ ମାଟିଆସ୍ ରେ' ନେଦରଲ୍ୟାଣ୍ଡସ ପୋଷ୍ଟ ମଧ୍ୟକୁ ପଠାଇ ଦଳକୁ ଜିତାଇବା ସହ କାଂସ୍ୟ ପଦକ ଦେଇଥିଲେ। ଏହା ପରେ ସ୍ପେନ୍ ଓ ଡିଫେଣ୍ଡିଂ ଚାମ୍ପିଅନ ଜର୍ମାନୀ ମଧ୍ୟରେ ପୁରୁଷ ବିଭାଗ ଟାଇଟଲ ଲାଗି ମୁକାବିଲା ଜୋରଦାର ହୋଇଛି। ଏଥିରେ ବିଜୟୀ ହେଲେ ଜର୍ମାନୀ କ୍ରମାଗତ ତଥା ଚତୁର୍ଥ ଟାଇଟଲ ଜିତିବ। ଅନ୍ୟ ପକ୍ଷରେ ସ୍ପେନ୍ ଜିତିଲେ ଏହାର ପ୍ରଥମ ଟାଇଟଲ ହେବ। ପୂର୍ବରୁ ଖେଳାଯାଇଥିବା ପୁରୁଷ ବିଭାଗ ସେମିଫାଇନାଲରେ ସ୍ପେନ୍ ୪-୩ ଗୋଲରେ ନେଦରଲ୍ୟାଣ୍ଡସକୁ ଓ ଜର୍ମାନୀ ୨-୧ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।

### ଅଷ୍ଟମରେ ରହିଲା ଭାରତ

ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ବିଭାଗରେ ବେଲଜିୟମଠାରୁ ୪-୩ ପେନାଲ୍ଟି ଗୋଲରେ ପରାଜିତ ହୋଇ ଭାରତୀୟ ଦଳ ଅଷ୍ଟମ ସ୍ଥାନରେ ରହିଥିଲା। ନିର୍ଦ୍ଧାରିତ ସମୟରେ ଖେଳ ୩-୩ ଗୋଲରେ ସମାନସ୍ତରରେ ରହିଥିଲେ ମଧ୍ୟ ଭାରତ ଏଥିରୁ ଫାଇଦା ଉଠାଇ ପାରି ନ ଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଆଦୌ ଉନ୍ନତ ଖେଳ ପ୍ରଦର୍ଶନ କରିପାରି ନ ଥିଲା। ଅନ୍ୟପକ୍ଷରେ କ୍ୱାର୍ଟର ଫାଇନାଲକୁ ଯାଇଥିବା ଅନ୍ୟ ଦୁଇ ଦଳ ମଧ୍ୟରୁ ଅଷ୍ଟ୍ରେଲିଆ ୫ମ ଓ ଇଂଲଣ୍ଡ ୬ଷ୍ଠ ସ୍ଥାନ ଅଧିକାର କରିଥିଲା। କ୍ଲାସିଫିକେସନ ମୁକାବିଲାରେ ଅଷ୍ଟ୍ରେଲିଆ ୨-୦ ଗୋଲରେ ଇଂଲଣ୍ଡକୁ ପରାସ୍ତ କରିଥିଲା।

### ନ୍ୟୁଜିଲାଣ୍ଡ ୯ମ, ଆୟର୍ଲାଣ୍ଡ ୧୦ମ

ଟୁର୍ଣ୍ଣାମେଣ୍ଟର ୯ରୁ ୧୬ତମ କ୍ଲାସିଫିକେସନ ମୁକାବିଲା ମଧ୍ୟ ବେଶ ରୋମାଞ୍ଚକର ହୋଇଥିଲା। ଏଥିରେ ଆୟର୍ଲାଣ୍ଡକୁ ୫-୩ ଗୋଲରେ ହରାଇ ନ୍ୟୁଜିଲାଣ୍ଡ ୯ମ ସ୍ଥାନରେ ରହିଥିଲା। ପାକିସ୍ତାନ ୪-୩ ପେନାଲ୍ଟି ଗୋଲରେ ଦକ୍ଷିଣ ଆଫ୍ରିକାକୁ ହରାଇ ୧୧ଶ, ଜାପାନକୁ ୩-୧ ଗୋଲରେ ହରାଇ ଫ୍ରାନ୍ସ ୧୩ଶ ଓ ମାଲେସିଆକୁ ୨-୧ ଗୋଲରେ ହରାଇ ୱେଲ୍ସ ୧୫ଶ ସ୍ଥାନ ଅଧିକାର କରିଥିଲା।

### ପୁରୁଷ ହକି ବିଶ୍ୱକପ୍ ଚୂଡାନ୍ତ ସ୍ଥାନ

୧-୨- ସ୍ପେନ୍/ଜର୍ମାନୀ, ୩-୪- ନେଦରଲ୍ୟାଣ୍ଡସ/ଆର୍ଜେଣ୍ଟିନା, ୫-ଅଷ୍ଟ୍ରେଲିଆ, ୬-ଇଂଲଣ୍ଡ, ୭-ବେଲଜିୟମ, ୮-ଭାରତ, ୯-ନ୍ୟୁଜିଲାଣ୍ଡ, ୧୦-ଆୟର୍ଲାଣ୍ଡ, ୧୧- ପାକିସ୍ତାନ, ୧୨-ଦକ୍ଷିଣ ଆଫ୍ରିକା, ୧୩-ଫ୍ରାନ୍ସ, ୧୪-ଜାପାନ, ୧୫-ୱେଲ୍ସ, ୧୬-ମାଲେସିଆ।

### ମହିଳା ହକି ବିଶ୍ୱକପ୍ ଚୂଡାନ୍ତ ସ୍ଥାନ

୧-ଆର୍ଜେଣ୍ଟିନା, ୨-ନେଦରଲ୍ୟାଣ୍ଡସ, ୩- ବେଲଜିୟମ, ୪-ଅଷ୍ଟ୍ରେଲିଆ, ୫-ଭାରତ, ୬-ଜର୍ମାନୀ, ୭- ସ୍ପେନ୍, ୮-ଚୀନ୍, ୯-ଇଂଲଣ୍ଡ, ୧୦-ଆମେରିକା, ୧୧-ଜାପାନ, ୧୨-ସ୍କଟଲାଣ୍ଡ, ୧୩-ଆୟର୍ଲାଣ୍ଡ, ୧୪- ଦକ୍ଷିଣ ଆଫ୍ରିକା, ୧୫-ନ୍ୟୁଜିଲାଣ୍ଡ, ୧୬- ଚିଲି।

ଦୁଲୀପ ଟ୍ରଫି ସେମିଫାଇନାଲ

## କେନ୍ଦ୍ରାଞ୍ଚଳ ୨୬୬ରେ ସୀମିତ

ବେଙ୍ଗାଲୁରୁ,୩୦।୮ (ଏଜେନ୍ସି): ଏଠାରେ ରବିବାର ଆରମ୍ଭ ହୋଇଥିବା ଦୁଲୀପ୍ ଟ୍ରଫିର ପୂର୍ବାଞ୍ଚଳ ବିପକ୍ଷ ପ୍ରଥମ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରି କେନ୍ଦ୍ରାଞ୍ଚଳ ୨୬୬ ରନ୍‌ରେ ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ ରିଙ୍କୁ ସିଂ ସର୍ବାଧିକ ୬୦, ଆର୍ଯ୍ୟାନ ଜୁଏଲ ୪୬, ନଂ-୧୧ ବ୍ୟାଟର ଯଶ ଠାକୁର ଅପରାଜିତ ୩୦, ହର୍ଷ ଦୁବେ ୨୭ ଓ ଆର୍ଯ୍ୟନ ପାଣ୍ଡେ ୨୨ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। ପୂର୍ବାଞ୍ଚଳ ପକ୍ଷରୁ ପେସର ୮ଟି ଓ ସ୍ପିନର ୨ଟି ୱିକେଟ ନେଇଛନ୍ତି। ଅଭିଜିତ ସରକାର ଓ ମୁକେଶ କୁମାର ୩ଟି ଲେଖାଏଁ, ମହମ୍ମଦ୍ ସାମି ୨ଟି ୱିକେଟ ପାଇଛନ୍ତି। ପ୍ରଥମ ମ୍ୟାଚ୍‌ର ହିରୋ ଶାହବାଜ ଅହମ୍ମଦ୍‌ଙ୍କ ସ୍ଥାନରେ ଖେଳିଥିବା ସ୍ପିନର କୌନେନ୍ କ୍ୟୁରେଶୀଙ୍କୁ ୨ଟି ୱିକେଟ ମିଳିଛି। ଓଡ଼ିଶାର ଶୁଭ୍ରାଂଶୁ ଶେଖର ସେନାପତିଙ୍କୁ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଖେଳିବା ସୁଯୋଗ ମିଳିନାହିଁ।



### ଉତ୍ତରାଞ୍ଚଳ ୧୯୫, ଦକ୍ଷିଣାଞ୍ଚଳ ୪୦/୨

ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମଧ୍ୟ ଏଠାରେ ଆରମ୍ଭ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଉତ୍ତରାଞ୍ଚଳ ମାତ୍ର ୧୯୫ ରନ୍‌ରେ ଆଉଟ ହୋଇଯାଇଛି। ଦଳ ପକ୍ଷରୁ କମରାନ ଇକବାଲ ୭୬, ଅଧିନାୟକ କହ୍ନେୟା ୱାଧାୱାନ୍ ୩୫ ରନ୍ କରିଥିଲେ। ଦକ୍ଷିଣାଞ୍ଚଳ ପକ୍ଷରୁ ଘାତକ ବୋଲିଂ କରି ବିଦ୍ୱାଥ କାଭେରପ୍ପା ସର୍ବାଧିକ ୪ଟି, ଏମ୍‌ଡି ନୀଧୀଶ ଓ ତନୟ ତ୍ୟାଗରାଜନ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି। ଜବାବରେ ପ୍ରଥମ ଦିନ ଖେଳ ଶେଷବେଳକୁ ଦକ୍ଷିଣାଞ୍ଚଳ ୧୮ ଓଭରରେ ୨ ୱିକେଟ ହରାଇ ୪୦ରନ୍ କରିଥିଲାବେଳେ ନାରାୟଣ ଜଗଦୀଶନ ୩୪ ରନ୍‌ରେ ଅପରାଜିତ ଅଛନ୍ତି। ଅଂଶୁଲ କାମ୍ବୋଜ ଓ ଗୁରନୁର ବ୍ରାର ଗୋଟିଏ ଲେଖାଏଁ ୱିକେଟ ପାଇଛନ୍ତି।

## ୯୦୦ ୱିକେଟ୍ ପୂରଣ କଲେ ସାମି



ବେଙ୍ଗାଲୁରୁ, ୩୦।୮ (ଏଜେନ୍ସି): ଅଭିଜ୍ଞ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସାମି ତାଙ୍କ କ୍ୟାରିୟରରେ ଏକ ବଡ଼ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଷଷ୍ଠ ଭାରତୀୟ କ୍ରିକେଟର୍ ଭାବେ ସାମି ପ୍ରଫେସନାଲ କ୍ରିକେଟ୍‌ରେ ୯୦୦ ୱିକେଟ ପୂରଣ କରିଛନ୍ତି। ବେଙ୍ଗାଲୁରୁରେ ଚାଲିଥିବା ଦୁଲୀପ୍ ଟ୍ରଫି ସେମିଫାଇନାଲ ମ୍ୟାଚ ଅବସରରେ ସାମି ଏହି ମାଇଲଖୁଣ୍ଟ ଛୁଇଁଛନ୍ତି। ପୂର୍ବାଞ୍ଚଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସାମି କେନ୍ଦ୍ରାଞ୍ଚଳ ବିପକ୍ଷ ସେମିଫାଇନାଲ ମ୍ୟାଚର ପ୍ରଥମ ଦିବସରେ ଦୁଇଟି ୱିକେଟ ନେଇଥିଲେ। ଏଥିସହ ଘରୋଇ ଓ ଅନ୍ତର୍ଜାତୀୟ କ୍ରିକେଟର ତିନୋଟିଯାକ ଫର୍ମାଟରେ ତାଙ୍କ ମୋଟ୍ ୱିକେଟ ସଂଖ୍ୟା ୯୦୦ ଛୁଇଁଛି। ସାମି ବର୍ତ୍ତମାନ ସୁଦ୍ଧା ପ୍ରଥମଶ୍ରେଣୀ କ୍ରିକେଟରେ ୩୭୯, ଲିଷ୍ଟ-ଏ'ରେ ୨୮୩ ଓ ଟି-୨୦ କ୍ରିକେଟରେ ୨୩୮ଟି ୱିକେଟ ନେଇଛନ୍ତି।


ସିଏଚେମ୍ ଟ୍ରଫି କ୍ରିକେଟ

## ଓଡ଼ିଶା-ମୁମ୍ବଇ ମ୍ୟାଚ୍ ଡ୍ର'

ଭୁବନେଶ୍ୱର,୩୦।୮ (ସମିସ): ଓଡ଼ିଶା ଓ ମୁମ୍ବଇ ମଧ୍ୟରେ ଚାଲିଥିବା ସିଏଚେମ୍ ଟ୍ରଫିର ସିନିଅର ମୁକାବିଲାର ହାରଜିତ ବିନା ଫଇସଲାରେ ଶେଷ ହୋଇଛି। ଏହା ଫଳରେ ଓଡ଼ିଶା ଏକ କ୍ୱାଲିଟି ଦଳ ବିପକ୍ଷରେ ଅଭ୍ୟାସ କରିବାର ସୁଯୋଗ ପାଇଛି, କିନ୍ତୁ ଜଣେ ହେଲେ ଦମ୍‌ଦାର ପ୍ରଦର୍ଶନ ଦେବାରେ ସମର୍ଥ ହୋଇନାହାନ୍ତି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ମୁମ୍ବଇର ୧୯୨ ରନ୍ ଜବାବରେ ଓଡ଼ିଶା ୧୭୭ ରନ୍ କରିଥିଲା। ୧୪ ରନ୍‌ରେ ଆଗୁଆ ଥିବା ମୁମ୍ବଇ ୮ ୱିକେଟରେ ୨୪୧ ରନ୍ କରି ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଦଳ ପକ୍ଷରୁ ହାର୍ଦ୍ଦିକ ତୋମାରେ ୭୨ରନ୍ କରିଥିଲାବେଳେ ଓଡ଼ିଶାର ଆମଦାନୀକାରୀ ବୋଲର ଲଳିତ ଯାଦବ ଓ ସମ୍ବିତ ବରାଳ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୨୫୫ ରନ୍‌ରେ ପଛରେ ଥାଇ ଦ୍ୱିତୀୟ ଇନିଂସ ବ୍ୟାଟିଂ କରିଥିବା ଓଡ଼ିଶା ୨ ୱିକେଟରେ ୧୦୬ ରନ୍ କରିବା ପରେ ଖେଳ ବନ୍ଦ ରହିଥିଲା। ଓମ୍‌ଟି ମୁଣ୍ଡେ ୪୦ ଓ ସନ୍ଦୀପ ପଟ୍ଟନାୟକ ୩୫ରନ୍‌ରେ ଅପରାଜିତ ରହିଥିଲେ।

ୟୁଏସ୍ ଓପନ୍

## ହ୍ୟାଟ୍ରିକ ଟାଇଟଲ୍ ଲକ୍ଷ୍ୟରେ ସାବାଲେଙ୍କା



ନ୍ୟୁୟର୍କ, ୩୦।୮ (ଏଜେନ୍ସି): ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍‌ର ୧୪୬ତମ ସଂସ୍କରଣ ରବିବାରଠାରୁ ଆରମ୍ଭ ହୋଇଛି। ମହିଳା ବିଭାଗର ଟପ୍ ସିଡ୍ ତଥା ଡିଫେଣ୍ଡିଂ ଚାମ୍ପିଅନ ଆରିନା ସାବାଲେଙ୍କା ଦ୍ୱିତୀୟ ଦିବସରେ ତାଙ୍କ ଅଭିଯାନ ଆରମ୍ଭ କରିବେ। ସାବାଲେଙ୍କା ପ୍ରଥମ ରାଉଣ୍ଡରେ କଲମ୍ବିଆର କାମିଲା ଓସୋରିଓଙ୍କୁ ଭେଟିବେ। ୨୮ ବର୍ଷୀୟା ସାବାଲେଙ୍କା ଗତ ଦୁଇଟି ସଂସ୍କରଣର ହେବ ଏଠାରେ ଚାମ୍ପିଅନ ହୋଇ ଆସୁଛନ୍ତି। ତେଣୁ ଏଥର ମଧ୍ୟ ସର୍ବିୟା ତାରକା ଟାଇଟଲ୍ ବଜାୟ ରଖି ହ୍ୟାଟ୍ରିକ ଲକ୍ଷ୍ୟରେ ରହିଛନ୍ତି। ଯଦି ସାବାଲେଙ୍କା ଏଥର ମଧ୍ୟ ଚାମ୍ପିଅନ ହୁଅନ୍ତି ତେବେ ବିଶ୍ୱର ଦ୍ୱିତୀୟ ଖେଳାଳି ଭାବେ ୟୁଏସ୍ ଓପନ୍‌ରେ ବିରଳ ହ୍ୟାଟ୍ରିକ ସଫଳତା ପାଇବେ। ଏଥିପୂର୍ବରୁ ଏକମାତ୍ର ମହିଳା ଖେଳାଳି ଭାବେ ସେରେନା ୱିଲିୟମ୍ସ କ୍ରମାଗତ ୩ଟି (୨୦୧୨, ୨୦୧୩ ଓ ୨୦୧୪) ସିଜନ ଧରି ୟୁଏସ୍ ଓପନ୍‌ରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲେ। ପ୍ରଥମ ଦିବସରେ ରବିବାର ମହିଳା ବିଭାଗରେ ୧୯ତମ ସିଡ୍ ଇଟାଲୀର ଯସ୍ମିନ ପାଓଲିନ ଓ ସ୍ଲୋଭେନିଆର ଭେରୋନିକା ଏର୍ଜାଭେକ ସାମ୍ନାସାମ୍ନି ହୋଇଛନ୍ତି। ସେହିଭଳି ତୃତୀୟ ସିଡ୍ ଜେସିକା ପେଗୁଲା ପ୍ରଥମ ଦିବସରେ ରୋମାନିଆର ଏଲିନା ଗାବ୍ରିଏଲ ରୁସେଙ୍କ ସହ ମୁକାବିଲା କରିବେ। ପୁରୁଷ ବିଭାଗରେ ୭ମ ସିଡ୍ ଡାନିଲ ମେଡଭେଡେଭ ଓ ଫ୍ରାନ୍ସର ହୁଗୋ ଗାସଟନଙ୍କ ମଧ୍ୟରେ ଲଢ଼େଇ ହେବ।

ସେପ୍ଟେମ୍ବର ୨୦ରୁ ଓଡ଼ିଶା ଟି-୨୦ ଲିଗ୍

## ଚାରୋଟି ବର୍ଗରେ ହେବ ଖେଳାଳି ଡ୍ରାଫ୍ଟ

ଭୁବନେଶ୍ୱର, ୩୦।୮ (ସମିସ)

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଓଡ଼ିଶା ଟି-୨୦ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ସେପ୍ଟେମ୍ବର ୨୦ରୁ ଆଇକନିକ ବାରବାଟୀ ଷ୍ଟାଡିୟମ ଆରମ୍ଭ ହେବାକୁଯାଉଛି। ଗତବର୍ଷ ଭଳି ଏଥର ମଧ୍ୟ ୬ଟି ଫ୍ରାଞ୍ଚାଇଜ

### ଆଇକନିକ ଖେଳାଳିଙ୍କୁ ମିଳିବ ସର୍ବାଧିକ ୧.୨୫ ଲକ୍ଷ

ମଧ୍ୟରେ ୧୦ଦିନ ଧରି ଟ୍ରଫି ପାଇଁ ଲଢ଼େଇ ହେବ। ଅଂଶଗ୍ରହଣକାରୀ ଏହି ୬ଟି ଦଳ ହେଲେ ଡିଫେଣ୍ଡିଂ ଚାମ୍ପିଅନ କଟକ ପାନ୍ଥର୍ସ, ଭୁବନେଶ୍ୱର ଟାଇଗର୍ସ, ପୁରୀ ଟାଇଟାନ୍ସ, ରାଉରକେଲା ଷ୍ଟିଲର୍ସ, କେନ୍ଦୁଝର ମାଇନର୍ସ ଓ ସମ୍ବଲପୁର ୱାରିୟର୍ସ। ଏହି ଛଅଗୋଟି ଫ୍ରାଞ୍ଚାଇଜ ଲାଗି ଖେଳାଳି ଡ୍ରାଫ୍ଟ ସେପ୍ଟେମ୍ବର ୬ ତାରିଖରେ ଅନୁଷ୍ଠିତ। ଡ୍ରାଫ୍ଟ ପ୍ରକ୍ରିୟା ଲାଗି ଖେଳାଳିଙ୍କୁ ୪ଟି କାଟାଗୋରୀରେ ରଖାଯାଇଛି। କାଟାଗୋରୀ-ଏ'ରେ ରାଜ୍ୟର ସିନିଅର ଖେଳାଳିଙ୍କୁ ରଖାଯାଇଛି। ଏଥିସହ ଗତ ସିଜନରେ ୨୩ ବର୍ଷରୁ କମ୍ ବୟସରେ ଆଖିଦୃଶିଆ ପ୍ରଭାବୀ ପ୍ରଦର୍ଶନ କରିଥିବା କିଛି ଖେଳାଳିଙ୍କୁ ଏହି ବର୍ଗରେ ରଖାଯାଇଛି। ସେହିଭଳି କାଟାଗୋରୀ-ବି'ରେ ରାଜ୍ୟର ୨୩ ବର୍ଷରୁ କମ୍ ବୟସବର୍ଗର ଖେଳାଳିଙ୍କୁ ନିଆଯାଇଛି। ଏହାବାଦ୍ ୧୯ ବର୍ଷରୁ କମ୍ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କିଛି ମନୋନୀତ ଖେଳାଳିଙ୍କୁ ମଧ୍ୟ ବି' କାଟାଗୋରୀରେ ରଖାଯାଇଛି। କାଟାଗୋରୀ-ସି'ରେ କେବଳ ୧୯ ବର୍ଷରୁ କମ୍ ବର୍ଗର ଖେଳାଳି ସ୍ଥାନ ପାଇଛନ୍ତି। ଭିଜି ଟ୍ରଫି ଓ କଳାହାଣ୍ଡି କପ୍ ଖେଳାଳିଙ୍କ ଲାଗି ଅନ୍ତିମ ତଥା କାଟାଗୋରୀ-ଡି ରଖାଯାଇଛି। ଏହିବର୍ଗରେ ନାମ ପଞ୍ଜୀକରଣ କରି ଖେଳାଳି ନିଜ ନାମକୁ ଡ୍ରାଫ୍ଟକୁ ନେଇପାରିବେ ବୋଲି ଓସିଏ'ର ସିଇଓ ସୁବ୍ରତ ବେହେରା ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।




ଗତ ସଂସ୍କରଣ ଭଳି ଏଥର ମଧ୍ୟ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳକୁ ଟ୍ରଫି ସହ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ସେହିଭଳି ରନର୍ସଅପ୍ ହୋଇଥିବା ଦଳ ୨୦ ଲକ୍ଷ ଟଙ୍କା ପାଇବ। ଦ୍ୱିତୀୟ ସଂସ୍କରଣର ସମସ୍ତ ମ୍ୟାଚ୍ ବାରବାଟୀ ଷ୍ଟାଡିୟମରେ ଓ ଫ୍ଲଡ ଲାଇଟରେ ଖେଳାଯିବ। ସେହିଭଳି ମ୍ୟାଚର ସିଧାପ୍ରସାରଣ ଜିଓ ହଟ୍‌ଷ୍ଟାର ଓ ତରଙ୍ଗ ଟିଭିରେ କରାଯିବ। ଏହି ଅବସରରେ ଟୁର୍ଣ୍ଣାମେଣ୍ଟର ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ସଂସ୍କରଣରେ ଟୁର୍ଣ୍ଣାମେଣ୍ଟର ନାମ ଓଡ଼ିଶା ଟି-୨୦ ଲିଗ୍-ସିଏମ୍ ଟ୍ରଫି ରଖାଯାଇଛି। ଯାହାକି ପ୍ରଥମ ସଂସ୍କରଣରେ କେବଳ ଓଡ଼ିଶା ଟି-୨୦ ଲିଗ୍ ନାମରେ ଖେଳାଯାଇଥିଲା। କେବଳ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନାର୍ଥେ 'ସିଏମ ଟ୍ରଫି' ଯୋଡ଼ା ଯାଇଛି ବୋଲି ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି କହିଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓସିଏ ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଞ୍ଜନ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଖେଳାଳି ଦର

| | | |
|---|---|---|
| ଆଇକନିକ୍ | : | ୧.୨୫ ଲକ୍ଷ |
| କାଟାଗୋରୀ-ଏ | : | ଏକ ଲକ୍ଷ |
| କାଟାଗୋରୀ-ବି | : | ୭୫ ହଜାର |
| କାଟାଗୋରୀ-ସି | : | ୫୦ ହଜାର |
| କାଟାଗୋରୀ-ଡି | : | ୪୦ ହଜାର |

ରାଜ୍ୟ ସ୍କୁଲ ଓପନ ଚେସ୍

## ଓମ୍ ଚାମ୍ପିଅନ, ସାତ୍ତ୍ୱିକ ରନର୍ସଅପ୍

ଭୁବନେଶ୍ୱର,୩୦।୮ (ସମିସ): ଖଣ୍ଡଗିରି ସେଣ୍ଟ ଜାଭିୟର ହାଇସ୍କୁଲର ଓମ୍ ଶତପଥୀ ତୃତୀୟ ବାସୁଦେବ ସ୍ମାରକୀ ସ୍କୁଲ ଓପନ ଚେସ୍ ଚାମ୍ପିଅନ ହୋଇଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଆଜି ଅନୁଷ୍ଠିତ ଏହି ଦିନିକିଆ ଏବଂ ୫ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟରେ ଓମ୍ ଏବଂ ଭୁବନେଶ୍ୱର ମଡେଲ ପବ୍ଲିକ୍ ସ୍କୁଲ୍‌ର ସାତ୍ତ୍ୱିକ ମହାନ୍ତି ସମାନ ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଟାଇବ୍ରେକରରେ ଓମ୍ ଟାଇଟଲ ଜିତିଥିଲାବେଳେ ସାତ୍ତ୍ୱିକ ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲେ। ଏମାନଙ୍କ ପଛକୁ ଅନ୍ୟ ୩ଜଣ ଖେଳାଳି ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ ଚନ୍ଦ୍ରଶେଖରପୁର ଡିଏଭି'ର ଆଶୁତୋଷ ଅରୁଣ ଦାସ ତୃତୀୟ, ପୋଖରୀପୁଟ ଡିଏଭି'ର ଦିବ୍ୟାଂଶ ମହନ୍ତ ଚତୁର୍ଥ ଓ ସାଇ ସ୍ୱାଗତ ପରିଜା ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଏହା ଏକ ରାଜ୍ୟସ୍ତରୀୟ ସ୍କୁଲ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟ ହୋଇଥିଲେ ମଧ୍ୟ କେବଳ ଭୁବନେଶ୍ୱର ପ୍ରତିଯୋଗୀ ପ୍ରଥମ ୫ଟି ସ୍ଥାନ ଅଧିକାର କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଉଦ୍‌ଘାଟନ କରିଥିଲାବେଳେ ଖୋର୍ଦ୍ଧା ସ୍ପେଶାଲ ଟ୍ରେଜେରୀ ଅଫିସର ରାଜେଶ ମହନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସ୍କୁଲ୍‌ର ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞାପାରମିତା ସାହୁ, ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏବଂ ନିର୍ଲିପ୍ତା ମହାନ୍ତି ଅତିଥିଭାବେ ଯୋଗଦେଇଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS